ମାଣ୍ଡୁକ୍ୟୋପନିଷଦ୍

ସତ୍ୟାନନ୍ଦ ଚମ୍ପତିରାୟ

ବିଦ୍ୟାପୁରୀ

Digitized by srujanika@gmail.com

ମାଣ୍ଡୂକ୍ୟୋପନିଷଦ୍

ସତ୍ୟାନନ୍ଦ ଚମ୍ପତିରାୟ

ବିଦ୍ୟାପୁରୀ ।। କଟକ

Digitized by srujanika@gmail.com

MANDUKYOPANISHAD
by Satyananda Champatiray
Published by Vidyapuri, Cuttack 753002

ISBN 81-7411-363-0

ପ୍ରଥମ ପ୍ରକାଶ
ଭୁବନେଶ୍ୱର ପୁସ୍ତକମେଳା
୨୬ ଫେବୃୟାରୀ ୨୦୦୧

ପ୍ରକାଶକ
ପୀତାମ୍ବର ମିଶ୍ର
ବିଦ୍ୟାପୁରୀ
ବାଲୁବଜାର, କଟକ ୭୫୩୦୦୨

ଲିପିସଂଯୋଜନ
ବିଦ୍ୟାଶ୍ରୀ ଡିଟିପି ସେଣ୍ଟର
ଆଲାମଚାନ୍ଦ ବଜାର, କଟକ ୭୫୩୦୦୨

ପ୍ରଚ୍ଛଦ
ବିଜୟ କୁମାର ପ୍ରଧାନ

ମୁଦ୍ରଣ
ଶ୍ୟାମ ପ୍ରିଣ୍ଟର୍ସ, କଟକ

ମୂଲ୍ୟ ଟ ୧୦୦.୦୦

Digitized by srujanika@gmail.com

ରଘୁପତିଙ୍କ ପଦ୍ମ-ପାଦରେ.......

Digitized by srujanika@gmail.com

ॐ

Sri Satyanand Champati Ray and Smt. Kamalini Devi

May God bless You! May health, शान्ति always be with you! Best Wishes,

Swami Chidananda

ॐ

24.3.'86

Digitized by srujanika@gmail.com

ଅଭିନନ୍ଦନୀୟ

ଓଡ଼ିଶାର ସୁପ୍ରସିଦ୍ଧ ପ୍ରଜ୍ଞାବିତ୍ କବି ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ ଦାର୍ଶନିକ ଗୂଢ଼ତତ୍ତ୍ୱକୁ ସରଳ ଗୀତିମୟ, ଭକ୍ତି ରସାପ୍ଲୁତ କରି ପରିବେଷଣ କରିବାରେ ଅନନ୍ୟ ସିଦ୍ଧ କବି । ସରଳ କାବ୍ୟିକ ଶୈଳୀରେ ସେ ଗୀତା ଅନୁବାଦ କରିଥିଲେ । 'ଉପନିଷଦ୍ ନାମ ବେଦାନ୍ତ ପ୍ରମାଣମ୍' – ଏବେ ଏହି ଉପନିଷଦୀୟ ବେଦାନ୍ତ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରି "କେନୋପନିଷଦ୍", "କଠୋପନିଷଦ୍" ଏବଂ "ଈଶୋପନିଷଦ୍" କୁ ଲୋକପ୍ରିୟ ଛନ୍ଦୋବଦ୍ଧ ସାବଲୀଳ ଶୈଳୀରେ ଅନୁସର୍ଜନ କରି ତାଙ୍କର ଅଗାଧ ପ୍ରଜ୍ଞା, ଗଭୀର ନିଷ୍ଠା ଓ ସାଧନାର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି । ଖଣ୍ଡଗିରିର ପାଦଦେଶରେ ବସି ନୀରବ ସାଧକ ଭଳି ଉତ୍କଳୀୟ ସାଂସ୍କୃତିକ ତଥା ଉତ୍କଳୀୟ ଆଧ୍ୟାତ୍ମିକ ସାରସ୍ୱତ କାନନକୁ ସେ ଋଦ୍ଧିମନ୍ତ କରୁଛନ୍ତି । ଭଗବତ୍ କୃପା, ସାଧନା ଓ ସିଦ୍ଧି ନ ଥିଲେ ଏଭଳି ସର୍ବୋଚ୍ଚ ତତ୍ତ୍ୱ ଚେତନା ଅନ୍ତଃସଲିଳା ଜାହ୍ନବୀ ଭଳି ଭକ୍ତିରସାପ୍ଲୁତ ହୋଇ ପ୍ରବାହିତ ହେବା ଅସମ୍ଭବ ।

ଭାରତୀୟ ପ୍ରାନ୍ତୀୟ ଭାଷାରେ ଏପରି ସର୍ଜନା ବିରଳ । ଉତ୍କଳୀୟ ଭାଷାରେ ଏହାହିଁ ପ୍ରଥମ ସର୍ଜନା । ଆଧ୍ୟାତ୍ମିକ ସାଧକ କବି ଜଗନ୍ନାଥ ଦାସ ଓ ଭୀମ ଭୋଇଙ୍କର ପ୍ରକୃତ ଦାୟାଦସୂତ୍ରରେ ସିଦ୍ଧକବି ସତ୍ୟାନନ୍ଦ ଚମ୍ପତିରାୟ ମହାଶୟଙ୍କର ଏହି ଅମ୍ଳାନ ସୃଷ୍ଟି ନିଶ୍ଚିତ ଭାବରେ ବହୁଜନସୁଖାୟ ହେବ – ସମଗ୍ର ଜନମାନସକୁ ଦିବ୍ୟ ଚେତନାରେ ଦୀପ୍ତିମନ୍ତ କରିବ ।

ବେଦାନ୍ତ ପରିଷଦ, ଖଣ୍ଡଗିରି, ଭୁବନେଶ୍ୱରର ଏହି ମହତ୍ ଓ ମହାନ୍ କାର୍ଯ୍ୟ ବାସ୍ତବିକ ପ୍ରଶଂସନୀୟ ।

ସେକ୍ ମତଲୁବ୍ ଅଲି

ପ୍ରତିଷ୍ଠାତା ସମ୍ପାଦକ, ଆଗାମୀ ଶତାବ୍ଦୀ

Digitized by srujanika@gmail.com

ମାଣ୍ଡୂକ୍ୟୋପନିଷଦ୍ ବିଷୟରେ ଦୁଇପଦ

ଆମ ଉପନିଷଦମାନଙ୍କ ଭିତରେ ମାଣ୍ଡୂକ୍ୟଟି ସବୁଠାରୁ ଛୋଟ । ମାତ୍ର ବାରୋଟି ମନ୍ତ୍ର । ସେ ପୁଣି ଗଦ୍ୟମନ୍ତ୍ରାତ୍ମକ । ଜଣେ ଅବଧୂତଙ୍କ ପରି ଲଘୁ କଳେବର ହେଲେ ମଧ୍ୟ ଏହାର ଭାବ ଅତି ଗମ୍ଭୀର । ଜ୍ଞାନ-ଗମ୍ଭୀର । ଆବାଳ-ବୃଦ୍ଧ-ବନିତାଙ୍କ ପାଇଁ ଏହାର ନିରୂପଣ ଶୈଳୀ ମଧୁର ଓ ପ୍ରସାଦପୂର୍ଣ୍ଣ ।

ପ୍ରତ୍ୟେକ ମନୁଷ୍ୟର ପ୍ରତ୍ୟେକ ଦିନର ଓ ପ୍ରତ୍ୟେକ ମୁହୂର୍ତ୍ତର ଅନୁଭୂତିକୁ ଆଧାରଭୂମି କରି ମାଣ୍ଡୂକ୍ୟ ତା'ର ଗୂଢ଼ତତ୍ତ୍ୱକୁ ପ୍ରତିପାଦିତ କରିଛି । ମଣିଷର ପ୍ରତ୍ୟେକ ଦିନର ଅନୁଭୂତି– ଜାଗରଣ, ସ୍ୱପ୍ନ, ସୁଷୁପ୍ତି ସହିତ କିଏ ବା ଅପରିଚିତ ? ଏ ତିନିର ଅନୁଭୂତିରୁ କେଉଁଟି ବା ତମେ ? ତମେ କ'ଣ ସବୁ ଅନୁଭୂତିର ନା ତାହାଠୁଁ ଅଲଗା ଆଉ କିଛି ? ଏହାର ସମାଧାନ କରିଛି ଏ ଉପନିଷଦ । ପୁଣି ପ୍ରତ୍ୟେକ ଅବସ୍ଥାରେ ଏକ ଅଖଣ୍ଡ ଚୈତନ୍ୟ ବା ସତତ-ତୁରୀୟ-ତତ୍ତ୍ୱବ୍ରହ୍ମକୁ ଦେଖାଇଦେବା ଏହି ଉପନିଷଦର ପ୍ରଧାନ କାର୍ଯ୍ୟ ।

ଏଗାରଟି ମୁଖ୍ୟ ଉପନିଷଦ ଭିତରୁ ଏଇଟି ସବୁଠୁ ଛୋଟ ହେଲେ ମଧ୍ୟ ଏହାକୁ ବୈଦିକ ଆଚାର୍ଯ୍ୟଗଣ ଅଶେଷ ଆଦର କରନ୍ତି । ବିଶେଷକରି ଭଗବାନ୍ ଶଙ୍କରାଚାର୍ଯ୍ୟଙ୍କର ପରମଗୁରୁ ଶ୍ରୀ ଗୌଡ଼ପାଦାଚାର୍ଯ୍ୟଙ୍କ ଦ୍ୱାରା ଲିଖିତ କାରିକାଟି ଏ ଉପନିଷଦଟିକୁ ସୁଶୋଭିତ ଓ ବହୁଜନବିଦିତ କରାଇଛି । ବୈରାଗ୍ୟ-ବିରୋଧୀ, ସାଧନ-ବିମୁଖ ଲୋକମାନେ ଏହି କାରିକାଟିକୁ ପସନ୍ଦ କରନ୍ତି । ବେଦ-ବିରୋଧୀ କିଛି ଲୋକ ଏହାକୁ ନିଜର ବୋଲି ମାନି ନେଇଛନ୍ତି । ତତ୍ତ୍ୱ-ଜ୍ଞାନ ଅନଭିଜ୍ଞ ଲୋକମାନେ ମଧ୍ୟ ଏହାକୁ ଗ୍ରହଣ କରିଥା'ନ୍ତି । ମାଣ୍ଡୂକ୍ୟ ବିଷୟରେ 'ମୁକ୍ତିକୋପନିଷଦ' କହନ୍ତି– ଜଣେ ମୁମୁକ୍ଷୁ ଲୋକଙ୍କୁ ମୁକ୍ତି ଦେବାପାଇଁ ଏକ ମାତ୍ର 'ମାଣ୍ଡୂକ୍ୟ' ହିଁ ସମର୍ଥ । ''ମାଣ୍ଡୂକ୍ୟଂ ଏକଂ କେବଳଂ ମୁମୁକ୍ଷୂଣାଂ ବିମୁକ୍ତୟେ ।''

ପରମାତ୍ମ-ତତ୍ତ୍ୱ ବୁଝିବାକୁ ଯିବା ପୂର୍ବରୁ ପ୍ରଥମେ ଆମକୁ ସୃଷ୍ଟି-ରହସ୍ୟ ଜାଣିବାକୁ ହେବ । ଜଗତର ବାହାର ପଦାର୍ଥକୁ ଆମେ ଆମ ଇନ୍ଦ୍ରିୟ ସାହାଯ୍ୟରେ ଜାଣିପାରୁ । ଇନ୍ଦ୍ରିୟସବୁକୁ ମନଦ୍ୱାରା ଜାଣିହୁଏ । ଏ ମନକୁ ପୁଣି ବୁଦ୍ଧିରେ ଆମେ ଜାଣୁ । ଶେଷରେ ଏ ବୁଦ୍ଧିର ସାକ୍ଷୀ କେବଳ 'ମୁଁ' । ଏବେ ଜାଗ୍ରତସ୍ୱପ୍ନ ସୁଷୁପ୍ତି– ଯାହାକୁ ଆମେ ପ୍ରତିଦିନ ଅନୁଭବ କରୁଛେ– ତାହାକୁ ବିଚାର କଲେ ସୃଷ୍ଟିର ପୂର୍ଣ୍ଣ ରହସ୍ୟ ଜଣାପଡ଼ିଯିବ ।

ଜାଗ୍ରତ ସ୍ୱପ୍ନ ସୁଷୁପ୍ତି (ବିଶ୍ୱ ତେଜସ ପ୍ରାଜ୍ଞ) ଏ ତିନି ଅବସ୍ଥା ଯେପରି ଜଣେ ବ୍ୟକ୍ତି ଧଳା, କଳା ଓ ଲାଲରଙ୍ଗର ତିନିଖଣ୍ଡି ଲୁଗା ଗୋଟିକ ପରେ ଗୋଟିଏ ପିନ୍ଧି ପୁଣି ବଦଳି ପକାଉଛି ॥ ତିନିରଙ୍ଗର ଲୁଗା ସିନା ତିନିଖଣ୍ଡି ହେଲେ, ପିନ୍ଧିବା ଲୋକଟି ତ' ଜଣେ ॥

Digitized by srujanika@gmail.com

ଆମେ ପୃଥିବୀ ଜଳ ବାୟୁ ଆକାଶାଦି ପୂର୍ଣ୍ଣ ସୃଷ୍ଟିକୁ କେବଳ ଜାଗ୍ରତ ଅବସ୍ଥାରେ ଜାଣିପାରୁଛୁ । ସ୍ୱପ୍ନାବସ୍ଥାରେ ଏସବୁର ସ୍ମୃତି କିଛି ରହେନି । ଏ ସମୟରେ ବିଶ୍ୱ ତୈଜସରେ ଲୀନ ହୋଇଯାଏ । ତେଣୁ ସ୍ମୃତି ରହେନି । ପୁଣି ସୁଷୁପ୍ତିରେ ଜାଗ୍ରତ ଓ ସ୍ୱପ୍ନାବସ୍ଥାର ସ୍ମୃତି ରହେନି । ଆଉ ପୁଣି ସୁଷୁପ୍ତିରେ ବହିଃକରଣର ଉପାଧି ଓ ଅନ୍ତଃକରଣର ଉପାଧି ସବୁ ଶୋଇପଡ଼ିବା ହେତୁ କିଛି ବିଷୟ ଦେଖାପଡ଼ନ୍ତି ନାହିଁ । ଏ ସବୁର ଅସଲ ତାତ୍ପର୍ଯ୍ୟ ହେଉଛି, ଦ୍ରଷ୍ଟା କେତେବେଳେ ଶୋଇପଡ଼ନ୍ତି ନାହିଁ । 'ମୁଁ ଶୋଇପଡ଼ିଛି' – ଏପରି ଅନୁଭବ କାହାର କେବେ ହୁଏ ନାହିଁ । ଏପରି ଅନୁଭବ ହେଲେ ବା କହିଲେ ଜଣାଯିବ, ତୁମେ ଶୋଇପଡ଼ିନ, ମାତ୍ର ଚେଇଁଛ । ତେଣୁ ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ବୁଦ୍ଧି ଓ ଇନ୍ଦ୍ରିୟ ସବୁ ଶୋଇପଡ଼ନ୍ତି । ପୁଣି ଉଠିପଡ଼ିବା ପରେ ତୁମ ସାଙ୍ଗରେ ତଦାତ୍ମ୍ୟ କରି, ତୁମଠାରେ ଶୋଇପଡ଼ିବାକୁ ଆରୋପ କରନ୍ତି । କିଏ ଶୋଉଛି, ଅଥଚ ମୁଁ ନିଜ ଉପରକୁ ଆଣି କହୁଛି – 'ମୁଁ ଶୋଇପଡ଼ିଥିଲି ।'

ଏବେ ଜଣାଗଲା, ଏ ତିନି ଅବସ୍ଥା ମୋ' ଠାରୁ ସଦାବେଳେ ପୃଥକ୍ ହୋଇ ଥାଆନ୍ତି । ଜାଗ୍ରତ ଅବସ୍ଥାରେ ମୋର ଯେଉଁ ଅନୁଭବ ହୁଏ, ତହିଁରୁ ମୁଁ ଅଲଗା । କାରଣ ଏ ଅନୁଭବ ନ ଥିଲେ ମଧ୍ୟ 'ମୁଁ' ଅଛି । 'ସେପରି ସ୍ୱପ୍ନ ଅବସ୍ଥା ଠାରୁ ମୁଁ ପୃଥକ୍ ।' ସୁଷୁପ୍ତିରେ ଦୁଇ ପ୍ରକାର ଅନୁଭୂତି ହୁଏ । ଯଥା ସୁଖର ଅନୁଭବ ଓ ଅଜ୍ଞାନର ଅନୁଭବ । ଗାଢ଼ ନିଦରୁ ଉଠି ମୁଁ କହୁଛି, 'ମୁଁ କେଡ଼େ ସୁଖରେ ଶୋଇ ପଡ଼ିଥିଲି' କିଛି ଜାଣିନି । ତେଣୁ ଏ ଅନୁଭବଠାରୁ ମୁଁ ପୃଥକ୍ । ଜାଗ୍ରତ ସ୍ୱପ୍ନ ସୁଷୁପ୍ତିର ଯେତେ ଅନୁଭବ ବା ବିଷୟ, ସବୁ ପ୍ରତୀୟମାନ ପଦାର୍ଥ ଅଟେ । ଏ ସବୁ 'ମୋର' ନୁହେଁ କି 'ମୁଁ' ନୁହେଁ । କାରଣ ଏ ସବୁକୁ ଯଥାସ୍ଥାନରେ ଛାଡ଼ିଦେଇ 'ମୁଁ' ଅନ୍ୟଆଡ଼େ ଉଠି ଯାଇପାରୁଛି ।

ଏବେ 'ମୁଁ' ଏବଂ 'ମୋର' ସଂସାରର କିଛି ପଦାର୍ଥ ନୁହଁ । ତେଣୁ ଏହାର ସଂଯୋଗରେ ଯେଉଁ ସୁଖ ବା ଦୁଃଖ ଅନୁଭବ ହୁଏ ବା ଅଭିମାନ ହୁଏ – ସବୁ ମିଛ । ଏଥିରେ ଯେଉଁ କର୍ତ୍ତାପଣର ଅଭିମାନ ହୁଏ – ଯଥା 'ଏହା ମୁଁ କରିଛି' ବା 'କରି ନାହିଁ' – ସବୁ ମିଛ 'କାରଣ ଯେ ସାକ୍ଷୀ ମାତ୍ର', ତା'ର 'କର୍ତ୍ତାପଣ' କି 'ଭୋକ୍ତାପଣ' ନ ଥାଏ ।

ଲୋକେ ଭାବନ୍ତି ଯେପରି ଜାଗ୍ରତ ରହିବା, ସ୍ୱପ୍ନ ଦେଖିବା ଓ ଗାଢ଼ ନିଦ୍ରାରେ ଶୋଇଯିବା ଏକ ଏକ ଅବସ୍ଥା, ସେପରି ସମାଧି ପରି ଏକ ଅବସ୍ଥାରେ ପହଞ୍ଚିଯିବାକୁ 'ତୁରୀୟ' କୁହାଯାଉଥିବ । କିନ୍ତୁ ସେପରି ନୁହେଁ । ଜାଗ୍ରତରେ ଆମେ ତୁରୀୟ । ସ୍ୱପ୍ନ ଓ ସୁଷୁପ୍ତିରେ ମଧ୍ୟ । ଆମେ ତୁରୀୟପଣରୁ କେବେ ଅନ୍ତର ନୋହୁଁ । ଆମେ ଜାଗ୍ରତସ୍ୱପ୍ନ ସୁଷୁପ୍ତିରେ ଥିଲେ ମଧ୍ୟ ସେ ସବୁ ସାଥିରେ ଆମର କୌଣସି ସମ୍ବନ୍ଧ ନାହିଁ । ଆଗରୁ ନ ଥିଲା, କି ପରେ ରହିବ ନାହିଁ ।

ଜାଗ୍ରତରେ ସ୍ୱପ୍ନ କି ସୁଷୁପ୍ତି ନ ଥାଏ । ସ୍ୱପ୍ନରେ ଜାଗ୍ରତ କି ସୁଷୁପ୍ତି ନ ଥାଏ । ସେପରି ସୁଷୁପ୍ତିରେ ଜାଗ୍ରତ କି ସ୍ୱପ୍ନ ନ ଥାଏ । ତେଣୁ ତିନି ଅବସ୍ଥା ମିଥ୍ୟା । ପୋହଳା ଏଣ୍ଡୁଅର ରଙ୍ଗ ପରି ସବୁ ମିଛ । ରଜ୍ଜୁରେ ସର୍ପଭ୍ରମ ଯେପରି ମିଥ୍ୟା ।

Digitized by srujanika@gmail.com

ଭିନ୍ନ ଭିନ୍ନ ଜାଗ୍ରତ ସ୍ୱପ୍ନ ସୁଷୁପ୍ତି ତଥା ସଂସାରର ଯାବତୀୟ ପଦାର୍ଥ କେଉଁଠି ପ୍ରକାଶ ପାଏ ? ଏକ ଅନନ୍ତରେ, ଏକ ଅପରିଚ୍ଛିନ୍ନ ବା ଅପରିମିତରେ । ଯେତେ ଛୋଟ ବା ସୂକ୍ଷ୍ମ ପଦାର୍ଥ ହେଲେ ମଧ୍ୟ ତା'ର ଆଧାର ପାଇଁ ଏକ ବସ୍ତୁର ଦରକାର ପଡ଼ିଥାଏ । ଆଧାର ସହିତ ବସ୍ତୁର କୌଣସି ସମ୍ପର୍କ ଥାଏ ନାହିଁ । ଯେଉଁଠି ଦେଖିବ ସେହି ଅଖଣ୍ଡ ଏକରସ ଅସୀମ ଆଧାର । ଏହି ଆଧାରହିଁ ସର୍ବାଧିଷ୍ଠାନ, ସର୍ବୋପାଦାନ, ତତ୍ତ୍ୱତଃ ନିର୍ବିକାର, ଅଦ୍ୱିତୀୟ କିନ୍ତୁ ବିବର୍ତ୍ତମାନ ରୂପରେ 'ସର୍ବ' ଅଟନ୍ତି ।

ପ୍ରକାଶ, ଅଧିଷ୍ଠାନ, ଦ୍ରଷ୍ଟା, ବ୍ରହ୍ମ ବା ସ୍ୱୟଂ ପ୍ରକାଶ ଆତ୍ମା – ଏ ସବୁ ଏକ । ଏଥିରେ ପ୍ରତୀତ ହେଉଥିବା ପୃଥକ୍ ପୃଥକ୍ ପରିଚ୍ଛିନ୍ନ ପଦାର୍ଥ – ସବୁ ମିଥ୍ୟା । ସତ୍ୟ ଓ ମିଥ୍ୟା ମଧ୍ୟରେ କୌଣସି ସମ୍ବନ୍ଧ ରହି ନ ପାରେ । ଏ ପ୍ରତୀତି ପଦାର୍ଥ ସବୁ ମାୟା ମାତ୍ର ।

ମାୟା ବା ଇନ୍ଦ୍ରଜାଲକୁ ଯାଦୁ କୁହାଯାଇଥାଏ । ଯାଦୁ ପ୍ରଦର୍ଶନରେ ସବୁ ଖେଳ ମାୟା । ଏକମାତ୍ର ଯାଦୁକରହିଁ ସତ୍ୟ । ଆମେ ଯେଯାଏଁ ଜାଗ୍ରତ ସ୍ୱପ୍ନ ସୁଷୁପ୍ତି କଥା ବିଚାର ନ କରୁଛେ, ସେତେବେଳଯାଏଁ ଆମକୁ ସବୁ ସତ୍ୟ ପରି ଜଣାପଡ଼େ । ତତ୍ତ୍ୱ ଦୃଷ୍ଟିରୁ ବିଚାର କଲେ ସବୁ ମାୟା, ସବୁ ମିଛ । ମାୟା, ମିଛ ବୋଲି ଜାଣିଗଲା ପରେ କିଏ କ'ଣ ତାକୁ ଆଦର ବା ନିଜର କରିବସେ ? ସତକୁ ସିନା ସମସ୍ତେ ଆଦର କରନ୍ତି, ନିଜର କରନ୍ତି !!

କେବଳ ସତ୍ୟସ୍ୱରୂପକୁ ଜାଣିଗଲେ ପରମାନନ୍ଦ ପ୍ରାପ୍ତି ହୋଇଥାଏ । କିଛି କରିବାକୁ ନାହିଁ । କିଛି ଛାଡ଼ିବାକୁ ନାହିଁ । କିଛି ନୂଆ କଥା ଜାଣିବାକୁ ନାହିଁ । ଯାହା ଅଛି, ତାକୁହିଁ କେବଳ ଜାଣିବା । ଆସ ତେବେ, ସେହି 'ଆନନ୍ଦ' ତତ୍ତ୍ୱରେ ନିଜକୁ ମଜାଇରଖି ଏ ପାର୍ଥିବ ସଂସାରର ଦୁଃଖକଷ୍ଟକୁ ଭୁଲିଯିବା ।

ଭାରତବର୍ଷର ବହୁ ସିଦ୍ଧ, ସନ୍ଥ, ଗୁରୁ, ଜ୍ଞାନୀଙ୍କ ପଦାଙ୍କ ଅନୁସରଣରେ ଏହି 'ମାଣ୍ଡୂକ୍ୟୋପନିଷଦ' ଗ୍ରନ୍ଥଟି ପ୍ରସ୍ତୁତ କରାଯାଇଅଛି । ପ୍ରଖ୍ୟାତ 'ମାଣ୍ଡୂକ୍ୟୋପନିଷଦ' ଉପରେ ବେଦାନ୍ତ ପ୍ରଚାର ପରିଷଦର ଅଧ୍ୟକ୍ଷ ଶ୍ରୀ ମହାମେଧାନନ୍ଦନାଥ ସରସ୍ୱତୀ ଏକ ସୁଚିନ୍ତିତ ଆଲୋଚନା କରିଛନ୍ତି । ତେଣୁ ସେମାନଙ୍କୁ ମୋର ହୃଦୟର କୃତଜ୍ଞତା ଜ୍ଞାପନ କରୁଅଛି । ଏ ଗ୍ରନ୍ଥଟିକୁ ସୁଦୃଶ୍ୟ ଓ ସୁରୁଚିସମ୍ପନ୍ନ କରି ପ୍ରକାଶ କରିଥିବାରୁ ବିଦ୍ୟାପୁରୀର ସ୍ୱତ୍ୱାଧିକାରୀ ତଥା ପରମାର୍ଥପ୍ରେମୀ ଶ୍ରୀଯୁକ୍ତ ପୀତାମ୍ବର ମିଶ୍ର ମହୋଦୟଙ୍କୁ ଅଶେଷ କୃତଜ୍ଞତା ଜଣାଉଛି ।

ଜୟ ରଘୁନାଥ । ଜୟ ଜଗନ୍ନାଥ ।

ଭୂମିକା ସତ୍ୟାନନ୍ଦ ଚମ୍ପତିରାୟ

ଭୁବନେଶ୍ୱର
ଶିବରାତ୍ରି
ତା ୨୧-୨-୨୦୦୧

Digitized by srujanika@gmail.com

ସୂଚୀ

ଶ୍ରୀମୁଖ		୧
କୃପାଭିକ୍ଷା		୨୭
ଶାନ୍ତିପାଠ		୩୨
ପୀଠିକା		୩୬
ମନ୍ତ୍ର ଏକ	ଓଁ ଅକ୍ଷର ସବୁ	୬୭
ମନ୍ତ୍ର ଦୁଇ	ବୁ....ବ୍ରହ୍ମ	୭୨
ମନ୍ତ୍ର ତିନି	ଆତ୍ମାଙ୍କ ପ୍ରଥମ ପାଦ : ବୈଶ୍ୱାନର	୮୧
ମନ୍ତ୍ର ଚାରି	ଆତ୍ମାଙ୍କ ଦ୍ୱିତୀୟ ପାଦ : ତୈଜସ	୯୫
ମନ୍ତ୍ର ପାଞ୍ଚ	ଆତ୍ମାଙ୍କ ତୃତୀୟ ପାଦ : ପ୍ରାଜ୍ଞ	୧୦୦
ମନ୍ତ୍ର ଛଅ	ପ୍ରାଜ୍ଞ : ସର୍ବଜ୍ଞ, ସର୍ବେଶ୍ୱର ଓ କାରଣ ସ୍ୱରୂପ	୧୦୬
ବିଶ୍ରାମ-ବିଚାର		୧୧୨
ମନ୍ତ୍ର ସାତ :	ତୁରୀୟର ସ୍ୱରୂପ	୧୩୦
ମନ୍ତ୍ର ଆଠ	ଆତ୍ମା : ଅକ୍ଷର ଦୃଷ୍ଟିରୁ ଓଁକାର	୧୬୦
ମନ୍ତ୍ର ନଅ	ଅ'କାର ଓ ବିଶ୍ୱର ସମାନତା	୧୬୪
ମନ୍ତ୍ର ଦଶ	ଉ'କାର ଓ ତୈଜସର ସମାନତା	୧୬୭
ମନ୍ତ୍ର ଏଗାର :	ମ'କାର ଆଉ ପ୍ରାଜ୍ଞର ତାଦାତ୍ମ୍ୟ	୧୭୦
ମନ୍ତ୍ର ବାର	ଅମାତ୍ର ଆଉ ଆତ୍ମାଙ୍କ ତାଦାତ୍ମ୍ୟ	୧୭୭
ବିଚାର ସାର	ରାମ ପରଂବ୍ରହ୍ମ	୧୯୭
ଶାନ୍ତିପାଠ		୨୧୧

Digitized by srujanika@gmail.com

ଶ୍ରୀମୁଖ

ଜାଗ୍ରତ୍ ସ୍ୱପ୍ନଃ ସୁଷୁପ୍ତି – ସ୍ତ୍ରିତୟମପି ମତେ ସାକ୍ଷିଣୀ ତସ୍ୟ ତୁର୍ଯ୍ୟା
ସର୍ବେଷାଂ ଯସ୍ତୁ ସାକ୍ଷୀ ଗୁଣମଳରହିତୋଽପ୍ୟାତ୍ତନାନାବିଧାନଃ ।
ଭୂଣଦ୍ୟୋଽଚିନ୍ତ୍ୟ ଏତଦ୍ ସକଳ ଗୁଣନୁତଃ ପ୍ରତ୍ୟଗାଶୋଽୟମାତ୍ମା
ବ୍ରହ୍ମୋଂକାରାଦିଗମ୍ୟଂ ବିଦିତମିତି ଭବେଦ୍ ଯେନ ସ ବ୍ରହ୍ମଭୂତଃ ॥

ଓଁକାରର ଅ-ଉ-ମ ମାତ୍ରାତ୍ରିତୟ ହେଉଛନ୍ତି ଯଥାକ୍ରମେ ବୁଦ୍ଧିର ଜାଗ୍ରତ୍, ସ୍ୱପ୍ନ ଓ ସୁଷୁପ୍ତି ଅବସ୍ଥାତ୍ରୟ । ଏହି ତିନି ଅବସ୍ଥାର ସାକ୍ଷୀ ଅମାତ୍ର ତୁରୀୟାବସ୍ଥା ହେଉଛି ଗୁଣରହିତ ଓ ମଳରହିତ ଚିଦାତ୍ମା । ଏହାର ବିଶ୍ୱ ବୈଶ୍ୱାନର ପ୍ରଭୃତି ବିଭିନ୍ନ ସଂଜ୍ଞା । ଏହା ସର୍ବଭୂତଙ୍କ ଆଦ୍ୟ ଓ ଅଚିନ୍ତ୍ୟ ସ୍ୱରୂପ ତଥା ଅନନ୍ତ ଗୁଣସ୍ତୁତ୍ୟ ପ୍ରତ୍ୟଗାତ୍ମା ବା ଅନ୍ତରାତ୍ମା । ଓଁକାର ହେଉଛନ୍ତି ବ୍ରହ୍ମ । ଏହି ଓଁକାରଙ୍କୁ ବ୍ରହ୍ମ (ଅୟମାତ୍ମା ବ୍ରହ୍ମ) ବୋଲି ଯେ ଜାଣନ୍ତି ବା ସାକ୍ଷାତ୍ କରିଛନ୍ତି – ସେ ହେଉଛନ୍ତି ବ୍ରହ୍ମଭୂତ, ବ୍ରହ୍ମସ୍ୱରୂପ, ବ୍ରହ୍ମଜ୍ଞ ବା ବ୍ରହ୍ମବିଦ୍ ବରିଷ୍ଠ ।

ଉପର୍ଯ୍ୟୁକ୍ତ ବିଷୟ ସଂବଳିତ ଅଥର୍ବବେଦୀୟ ବ୍ରାହ୍ମଣଭାଗାନ୍ତର୍ଗତ 'ମାଣ୍ଡୂକ୍ୟ ଉପନିଷଦ୍' ହେଉଛି ମାତ୍ର ବାରଗୋଟି ମନ୍ତ୍ରବିଶିଷ୍ଟ ସର୍ବାତିଲଘୁକାୟ ଅଥଚ ସର୍ବାତିଶାୟି ଭାବଦ୍ୟୋତକ ତଥା ବେଦାନ୍ତାନୁଗ ସକଳ ସାଧକଙ୍କ ସର୍ବସ୍ୱଭୂତ ସିଦ୍ଧ-ସାଧ- ସାଧନଶାସ୍ତ୍ର । ଏଣୁ କୈବଲ୍ୟମୁକ୍ତିର ଉପାୟ ନିର୍ଦ୍ଧାରଣରେ 'ମୁକ୍ତିକୋପନିଷଦ୍' (୧/୨୬) ଉଦାତ୍ତ କଣ୍ଠରେ ଘୋଷଣା କରିଛି –

'ମାଣ୍ଡୂକ୍ୟମେକମେବାଳଂ ମୁମୁକ୍ଷୂଣାଂ ବିମୁକ୍ତୟେ'

– ମୁକ୍ତିକାମୀ ବ୍ୟକ୍ତିବିଶେଷଙ୍କୁ ମୁକ୍ତି ଦେବାରେ ଏକମାତ୍ର 'ମାଣ୍ଡୂକ୍ୟ ଉପନିଷଦ୍' ହିଁ ସମର୍ଥ ଅଟେ ।

ତାତ୍ପର୍ଯ୍ୟ ନିର୍ଣ୍ଣାୟକ ଷଡ୍‌ଲିଙ୍ଗ :

ପ୍ରତି ବେଦାନ୍ତ ଗ୍ରନ୍ଥର ତାତ୍ପର୍ଯ୍ୟ ନିର୍ଣ୍ଣୟରେ ହେତୁଭୂତ ଷଟ୍‌ଲିଙ୍ଗ ହେଉଛନ୍ତି –

ଉପକ୍ରମୋପସଂହାରାବଭ୍ୟାସୋଽପୂର୍ବତା ଫଳମ୍ ।
ଅର୍ଥବାଦୋପପତ୍ତୀ ଚ ଲିଙ୍ଗଂ ତାତ୍ପର୍ଯ୍ୟନିର୍ଣ୍ଣୟେ ॥

(୧) ଆଦ୍ୟ ପ୍ରତିପାଦ୍ୟ 'ଉପକ୍ରମ' ତଥା ଅନ୍ତ୍ୟ ପ୍ରତିପାଦ୍ୟ 'ଉପସଂହାର' (୨) 'ଅଭ୍ୟାସ' ବା ପ୍ରତିପାଦ୍ୟ ବିଷୟର ଅସକୃଦ୍ ଆବୃତ୍ତି; (୩) 'ଅପୂର୍ବତା' ଅର୍ଥାତ୍ ସ୍ୱପ୍ରକାଶ ବ୍ରହ୍ମ ଶ୍ରୁତିଭିନ୍ନ ପ୍ରମାଣର ବିଷୟ ନୁହନ୍ତି; (୪) 'ଫଳ' ହେଉଛି ପ୍ରତିପାଦ୍ୟ ବ୍ରହ୍ମଜ୍ଞାନରୁ ତତ୍

Digitized by srujanika@gmail.com

ପ୍ରାପ୍ତିରୂପକ ପ୍ରୟୋଜନ ହିଁ ମୋକ୍ଷର ଏକମାତ୍ର ଲକ୍ଷଣ; (୫) ଅର୍ଥବାଦ ବା ପ୍ରତିପାଦ୍ୟ ବସ୍ତୁର ପ୍ରଶଂସା ଏବଂ ତଦ୍‌ବିପରୀତ ବସ୍ତୁର ନିନ୍ଦା; (୬) 'ଉପପତ୍ତି' ବା ପ୍ରତିପାଦ୍ୟ ବସ୍ତୁର ବିଭିନ୍ନ ଯୁକ୍ତି ଓ ଦୃଷ୍ଟାନ୍ତ ଦ୍ୱାରା ପ୍ରତିପାଦନ । ମାଣ୍ଡୂକ୍ୟ-ଉପନିଷଦ୍‌ର ଉପକ୍ରମ ବା ଆରମ୍ଭରେ 'ଓଁ ଇତ୍ୟେତଦକ୍ଷରମିଦଂ ସର୍ବଂ' – ଓଁ ଏହି ଅକ୍ଷର ହିଁ ସବୁ କିଛି ବା ସଚରାଚର ସଂସାରର ସ୍ୱରୂପ ବୋଲି କୁହାଯାଇଛି ଏବଂ 'ଉପସଂହାର' ବା ଶେଷରେ 'ଅମାତ୍ରଶ୍ଚତୁର୍ଥୋଽବ୍ୟବହାର୍ଯ୍ୟ' ଅର୍ଥାତ୍ ମାତ୍ରାରହିତ ଓଁକାର ଚତୁର୍ଥ ବା ତୁରୀୟ ତଥା ବ୍ୟବହାରର ଅବିଷୟ ଆତ୍ମା ଅଟନ୍ତି ବୋଲି କୁହାଯାଇଛି । 'ଅଭ୍ୟାସ'ରେ ଦ୍ୱାଦଶ ମନ୍ତ୍ରର 'ପ୍ରପଞ୍ଚୋପଶମଃ ଶିବୋଽଦ୍ୱୈତଃ' ତଥା ସପ୍ତମ ମନ୍ତ୍ରର 'ପ୍ରପଞ୍ଚୋପଶମଂ ଶାନ୍ତଂ ଶିବମଦ୍ୱୈତଂ ଚତୁର୍ଥଂ ମନ୍ୟନ୍ତେ ସ ଆତ୍ମା ସ ବିଜ୍ଞେୟଃ' ଅର୍ଥାତ୍ ପ୍ରପଞ୍ଚର ଲୟସ୍ଥାନ କଲ୍ୟାଣସ୍ୱରୂପ ଓଁକାର ଅଟେ ଏବଂ ପ୍ରପଞ୍ଚର ଅଭାବକୁ ଶାନ୍ତ ଶିବ ଅଦ୍ୱୈତ ତୁରୀୟ ଆତ୍ମା ଜାଣ ବୋଲି କୁହାଯାଇଛି । 'ଅପୂର୍ବତା'ରେ ସପ୍ତମ ମନ୍ତ୍ରର 'ଅଦୃଷ୍ଟମବ୍ୟବହାର୍ଯ୍ୟଂ' ଅର୍ଥାତ୍ ଏହା ଅଦୃଷ୍ଟ ଓ ବ୍ୟବହାରର ଅବିଷୟ ବୋଲି କହି ପ୍ରମାଣାନ୍ତରର ଅବିଷୟତ୍ୱ ପ୍ରତିପାଦନ କରାଯାଇଛି, ଦ୍ୱାଦଶମନ୍ତ୍ରର 'ସଂବିଶତ୍ୟାତ୍ମନାଽତ୍ମାନଂ ଯ ଏବଂ ବେଦ' ଅର୍ଥାତ୍ ପୂର୍ବବର୍ଣ୍ଣିତ ପ୍ରକାରେ ଆତ୍ମା – ଓଁକାରର ଅଭେଦ ବା ଓଁକାର ହିଁ ବ୍ରହ୍ମାତ୍ମ-ସ୍ୱରୂପ ବୋଲି ଅନୁଭବକୁ 'ଫଳ' ବୋଲି କୁହାଯାଇଛି । 'ଉପପତ୍ତି'ରେ ଅଦ୍ୱୈତବ୍ରହ୍ମ ବିଷୟର ପ୍ରତିପାଦନ ପାଇଁ ଚାରିପାଦର କଳ୍ପନା ମାଣ୍ଡୂକ୍ୟ-ଉପନିଷଦ୍‌ର ବାରଟି ମନ୍ତ୍ରରେ କରାଯାଇଛି । ଏହି ଶ୍ରୁତିଲିଙ୍ଗ ଅନୁସାରେ ବେଦାନ୍ତର ତାତ୍ପର୍ଯ୍ୟ ନିର୍ଣ୍ଣୟ ଏକ ପ୍ରାଚୀନ ଶାସ୍ତ୍ରୀୟ ପରମ୍ପରା ।

ମାଣ୍ଡୂକ୍ୟ କିଏ ଓ କ'ଣ ?

'ମାଣ୍ଡୂକ୍ୟ' ନାମକ ଋଷିଙ୍କ ନାମ ଅନୁସାରେ ଅଥର୍ବବେଦୀୟ ବ୍ରାହ୍ମଣଭାଗାନ୍ତର୍ଗତ ଏହି ଉପନିଷଦ୍‌ଟିର ନାମ 'ମାଣ୍ଡୂକ୍ୟୋପନିଷଦ୍' ହୋଇଛି ବୋଲି କୁହାଯାଏ । କିନ୍ତୁ ଏପରି ନାମର ଦ୍ୱିତୀୟ ପ୍ରୟୋଗ ଆମର ଦୃଷ୍ଟିଗୋଚର ହୁଏ ନାହିଁ । ତଥାପି 'ମାଣ୍ଡୂକ୍ୟ' ଶବ୍ଦଟିକୁ 'ମଣ୍ଡୂକସ୍ୟାପତ୍ୟମ୍' ଅର୍ଥରେ 'ଯଞ୍'-ପ୍ରତ୍ୟୟରୁ ନିଷ୍ପନ୍ନ କଲେ ପୁଣି ପ୍ରଶ୍ନ ଉଠିବ 'ମଣ୍ଡୂକ କିଏ' ? 'ମଣ୍ଡତି ମଣ୍ଡତେ ବା ସରୋ' ମଣ୍ଡୂକ ଶବ୍ଦଟିକୁ ମଣ୍ଡ୍-ଧାତୁରୁ ଉଣାଦି ଉକଣ୍-ପ୍ରତ୍ୟୟ କଲେ, କୂପ ବା ସରୋବରକୁ ମଣ୍ଡନ କରୁଥିବା ବେଙ୍ଗକୁ ବୁଝାଇବ । ଏଠାରେ ବେଙ୍ଗ ଏକ ପ୍ରତୀକାତ୍ମକ କ୍ରିୟା । ମଣ୍ଡୂକ ବା ବେଙ୍ଗ ଯେପରି ତା'ର ଜିଭଟିକୁ ଓଲଟାଇ ଭିତରେ ତାଳୁସ୍ଥ ନାସାରନ୍ଧ୍ରକୁ ସ୍ପର୍ଶ କଲାପରି ରଖି ନିଃଶ୍ୱାସପ୍ରଶ୍ୱାସକୁ ନିୟନ୍ତ୍ରିତ କରି ପଙ୍କ ଭିତରେ ପୋତି ହୋଇ ରହିଯାଇପାରେ, ସେହିପରି ଯୋଗୀ ନିଜର ଜିହ୍ୱାକୁ ଓଲଟାଇ ତାଳୁରେ ଲଗାଇ ରଖିବାକୁ 'ଖେଚରୀମୁଦ୍ରା' କୁହାଯାଏ । ଖେଚରୀମୁଦ୍ରାରେ ସାଧକ ସହସ୍ରାରରୁ ବିଗଳିତ ଅମୃତ ପାନ କରି ଅମର ସଦୃଶ ହୋଇଥାଏ ଏବଂ ସେହି ଅବସ୍ଥାରେ ପ୍ରଣବ ବା ଓଁକାରର ନିରନ୍ତର ଜପଦ୍ୱାରା ନିର୍ବିକଳ୍ପ ସମାଧିରେ ଖେଚରୀସିଦ୍ଧି ଲାଭ କରି ଆକାଶରେ ବିଚରଣ କରିବାରେ ସମର୍ଥ ହୋଇଥାଏ । ଏଣୁ କୁହାଯାଇଛି –

Digitized by srujanika@gmail.com

ଦୃଷ୍ଟିଃ ସ୍ଥିରା ଯସ୍ୟ ବିନାବଲୋକନଂ ମନଃସ୍ଥିରଂ ଯସ୍ୟ ବିନାବଲମ୍ବନମ୍ ।
ବାୟୁଃ ସ୍ଥିରୋ ଯସ୍ୟ ବିନାବରୋଧନଂ ସା ଏବ ବିଦ୍ୟା ବିଚରୀ ଚ ଖେଚରୀ ॥

ତେଣୁ ମଣ୍ଡୂକ ବୃତ୍ତି ବା ଖେଚରୀ-ସାଧନା ହିଁ ହେଉଛି 'ମାଣ୍ଡୂକ୍ୟ' । ସମ୍ଭବତଃ କେହିଜଣେ ଯୋଗସିଦ୍ଧ ସାଧକ ଜଳରେ ବା ପଙ୍କ ଭିତରେ ନିଜେ ପୋତି ହୋଇ ଖେଚରୀମୁଦ୍ରାରେ ଅମୃତାସ୍ୱାଦନପୂର୍ବକ ବହୁଦିନ ମଣ୍ଡୂକଭଳି ବଞ୍ଚିରହି ସାଧନା-ନିରତ ଥିବାରୁ ତାଙ୍କୁ 'ମଣ୍ଡୂକ-ଋଷି' କୁହାଯାଉଥିଲା ଏବଂ ତାଙ୍କ ଦୃଷ୍ଟମନ୍ତ୍ର ପରବର୍ତ୍ତୀ କାଳରେ 'ମାଣ୍ଡୂକ୍ୟ' ନାମରେ ପରିଚିତ ହେଲା । ନିରୁକ୍ତ (୯/୫)ରେ "ମଣ୍ଡୂକା ମଜ୍ଜୁକା ମଜ୍ଜନାତ୍, ମଦତେର୍ବା ମୋଦତି କର୍ମଣଃ, ମନ୍ଦତେର୍ବା ତୃପ୍ତିକର୍ମଣଃ, ମଣ୍ଡୟତେରିତି ବୈୟାକରଣାଃ, ମଣ୍ଡ ଏଷାମୋକ ଇତି ବା" କହି ଏକ ଆନନ୍ଦାତ୍ମକ ମଜ୍ଜନ କ୍ରିୟାକୁ ସୂଚିତ କରାଯାଇଛି । ଏହି ମାଣ୍ଡୂକ୍ୟ (ମ + ଅ + ଣ୍ଡୁ + ଅ + କ୍ୟ)ରୁ ଅ + ଉ + ମ = ଓଁ ଅଂଶ ବାହାର କରିଦେଲେ ବାକି ରହେ ଣ୍ଡୁକ୍ୟ < ଢୌକ୍ (ଗତ୍ୟର୍ଥକ) । ଏଥିରୁ ମଧ୍ୟ ତ୍ରିମାତ୍ର ଓଁକୁ ଶ୍ୱାସ-ପ୍ରଶ୍ୱାସରେ ଗତି କରାଇ ଖେଚରୀମୁଦ୍ରାରେ ସାଧନାନିରତ ରହିଲେ ବ୍ରହ୍ମାନୁଭୂତିର ଆନନ୍ଦୋପଲବ୍ଧି ହେବ ଓ କୈବଲ୍ୟମୁକ୍ତି ମିଳିବ । କୈବଲ୍ୟମୁକ୍ତିର ଏହି 'ମାଣ୍ଡୂକ୍ୟ' ହେଉଛି ଉପାୟ ଯାହାଦ୍ୱାରା ମୁକ୍ତିକାମୀ ମୁକ୍ତି ପାଇଥାଏ ବୋଲି ଉଲ୍ଲେଖ କରି ମୁକ୍ତିକୋପନିଷଦ୍ (୧/୨୬) କହିଛନ୍ତି –

ଇୟଂ କୈବଲ୍ୟମୁକ୍ତିସ୍ତୁ କେନୋପାୟେନ ସିଦ୍ଧ୍ୟତି ?
ମାଣ୍ଡୂକ୍ୟମେକମେବାଳଂ ମୁମୁକ୍ଷୂଣାଂ ବିମୁକ୍ତୟେ ।

ଏହି ମାଣ୍ଡୂକ୍ୟ – ଉପାୟ ବା ଖେଚରୀସାଧନା ଦ୍ୱାରା ବ୍ରହ୍ମୋପଲବ୍ଧିର ରହସ୍ୟ ଯେଉଁଥିରେ ବିବୃତ ହୋଇଛି – ତାହା ହେଉଛି 'ମାଣ୍ଡୂକ୍ୟୋପନିଷଦ୍' ।

ମୂଳ ମାଣ୍ଡୂକ୍ୟୋପନିଷଦ୍ ଗଦ୍ୟରେ ଲିଖିତ । ଅଧିକାଂଶ ଉପନିଷଦ୍‌ରେ ଯେପରି ଆଖ୍ୟାୟିକା ବା କଥୋପକଥନ (ସଂବାଦ) ଛଳରେ ବ୍ରହ୍ମୋପଦେଶ ଦିଆଯାଇଛି, ଏଥିରେ ସେପରି ଶୈଳୀ ଅବଲମ୍ବନ ନ କରି ଓଁକାର ମାଧ୍ୟମରେ ବ୍ରହ୍ମୋପଦେଶ ପ୍ରଦତ୍ତ ହୋଇଛି । ଓଁକାର ବ୍ୟାଖ୍ୟାତ୍ମକ ଶାସ୍ତ୍ରର ଏକଦେଶ ସହିତ ସମ୍ବନ୍ଧିତ ମାଣ୍ଡୂକ୍ୟକୁ କେତେକ ପ୍ରକରଣ[1] ଗ୍ରନ୍ଥ ଭାବରେ ଗ୍ରହଣ କରିଛନ୍ତି । ଆଚାର୍ଯ୍ୟ ଶଙ୍କର[2] ଙ୍କ ପରମ ଗୁରୁ ଗୌଡ଼ପାଦାଚାର୍ଯ୍ୟ ଏହାକୁ ଅବଲମ୍ବନ କରି ତାଙ୍କର ଅନବଦ୍ୟକାରିକା ରଚନା ଭିତରେ ଅଦ୍ୱୈତଦର୍ଶନର ସୁସଂଗତ ବ୍ୟାଖ୍ୟା କରିଯାଇଛନ୍ତି । ଆଚାର୍ଯ୍ୟ ଶଙ୍କର ସେହି କାରିକାକୁ ମୂଳଶ୍ରୁତି ଭିତରେ ଖଞ୍ଜି, ତାହା ଉପରେ ଭାଷ୍ୟ ରଚନା କରିଛନ୍ତି । ଗୌଡ଼ପାଦଙ୍କ

(୧) ଶାସ୍ତ୍ରୈକଦେଶସମ୍ବଦ୍ଧଂ ଶାସ୍ତ୍ରକାର୍ଯ୍ୟାନ୍ତରେ ସ୍ଥିତମ୍ ।
ଆହୁଃ ପ୍ରକରଣଂ ନାମ ଗ୍ରନ୍ଥଭେଦଂ ବିପଶ୍ଚିତଃ ॥

(୨) ଆଚାର୍ଯ୍ୟ ଶଙ୍କରଙ୍କ ସମୟ ଆଧୁନିକ ପାଶ୍ଚାତ୍ୟ ଗବେଷକମାନଙ୍କ ମତରେ ଖ୍ରୀ. ୭୮୮-୮୨୦ ଅବ୍ଦ । ଭାରତୀୟ ପରମ୍ପରାରେ ଆମେ ଏହାକୁ ଖ୍ରୀ:ପୂ: ୫୦୯ରୁ ୪୭୭ ବୋଲି ଗ୍ରହଣ କରିଥାଉଁ ।

Digitized by srujanika@gmail.com

କାରିକାବଳି ହିଁ ଆଚାର୍ଯ୍ୟ ଶଙ୍କରଙ୍କ ଅଦ୍ୱୈତବାଦର ଆଧାରଶିଳା ଯାହାକୁ ଭିତ୍ତି କରି ଆଚାର୍ଯ୍ୟ ଅଦ୍ୱୈତବାଦର ସୁରମ୍ୟ ହର୍ମ୍ୟ ନିର୍ମାଣ କରିଯାଇଛନ୍ତି ।

ମୂଳ ମାଣ୍ଡୂକ୍ୟୋପନିଷଦ୍‌ରେ ମାତ୍ର ବାରଗୋଟି ମନ୍ତ୍ରରେ ଓଁକାର ତତ୍ତ୍ୱ ବ୍ୟାଖ୍ୟାତ ହୋଇଛି, ପ୍ରଥମ ମନ୍ତ୍ରଟି ହେଉଛି –

ଓଁ ଇତ୍ୟେତଦକ୍ଷରମିଦଂ ସର୍ବମ୍ । ତସ୍ୟୋପବ୍ୟାଖ୍ୟାନଂ ଭୂତଂ ଭବଦ୍ ଭବିଷ୍ୟଦିତି ସର୍ବମୋଙ୍କାର ଏବ । ଯଚ୍ଚାନ୍ୟତ୍ ତ୍ରିକାଳାତୀତଂ ତଦପ୍ୟୋଙ୍କାର ଏବ ।[୩]

ଅର୍ଥାତ୍, ଓଁକାର ଅକ୍ଷର ବା ଅବିନାଶୀ ତତ୍ତ୍ୱ ହିଁ ସବୁକିଛି ବା ସର୍ବସ୍ୱ । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ୍ – ଏହି ତିନିକାଳ ହିଁ ଓଁକାର । ଏହି ତିନିକାଳରେ ଯେତେ ବସ୍ତୁ ଅଛନ୍ତି ସବୁ ଓଁକାର । ଆଉ ତିନିକାଳର ଅତୀତ ବସ୍ତୁ ଯାହା ଅଛି, ତାହା ମଧ୍ୟ ଓଁକାର ।

ବିଶ୍ୱର ସବୁକିଛି ଆମର ଅମର ଆତ୍ମା ହେଉଛନ୍ତି ବ୍ରହ୍ମ – 'ଅୟମାତ୍ମା ବ୍ରହ୍ମ' ।

ଏହି ଆତ୍ମାର ଚାରିଟି ପାଦ (ଚତୁଷ୍ପାଦ୍) ବା ଅବସ୍ଥା – ଜାଗ୍ରତ୍, ସ୍ୱପ୍ନ, ସୁଷୁପ୍ତି ଓ ତୁରୀୟ ।[୪]

ଜାଗ୍ରତ୍-ଅବସ୍ଥା[୫] :

ଜାଗ୍ରତ୍ ବା ଜାଗରିତ ଅବସ୍ଥାରେ ଇନ୍ଦ୍ରିୟ ଓ ଦେହ ଜାଗ୍ରତ୍ ଥାଏ । ସେତେବେଳେ ଆତ୍ମା ବହିଃପ୍ରଜ୍ଞ ବା ବହିର୍ମୁଖ ବା ବାହାର ବିଷୟକ ଜ୍ଞାନ ବିଶିଷ୍ଟ ହୋଇଥାଏ । ଆତ୍ମା ଭିନ୍ନ ଆଉ ଯେତେ ବିଷୟ ସବୁ ବାହ୍ୟ ସ୍ଥୂଳବିଷୟ । ଆତ୍ମା ତେଣୁ ସ୍ଥୂଳଭୁକ୍ । ସ୍ଥୂଳ କହିଲେ ଶବ୍ଦ-ସ୍ପର୍ଶ-ରୂପ-ରସ-ଗନ୍ଧ ।

ଜାଗ୍ରତ୍ ଅବସ୍ଥାର ସାତଟି ଅଙ୍ଗ – ମୂର୍ଦ୍ଧା, ଚକ୍ଷୁ, ପ୍ରାଣ, ଦେହ, ବସ୍ତି, ପାଦ ଓ ମୁଖ । ଜାଗ୍ରତ୍ ଅବସ୍ଥାର ଉଣେଇଶଟି ମୁଖ – ଦଶେନ୍ଦ୍ରିୟ, ପଞ୍ଚପ୍ରାଣ, ମନଃ, ବୁଦ୍ଧି, ଚିତ୍ତ ଓ ଅହଙ୍କାର । ଏହି ଉଣେଇଶଟି ମୁଖ ଦ୍ୱାରା ଆତ୍ମା ଜଗତ୍‌କୁ ଦେଖେ ବା ଭୋଗ କରେ । ଜାଗ୍ରତ୍ ଅବସ୍ଥାରେ ତିନୋଟିଯାକ ଶରୀର ଅର୍ଥାତ୍ ସ୍ଥୂଳ, ସୂକ୍ଷ୍ମ ଓ କାରଣ ଶରୀର କ୍ରିୟାଶୀଳ ଥାଆନ୍ତି ।

ଆତ୍ମାର ଏହି ପ୍ରଥମ ପାଦର ନାମ – ବୈଶ୍ୱାନର; 'ବିଶ୍ୱେଷାଂ ନରାଣାମୟମିତି ବୈଶ୍ୱାନରଃ; ଅଥବା 'ବିଶ୍ୱଶ୍ଚାସୌ ନରଶ୍ଚେତି ବିଶ୍ୱନରଃ, ବିଶ୍ୱନର ଏବଂ ବୈଶ୍ୱାନରଃ' ।

ସ୍ୱପ୍ନ ଅବସ୍ଥା[୬] :

ସ୍ୱପ୍ନ ଯାହାର ସ୍ଥାନ, ତାହା ସ୍ୱପ୍ନ ସ୍ଥାନ, ସେତେବେଳେ ଆତ୍ମା ଅନ୍ତଃପ୍ରଜ୍ଞ । ଏ ଅବସ୍ଥାରେ ମନ କେବଳ ଜାଗ୍ରତ୍ ଥାଏ, ଅନ୍ୟାନ୍ୟ ଇନ୍ଦ୍ରିୟମାନଙ୍କର କାର୍ଯ୍ୟ ବନ୍ଦ ଥାଏ ।

---

(୩) ମାଣ୍ଡୂକ୍ୟ ମନ୍ତ୍ର – ୧

(୪) ମାଣ୍ଡୂକ୍ୟ ମନ୍ତ୍ର – ୨

(୫) ମାଣ୍ଡୂକ୍ୟ ମନ୍ତ୍ର – ୩

(୬) ମାଣ୍ଡୂକ୍ୟ ମନ୍ତ୍ର – ୪

Digitized by srujanika@gmail.com

ମନୁଷ୍ୟ ସ୍ୱପ୍ନ ଦେଖି ବାସ୍ତବ ମଣେ କିନ୍ତୁ ସ୍ୱପ୍ନ ଦେଖୁଛି ବୋଲି ମନେପଡ଼େନି କି ଜାଣିପାରେନି । ସ୍ୱପ୍ନରେ ମଧ ଜାଗ୍ରତ୍ ଅବସ୍ଥାର ସାତଟି ଅଙ୍ଗ ଓ ଉଣେଇଶଟି ମୁଖ କାମ କରେ ।

ଏଥିରେ ଆତ୍ମା ହେଉଛି ପ୍ରବିବିକ୍ତଭୁକ୍ । 'ବିବିକ୍ତୌ ପୂତବିଜନୌ' ଅମରକୋଷ ଅନୁସାରେ ବିବିକ୍ତ କହିଲେ ପୂତ ଓ ବିଜନ ବା ଏକାନ୍ତ । ପ୍ରବିବିକ୍ତ କହିଲେ ପ୍ରକୃଷ୍ଟ ଭାବରେ ଏକାନ୍ତରେ ପବିତ୍ର ଓ ବିବେକଶୀଳ ସଂସ୍କାରବିଶେଷ ଅଟେ । ଆତ୍ମା ସେତେବେଳେ ସ୍ୱପ୍ନରେ ସଂସ୍କାରଲବ୍ଧ ବିଷୟଗୁଡ଼ିକୁ ହିଁ ଭୋଗ କରେ । ସ୍ୱପ୍ନରେ ସ୍ଥୂଳ ଓ ସୂକ୍ଷ୍ମ ଶରୀର କ୍ରିୟାଶୀଳ ଥାଏ । ଏ ଅବସ୍ଥାରେ ଆତ୍ମାର ନାମ ତୈଜସ । ଏହା ହେଉଛି ଦ୍ୱିତୀୟ ପାଦ ।

ସୁଷୁପ୍ତି ଅବସ୍ଥା[୭] :

ସୁଷ୍ଠୁ ସୁପ୍ତି (ସ୍ୱପ୍ + କ୍ତିନ୍) ବା ଭଲଭାବରେ ଶୋଇବାକୁ କୁହାଯାଏ ସୁଷୁପ୍ତି । ଯେଉଁ ଅବସ୍ଥାରେ ସୁପ୍ତ ପୁରୁଷ କିଛି ଇଚ୍ଛା କରେ ନାହିଁ, ଭୋଗ କରିବା ପାଇଁ କାମନା କରେ ନାହିଁ, କୌଣସି ସ୍ୱପ୍ନ ଦେଖେ ନାହିଁ– କେବଳ ଗାଢ଼ ନିଦ୍ରାରେ ଥାଏ, ସେହି ଅବସ୍ଥାର ନାମ ସୁଷୁପ୍ତି ଅବସ୍ଥା (State of Dreamless sleep) ।

ସୁଷୁପ୍ତି ଅବସ୍ଥାରେ ଆତ୍ମା ପ୍ରଜ୍ଞାନଘନ ବା ଜ୍ଞାନର ଘନାବସ୍ଥା ବା ବିଶୁଦ୍ଧ ଜ୍ଞାନସ୍ୱରୂପ । ନିଜେ ଆନନ୍ଦମୟ ବା ପ୍ରଚୁର ଆନନ୍ଦରେ ପରିପୂର୍ଣ୍ଣ । ଆତ୍ମା ସେତେବେଳେ ଆନନ୍ଦଭୋକ୍ତା ବା ଆନନ୍ଦଭୋଜୀ – ଆନନ୍ଦ ହିଁ ତା'ର ଖାଦ୍ୟ । ନିଜେ ହିଁ ନିଜକୁ ଭୋଗ କରେ । ଏହି ଆନନ୍ଦରୂପକ ଆହାର ଖାଇବାପାଇଁ ତା'ର ମୁଖ ହେଉଛି ଚେତଃ ବା ଚେତନା ଅର୍ଥାତ୍ ଚିଦ୍ ବା ଜ୍ଞାନ ହିଁ ତା'ର ମୁଖ ଅଟେ । ଏହି ସମୟରେ ଅନ୍ତରିନ୍ଦ୍ରିୟ ଓ ବହିରିନ୍ଦ୍ରିୟ କ୍ରିୟାହୀନ ହୋଇଥିବାରୁ କାହାର ହେଲେ ବିକ୍ଷେପ ହୁଏ ନାହିଁ । ଏଣୁ ଆତ୍ମା ନିଜ ସ୍ୱରୂପରେ ଏକୀଭୂତ ହୁଏ । କିନ୍ତୁ ଏହି ଅବସ୍ଥାରେ ଆତ୍ମା ବେଶି ସମୟ ରହିପାରେ ନାହିଁ । ସେ ସ୍ୱପ୍ନ ଓ ଜାଗ୍ରତ୍ ଅବସ୍ଥାକୁ ଫେରିଆସେ । ସୁଷୁପ୍ତି ଅବସ୍ଥାରେ କେବଳ କାରଣ ଶରୀର ହିଁ ବୀଜରୂପେ ରହିଥାଏ । ଏହି କାରଣ ଶରୀର ଦେଇ ସୂକ୍ଷ୍ମରୁ ସୂକ୍ଷ୍ମତର କାରଣ ଜଗତ୍‌କୁ ଜାଣିହୁଏ ।

ଉପର୍ଯ୍ୟୁକ୍ତ ତିନୋଟି ଅବସ୍ଥା ମଧ୍ୟରୁ ଜାଗ୍ରତ୍– ଅବସ୍ଥା କଥା ସମସ୍ତେ ଜାଣନ୍ତି । ସ୍ୱପ୍ନାବସ୍ଥାର କଥା ସବୁ ସମୟରେ ମନେ ରହେ ନାହିଁ । ମନେରଖିବାର ଉପାୟ ଅଛି, ଯେଉଁଟି ନିତ୍ୟଦିନର ସ୍ୱପ୍ନାବସ୍ଥା, ସେଇଟି ହିଁ ସାଧକର ଧ୍ୟାନାବସ୍ଥା । ବିନା ଚେଷ୍ଟାରେ ସ୍ୱପ୍ନ ଆସେ କିନ୍ତୁ ଚେଷ୍ଟାଦ୍ୱାରା ହିଁ ଧ୍ୟାନ ଆସେ । ଜାଗ୍ରଦବସ୍ଥାରେ ଜୀବ ବହିଃପ୍ରଜ୍ଞ କିନ୍ତୁ ଧ୍ୟାନାବସ୍ଥାରେ ସାଧକ ଅନ୍ତଃପ୍ରଜ୍ଞ ।

---

(୭) ମାଣ୍ଡୂକ୍ୟ ମନ୍ତ୍ର – ୫

Digitized by srujanika@gmail.com

ସ୍ୱାଭାବିକଭାବେ ଯେଉଁଟି ସୁଷୁପ୍ତି, ତପସ୍ୟାରେ ତାହାହିଁ ସାଧକର ସମାଧି ଅବସ୍ଥା । ସମାଧି ଅବସ୍ଥାରେ ସାଧକ ଏକୀଭୂତ ପ୍ରଜ୍ଞାନଘନ ଓ ଆନନ୍ଦମୟ ତଥା ପ୍ରାଜ୍ଞ । ଏହି ଆନନ୍ଦମୟ ସମାଧି ଭୂମିରୁ ପୁଣି ବ୍ୟୁତ୍ଥାନ ହୁଏ ବୋଲି ଏହାକୁ ଚେତୋମୁଖ କହନ୍ତି । ଏହି ଅବସ୍ଥାରେ ଜୀବ ପରମ ଏକ ଓ ଅଦ୍ୱୟ । ଏହାକୁ ବର୍ଣ୍ଣନା କରି ମାଣ୍ଡୂକ୍ୟର ଷଷ୍ଠ ମନ୍ତ୍ରରେ କୁହାଯାଇଛି ।

ଏଷ ସର୍ବେଶ୍ୱର ଏଷ ସର୍ବଜ୍ଞ ଏଷୋଽନ୍ତର୍ଯାମୀ

ଏଷ ଯୋନିଃ ସର୍ବସ୍ୟ ପ୍ରଭବାପ୍ୟୟୌ ହି ଭୂତାନାମ୍ ॥[୮]

– ଏହି ପ୍ରାଜ୍ଞ ଆତ୍ମା ସବୁର ଈଶ୍ୱର ବା ଶାସନକର୍ତ୍ତା । ସମସ୍ତଙ୍କ ଅନ୍ତରରେ ରହି ନିୟମିତ କରନ୍ତି ବୋଲି ଅନ୍ତର୍ଯାମୀ । ସେ ସବୁ ଜାଣନ୍ତି ବୋଲି ସର୍ବଜ୍ଞ । ସମସ୍ତ ଜଗତ୍‌ର ପ୍ରସବକ୍ଷେତ୍ର । ଏହାଙ୍କଠାରୁ ସକଳ ପ୍ରାଣୀ ଉତ୍ପନ୍ନ ହୁଅନ୍ତି ଓ ଏହାଙ୍କଠାରେ ସବୁ ବିଲୟ ହୁଅନ୍ତି ।

ସ୍ଥୂଳ, ସୂକ୍ଷ୍ମ ଓ କାରଣ – ଏହି ତିନି ଶରୀର ହେଉଛନ୍ତି ଆତ୍ମାର ଉପାଧି । ଉପାଧିଶୂନ୍ୟ ଆବରଣହୀନ ଆତ୍ମସ୍ୱରୂପ ହେଉଛି ଚତୁର୍ଥ ବା ତୁରୀୟ ଅବସ୍ଥା । ଏହି ତୁରୀୟ ଅବସ୍ଥାରେ ବର୍ଣ୍ଣନା କରାଯାଇଥିବା ମାଣ୍ଡୂକ୍ୟର ସର୍ବୋତ୍ତମ ୭ମ ମନ୍ତ୍ରଟିର ପ୍ରଣିଧାନଯୋଗ୍ୟ ବିଷୟ ଅଟେ – ଚତୁର୍ଥପାଦ ବା ତୁରୀୟଭୂମି ହେଉଛି ଆତ୍ମାର ସର୍ବୋତ୍ତମ ଅବସ୍ଥା । ଏହି ଅବସ୍ଥାର ପରିଚୟ ଦିଆଯାଇଛି କେତୋଟି ବିଶେଷଣ ମାଧ୍ୟମରେ । ସେଗୁଡ଼ିକ ହେଲା[୯] –

ନାନ୍ତଃପ୍ରଜ୍ଞଂ – ଅନ୍ତର୍ଜଗତ୍‌ର କୌଣସି ଅନୁଭବ ନ ଥାଏ । ଅନ୍ତରିନ୍ଦ୍ରିୟ କ୍ରିୟାହୀନ ହୋଇଥାଏ ।

ନ ବହିଃପ୍ରଜ୍ଞଂ – ବାହ୍ୟଜଗତ୍‌ର କୌଣସି ଅନୁଭବ ନ ଥାଏ । ବହିରିନ୍ଦ୍ରିୟ କ୍ରିୟାହୀନ ହୋଇଥାଏ ।

ନୋଭୟତଃ ପ୍ରଜ୍ଞଂ– ବାହାର ଭିତର କାହାର ହେଲେ କିଛି ଅନୁଭବ ନ ଥାଏ ।

ନ ପ୍ରଜ୍ଞାନଘନଂ – ଇନ୍ଦ୍ରିୟ-ନିରପେକ୍ଷ କୌଣସି ଜ୍ଞାନଯୁକ୍ତ ନୁହେଁ ।

ନ ପ୍ରଜ୍ଞଂ – ସର୍ବଜ୍ଞ ନୁହେଁ ।

ନାପ୍ରଜ୍ଞଂ – ଅସର୍ବଜ୍ଞ ନୁହେଁ ।

ଅଦୃଷ୍ଟଂ – ଦେଖିହେବ ନାହିଁ ।

ଅଗ୍ରାହ୍ୟଂ – ଇନ୍ଦ୍ରିୟଗ୍ରାହ୍ୟ ନୁହେଁ ବୋଲି ଧରିହେବ ନାହିଁ ।

---

(୮) ମାଣ୍ଡୂକ୍ୟ ମନ୍ତ୍ର – ୬
(୯) ମାଣ୍ଡୂକ୍ୟ ମନ୍ତ୍ର – ୭

Digitized by srujanika@gmail.com

ଅଲକ୍ଷଣଂ — ଅନୁମାନ-ପ୍ରମାଣ ଗ୍ରାହ୍ୟ କିଛି ଲକ୍ଷଣ ନାହିଁ ।

ଅବ୍ୟପଦେଶ୍ୟଂ — ଶବ୍ଦ ପ୍ରମାଣର ବିଷୟ ନୁହେଁ ବୋଲି ଅବର୍ଣ୍ଣନୀୟ ।

ଅବ୍ୟବହାର୍ଯ୍ୟଂ — ଉପମାନପ୍ରମାଣର ବିଷୟ ନୁହେଁ କାରଣ ତତ୍ସଦୃଶ ଆଉ କିଛି ନାହିଁ ।

ଅଚିନ୍ତ୍ୟଂ — ସର୍ବବିଧ ପ୍ରମାଣାତୀତ ।

ପ୍ରପଞ୍ଚୋପଶମଂ — ଜାଗ୍ରତ୍, ସ୍ୱପ୍ନ ଓ ସୁଷୁପ୍ତିର ଅତୀତ ।

ଅଦ୍ୱୈତଂ — ଦ୍ୱିତୀୟ ରହିତ । ସଜାତୀୟ-ବିଜାତୀୟ-ସ୍ୱଗତଭେଦ ଶୂନ୍ୟ ।

ଉପର୍ଯ୍ୟୁକ୍ତ ଅଭାବବାଚି ବିଶେଷଣ ସହିତ ତିନୋଟି ଭାବବାଚି ବିଶେଷଣ – ଶାନ୍ତ, ଶିବ ତଥା ଏକାତ୍ମ ପ୍ରତ୍ୟୟ ସାର ଅର୍ଥାତ୍ ସର୍ବତ୍ର ଏକ ଆତ୍ମା ବୋଲି ପ୍ରତ୍ୟୟ ବା ବିଶ୍ୱାସ ହିଁ ହେଉଛି ସାରକଥା ।

– 'ସ ଆତ୍ମା ସ ବିଜ୍ଞେୟଃ' – ସେ ଆତ୍ମା, ସେ ହିଁ ବିଶେଷଜ୍ଞାନର ଯୋଗ୍ୟ ।

ତୁରୀୟ ଆତ୍ମା :

ଚତୁର୍ ଶବ୍ଦରୁ ପୂରଣାର୍ଥକ ଈୟ (ଛ) ପ୍ରତ୍ୟୟ କଲେ (ଚତୁର ଛ୍ୟତାବାଦ୍ୟକ୍ଷରଲୋପଶ୍ଚ – ବାର୍ତ୍ତିକ ବଚନରେ) ଆଦ୍ୟକ୍ଷର ଲୋପ ହୋଇ 'ତୁରୀୟ' ଶବ୍ଦଟିର ଅର୍ଥ ଚତୁର୍ଥ । ଏଣୁ ଜାଗ୍ରତ୍ ସ୍ୱପ୍ନ ଓ ସୁଷୁପ୍ତି ଅବସ୍ଥାତ୍ରୟରେ ଯଥାକ୍ରମେ ବ୍ୟଷ୍ଟି ଭାବରେ ବିଶ୍ୱ, ତୈଜସ ଓ ପ୍ରାଜ୍ଞ ଉପାଧିଯୁକ୍ତ ତଥା ସମଷ୍ଟି ଭାବରେ ବିରାଟ୍, ହିରଣ୍ୟଗର୍ଭ ଓ ଈଶ୍ୱର ଭାବରେ ଉପାଧିଯୁକ୍ତଠାରୁ ଅଲଗା ଚତୁର୍ଥ ବା ଆଉ ଏକ ଅନୁପହିତ ଚୈତନ୍ୟ ହେଉଛି ଆତ୍ମା – 'ଯଦନୁପହିତଂ ଚୈତନ୍ୟଂ ତତ୍ ତୁରୀୟମ୍' (ବେଦାନ୍ତସାର) । ସର୍ବତ୍ର ବ୍ୟାପ୍ତ ଏହି ଆତ୍ମାର ତ୍ୱରଣକୁ ଲକ୍ଷ୍ୟ କରି ବୋଧହୁଏ ନିରୁକ୍ତ (୧୩/୯)ରେ ଏହାକୁ 'ତ୍ୱରତି'ରୁ ନିଷ୍ପନ୍ନ କରାଯାଇଛି । ଏହା ଏକ 'ଉତ୍ତରଣ ଅବସ୍ଥା'ର କଥା ହୋଇଥିବାରୁ ଏହାର 'ତୃ' ଧାତୁର 'ପ୍ଲବନ ଓ ତରଣ' ଅର୍ଥ ସହିତ ମଧ୍ୟ ସମ୍ବନ୍ଧ ରହିଛି ।

ସମସ୍ତଙ୍କ ସ୍ୱରୂପ ଏହି ଆତ୍ମା ପରମପ୍ରେମାସ୍ପଦ କାରଣ 'ଆତ୍ମନସ୍ତୁ କାମାୟ ସର୍ବଂ ପ୍ରିୟଂ ଭବତି' – ଆତ୍ମାର କାମ ବା ଇଚ୍ଛାବଶତଃ ସବୁ ପ୍ରିୟ ମନେହୁଏ ବୋଲି ବୃହଦାରଣ୍ୟକୋପନିଷଦ୍‌ରେ କୁହାଯାଇଛି । ଏହି ଆତ୍ମାର ଚାରିପାଦ ସହିତ ବ୍ରହ୍ମବାଚକ ଓଁକାରର ସାମଞ୍ଜସ୍ୟ ନିମ୍ନପ୍ରକାରେ ଲକ୍ଷିତ ହୁଏ ।

ଆତ୍ମାର	୧ମ ପାଦ – ଜାଗ୍ରତ୍	– ବୈଶ୍ୱାନର	ଓଁକାରର	ଅ (୧/୧୯)	– ବିଷ୍ଣୁ-ସୁଦର୍ଶନ
	୨ୟ ପାଦ – ସ୍ୱପ୍ନ	– ତୈଜସ		ଉ (୧/୨୦)	– ଶିବ-ବଳଭଦ୍ର
	୩ୟ ପାଦ – ସୁଷୁପ୍ତି	– ପ୍ରାଜ୍ଞ		ମ (୧/୨୧)	– ବ୍ରହ୍ମା-ସୁଭଦ୍ରା
	୪ର୍ଥ ପାଦ – ତୁରୀୟ	– ଶିବ/ଶକ୍ତି		ଓଁ	– ଜଗନ୍ନାଥ

ସୋଽୟମାତ୍ମା ୧୦ – ସେହି ଓଁକାର ହିଁ ଆତ୍ମା । ଏହା ଅକ୍ଷରକୁ (ଅଧିକୃତ୍ୟ) ଆଶ୍ରୟ କରି ବା ଅକ୍ଷରରେ ପ୍ରକାଶ କଲେ ଓଁ ଅଟେ । ଏହି ଓଁ କେବଳ ଅବିନାଶଶୀଳ ଅକ୍ଷର

Digitized by srujanika@gmail.com

ନୁହେଁ, ଏହା ଅକ୍ଷରରୁ ଅଧିକ – ଅଧ୍ୟକ୍ଷର ଅଟେ । ଆତ୍ମାର ତିନିପାଦ (ବା ଅବସ୍ଥା) ହିଁ ଓଁକାରର ମାତ୍ରା ଏବଂ ଓଁକାର ମାତ୍ରା ହିଁ ଆତ୍ମାର ପାଦ । କିନ୍ତୁ ଅ, ଉ, ମ ର ସମାହାର ଓଁକାର ମାତ୍ରା (ମାପ)ରୁ ଅଧିକ ଅମାତ୍ର ବା ଅପରିମିତ ।[10]

ବୈଶ୍ୱାନର ଅକାର :

ଜାଗ୍ରତ୍-ଅବସ୍ଥାରେ ଅନୁଭୂତ ସମଷ୍ଟି ଓ ବ୍ୟଷ୍ଟିରୂପ ଆତ୍ମାର ବୈଶ୍ୱାନର ନାମକ ପ୍ରଥମ ପାଦ ହିଁ ଓଁ କାରର ପ୍ରଥମ ମାତ୍ରା – ଅ-କାର । ଏହା ସବୁର ଆଦି ଓ ସର୍ବତ୍ର ବ୍ୟାପ୍ତ କାରଣ ଅକାର ଦ୍ୱାରା ବିଶ୍ୱର ଯାବତୀୟ ଅକ୍ଷର ପରିବ୍ୟାପ୍ତ – 'ଅକାରୋ ବୈ ସର୍ବା ବାକ୍' (ଐତରେୟ ଆରଣ୍ୟକ ୨।୩।୬) । ସ୍ଥୂଳଦେହର ବୈଶ୍ୱାନର ଚୈତନ୍ୟ ସମସ୍ତ ଜଗତ୍‌ରେ ବ୍ୟାପିରହିଥିବାରୁ ଏହା ସବୁଥିର ଆଦି ବା ପ୍ରଥମ ବୋଲି ରହସ୍ୟ ଯେ ଜାଣେ ସେ ସକଳ କାମ୍ୟ ବସ୍ତୁ ଲାଭ କରେ । 'ବିଷ୍ଲୃ – ବ୍ୟାପ୍ତୌ' ଧାତୁରୁ ଉତ୍ପନ୍ନ 'ବିଷ୍ଣୁ' ଶବ୍ଦଟି ମଧ୍ୟ ଏହି ବ୍ୟାପନଶୀଳ ଅ-କାର ଅଟେ ।[11]

ତୈଜସ ଉ-କାର :

ସ୍ୱପ୍ନସ୍ଥାନ ତୈଜସପାଦ ଓଁକାରର ଦ୍ୱିତୀୟ ମାତ୍ରା ଉ-କାର । ଉତ୍କୃଷ୍ଟ ତଥା ଅ-କାର ଓ ମ-କାରର ମଝିରେ ରହି ଉଭୟଙ୍କୁ ମିଳାଉଥିବାରୁ (ଉତ୍କର୍ଷାତ୍ ଉଭୟତ୍ୱାଦ୍ ବା) – ଏହା 'ଉ' । ଏହି ଉ-କାର ଭଳି ତୈଜସ ମଧ୍ୟ ବିଶ୍ୱ ଓ ପ୍ରାଜ୍ଞର ମଧ୍ୟରେ ଅବସ୍ଥିତ ଏବଂ ସ୍ଥୂଳ ବିଶ୍ୱ ଅପେକ୍ଷା ସୂକ୍ଷ୍ମ-ସ୍ୱରୂପ ଅଟେ । ଏହାର ଉପାସନା ଯେ ଜାଣେ, ସେ ସମତ୍ୱ ବୁଦ୍ଧିସମ୍ପନ୍ନ ହୁଏ ଏବଂ ତା' କୁଳରେ କେହି ବ୍ରହ୍ମଜ୍ଞାନହୀନ ହୁଅନ୍ତି ନାହିଁ ।[12]

ପ୍ରାଜ୍ଞ ମ-କାର :

ସୁଷୁପ୍ତି ସ୍ଥାନ ପ୍ରାଜ୍ଞ ହିଁ ଓଁକାରର ତୃତୀୟ ମାତ୍ରା ମ-କାର ହେଉଛି ମାପ ବା ପରିମାଣ ତଥା ଇତି ବା ଅନ୍ତ (ଶେଷ)ରେ ଅବସ୍ଥିତ (ମିତେରପୀତେର୍ବା) । ସୁଷୁପ୍ତି ସମୟରେ ପ୍ରାଜ୍ଞରେ ବିଶ୍ୱ ଓ ତୈଜସ ଏକୀଭୂତ ହୋଇଯାଏ । ଓଁକାର ଉଚ୍ଚାରଣରେ ଅ-କାର ଓ ଉ-କାର ଉଭୟ ମ-କାରରେ ପ୍ରବେଶ କରି ଏକ ହୋଇଯାଏ । ଏହି ତତ୍ତ୍ୱ ରହସ୍ୟ ଯେ ଜାଣେ ସେ ବିଶ୍ୱ ରହସ୍ୟକୁ ଯଥାର୍ଥଭାବେ ଜାଣେ ।[13]

ସର୍ବଶେଷ ମନ୍ତ୍ରରେ ଓଁକାରର ତୁରୀୟ ଭାବ ସମ୍ବନ୍ଧରେ କୁହାଯାଇଛି – 'ଅମାତ୍ରଶ୍ଚତୁର୍ଥୋଽବ୍ୟବହାର୍ଯ୍ୟଃ ପ୍ରପଞ୍ଚୋପଶମଃ ଶିବୋଽଦ୍ୱୈତ ଏବମୋଙ୍କାର ଆତ୍ମୈବ' – ଅର୍ଥାତ୍ ଆତ୍ମାର ଅମାତ୍ର ଚତୁର୍ଥପାଦ ଅବ୍ୟବହାର୍ଯ୍ୟ ଅଟେ କାରଣ ଏଠାରେ ପ୍ରପଞ୍ଚର କ୍ରିୟାତ୍ମକ ବ୍ୟବହାର ଉପଶମ ହୋଇଯାଏ ଏବଂ ଶିବ ବା ମଙ୍ଗଳମୟ ଅଦ୍ୱୈତ

---

(୧୦) ମାଣ୍ଡୂକ୍ୟ ମନ୍ତ୍ର – ୮
(୧୧) ମାଣ୍ଡୂକ୍ୟ ମନ୍ତ୍ର – ୯
(୧୨) ମାଣ୍ଡୂକ୍ୟ ମନ୍ତ୍ର – ୧୦
(୧୩) ମାଣ୍ଡୂକ୍ୟ ମନ୍ତ୍ର – ୧୧

Digitized by srujanika@gmail.com

ଓଁକାର ଆତ୍ମତତ୍ତ୍ୱ ପ୍ରତିଭାତ ହୋଇଥାଏ । ବସ୍ତୁତଃ ତିନୋଟି ଅବସ୍ଥାର ପରବର୍ତ୍ତୀକୁ ଚତୁର୍ଥ ବୋଲି କୁହାଗଲେ ମଧ ଏହା କାର୍ଯ୍ୟକାରଣ ଭାବରୁ ବିଲକ୍ଷଣ ହେତୁ ଅମାତ୍ର ଅଟେ ।"

ଆଗମ ପ୍ରକରଣ :

ଉପର୍ଯୁକ୍ତ ବାରଗୋଟି ମାଣ୍ଡୂକ୍ୟ ଶ୍ରୁତିର ମୂଳ ଗଦ୍ୟାଂଶ ସହିତ ୨୯ଟି କାରିକା ମିଶାଇ ଗୌଡ଼ପାଦ 'ଆଗମପ୍ରକରଣ' କରିଛନ୍ତି । ଆ – ସମନ୍ତାତ୍ (ସବୁଆଡୁ ଭଲଭାବରେ) ଗମ୍ୟତେ (ଗମ୍ୟ ହୁଏ ବା ଜଣାଯାଏ) ଯତ୍ (ଯେଉଁ ବ୍ରହ୍ମ) ତତ୍ (ସେହି ପ୍ରକରଣ 'ଆଗମ ପ୍ରକରଣ' ଅଟେ । ଏହି ଆଗମପ୍ରକରଣରେ ଷଷ୍ଠମନ୍ତ୍ର ପରେ ୧ମରୁ ୯ଟି କାରିକା, ସପ୍ତମ ମନ୍ତ୍ରପରେ ୧୦ମରୁ ୧୮ଶ କାରିକା, ଏକାଦଶ ମନ୍ତ୍ର ପରେ ୧୯ଶ ରୁ ୨୩ଶ କାରିକା ଏବଂ ଦ୍ୱାଦଶମନ୍ତ୍ର ପରେ ୨୪ଶ ରୁ ୨୯ଶ କାରିକା ମଧରେ ଏକାକ୍ଷର ବ୍ରହ୍ମ ଓଁ ହିଁ ସବୁ କିଛି କହି ଓଁକାର ଚାରିପାଦ ଓ ତୁରୀୟର ସ୍ୱରୂପ ତଥା ଓଁକାର ମାତ୍ରାତ୍ରୟ ସହ ଅବସ୍ଥାତ୍ରୟର ସାମଞ୍ଜସ୍ୟକୁ ଯେପରି ଦେଖାଇଛନ୍ତି ତାକୁ ନିମ୍ନଲିଖିତ ପ୍ରକାରେ ସାରିଣୀରେ ପ୍ରଦର୍ଶିତ କରାଯାଇପାରେ –

ମାତ୍ରା	କାରଣ		କାର୍ଯ୍ୟପାଦ		ପ୍ରଜ୍ଞା	ଭୋଗ/ତୃପ୍ତି	ଜୀବର ସ୍ଥାନ
	ଅବସ୍ଥା	ଶରୀର	ବ୍ୟଷ୍ଟି	ସମଷ୍ଟି			
ଅ	ଜାଗ୍ରତ୍	ସ୍ଥୂଳ	ବିଶ୍ୱ ୭ ଅଙ୍ଗ, ୨୧ ମୁଖ	ବିରାଟ୍	ବହିଃପ୍ରଜ୍ଞ	ସ୍ଥୂଳଭୁକ୍	ଦକ୍ଷିଣାକ୍ଷି
ଉ	ସ୍ୱପ୍ନ	ସୂକ୍ଷ୍ମ	ତୈଜସ ୭ ଅଙ୍ଗ, ୨୧ ମୁଖ	ଶବ୍ଦାଦି ବିଷୟ ବିହୀନ କେବଳ ପ୍ରକାଶ ସ୍ୱରୂପ ହିରଣ୍ୟଗର୍ଭ	ଅନ୍ତଃପ୍ରଜ୍ଞ	ପ୍ରବିବିକ୍ତଭୁକ୍	କଣ୍ଠ
ମ	ସୁଷୁପ୍ତି	କାରଣ	ପ୍ରାଜ୍ଞ	ଈଶ୍ୱର	ପ୍ରଜ୍ଞାନଘନ	ଆନନ୍ଦଭୁକ୍	ମନଃହୃଦୟ

ଉପର୍ଯ୍ୟୁକ୍ତ ପ୍ରପଞ୍ଚରୁ ତୁରୀୟ ଓଁ ଅମାତ୍ର ଆତ୍ମା ବ୍ରହ୍ମ – କାରଣ ନୁହେଁ କି କାର୍ଯ୍ୟ ନୁହେଁ – କେବଳ ସାକ୍ଷୀ ମାତ୍ର କାରଣ ଅଦୃଷ୍ଟ ପରମାର୍ଥତତ୍ତ୍ୱ ଦୃଷ୍ଟ ପ୍ରପଞ୍ଚରୁ ବିଲକ୍ଷଣ ହେଲେହେଁ ଏହାର ଅନୁଗତ ଓ ଅଧିଷ୍ଠାନ ଅଟେ । ଅଧିଷ୍ଠାନ ବିନା କୌଣସି ଭ୍ରମ ସମ୍ଭବ ନୁହେଁ । ରଜ୍ଜୁଟିଏ ରହିଛି ବୋଲି ତ' ସେଥିରେ ସର୍ପର ଭ୍ରମ ହେଉଛି । ଏଣୁ ଏହି ପ୍ରପଞ୍ଚ ଭ୍ରମ-ର

(୧୪) ମାଣ୍ଡୂକ୍ୟ ମନ୍ତ୍ର – ୧୨

Digitized by srujanika@gmail.com

ମଧ୍ୟ ଏକ ଅଧିଷ୍ଠାନ ରହିଛି ଏବଂ ତାହା ହେଉଛି 'ତୁରୀୟ' । 'ତୁରୀୟ' ନିତ୍ୟ, ଶୁଦ୍ଧ, ଜ୍ଞାନସ୍ୱରୂପ, ସର୍ବାତ୍ମା ଓ ସର୍ବସାକ୍ଷୀ ଅଟେ । ସେ ପ୍ରକାଶସ୍ୱରୂପ ଅଟେ । ସେଥିରେ ଅନ୍ୟଥାଗ୍ରହଣ-ରୂପ ସ୍ୱପ୍ନ ଓ ତତ୍ତ୍ୱାଗ୍ରହଣରୂପ ସୁଷୁପ୍ତିର ସର୍ବଥା ଅଭାବ ଥାଏ । ଯେଉଁ ସମୟରେ ଅନାଦି ମାୟାରେ ସୁପ୍ତ ଜୀବ ଜାଗ୍ରତ୍ ହୁଏ ଅର୍ଥାତ୍ ତତ୍ତ୍ୱଜ୍ଞାନ ଲାଭ କରେ, ସେହି ସମୟରେ ତାକୁ ଏହି ଜନ୍ମ-ସ୍ୱପ୍ନ-ନିଦ୍ରା-ରହିତ ଅଦ୍ୱୈତ ତତ୍ତ୍ୱର ବୋଧ ହୋଇଥାଏ ।[୧୫]

ବୈତଥ୍ୟ ପ୍ରକରଣ :

ଉପର୍ଯ୍ୟୁକ୍ତ ପ୍ରକାରେ 'ଆଗମ ପ୍ରକରଣ'ରେ ବସ୍ତୁ ନିର୍ଦ୍ଦେଶ କରି ଜୀବ ଓ ବ୍ରହ୍ମର ଏକତ୍ୱ ତଥା ପ୍ରପଞ୍ଚର ମାୟାମୟତ୍ୱ ପ୍ରତିପାଦନ କରିବା ପରେ 'ବୈତଥ୍ୟ ପ୍ରକରଣ'ରେ ସଂସାରକୁ ବିତଥ ବା ମିଥ୍ୟା ବୋଲି କହିବାକୁ ଯାଇ ସେ ସବୁର ଯୁକ୍ତିକୁ ସୋପପତ୍ତିକ ପୁଷ୍ଟ କରାଯାଇଛି ।

ପ୍ରଥମେ ସ୍ୱପ୍ନ ଦୃଶ୍ୟର ମିଥ୍ୟାତ୍ୱ ପ୍ରତିପାଦନ କରାଯାଇଛି କାରଣ ସ୍ୱପ୍ନର ଅନୁଭବ ଦେହ ଭିତରେ ଥିବା ନାଡ଼ି ବିଶେଷ ଦେଇ ହୋଇଥାଏ । ସ୍ୱପ୍ନରେ ଦେଖାଯାଉଥିବା ହାତୀ, ପର୍ବତ ପ୍ରଭୃତି ସେ ନାଡ଼ିଭିତରେ ରହିବା ଅସମ୍ଭବ । ସ୍ୱପ୍ନାବସ୍ଥାରେ ଜୀବ ଦେହରୁ ବାହାରିଯାଇ କ୍ଷଣକେ ସହସ୍ର ଯୋଜନ ଯାଇ ସ୍ୱାପ୍ନ ପଦାର୍ଥକୁ ଦେଖିବା ମଧ୍ୟ ସମ୍ଭବ ନୁହେଁ କାରଣ ସ୍ୱପ୍ନାବସ୍ଥାରେ ସେ ଯେଉଁମାନଙ୍କୁ ଦେଖିଥାଏ, ଜାଗ୍ରଦବସ୍ଥାରେ ସେମାନେ ନ ଥାଆନ୍ତି । ଏହିପରି ବିଭିନ୍ନ ଯୁକ୍ତିରେ ସ୍ୱପ୍ନର ମିଥ୍ୟାତ୍ୱ ସିଦ୍ଧ କଲା ପରେ ଅନୁରୂପ ଭାବରେ ଜାଗ୍ରତ୍କାଳୀନ ଦୃଶ୍ୟର ମଧ୍ୟ ମିଥ୍ୟାତ୍ୱ ପ୍ରତିପାଦଚ କରାଯାଇଛି । ଜାଗ୍ରତ୍ ଓ ସ୍ୱପ୍ନ – ଉଭୟ ଅବସ୍ଥାର ମିଥ୍ୟାତ୍ୱ ସିଦ୍ଧ ପରେ ପ୍ରଶ୍ନ ହୁଏ ଯେ, ତେବେ ବାହ୍ୟ ଓ ଚିତ୍ତକଳ୍ପିତ ଦୃଶ୍ୟମାନଙ୍କୁ ଦେଖେ କିଏ ? ଏହାର ଉତ୍ତରରେ କାରିକା (୨/୧୨) କାର କହନ୍ତି – 'ଆତ୍ମଦେବ ନିଜ ମାୟାରେ ନିଜ ଦ୍ୱାରା ନିଜକୁ କଳ୍ପନା କରେ ଓ ଭେଦସବୁ ସେ ହିଁ ବୁଝେ ।'[୧୬] ଏପରି ପ୍ରପଞ୍ଚ ପ୍ରତୀତିର କାରଣ ହେଉଛି ମାୟା । ମାୟାର ମହିମାରୁ ଆତ୍ମା ହିଁ ଅବ୍ୟକ୍ତ ବାସନା ରୂପରେ ସ୍ଥିତଭେଦ ସମୂହକୁ ବ୍ୟକ୍ତ କରେ । ଏହି ମାୟା ସତ୍ ନୁହେଁ, ଅସଦ୍ ନୁହେଁ କି ସଦସତ୍ ନୁହେଁ; ଭିନ୍ନ ନୁହେଁ, ଅଭିନ୍ନ ନୁହେଁ କି ଭିନ୍ନାଭିନ୍ନ ନୁହେଁ; ସାବୟବ ନୁହେଁ, ନିରବୟବ ନୁହେଁ କି ଉଭୟରୂପ ନୁହେଁ ।[୧୭] ବସ୍ତୁତଃ ସ୍ୱାତ୍ମବିସ୍ମୃତି

---

(୧୫) ଅନାଦିମାୟୟା ସୁପ୍ତୋ ଯଦା ଜୀବଃ ପ୍ରବୁଧ୍ୟତେ ।
ଅଜମନିଦ୍ରମସ୍ୱପ୍ନମଦ୍ୱୈତଂ ବୁଧ୍ୟତେ ତଦା ॥ (ଗୌଡ଼ପାଦ କାରିକା ୧/୧୬)

(୧୬) କଳ୍ପୟତ୍ୟାତ୍ମନାତ୍ମାନମାତ୍ମା ଦେବଃ ସ୍ୱମାୟୟା ।
ସ ଏବ ବୁଧ୍ୟତେ ଭେଦାନିତି ବେଦାନ୍ତନିଶ୍ଚୟଃ ॥ (ଗୌଡ଼ପାଦକାରିକା ୨।୧୨)

(୧୭) ସନ୍ନାପ୍ୟସନ୍ନାପ୍ୟୁଭୟାତ୍ମିକା ନୋ ଭିନ୍ନାପ୍ୟଭିନ୍ନାପ୍ୟୁଭୟାତ୍ମିକା ନୋ ।
ସାଙ୍ଗାପ୍ୟନଙ୍ଗାପ୍ୟୁଭୟାତ୍ମିକା ନୋ ମହାଦ୍ଭୁତାନିର୍ବଚନୀୟରୂପା ॥

Digitized by srujanika@gmail.com

ହିଁ ମାୟା ଏବଂ ସ୍ୱାତ୍ମ-ଜ୍ଞାନରେ ହିଁ ଏହାର ନିବୃତ୍ତି । ଯେପରି ସାମାନ୍ୟ ଅନ୍ଧକାରରେ ରଜ୍ଜୁତତ୍ତ୍ୱର ଅନିଶ୍ଚୟତା ଯୋଗୁଁ ସର୍ପ, ଧାରା, ଭୂଛିଦ୍ର ଆଦି ଅନେକ ବିକଳ୍ପ ଦେଖାଦେଇଥାଏ କିନ୍ତୁ ରଜ୍ଜୁଜ୍ଞାନ ହେବାମାତ୍ରେ କେବଳ ରଜ୍ଜୁ ହିଁ ଅବଶେଷ ରହେ ।[୧୮] ଠିକ୍ ସେହିପରି ମାୟା-ମୋହିତ ଜୀବକୁ ହିଁ ଭେଦପ୍ରପଞ୍ଚର ଭ୍ରାନ୍ତି ହୋଇଥାଏ କିନ୍ତୁ ମାୟା ତିରୋହିତ ହୋଇଗଲେ ପ୍ରପଞ୍ଚ ହଟିଯାଏ ଏବଂ ଏକ ଅଖଣ୍ଡ ଅଦ୍ୱୈତ ବସ୍ତୁ ହିଁ ଅବଶେଷରେ ପ୍ରତିପନ୍ନ ହୁଏ – 'ପ୍ରପଞ୍ଚୋପଶମୋଽଦ୍ୱୟଃ' (୨।୩୫) ।

ଏହି ପ୍ରସଙ୍ଗରେ ଗୌଡ଼ପାଦ ପ୍ରାଣାତ୍ମବାଦ, ଭୂତାତ୍ମବାଦ, ଗୁଣାତ୍ମବାଦ, ତତ୍ତ୍ୱାତ୍ମବାଦ, ପାଦାତ୍ମବାଦ, ବିଷୟାତ୍ମବାଦ, ଲୋକାତ୍ମବାଦ, ଦେବାତ୍ମବାଦ ଓ ଯଜ୍ଞାତ୍ମବାଦ ପ୍ରଭୃତି ଅନେକ ମତବାଦ[୧୯] ର ଉଲ୍ଲେଖ କରି ନିଷ୍କର୍ଷରେ ଗୀତାର 'ଯଂ ଯଂ ବାପି ସ୍ମରନ୍ ଭାବଂ'କୁ ଦୋହରାଇ କହିଛନ୍ତି –

ଯଂ ଭାବଂ ଦର୍ଶୟେଦ୍ ଯସ୍ୟ ତଂ ଭାବଂ ସ ତୁ ପଶ୍ୟତି ।
ତଂ ଚାବତି ସ ଭୂତ୍ୱାସୌ ତଦ୍ ଗ୍ରହଃ ସମୁପୈତି ତମ୍ ॥[୨୦]

ଅର୍ଥାତ୍ ଗୁରୁ ଯାହାକୁ ଯେଉଁ ଭାବର ଶିକ୍ଷା ଦିଅନ୍ତି, ସେ ସେହି ଭାବରେ ତନ୍ମୟ ହୋଇ ସେହି ଭାବକୁ ଦେଖିଥାଏ, ସେହି ଭାବକୁ ରକ୍ଷା କରି ତଦ୍ରୂପ ହୋଇ, ସେଥିରେ ଗୃହୀତ ବା ଅଭିନିବିଷ୍ଟ ହୋଇ ତାହାକୁ ବା ସେହି ଆତ୍ମଭାବକୁ ହିଁ ପାଇଥାଏ । ସେହି ଆତ୍ମତତ୍ତ୍ୱବିଦ୍ ବିଭିନ୍ନ ଭାବ ଭିତରେ ଏକାତ୍ମର ସୂତ୍ର ବା ସଂହତି ଦେଖିଥାଏ ।[୨୧] ବସ୍ତୁତଃ ବେଦାନ୍ତରେ ବିଚକ୍ଷଣ ବ୍ୟକ୍ତି ଏହି ବିଶ୍ୱକୁ ସ୍ୱପ୍ନ, ମାୟା ଓ ଗନ୍ଧର୍ବନଗର ଭଳି ଅଳୀକ ଦୃଷ୍ଟିରେ ଦେଖି ପରମାର୍ଥ ସ୍ଥିର କରି କହନ୍ତି –

ନ ନିରୋଧୋ ନ ଚୋତ୍ପତ୍ତିର୍ନବଦ୍ଧୋ ନ ଚ ସାଧକଃ ।
ନ ମୁମୁକ୍ଷୁର୍ନ ବୈ ମୁକ୍ତ ଇତ୍ୟେଷା ପରମାର୍ଥତା ॥ (ଗୌଡ଼ପାଦ ୨।୩୨)

ଅର୍ଥାତ୍, ଏକ ଅଖଣ୍ଡ ଚିଦ୍‌ଘନ ବସ୍ତୁ ଛଡ଼ା ଆଉ କିଛି ନାହିଁ– ନିରୋଧ ନାହିଁ କି ଉତ୍ପତ୍ତି ନାହିଁ, ବଦ୍ଧ ନାହିଁ କି ସାଧକ ନାହିଁ, ମୁମୁକ୍ଷୁ ନାହିଁ କି ମୁକ୍ତ ନାହିଁ– ଏହାହିଁ ପରମାର୍ଥତା ବା ସବୁ ସାଧନାର ଶେଷ କଥା । କିନ୍ତୁ ଏହି ତତ୍ତ୍ୱ ଅତ୍ୟନ୍ତ ଦୁର୍ଦର୍ଶ ଅର୍ଥାତ୍ ଦେଖିବାକୁ ମିଳେ ନାହିଁ କାରଣ ବ୍ୟାବହାରିକ ଜଗତ୍‌ରେ ଜୀବର ଦୃଷ୍ଟି ଏପରି ବ୍ୟବହାରାତୀତ ବସ୍ତୁ ପର୍ଯ୍ୟନ୍ତ

---

(୧୮) ଅନିଶ୍ଚିତା ଯଥା ରଜ୍ଜୁରନ୍ଧକାରେ ବିକଳ୍ପିତା ।
ସର୍ପଧାରାଦିଭିର୍ଭାବୈସ୍ତଦ୍ୱଦାତ୍ମା ବିକଳ୍ପିତଃ ॥
ନିଶ୍ଚିତାୟାଂ ଯଥା ରଜ୍ଜ୍ୱାଂ ବିକଳ୍ପୋ ବିନିବର୍ତ୍ତତେ ।
ରଜ୍ଜୁରେବେତି ଚାଦ୍ୱୈତଂ ତଦ୍ୱଦାତ୍ମ ବିନିଶ୍ଚୟଃ ॥ (ଗୌଡ଼ପାଦକାରିକା ୨।୧୭,୧୮)

(୧୯) ଗୌ. କାରିକା (୨।୧୯-୨୮)

(୨୦) ଗୌ. କାରିକା (୨।୨୯)

(୨୧) ଗୌଡ଼ପାଦକାରିକା (୨।୩୦)

Digitized by srujanika@gmail.com

ପହଞ୍ଚିବା ଅତି କଠିନ । ବୀତରାଗଭୟକ୍ରୋଧ ଯେଉଁ ତତ୍ତ୍ୱଜ୍ଞ ଏ ଭାବରେ ଜଡ଼ି ଅଦ୍ୱୈତ ଦୃଷ୍ଟିସମ୍ପନ୍ନ ହୁଅନ୍ତି ସେମାନେ ସଂସାରରେ ଜଡ଼ ଭଳି ଆଚରଣ କରନ୍ତି ।'' ସେମାନେ କେଉଁ ଦେବତାର ସ୍ତୁତି କରନ୍ତି ନାହିଁ କି କେଉଁ ଦେବତାକୁ ନମସ୍କାର କରନ୍ତି ନାହିଁ କି ସ୍ୱଧାକାରରେ ପିତୃକର୍ମ ବା ସ୍ୱାହାରେ ଯଜ୍ଞକର୍ମ କରନ୍ତି ନାହିଁ ଏବଂ ଚଳ (ଶରୀର) ଓ ଅଚଳ (ଆତ୍ମା)ରେ ବାସ କରୁଥିବା ତତ୍ତ୍ୱଦ୍ରଷ୍ଟା ଯତି ଯାଦୃଚ୍ଛିକ (ଅନାୟାସଲବ୍ଧ ବସ୍ତୁଦ୍ୱାରା ସନ୍ତୁଷ୍ଟ) ରହନ୍ତି ।[୨୩]

ଅଦ୍ୱୈତ ପ୍ରକରଣ :

ବୈତଥ୍ୟ ପ୍ରକରଣରେ ସଯୁକ୍ତିକ ଦ୍ୱୈତାଭାବ– ପ୍ରତିପାଦନ ପରେ ଆଗମ ପ୍ରକରଣରେ ଶାସ୍ତ୍ରପ୍ରମାଣସିଦ୍ଧ ଅଦ୍ୱୈତ ତତ୍ତ୍ୱକୁ ସଯୁକ୍ତିକ ସିଦ୍ଧ କରିବା ସକାଶେ ଅଦ୍ୱୈତ ପ୍ରକରଣ ପ୍ରସ୍ତୁତ ହୋଇଛି । ଆରମ୍ଭରୁ ହିଁ କୁହାଯାଇଛି ଯେ, 'ମୋର ଉପାସ୍ୟ ଅନ୍ୟ ଏବଂ ମୁଁ ଅନ୍ୟ'– ଏହିପରି ଉପାସନାଶ୍ରିତ ଧର୍ମ ଜାତ ବ୍ରହ୍ମ (ବା କାର୍ଯ୍ୟବ୍ରହ୍ମ)ରେ ଥାଏ କିନ୍ତୁ ଉତ୍ପତ୍ତି ପୂର୍ବରୁ ସମଗ୍ର ଜଗତ୍ ଅଜ ବା ଅଜାତବ୍ରହ୍ମସ୍ୱରୂପ ଅଟେ । ଏଣୁ ଉପାସନାଶ୍ରିତ ଧର୍ମକୁ କୃପଣ କୁହାଯାଇଛି ଅର୍ଥାତ୍ କାର୍ଯ୍ୟବ୍ରହ୍ମକୁ ଉପାସ୍ୟ ମନେକରୁଥିବା ବ୍ୟକ୍ତି କୃପଣ ବା ଦୀନ ବା ଅଜ୍ଞ ବା କ୍ଷୁଦ୍ର ବୋଲି ଆଚାର୍ଯ୍ୟ ଶଙ୍କର ଅର୍ଥ କରିଛନ୍ତି[୨୪] । ଏହିପରି 'କାର୍ପଣ୍ୟ' କ'ଣ କହିଲା ପରେ 'ଅଜାତିସମତାଂ ଗତଂ' ଅର୍ଥାତ୍ ସମଭାବରେ ସ୍ଥିତ ଅଜାତି-ଅଜନ୍ମା ବସ୍ତୁ ହିଁ 'ଅକାର୍ପଣ୍ୟ' ବୋଲି କୁହାଯାଇଛି ।[୨୫] ଏହାପରେ ଘଟାକାଶାଦିର ଦୃଷ୍ଟାନ୍ତଦ୍ୱାରା ଔପାଧିକ ଭେଦର ଉଲ୍ଲେଖ କରି ଆକାଶସ୍ଥାନୀୟ ଆତ୍ମତତ୍ତ୍ୱର ଅନୁତ୍ପତ୍ତି ଓ ଅସଂଗତା ପ୍ରତିପାଦିତ ହୋଇଛି । ସେଥିରେ କୁହାଯାଇଛି ଯେ, ଯେପରି ଗୋଟାଏ ଘଟାକାଶ ଧୂଳି ଓ ଧୂମରେ ବ୍ୟାପ୍ତ ହେଲେ ଅନ୍ୟାନ୍ୟ ଘଟାକାଶ ବିକୃତ ହୁଏ ନାହିଁ; ସେହିପରି ଗୋଟିଏ ଜୀବର ସୁଖ ଦୁଃଖରେ ସକଳ ଜୀବ ସୁଖୀ-ଦୁଃଖୀ ହୁଅନ୍ତି ନାହିଁ । ପୁଣି ଧୂଳିର ଯେପରି ଆକାଶ ସହିତ ସଂସର୍ଗ ନାହିଁ, ଆତ୍ମାର ସେହିପରି ସୁଖଦୁଃଖାଦି ସହ ସମ୍ପର୍କ ନାହିଁ । ଜୀବର ମରଣ, ଉତ୍ପତ୍ତି, ଗମନାଗମନ ଓ ଅବସ୍ଥାନ ପ୍ରଭୃତି ଦ୍ୱାରା ଆତ୍ମାରେ କୌଣସି ବିଲକ୍ଷଣତା ପରିଲକ୍ଷିତ ହୁଏ ନାହିଁ କାରଣ ଏ ସବୁ ସ୍ୱପ୍ନ ଭଳି ଆତ୍ମ-ମାୟା ଛଡ଼ା ଆଉ କିଛି ନୁହେଁ । ଏଣୁ ଆତ୍ମା ଏକ, ଅଜ, ଅଖଣ୍ଡ ଓ ଅସଂଲଗ୍ନ ବା ନିର୍ଲେପ ଅଟେ । ଏହାକୁ ନେଇ 'ଏକମେବାଦ୍ୱିତୀୟମ୍', 'ଇଦଂ ସର୍ବଂ ଯଦୟମାତ୍ମା' ତଥା 'ଦ୍ୱିତୀୟାଦ୍ ବୈ ଭୟଂ ଭବତି' ଇତ୍ୟାଦି ଶ୍ରୁତିବାକ୍ୟରେ ଅଭେଦ ଦୃଷ୍ଟିର ପ୍ରଶଂସା ଓ ଭେଦଦୃଷ୍ଟିର ନିନ୍ଦା କରାଯାଇଛି । ଯାହା କିଛି ଭେଦ ପରିଲକ୍ଷିତ ହେଉଛି

---

(୨୨) ଗୌଡ଼ପାଦକାରିକା (୨।୩୪-୩୬)
(୨୩) ଗୌଡ଼ପାଦକାରିକା (୨।୩୭-୩୮)
(୨୪) ଉପାସନାଶ୍ରିତୋ ଧର୍ମୋ ଜାତେ ବ୍ରହ୍ମଣି ବର୍ତ୍ତତେ ।
ପ୍ରାଗୁତ୍ପତ୍ତେରଜଂ ସର୍ବଂ ତେନାସୌ କୃପଣଃ ସ୍ମୃତଃ ॥ (ଗୌଡ଼ପାଦକାରିକା ୩।୧)
(୨୫) ଗୌଡ଼ପାଦକାରିକା (୩।୨)

Digitized by srujanika@gmail.com

ସେସବୁ ବ୍ୟବହାରଗତ । ପରମାର୍ଥତଃ ଭେଦ କିଛି ନାହିଁ– ସବୁ ଏକ ଅଭେଦ ଅଦ୍ୱୈତ ତତ୍ତ୍ୱ ଆତ୍ମା ବା ବ୍ରହ୍ମ । ଯାହା ସତ୍ ବା ଅଛି – ତା'ର ଜନ୍ମ ନାହିଁ ଏବଂ ଯା'ର ଜନ୍ମ ଅଛି, ତା'ର ବିନାଶ ମଧ୍ୟ ନିଶ୍ଚୟ ଅଛି– ତେଣୁ ଅସତ୍ । ପୁଣି ଯାହା ଅସତ୍– ତା'ର ବି ଜନ୍ମ ନାହିଁ ଏବଂ ତାହା ଶଶଶୃଙ୍ଗ ଭଳି ଅସମ୍ଭବ ଅଟେ । ଦ୍ୱୈତଜଗତ୍ ମନୋଦୃଶ୍ୟ ଅଟେ । ମନର ଅମନୀଭାବ ହୋଇଗଲେ ଆଉ ତିଳେ ବି ଦ୍ୱୈତ ରହେ ନାହିଁ । ସବୁ ଅଦ୍ୱୈତ, ଅଭେଦ – ଏକ ଆତ୍ମା ବ୍ରହ୍ମ ।

ଅସ୍ପର୍ଶ ଯୋଗ :

ଏହିପରି ଆତ୍ମତତ୍ତ୍ୱର ବୋଧ ଉପରେ ଯେତେବେଳେ ଚିତ୍ତ ସଂକଳ୍ପ ରହିତ ହେବ ସେତେବେଳେ ଅମନସ୍କତାକୁ ପ୍ରାପ୍ତ ହେବ । ଏହା ଚିତ୍ତର ନିରୋଧହେତୁକ 'ଅଗ୍ରହ' ନୁହେଁ ବରଂ ଗ୍ରାହ୍ୟବସ୍ତୁର ଅଭାବହେତୁକ ହୋଇଥାଏ । ଏହାକୁ ବ୍ରହ୍ମାକାରବୃତ୍ତି ବା ବୃତ୍ତିବ୍ୟାପ୍ତି କୁହାଯାଏ । ଏହି ଅବସ୍ଥାର ମାର୍ମିକବର୍ଣ୍ଣନା କାରିକା (୩।୩୩-୩୮)ରେ 'ଅସ୍ପର୍ଶଯୋଗ' ନାମରେ ଗୌଡ଼ପାଦ କରିଛନ୍ତି । ବୃହଦାରଣ୍ୟକ, ଛାନ୍ଦୋଗ୍ୟ ଓ ମାଣ୍ଡୂକ୍ୟରେ ନିହିତ ବୀଜକୁ ହିଁ ଅଙ୍କୁରିତ ଓ ପଲ୍ଲବିତ କରି ଗୌଡ଼ପାଦ ନିଜର ମୌଳିକ ସିଦ୍ଧାନ୍ତକୁ ବୈଶାରଦ୍ୟ, ଅସ୍ପର୍ଶଯୋଗ ବା ଅମନୀଭାବ ନାମରେ ଉପସ୍ଥାପନ କରିଛନ୍ତି । ପ୍ରଭୁ, ଅମାତ୍ର, ତୁରୀୟ, ଅଦ୍ୱୈତ, ଈଶାନ, ବ୍ରହ୍ମ ଇତ୍ୟାଦି ନାମରେ ନିର୍ଦ୍ଦିଷ୍ଟ ଆତ୍ମଦେବ ବୁଦ୍ଧିଗ୍ରାହ୍ୟ ନୁହନ୍ତି ବୋଲି ଅନିର୍ବଚନୀୟ ଅଟନ୍ତି । ନିର୍ବିକଳ୍ପ ବିଶୁଦ୍ଧଜ୍ଞାନ ବା ଅସ୍ପର୍ଶଯୋଗ ବା ବୈଶାରଦ୍ୟ ବା ଅମନୀଭାବରେ ଏହାଙ୍କ ସାକ୍ଷାତ୍କାର ହୋଇଥାଏ । ତୁରୀୟ ନିଜକୁ ଜାଗ୍ରତ୍, ସ୍ୱପ୍ନ ଓ ସୁଷୁପ୍ତି ରୂପରେ ପ୍ରକଟ କଲାବେଳେ; ଅମାତ୍ର ନିଜକୁ ବିଶ୍ୱ, ତୈଜସ ଓ ପ୍ରାଜ୍ଞରୂପରେ ବ୍ୟକ୍ତ କରିଥାଏ । ପ୍ରଣବ (ପ୍ର-ନବ ଅର୍ଥାତ୍ ପ୍ରକୃଷ୍ଟ ନୂତନ ବା ନିତ୍ୟନୂତନ) ବା ଓଁକାର ଏହାର ପ୍ରତୀକ ଅଟେ । ଏହାଙ୍କୁ ହିଁ ଅଭୟବ୍ରହ୍ମ କୁହାଯାଏ । ଏହି ଅଭୟସ୍ଥିତିରେ ଅନ୍ୟ ଯୋଗିଜନ ଭୟ ଆଶଙ୍କା କରିଥା'ନ୍ତି କାରଣ ଏଥିରେ ଅହଙ୍କାରର ଅତ୍ୟନ୍ତଭାବ ହେତୁ ଆତ୍ମନାଶର ସମ୍ଭାବନା ଦେଖାଦେଇଥାଏ । ଏହି ଯୋଗ କେବଳ ଉତ୍ତମ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ । ଏଥିରେ ଯେଉଁମାନଙ୍କର ପ୍ରବେଶ ନାହିଁ, ସେମାନଙ୍କର ଅଭୟ ସ୍ଥିତି, ଦୁଃଖକ୍ଷୟ, ବୋଧ ଓ ଅକ୍ଷୟ ଶାନ୍ତି ମନୋନିଗ୍ରହର ଅଧୀନ ଅଟେ । ଏହି ମନୋନିଗ୍ରହ ସହଜସାଧ୍ୟ ନୁହେଁ । ଏଥିପାଇଁ ଅତ୍ୟନ୍ତ ଉତ୍ସାହ, ଅନବରତ ଅଧ୍ୟବସାୟ ଓ ପରମ ଧୈର୍ଯ୍ୟ ଆବଶ୍ୟକ । ଏଥିରେ ଅନେକ ବିଘ୍ନ ଉପସ୍ଥିତ ହୋଇଥାଏ । ଏସବୁ ବିଘ୍ନନିରାକରଣର ଉପାୟ ମଧ୍ୟ ଗୌଡ଼ପାଦ (କାରିକା ୩।୪୨-୪୫) କହିଛନ୍ତି । ତାଙ୍କ ମତ (କାରିକା ୩।୪୬-୪୭)ରେ ସାଧନ କରୁ କରୁ ଯେତେବେଳେ ଚିତ୍ତବୃତ୍ତି ନିରୁଦ୍ଧ ହୋଇଯାଏ, ସେତେବେଳେ ଅଦ୍ୱୈତତତ୍ତ୍ୱବୋଧ ହୁଏ –

ନ କଶ୍ଚିଜ୍ଜାୟତେ ଜୀବଃ ସମ୍ଭବୋଽସ୍ୟ ନ ବିଦ୍ୟତେ ।
ଏତଦୁତ୍ତମଂ ସତ୍ୟଂ ଯନ୍ନ କିଞ୍ଚିଦ୍ ନ ଜାୟତେ ॥ (କାରିକା ୩।୪୮)

Digitized by srujanika@gmail.com

ଅର୍ଥାତ୍, କୌଣସି ଜୀବ ଜାତ ହୁଅନ୍ତି ନାହିଁ । ଏହାର ସମ୍ଭବ ବା କାରଣ ବି ନାହିଁ । କେହି ଜନ୍ମ ହୁଅନ୍ତି ନାହିଁ । କାରଣ ବ୍ରହ୍ମ ତ ଅଜ, ଜୀବ ବି ଅଜ । ଏହାହିଁ ଉତ୍ତମ ସତ୍ୟ ଅଟେ ।

ଅଲାତ ଶାନ୍ତି ପ୍ରକରଣ :

ଏହାପରେ ଅଲାତ ଶାନ୍ତି ନାମକ ଚତୁର୍ଥ ପ୍ରକରଣରେ ଗୌଡ଼ପାଦ ଅନ୍ୟମତାବଲମ୍ବୀଙ୍କ ପାରସ୍ପରିକ ମତଭେଦ ପ୍ରଦର୍ଶନ କରି ସେଗୁଡ଼ିକୁ ଖଣ୍ଡନ କରିଛନ୍ତି । ଅଲାତ ଶବ୍ଦର ଅର୍ଥ ମଶାଲ ବା ଦିହୁଡ଼ି । ଏହାକୁ ଘୂରାଇଲେ ନିଆଁର ବିଭିନ୍ନ ଆକୃତି ଦେଖାଯାଏ, ମାତ୍ର ଘୂରାଇବା ବନ୍ଦ କରିଦେଲେ ସେସବୁ ଆକୃତି ଦିଶିବା ମଧ ବନ୍ଦ ହୋଇଯାଏ । ମଶାଲ ଭ୍ରମଣରୁ ଏସବୁ ଆକୃତିର ପ୍ରତୀତି ପରି ମନର ଭ୍ରମରୁ ଏ ଦୃଶ୍ୟ ପ୍ରପଞ୍ଚ ବା ସଂସାରର ପ୍ରତୀତି ହୋଇଥାଏ । ମନର ଅମନୀଭାବ ପରେ ଏସବୁ ଚାଲିଯାଏ । କିନ୍ତୁ ପ୍ରପଞ୍ଚର ପ୍ରତୀତି ଓ ଅପ୍ରତୀତି – ଉଭୟ ଭ୍ରାନ୍ତି ଅଟେ କାରଣ ପରମାର୍ଥ ଦୃଷ୍ଟିରୁ ତା'ର ଉତ୍ପତ୍ତି ନାହିଁ କି ଲୟ ବି ନାହିଁ । ଏହି ଭ୍ରାନ୍ତିର୍ ଆଧାର ପରଂବ୍ରହ୍ମ କାରଣ କୌଣସି ଭ୍ରାନ୍ତି ନିରାଧାର ହୋଇ ନ ପାରେ । ଏଣୁ ରଜ୍ଜୁରେ ସର୍ପ ବା ଶୁକ୍ତିକାରେ ରଜତଭ୍ରମ ପରି ପରଂବ୍ରହ୍ମଙ୍କଠାରେ ପ୍ରପଞ୍ଚ ଭ୍ରମର ପ୍ରତୀତି ହୋଇଥାଏ । ଏହି କଥା କହିବାକୁ ଯାଇ ଗୌଡ଼ପାଦ ସଦ୍‌ବାଦ, ଅସଦ୍‌ବାଦ, ବୀଜାଙ୍କୁର ସନ୍ତତିବାଦ, ବିଜ୍ଞାନବାଦ ଓ ଶୂନ୍ୟବାଦ ପ୍ରଭୃତି ବହୁ ବିପକ୍ଷ ମତବାଦର ଖଣ୍ଡନ କରି –

ଅଜାତିବାଦ :

ଅଜାତିବାଦର ପ୍ରତିଷ୍ଠା କରି କହିଛନ୍ତି –

ସ୍ୱତୋ ବା ପରତୋ ବାପି ନ କିଞ୍ଚିଦ୍ ବସ୍ତୁ ଜାୟତେ ।
ସଦସତ୍ ସଦସଦ୍ ବାପି ନ କିଞ୍ଚିଦ୍ ବସ୍ତୁ ଜାୟତେ ॥

(ଗୌଡ଼ପାଦକାରିକା ୪।୨୨)

ଅର୍ଥାତ୍, କୌଣସି ବସ୍ତୁ ନିଜେ ଉତ୍ପନ୍ନ ହୋଇପାରିବ ନାହିଁ କି ଆଉ କେଉଁଠୁ ଉତ୍ପନ୍ନ ହୋଇପାରିବ ନାହିଁ । ଯେଉଁ ଘଟ ଏଯାଏଁ ତିଆରି ହୋଇ ନାହିଁ, ସେଥିରୁ ସେ ଘଟ କିପରି ଉତ୍ପନ୍ନ ହେବ ? ତିଆରି ହୋଇଥିବା ଘଟ ବା ପଟରୁ ମଧ କିପରି ଅନ୍ୟ ଘଟ ବା ପଟ ଉତ୍ପନ୍ନ ହେବ ? ଏହା ମଧ ନୁହେଁ ଯେ, ସତ୍, ଅସଦ୍ ବା ସଦସଦ୍ ରୂପରୁ ମଧ କୌଣସି ବସ୍ତୁ ଉତ୍ପନ୍ନ ହୋଇପାରିବ ନାହିଁ । ପୁଣି ଯାହା ଅଛି ତାହାର ଉତ୍ପତ୍ତି କ'ଣ ହେବ ଏବଂ ଯାହା ଅତ୍ୟନ୍ତାଭାବ ତାର ପୁଣି ଉତ୍ପତ୍ତି କେଉଁଠୁ ହେବ ? ସଦ-ସତ୍ ବା ଅଛି-ନାହିଁ ବୋଲି ବସ୍ତୁତଃ ଅସମ୍ଭବ । ଏଣୁ କୌଣସି ବସ୍ତୁର କୌଣସି ପ୍ରକାରେ ଉତ୍ପତ୍ତି ସିଦ୍ଧ ହେଉ ନାହିଁ । ଅତଏବ କାର୍ଯ୍ୟକାରଣ ଭାବର ଅନୁପପତ୍ତି ଦେଖାଇ ସେ କହିଛନ୍ତି –

ନାସ୍ତ୍ୟସଦ୍ଧେତୁକମସତ୍ସଦସଦ୍ଧେତୁକଂ ତଥା ।
ସଚ୍ଚ ସଦ୍ଧେତୁକଂ ନାସ୍ତି ସଦ୍ଧେତୁକମସତ୍ କୁତଃ ?

(ଗୌଡ଼ପାଦକାରିକା ୪।୪୦)

Digitized by srujanika@gmail.com

ଅର୍ଥାତ୍, ଆକାଶକୁସୁମାଦି ଅସତ୍ କାରଣରୁ ଆକାଶକୁସୁମାଦି ଅସତ୍ ପଦାର୍ଥ ହୋଇପାରିବ ନାହିଁ କି ଅସତ୍ କାରଣରୁ କୌଣସି ସଦ୍‌ବସ୍ତୁ ମଧ ଉତ୍ପନ୍ନ ହୋଇପାରିବ ନାହିଁ । ଏହିପରି ଘଟାଦି ସତ୍ ପଦାର୍ଥ ମଧ କୌଣସି ଅନ୍ୟ ସତ୍‌ପଦାର୍ଥର କାରଣ ହୋଇପାରିବ ନାହିଁ ଏବଂ ସେଥିରୁ ଅସତ୍ ପଦାର୍ଥ ଉତ୍ପନ୍ନ ହେବାର ପ୍ରଶ୍ନ ହିଁ ନାହିଁ ।

ଏହିପରି ଅନେକ ଯୁକ୍ତିଦ୍ୱାରା ଜନ୍ମର ନିମିତ୍ତ-ଭୂତ ଦ୍ୱୈତର ଅତ୍ୟନ୍ତାଭାବ ଅନୁଭବ ହେବାପରେ ଯିଏ କାର୍ଯ୍ୟକାରଣ ଭାବଶୂନ୍ୟ ପରମାର୍ଥତତ୍ତ୍ୱକୁ ଜାଣିପାରେ ସେ ସକଳ ଶୋକ ଓ ସଂକଳ୍ପରୁ ମୁକ୍ତ ହୋଇ ଅଭୟପଦ ପ୍ରାପ୍ତ ହୁଏ ।

ଦ୍ୱୈତରୁ ନିବୃତ୍ତ ହୋଇ ଓ ବିଷୟାନ୍ତରରେ ପ୍ରବୃତ୍ତ ନ ହୋଇଥିବା ଚିତ୍ତର ଯେଉଁ ନିଶ୍ଚଳ ସ୍ଥିତି ତାହାହିଁ ପରମାର୍ଥଦର୍ଶୀ ପୁରୁଷର ତତ୍ସମ୍ୟ, ଅଜ ଓ ଅଦ୍ୱୟ ବିଷୟ ଅଟେ । ସେହି ଅଜ, ଅନିଦ୍ର, ଅସ୍ୱପ୍ନ ଓ ସ୍ୱୟଂ ପ୍ରକାଶ ଆତ୍ମା ନାମକ ଧର୍ମ ହିଁ ସ୍ୱଭାବତଃ ନିତ୍ୟ ପ୍ରକାଶମାନ ହୋଇଥାଏ ।[୨୬] ଏହିପରି ନିରାଲମ୍ବ ସ୍ଥିତିର ବର୍ଣ୍ଣନା କରି ଗୌଡ଼ପାଦ କହନ୍ତି ଯେ, କୌଣସି ବିଶେଷ ଧର୍ମ ପ୍ରତି ଆଗ୍ରହବଶତଃ ସର୍ବବିଶେଷଶୂନ୍ୟ ପରମାର୍ଥତତ୍ତ୍ୱ ଅନାୟାସରେ ଆଚ୍ଛାଦିତ ହୋଇଯାଆନ୍ତି ଓ ସେହି ଅଜ୍ଞାନାବରଣ ବଡ଼ କଷ୍ଟରେ ଦୂର ହୋଇଥାଏ । ଏଣୁ ଭଗବାନ୍ ହୋଇଯାଆନ୍ତି ଅର୍ଥାତ୍ ତାଙ୍କୁ ଦେଖିବା, ଠାବ କରିବା ଓ ଉପଲବ୍ଧିରେ ଆଣିବା ଅତ୍ୟନ୍ତ କଷ୍ଟକର ହୋଇଯାଏ । ବିଭିନ୍ନ ଲୋକ ଭିନ୍ନ ଭିନ୍ନ ପ୍ରକାରେ କହନ୍ତି –

> ଅସ୍ତି ନାସ୍ତ୍ୟସ୍ତି ନାସ୍ତୀତି ନାସ୍ତି ନାସ୍ତୀତି ବା ପୁନଃ ।
> ଚଳସ୍ଥିରୋଭୟାଭାବୈରାବୃଣୋତ୍ୟେବ ବାଳିଶଃ ।। (ଗୌ.କା. ୪/୮୬)

ଅର୍ଥାତ୍ କିଏ କହନ୍ତି ଭଗବାନ୍ (ଅସ୍ତି) ଅଛନ୍ତି, (ନାସ୍ତି) ନାହାନ୍ତି, (ଅସ୍ତି ନାସ୍ତୀତି) ଅଛନ୍ତି ଓ ନାହାନ୍ତି ଏବଂ (ନାସ୍ତିନାସ୍ତୀତି) ନାହିଁ ନାହାନ୍ତି । ଏଥିରୁ ଅସ୍ତି-ଭାବ ଚଳଅଟେ କାରଣ ସେ ଘଟାଦି ଅନିତ୍ୟ ପଦାର୍ଥରୁ ବିଲକ୍ଷଣ ଅଟନ୍ତି; ନାସ୍ତି-ଭାବ ସ୍ଥିର ଅଟେ କାରଣ ସେଥିରେ କୌଣସି ବିଶେଷଣ ନାହିଁ; ଅସ୍ତି-ନାସ୍ତି-ଭାବ (ସଦସଦ୍‌ବାଦ) ଉଭୟରୂପ ଅଟେ ଏବଂ ନାସ୍ତି-ନାସ୍ତି ଭାବ ଅଭାବ ରୂପ ଅଟେ । ଏସବୁ ବ୍ୟବହାର କୋଟିର ଅନ୍ତର୍ଗତ ଅଟେ । ଭଗବାନ୍ କିନ୍ତୁ ଏ ସବୁ ଉର୍ଦ୍ଧ୍ୱରେ ବିଲକ୍ଷଣ ସ୍ୱଭାବର ଅଟନ୍ତି । ସର୍ବ ଭାବାତୀତ ଭଗବାନ୍‌ଙ୍କୁ ଯିଏ ଜାଣେ ସେ ସର୍ବଜ୍ଞ କାରଣ ସେ ସକଳ ପ୍ରପଞ୍ଚର ଅଧିଷ୍ଠାନଙ୍କୁ ଜାଣି ଅଧସ୍ତ ବସ୍ତୁର ଅନିତ୍ୟତା ଜାଣିପାରିବ । ଏପରି ଜ୍ଞାନଯୁକ୍ତ ଅଦ୍ୱୟ ବ୍ରହ୍ମ ପଦରେ ସ୍ଥିତ ମହାତ୍ମାଙ୍କର ଅନ୍ୟ କିଛି କର୍ତ୍ତବ୍ୟ ନ ଥାଏ । ତାଙ୍କର ଶମଦମାଦି ସାତ୍ତ୍ୱିକ ବ୍ୟବହାର ଲୋକସଂଗ୍ରହାର୍ଥେ ଲୀଳାମାତ୍ର । ସଂସାରୀ ଲୋକର ଦୃଷ୍ଟିରେ ଯେଉଁ ସଂସାର ଧ୍ରୁବସତ୍ୟ ଅଟେ, ତାହାର ଅତ୍ୟନ୍ତଭାବ ଦେଖନ୍ତି ବ୍ରହ୍ମଜ୍ଞ ମହାତ୍ମାମାନେ ଏବଂ ସେମାନେ ଯେଉଁ ଅଖଣ୍ଡ ଚିଦ୍‌ଘନସତ୍ତାରେ ସତତଯୁକ୍ତ ଓ ଅବିଚଳିତ ରହନ୍ତି ବହିର୍ଦ୍ଦର୍ଶୀ ଅବିବେକ ଲୋକର ଦୃଷ୍ଟି ସେଯାଏଁ ଯାଇପାରେ ନାହିଁ । ଏଣୁ ହିଁ ଉଭୟଙ୍କ ଦୃଷ୍ଟିରେ ଦିନରାତିର ପ୍ରଭେଦ ଦେଖାଇ ଗୀତା (୨/୬୯)ରେ କୁହାଯାଇଛି –

---

(୨୬) ଗୌଡ଼ପାଦକାରିକା (୪।୮୦-୮୧)

Digitized by srujanika@gmail.com

ଯା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ ।
ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ॥

ବୌଦ୍ଧ ତର୍କସରଣିରେ ବାଦୀମାନଙ୍କର ଯୁକ୍ତିଜାଳକୁ ଖଣ୍ଡନ କରି ଏକ ଅଦ୍ୱୟ ଅଖଣ୍ଡ ତତ୍ତ୍ୱ ବନ୍ଦନା ଗାଇ ଗୌଡ଼ପାଦ ନିଜ ଗ୍ରନ୍ଥର ଉପସଂହାରରେ କହିଛନ୍ତି –

ଦୁର୍ଦର୍ଶମତିଗମ୍ଭୀରମଜଂ ସାମ୍ୟଂ ବିଶାରଦମ୍ ।
ବୁଦ୍ଧ୍ୱା ପଦମନାନାତ୍ୱଂ ନମସ୍କୁର୍ମୋ ଯଥାବଳମ୍ ॥
(ଗୌଡ଼ପାଦକାରିକା ୪/୧୦୦)

ପରମଗୁରୁ ଗୌଡ଼ପାଦଙ୍କୁ ମୂଳ କରି ହିଁ ଆଚାର୍ଯ୍ୟଶଙ୍କର ଅଦ୍ୱୈତମତବାଦର ପ୍ରତିଷ୍ଠା କରିଯାଇଛନ୍ତି । ତେଣୁ ଆଚାର୍ଯ୍ୟ ଶଙ୍କରଙ୍କ ଅଦ୍ୱୈତ ପରମ୍ପରାରେ ଗୁରୁ ସ୍ମରଣ କରି କୁହାଯାଏ –

ନାରାୟଣଂ ପଦ୍ମଭବଂ ବଶିଷ୍ଠଂ ଶକ୍ତିଂ ଚ ତତ୍ପୁତ୍ର ପରାଶରଂଚ,
ବ୍ୟାସଂ ଶୁକଂ ଗୌଡ଼ପଦଂ ମହାନ୍ତଂ ଗୋବିନ୍ଦଯୋଗୀନ୍ଦ୍ରମଥାସ୍ୟ ଶିଷ୍ୟମ୍ ।
ଶ୍ରୀଶଙ୍କରାଚାର୍ଯ୍ୟମଥାସ୍ୟ ପଦ୍ମ-ପାଦଂ ଚ ହସ୍ତାମଳକଂ ଚ ଶିଷ୍ୟଂ
ତଂ ତୋଟକଂ ବାର୍ତ୍ତିକକାରମନ୍ୟାନସ୍ମଦ୍‌ଗୁରୂନ୍ ସଂତତମାନତୋଽସ୍ମି ॥

ଏଥିରୁ ଜଣାଯାଏ ଯେ ଆଚାର୍ଯ୍ୟ ଶଙ୍କରଙ୍କ ଗୁରୁ ଗୋବିନ୍ଦ ଏବଂ ପରମଗୁରୁ ଗୌଡ଼ପାଦ ଥିଲେ ଐତିହାସିକ ପୁରୁଷ । ଏଣୁ ଗୌଡ଼ପାଦଙ୍କ ମାଣ୍ଡୂକ୍ୟକାରିକାକୁ ଏତେ ପ୍ରାଧାନ୍ୟ ଦିଆଯାଏ ଯେ, କେତେକ କାରିକା ସହିତ ମାଣ୍ଡୂକ୍ୟ ଶ୍ରୁତିକୁ ମଧ୍ୟ ଗୌଡ଼ପାଦଙ୍କ ରଚନା ବୋଲି ମତବ୍ୟକ୍ତ କରିଥାଆନ୍ତି । ଏଣୁ ଗୌଡ଼ପାଦଙ୍କ କାରିକାକୁ ଛାଡ଼ି ମାଣ୍ଡୂକ୍ୟ ଆଲୋଚନା ଅସଂପୂର୍ଣ୍ଣ ରହିଯିବ ବୋଲି ଉପରେ ତା'ର ସାମାନ୍ୟ ଆଲୋଚନା ପରେ ଦାର୍ଶନିକ ଦୃଷ୍ଟିରୁ ସେଗୁଡ଼ିକର ଅବତାରଣା ନିମ୍ନରେ କରାଯିବା ସମୁଚିତ ମନେହୁଏ ।

ମାୟା ଓ ବ୍ରହ୍ମ :

ଆଚାର୍ଯ୍ୟଶଙ୍କର ଶାରୀରିକ ଭାଷ୍ୟର ପ୍ରାରମ୍ଭରେ କହିଛନ୍ତି ଯେ – ଜୀବ ଓ ଜଗତ୍, ବିଷୟୀ ଓ ବିଷୟ, ପ୍ରକାଶ ଓ ଅନ୍ଧକାର ପରି ପରସ୍ପର ଅତ୍ୟନ୍ତ ବିରୁଦ୍ଧଧର୍ମର ଅଟନ୍ତି । ବିଷୟୀ ଚେତନ ଅଟେ ତ ବିଷୟ ଜଡ଼ ଅଟେ । ଗୋଟିଏ 'ଅସ୍ମତ୍ – ପ୍ରତ୍ୟୟ ଗୋଚର' ହେଲେ ଅନ୍ୟଟି 'ଯୁଷ୍ମତ୍-ପ୍ରତ୍ୟୟ-ଗୋଚର' ଅଟେ । ଏଣୁ ଚିଦାତ୍ମକ ଦ୍ରଷ୍ଟା ଓ ଜଡ଼ରୂପ ଦୃଶ୍ୟର ଗୋଟିକ ଉପରେ ଅନ୍ୟଟିର ଆରୋପ କରାଯାଇ ପାରିବ ନାହିଁ କି ସେମାନଙ୍କର ପରସ୍ପର ବିରୁଦ୍ଧ ଧର୍ମର ମଧ୍ୟ ଗୋଟିକ ଉପରେ ଅନ୍ୟର ଆରୋପ ହୋଇପାରିବ ନାହିଁ । ତଥାପି ଅତ୍ୟନ୍ତ ଭିନ୍ନ ବିଷୟୀ ଓ ବିଷୟର ଏବଂ ସେମାନଙ୍କ ପାରସ୍ପରିକ ଭିନ୍ନ ଧର୍ମର

Digitized by srujanika@gmail.com

ଗୋଟିକ ପରେ ଅନ୍ୟଟିର ଅଧ୍ୟାସ କରିବା ସ୍ୱାଭାବିକ ଓ ସାଧାରଣ ଲୋକବ୍ୟବହାର ଅଟେ । 'ମୁଁ ଓ ତୁମେ', ବିଷୟୀ ଓ ବିଷୟ, ଚେତନ ଓ ଜଡ଼, ଦ୍ରଷ୍ଟା ଓ ଦୃଶ୍ୟର ଏବଂ ସେମାନଙ୍କ ପରସ୍ପର ବିରୁଦ୍ଧ ଧର୍ମର ଗୋଟିକ ଉପରେ ଅନ୍ୟର ଆରୋପ ଅର୍ଥାତ୍ ସତ୍ୟ ଓ ଅନୃତର ମିଶ୍ରଣ ଯାହା ଉପରେ 'ଏହା ମୁଁ ଅଟେ' ଓ 'ଏହା ମୋର ଅଟେ' ବୋଲି ଲୋକବ୍ୟବହାର ଆଶ୍ରିତ ତାହା ଅଧ୍ୟାସ, ଭ୍ରମ, ଭ୍ରାନ୍ତି, ମାୟା, ଅବିଦ୍ୟା ପ୍ରଭୃତି ନାମରେ ଅଭିହିତ ଅଟେ । ବସ୍ତୁରେ ଅବସ୍ତୁର ଆରୋପ (ବସ୍ତୁନି ଅବସ୍ତ୍ୱାରୋପଃ ଅଧ୍ୟାରୋପଃ) **ଅଧ୍ୟାରୋପ** ଏବଂ ଗୋଟିଏ ବସ୍ତୁରେ ଅନ୍ୟ ଏକ ବସ୍ତୁର ଆରୋପ (ପରତ୍ର ପରାବଭାସଃ ଅଧ୍ୟାସଃ) **ଅଧ୍ୟାସ** ଅଟେ । ଶୁକ୍ତିକା ବା ଶାମୁକାର ରଜତ ରୂପରେ ପ୍ରତୀତି ବା ରଜ୍ଜୁରେ ସର୍ପର ଭ୍ରାନ୍ତିକୁ **'ଅବିଦ୍ୟା'** କୁହାଯାଏ । ବିବେକ ଦ୍ୱାରା ବସ୍ତୁର ଯଥାର୍ଥ ସ୍ୱରୂପଜ୍ଞାନକୁ **'ବିଦ୍ୟା'** କୁହାଯାଏ । ବିଷୟତ୍ୱ, କର୍ତ୍ତୃତ୍ୱ, ଭୋକ୍ତୃତ୍ୱ ପ୍ରଭୃତି ଅନେକ ଅନର୍ଥ ଓ ସମସ୍ତ ସାଂସାରିକ ବ୍ୟବହାରର ମୂଳ କାରଣ ଏହି ଅଧ୍ୟାସ ବା ଅବିଦ୍ୟାକୁ ଆତ୍ମୈକ୍ୟବିଦ୍ୟା ଦ୍ୱାରା ନଷ୍ଟ କରିଦେବାପାଇଁ ବେଦାନ୍ତ ଶାସ୍ତ୍ରର ସୃଷ୍ଟି ହୋଇଛି ।

ଆଚାର୍ଯ୍ୟ ଶଙ୍କର ଜଗତ୍‌ର କୌଣସି ସ୍ୱତନ୍ତ୍ର ପ୍ରାଗବସ୍ଥାକୁ ତା'ର କାରଣ ରୂପେ ଗ୍ରହଣ କରନ୍ତି ନାହିଁ । କାରଣ ଏପରି କଲେ ସାଂଖ୍ୟର ପ୍ରଧାନ କାରଣବାଦକୁ ସ୍ୱୀକାର କରିବାକୁ ହେବ । କିନ୍ତୁ ଜଗତ୍‌ର ପରମେଶ୍ୱରାଧୀନ ପ୍ରାଗବସ୍ଥାକୁ ଆଚାର୍ଯ୍ୟ ସ୍ୱୀକାର କରନ୍ତି । ଏହାକୁ ମୂଳାବିଦ୍ୟା ବା ମାୟାଶକ୍ତି କହନ୍ତି । ଏହାଦ୍ୱାରା ଈଶ୍ୱର ସ୍ରଷ୍ଟା ବୋଲି ସିଦ୍ଧ ହେବା ସଙ୍ଗେ, ଜୀବତ୍ୱ, କର୍ତ୍ତୃତ୍ୱ, ଭୋକ୍ତୃତ୍ୱ, ବନ୍ଧ, ମୋକ୍ଷ ପ୍ରଭୃତି ସାଂସାରିକ ବ୍ୟବହାର ମଧ୍ୟ ସିଦ୍ଧ ହୁଏ । ଏହା ଈଶ୍ୱରାଧୀନ ଓ ଅବ୍ୟକ୍ତ ଅଟେ । ଏହି ବୀଜ ଶକ୍ତିରୂପ ଅଟେ । ଏହାକୁ ମହାସୁପ୍ତି କୁହାଯାଏ କାରଣ ସଂସାରୀ ଜୀବ ନିଜ ସ୍ୱରୂପକୁ ଭୁଲି ଏଥିରେ ଗାଢ଼ନିଦ୍ରାରେ ଶୋଇଥାଏ । ତତ୍ତ୍ୱ ଓ ଅନ୍ୟତ୍ୱ, ସତ୍ ଓ ଅସତ୍ ଦ୍ୱାରା ଅନିର୍ବଚନୀୟ ହୋଇଥିବାରୁ ଏହାକୁ **'ମାୟା'** ବୋଲି କୁହାଯାଏ । ଅଜ୍ଞାନ ହେତୁରୁ ଏହାକୁ **'ଅବିଦ୍ୟା'** କୁହାଯାଏ । ଏହାହିଁ ଦ୍ୱୈତ ଓ ନାନାତ୍ୱର ମୂଳ ଅଟେ । ଏହାକୁ ପ୍ରପଞ୍ଚମୟୀ ଓ ମୋହମୟୀ ମଧ୍ୟ କୁହାଯାଏ । ଏହାହିଁ ନାମରୂପମୟ ଜଗତ୍‌ର ଜନନୀ ଅଟେ । ସଦସଦନିର୍ବଚନୀୟ ହୋଇଥିବା କାରଣରୁ ଏହା ନିଜର ସକଳ କାର୍ଯ୍ୟଜାତ ସହିତ ମିଥ୍ୟା ଅଟେ । ଈଶ୍ୱର ନିଜର ଏହି ବୀଜଶକ୍ତିଠାରୁ ସ୍ୱୟଂ ପରିଚ୍ଛିନ୍ନ ହୋଇ ଅନେକ ଦ୍ରଷ୍ଟା ଜୀବ ଓ ଅନେକ ଦୃଶ୍ୟ ପଦାର୍ଥ ରୂପରେ ଭାସିତ ହୋଇଥାଏ, ଯେପରି ମହାକାଶ ଉପାଧି ଭେଦରେ ଘଟାକାଶ ଓ ମଠାକାଶ ରୂପରେ ପ୍ରତୀତ ହୋଇଥାଏ । ଯେତେବେଳେ ଆତ୍ମୈକ୍ୟବିଦ୍ୟାର ପ୍ରାଦୁର୍ଭାବ ହୁଏ ସେତେବେଳେ ଅବିଦ୍ୟା ଓ ତା'ର କାର୍ଯ୍ୟ ଆଉ ରହେ ନାହିଁ । ମାୟା ବା ଅବିଦ୍ୟା କେବଳ ଅଜ୍ଞାନରୂପ ନୁହେଁ, ମିଥ୍ୟାଜ୍ଞାନରୂପ ବା ମିଥ୍ୟାଚାର ରୂପ ମଧ୍ୟ ଅଟେ । ଏହା କେବଳ ଅଭାବାତ୍ମକ ନୁହେଁ, ଭାବାତ୍ମକ ମଧ୍ୟ ଅଟେ । ଏହା ଶକ୍ତିରୂପ ଅଟେ । ଏହା ଅନନ୍ତକୁ ସାନ୍ତ ଓ ଅପରିଚ୍ଛିନ୍ନକୁ ପରିଚ୍ଛିନ୍ନ କରିଦିଏ । ଏହା ଅଦ୍ୱୈତ ଆତ୍ମତତ୍ତ୍ୱକୁ ଦ୍ୱୈତ ଓ

Digitized by srujanika@gmail.com

ନାନାରୂପ ପ୍ରପଞ୍ଚର ବିଭିନ୍ନତାରେ ପରିଣତ କରେ । ଅଭେଦରେ ଭେଦ ପ୍ରଦର୍ଶନ କରେ ।

ବ୍ରହ୍ମ କିନ୍ତୁ ଏହି ଅବିଦ୍ୟାର ଆଶ୍ରୟ ଓ ବିଷୟ – ଉଭୟ ବୋଲି ସୁରେଶ୍ୱରାଚାର୍ଯ୍ୟଙ୍କର ମତ । ମାତ୍ର ମଣ୍ଡନ ମିଶ୍ର ଓ ବାଚସ୍ପତି ମିଶ୍ରଙ୍କ ଅନୁସାରେ ଅବିଦ୍ୟାର ଆଶ୍ରୟ ଜୀବ କିନ୍ତୁ ବିଷୟ ବ୍ରହ୍ମ ଅଟେ । ସୁରେଶ୍ୱର କିନ୍ତୁ ଏହା ବିରୋଧ କରି କହନ୍ତି ଯେ ଅବିଦ୍ୟା ଜନ୍ୟ ଜୀବ ଅବିଦ୍ୟାର ଆଶ୍ରୟ ହୋଇପାରିବ ନାହିଁ । ବ୍ରହ୍ମ ହିଁ ଅବିଦ୍ୟା ଯୋଗୁଁ ଜୀବଜଗତ୍ ପ୍ରପଞ୍ଚରୂପରେ ପ୍ରତୀତ ହୁଏ । ଅବିଦ୍ୟା ତା'ର ଆବରଣ ଶକ୍ତି ଦ୍ୱାରା ଅଦ୍ୱୈତ ତତ୍ତ୍ୱକୁ ଆବୃତ କରି ବିକ୍ଷେପ ଶକ୍ତି ଦ୍ୱାରା ପ୍ରପଞ୍ଚାତ୍ମକ ଜଗତ୍‌ରୂପରେ ପ୍ରତୀତ କରାଏ । ଏହାର ତିନୋଟି ରୂପ ହୁଏ – ଅଗ୍ରହଣ ବା ଆବରଣ, ମିଥ୍ୟାଗ୍ରହଣ ବା ବିପରୀତ ଗ୍ରହଣ ବା ବିକ୍ଷେପ ଏବଂ ସଂଶୟ । ମୃଗମରୀଚିକା ଦ୍ୱାରା ମରୁଭୂମି ଯେପରି ପଙ୍କିଳ ହେବା ଅସମ୍ଭବ, ସେପରି ଅବିଦ୍ୟା ଦ୍ୱାରା ବ୍ରହ୍ମତତ୍ତ୍ୱ ବିକୃତ ହେବା ଅସମ୍ଭବ ।

ଏ ବିଷୟରେ ବିପକ୍ଷମାନଙ୍କ ଆକ୍ଷେପ ହେଉଛି ଯେ ଅସତ୍ ମାୟା କିପରି ସଦ୍ ବ୍ରହ୍ମକୁ ବ୍ୟାବହାରିକ ଜଗତ୍ ରୂପରେ ଉଦ୍ଭାସିତ କରାଏ ଏବଂ ଅସତ୍ ଜୀବ ଅସତ୍ ସାଧନ ଦ୍ୱାରା କେଉଁଠାରେ ଆତ୍ମୈକ୍ୟ ପ୍ରାପ୍ତ ହୁଏ ? ଜଗତ୍, ଜୀବ ଓ ଶାସ୍ତ୍ର ମିଥ୍ୟା ହେଲେ ବ୍ରହ୍ମାତ୍ମୈକ୍ୟ ପ୍ରାପ୍ତି ମଧ୍ୟ ମିଥ୍ୟା ହେବ ଏବଂ ସେ ସମ୍ବନ୍ଧୀୟ ସିଦ୍ଧାନ୍ତ ମଧ୍ୟ ମିଥ୍ୟା ହୋଇଯିବ । ଫଳରେ ମିଥ୍ୟାଜୀବ ମିଥ୍ୟା ଜଗତ୍‌ରେ ମିଥ୍ୟା ସାଧନ ଦ୍ୱାରା ମିଥ୍ୟା ମୋକ୍ଷପ୍ରାପ୍ତିପାଇଁ ମିଥ୍ୟାପ୍ରଯତ୍ନ କରୁଥିବା ବେଦାନ୍ତଶାସ୍ତ୍ର ସ୍ୱୟଂ ମିଥ୍ୟା ହିଁ ହେବ । ଏହାର ଉତ୍ତରରେ ଆଚାର୍ଯ୍ୟ ଶଙ୍କର କହନ୍ତି ଯେ, ଯେପରି କାଦୁଅରେ ପଶିଥିବା ଲୋକ କାଦୁଅ ସାହାଯ୍ୟରେ ହିଁ ବାହାରକୁ ଆସେ ଏବଂ ଯେପରି ପଶିଥିବା କଣ୍ଟାକୁ ବାହାର କରିବାପାଇଁ ଆଉ ଗୋଟିଏ କଣ୍ଟାର ସାହାଯ୍ୟ ନିଆଯାଏ ଏବଂ ଦର୍ପଣର ପ୍ରତିବିମ୍ବ ସ୍ୱୟଂ ଅସତ୍ ହେଲେ ମଧ୍ୟ ଯେପରି ବିମ୍ବର ଯଥାର୍ଥବୋଧରେ ସହାୟକ ହୋଇଥାଏ ସେହିପରି ବ୍ରହ୍ମାତ୍ମୈକ୍ୟ ପ୍ରାପ୍ତି ପର୍ଯ୍ୟନ୍ତ ଜଗତ୍‌ର ବ୍ୟାବହାରିକ ସତ୍ୟତା ସ୍ୱୀକାର କରି 'ବ୍ରହ୍ମ ସତ୍ୟଂ, ଜଗନ୍ମିଥ୍ୟା, ଜୀବୋ ବ୍ରହ୍ମୈବ ନାପରଃ' ବୁଝିବାକୁ ହେବ । କାରଣ ପ୍ରାତିଭାସିକ ଦୃଷ୍ଟିକୋଣର ଅସତ୍ୟତା ବ୍ୟାବହାରିକ ଦୃଷ୍ଟିକୋଣରୁ ଏବଂ ବ୍ୟାବହାରିକ ଦୃଷ୍ଟିକୋଣର ଅସତ୍ୟତା ପାରମାର୍ଥିକ ଦୃଷ୍ଟିକୋଣରୁ ସମ୍ଭବ ହୋଇପାରେ ମାତ୍ର ପ୍ରତ୍ୟେକ ନିଜ ନିଜ କ୍ଷେତ୍ରରେ ସତ୍ୟ ଅଟନ୍ତି । ସ୍ୱପ୍ନର ଅସତ୍ୟତା ଜାଗରିତାବସ୍ଥାରେ ପ୍ରତୀତ ହୁଏ ଏବଂ ଏହି ଅବସ୍ଥାରେ ସ୍ୱପ୍ନଦୃଷ୍ଟ ପଦାର୍ଥମାନଙ୍କର ସତ୍ୟତାର ବାଧ ହୁଏ ସିନା ସ୍ୱପ୍ନାବଗତି ଅର୍ଥାତ୍ ଅମୁକ ପଦାର୍ଥ ଦେଖିଥିଲି – ଏହାର ବାଧ ହୁଏ ନାହିଁ । ଏଣୁ ଜ୍ଞାନର ସତ୍ୟତା ଓ ନିତ୍ୟତା ସ୍ୱୀକାର କରିବାକୁ ହୁଏ । ଜ୍ଞାନକୁ ନିରର୍ଥକ ବା ଭ୍ରାନ୍ତ କୁହାଯାଇପାରିବ ନାହିଁ କାରଣ ପ୍ରଥମତଃ ଜ୍ଞାନ ହିଁ ଅଜ୍ଞାନର ନିବୃତ୍ତି କରିଥାଏ ଏବଂ ଦ୍ୱିତୀୟତଃ ଜ୍ଞାନ ସ୍ୱୟଂ ବାଧିତ ହୁଏ ନାହିଁ । ଏଣୁ ପରମାର୍ଥର ପ୍ରାପ୍ତି ପରେ ହିଁ ବ୍ୟବହାରରେ ବାଧ ହୋଇପାରେ କିନ୍ତୁ ଆଗରୁ ନୁହେଁ । ମାତ୍ର

Digitized by srujanika@gmail.com

ପରମାର୍ଥ ପ୍ରାପ୍ତି ପରେ ବିଶୁଦ୍ଧଜ୍ଞାନର ବାଧ ହେବ ନାହିଁ କାରଣ ଏହା ସ୍ୱୟଂ ସିଦ୍ଧ ସାକ୍ଷିସ୍ୱରୂପ ଅଟେ । ଅତଏବ ପରମାର୍ଥପ୍ରାପ୍ତି ପୂର୍ବରୁ ବେଦାନ୍ତୀୟ ବ୍ୟବହାରର ସତ୍ୟତା ସର୍ବଥା ସ୍ୱୀକାର୍ଯ୍ୟ ଅଟେ ।

ଜୀବ ଓ ବ୍ରହ୍ମ :

ମାୟାଯୁକ୍ତ ବ୍ରହ୍ମଙ୍କୁ ସଗୁଣ ବ୍ରହ୍ମ ବା ଅପର ବ୍ରହ୍ମ ବା ଈଶ୍ୱର କୁହାଯାଏ । ବ୍ୟାବହାରିକ ଦୃଷ୍ଟିରୁ ଜୀବ ଓ ଈଶ୍ୱରଙ୍କ ମଧ୍ୟରେ ଭେଦ ଅଛି । ପାରମାର୍ଥିକ ଦୃଷ୍ଟିରୁ ଜୀବ ଓ ବ୍ରହ୍ମ ମଧ୍ୟରେ କୌଣସି ଭେଦ ନାହିଁ– 'ଜୀବୋ ବ୍ରହ୍ମୈବ ନାପରଃ' । ବ୍ୟାବହାରିକ ଦୃଷ୍ଟିରୁ ଜୀବ ଓ ଈଶ୍ୱର – ଉଭୟ ଅବିଦ୍ୟାଯୁକ୍ତ କିନ୍ତୁ ଈଶ୍ୱରଙ୍କ ଅବିଦ୍ୟା ଶକ୍ତିକୁ ମୂଳାବିଦ୍ୟା ବା ମାୟା କୁହାଗଲାବେଳେ ଜୀବାଶ୍ରିତ ମାୟାକୁ ତୁଳାବିଦ୍ୟା ବା କେବଳ ଅବିଦ୍ୟା କୁହାଯାଏ । ଈଶ୍ୱରଙ୍କ ବଶରେ ଅବିଦ୍ୟା ରହେ କିନ୍ତୁ ଅବିଦ୍ୟା ବଶରେ ଜୀବ ରହେ । ଈଶ୍ୱରଙ୍କ ଉପରେ ଅବିଦ୍ୟାର ଅଧିକାର ନ ଥିବାରୁ ସେ ଆନନ୍ଦମୟ କିନ୍ତୁ ଜୀବ ଉପରେ ଅବିଦ୍ୟାର ଅଖଣ୍ଡ ଅଧିକାର ଥିବାରୁ ସେ ଦୁଃଖମୟ । ଜୀବ ଅବିଦ୍ୟା କାରଣରୁ କର୍ତ୍ତା ଓ ଭୋକ୍ତା ହୁଏ, ପାପ ପୁଣ୍ୟରେ ଲିପ୍ତ ରହେ, ଦୁଃଖସୁଖ ଭୋଗ କରେ । ଈଶ୍ୱର କିନ୍ତୁ ଏସବୁ ସହ ଅସ୍ପୃଷ୍ଟ ।

ପାରମାର୍ଥିକ ଦୃଷ୍ଟିରୁ ଜୀବ ଓ ବ୍ରହ୍ମ ମଧ୍ୟରେ କୌଣସି ଭେଦ ନାହିଁ । ନିର୍ଗୁଣ ଓ ସଗୁଣ, ନିର୍ବିଶେଷ ଓ ସବିଶେଷ, ପର ଓ ଅପର ବ୍ରହ୍ମ ଅର୍ଥାତ୍ ମାୟାତୀତ ବ୍ରହ୍ମ ଓ ମାୟାଯୁକ୍ତ ଈଶ୍ୱରଙ୍କ ମଧ୍ୟରେ ପ୍ରଭେଦ ନାହିଁ । କାରଣ ଅଦ୍ୱୈତରେ ଭେଦର ପ୍ରଶ୍ନ ହିଁ ଉଠୁ ନାହିଁ । ଯେଉଁପର୍ଯ୍ୟନ୍ତ ଜୀବ ଅବିଦ୍ୟାଗ୍ରସ୍ତ ଅଟେ ଓ ଦ୍ୱୈତ ପ୍ରପଞ୍ଚରେ ଲିପ୍ତ ଥାଏ, ସେପର୍ଯ୍ୟନ୍ତ ସେ ନିଜ ସ୍ୱରୂପ ବା ଆତ୍ମସ୍ୱରୂପ ଜାଣିପାରେ ନାହିଁ । ଯେତେବେଳେ ଭଗବତୀ ଶ୍ରୁତି ଜୀବର ମୋହନିଦ୍ରା ଭଙ୍ଗ କରନ୍ତି, ସେତେବେଳେ ଜୀବର ଆତ୍ମସ୍ୱରୂପ ବୋଧ ହୋଇଯାଏ ଏବଂ ସେ ନିଜକୁ ଦେହ, ଇନ୍ଦ୍ରିୟ, ମନ, ବୁଦ୍ଧିରୁ ଊର୍ଦ୍ଧ୍ୱ ଅଦ୍ୱୈତତତ୍ତ୍ୱ ବୋଧ ପରେ ଅଖଣ୍ଡ ଆତ୍ମାନନ୍ଦରେ ଲୀନ ହୋଇଯାଏ । ଅବିଦ୍ୟା ନଷ୍ଟ ହେବାମାତ୍ରେ ଅବିଦ୍ୟାର କାର୍ଯ୍ୟ ବି ନଷ୍ଟ ହୋଇଯାଏ ଏବଂ ଜୀବର ଅହଂ-ତ୍ୱ ଓ ମମ-ତ୍ୱ ବୁଦ୍ଧି ଚାଲିଯାଏ । ଫଳରେ ଜୀବର 'ଜୀବତ୍ୱ', 'କର୍ତ୍ତୃତ୍ୱ', ଭୋକ୍ତୃତ୍ୱ ପ୍ରଭୃତି ମିଥ୍ୟା କଳ୍ପନା ଦୂର ହୋଇଯାଏ ଏବଂ ଜୀବ ବ୍ରହ୍ମୈକତ୍ୱଜ୍ଞାନ ହୋଇଯାଏ । ବିଦ୍ୟାଦ୍ୱାରା ଅବିଦ୍ୟାର ନାଶ ମାତ୍ରେ ଜୀବ ବ୍ରହ୍ମ ହୋଇଯାଏ । ତା'ପାଇଁ ବନ୍ଧ ଓ ମୋକ୍ଷ ଉଭୟ ମିଥ୍ୟା ଓ ନିରର୍ଥକ ହୋଇଯାଏ । ଜପାକୁସୁମ ସଂସର୍ଗରୁ ଶୁଭ୍ର ସ୍ଫଟିକ ରକ୍ତ ବର୍ଣ୍ଣ ଧାରଣ କଲା ପରି କିମ୍ବା ନିରଞ୍ଜନ ଆକାଶ ମଳିନ ପ୍ରତୀତ ହେଲା ଭଳି କିମ୍ବା ରଜ୍ଜୁରେ ସର୍ପ ବା ଶୁକ୍ତିରେ ରଜତର ଭ୍ରମ ହେଲାପରି ଅଦ୍ୱୟ ଆତ୍ମତତ୍ତ୍ୱ ହିଁ ଅବିଦ୍ୟାବଶତଃ ଜୀବରୂପେ ପ୍ରତୀତ ହୁଏ । ଏକ ମହାକାଶ ଉପାଧି ଭେଦରେ ଅନେକ ଘଟାକାଶ ରୂପରେ ପ୍ରତୀତ ହେଲାଭଳି ଏକ ହି ଆତ୍ମତତ୍ତ୍ୱ ଅବିଦ୍ୟା

Digitized by srujanika@gmail.com

ଉପାଧିବଶତଃ ଅନେକ ଜୀବ ରୂପେ ପ୍ରତୀତ ହୋଇଥାଏ । ଏକ କୂଟସ୍ଥ ନିତ୍ୟ ପରମେଶ୍ୱର ସ୍ୱୟଂସିଦ୍ଧ ବିଶୁଦ୍ଧ ବିଜ୍ଞାନସ୍ୱରୂପ ଆତ୍ମତତ୍ତ୍ୱ ହିଁ ବ୍ରହ୍ମ ।

ଆତ୍ମା ଓ ବ୍ରହ୍ମ :

ଆତ୍ମ ଓ ବ୍ରହ୍ମ ଅଲଗା ନୁହନ୍ତି – ଏକ ଅଟନ୍ତି, ଏହି ବିଶୁଦ୍ଧ ବିଜ୍ଞାନ ସ୍ୱପ୍ରକାଶ, ସ୍ୱୟଂସିଦ୍ଧ ଓ ବିଶୁଦ୍ଧ ସଂବିଦ୍‌ସ୍ୱରୂପ ଆତ୍ମତତ୍ତ୍ୱ ହିଁ ଯୁଷ୍ମଦ୍ ଓ ଅସ୍ମଦ୍-ପ୍ରତ୍ୟୟଗୋଚର ବିଷୟ ଓ ବିଷୟୀର ଦ୍ୱୈତରୁ ଜ୍ଞାତା, ଜ୍ଞାନ ଓ ଜ୍ଞେୟର ବ୍ୟାବହାରିକ ତ୍ରିପୁଟୀର ଊର୍ଦ୍ଧ୍ୱରେ ହେଲେ ମଧ୍ୟ ଏହି ଦ୍ୱୈତ ତଥା ତ୍ରିପୁଟୀର ଅଧିଷ୍ଠାନ ଅଟେ । ବିଶୁଦ୍ଧଜ୍ଞାନ ହିଁ ବିଶୁଦ୍ଧ ଜ୍ଞାତା ବା ଆତ୍ମା । ଜ୍ଞାତା ଓ ଜ୍ଞାନର ତାଦାତ୍ମ୍ୟ ସମ୍ବନ୍ଧ ଯୋଗୁଁ ଉଭୟରେ ଭେଦ ନାହିଁ । 'ବ୍ରହ୍ମବିଦ୍ ବ୍ରହ୍ମୈବ ଭବତି' । ମଣିଷ ସସୀମ ବୁଦ୍ଧିରେ ଅସୀମ ବ୍ରହ୍ମର ଆକଳନ କରିବା ସମ୍ଭବ ନୁହେଁ ବୋଲି 'ନେତି ନେତି' କହି ନିଷେଧମୁଖରେ ଅଚିନ୍ତ୍ୟତତ୍ତ୍ୱକୁ ବୁଝି ବୁଝାଇବାକୁ ଚେଷ୍ଟା କରିଛି । 'ଆତ୍ମା' ଶବ୍ଦଟି ନିରୁକ୍ତ (୩।୧୫)ରେ 'ଅତତେର୍ବାପ୍ତେର୍ବା' ଅର୍ଥାତ୍ 'ଅତ ସାତତ୍ୟଗମନେ' ଅର୍ଥରେ ଅତ ଧାତୁର 'ଅତତି' ରୂପରୁ ବା 'ଆପ୍-ବ୍ୟାପିବା' ଅର୍ଥରେ 'ଆପ୍ନୋତି'ରୁ ନିଷ୍ପନ୍ନ ହୋଇଛି । 'ବୃଂହ-ବର୍ଦ୍ଧନେ' ଧାତୁରୁ ଉତ୍ପନ୍ନ ବ୍ରହ୍ମ ଶବ୍ଦ ସେହି ବର୍ଦ୍ଧନଶୀଳ ଓ ବ୍ୟାପକତାର ଦ୍ୟୋତକ ହୋଇଥିବାରୁ ବାୟୁପୁରାଣ ପୂର୍ବଖଣ୍ଡ (୬।୧୧୦)ରେ କୁହାଯାଇଛି– 'ଧ୍ରୁବମେକାକ୍ଷରମିଦଂ ସ୍ୱାତ୍ମନ୍ୟେବ ବ୍ୟବସ୍ଥିତମ୍, ବୃଂହତ୍ୱାତ୍ ବୃଂହଣତ୍ୱାଚ୍ଚୈବ ତଦ୍ ବ୍ରହ୍ମେତ୍ୟଭିଧୀୟତେ' – ଏକାକ୍ଷର ଓଁକାର ହିଁ ବିସ୍ତାର ଲାଭ କଲେ 'ଆତ୍ମା', ବଢ଼ିଲେ 'ବ୍ରହ୍ମ' – ନେହ ନାନାସ୍ତି କିଂଚନ– ଏଠାରେ ନାନାତ୍ୱ ନାହିଁ– ସବୁ ଏକ ଅଦ୍ୱୈତ ପରମାତ୍ମା ବ୍ରହ୍ମ ।

ଶାକ୍ତ ଦୃଷ୍ଟିରେ ଅଦ୍ୱୈତ

ବ୍ରହ୍ମ ସର୍ବତ୍ର ବ୍ୟାପ୍ତ । ଯେଉଁମାନେ ଭାବନ୍ତି 'ପ୍ରତିମା' ବ୍ରହ୍ମ ନୁହେଁ କାରଣ 'ନ ପ୍ରତିମା ଅସ୍ତି ଯସ୍ୟ ନାମ ମହଦ୍ ଯଶଃ' (ଯଜୁଃ ୩୨।୩) – ସେମାନେ ଜାଣି ରଖିବା ଉଚିତ ଯେ ଯାର ନାମ ଅଛି ଓ ମହତ୍ ଯଶଃ ଅଛି ସେହି ସଗୁଣ ରୂପର ପ୍ରତିମା = ତୁଳନା ନାହିଁ । ସବୁରୂପ ଯାର ତା'ର ପୁଣି ଗୋଟିଏ ରୂପ ରହନ୍ତା କିପରି ? 'ଏକଂ ସଦ୍ ବିପ୍ରାଃ ବହୁଧା ବଦନ୍ତି' – ଏକ ବ୍ରହ୍ମ ହିଁ ସଦ୍, ତାକୁ ବେଦଜ୍ଞ ବିଦ୍ୱାନ୍‌ମାନେ ବହୁପ୍ରକାରେ କୁହନ୍ତି ବା ବର୍ଣ୍ଣନା କରନ୍ତି । କିନ୍ତୁ ସର୍ବଶକ୍ତିମାନ୍ ଏହି ଆତ୍ମା ହିଁ ବ୍ରହ୍ମ – 'ଅୟମାତ୍ମା ବ୍ରହ୍ମ' ।

ଶକ୍ତି ଓ ଶକ୍ତିମାନ୍ ଏକ । ଗୋଟିକ ବିନା ଅନ୍ୟଟିର କଳ୍ପନା ମଧ୍ୟ କରାଯାଇପାରେନା । ଶକ୍ତିସୂତ୍ରରେ କୁହାଯାଇଛି– 'ଚିତିଃ ସ୍ୱତନ୍ତ୍ରା ବିଶ୍ୱସିଦ୍ଧିହେତୁଃ' ଅର୍ଥାତ୍ ବିଶ୍ୱର ଉତ୍ପତ୍ତି, ସ୍ଥିତି ଓ ସଂହାର କରିବାରେ ଚିତିଃ ବା ଚିତ୍‌ଶକ୍ତି ସ୍ୱତନ୍ତ୍ର ଅଟେ । ପୁଣି କୁହାଯାଇଛି– 'ଚୈତନ୍ୟମାତ୍ମା' – ଅର୍ଥାତ୍ ଚେତନାର ଭାବ ଚୈତନ୍ୟ (ବା ଶିବ) ଆତ୍ମା ଅଟନ୍ତି ।

Digitized by srujanika@gmail.com

ଶ୍ରୀ ଲଳିତାସହସ୍ର ନାମରେ କୁହାଯାଇଛି –

ଚିନ୍ମୟୀ ପରମାନନ୍ଦା ବିଜ୍ଞାନଘନରୂପିଣୀ ॥୬୧॥

ଧ୍ୟାନଧ୍ୟାତୃଧ୍ୟେୟରୂପା ଧର୍ମାଧର୍ମ ବିବର୍ଜିତା ।

ବିଶ୍ୱରୂପା ଜାଗରିଣୀ, ସ୍ୱପନ୍ତୀ ତୈଜସାତ୍ମିକା ॥୬୨॥

ସୁପ୍ତା ପ୍ରାଜ୍ଞାତ୍ମିକା, ତୁର୍ଯ୍ୟା ସର୍ବାବସ୍ଥାବିବର୍ଜିତା ।

ସୃଷ୍ଟିକର୍ତ୍ତ୍ରୀ ବ୍ରହ୍ମରୂପା, ଗୋପ୍ତ୍ରୀ ଗୋବିନ୍ଦରୂପିଣୀ ॥୬୩॥

ସଂହାରିଣୀ ରୁଦ୍ରରୂପା, ତିରୋଧାନକରୀଶ୍ୱରୀ ।

ସଦାଶିବନୁଗ୍ରହଦା ପଞ୍ଚକୃତ୍ୟପରାୟଣା ॥୫୬॥

ଏଥିରେ ମାଣ୍ଡୂକ୍ୟୋପନିଷଦ୍‌ରେ ଅବସ୍ଥାତ୍ରୟ ସହ ତତ୍ତ୍ୱସାର ବର୍ଣ୍ଣିତ ହେବା ସଙ୍ଗେ ୨ ତନ୍ତ୍ରର ସୃଷ୍ଟି-ସ୍ଥିତି-ଲୟ-ତିରୋଧାନ-ଅନୁଗ୍ରହ ରୂପକ ପଞ୍ଚକୃତ୍ୟ ପରାୟଣା ଆଦ୍ୟାଶକ୍ତି ଚିନ୍ମୟୀ ପରମାନନ୍ଦା ବିଜ୍ଞାନ-ଘନରୂପିଣୀ ମହାମାୟା ବ୍ରହ୍ମ ବୋଲି କୁହାଯାଇଛି । ବେଦାନ୍ତର ମାୟା ଓ ତନ୍ତ୍ରର ମହାମାୟା ସମାନାର୍ଥକ ନୁହେ । ବେଦାନ୍ତ ମାୟାର ବ୍ୟାବହାରିକ ସତ୍ତା ଅଛି ସିନା ପାରମାର୍ଥିକ ସତ୍ତା ନାହିଁ । କିନ୍ତୁ ତନ୍ତ୍ରର ମହାମାୟା ତ୍ରିକାଳବାଧିତା ସତ୍ତାରୂପିଣୀ ବ୍ରହ୍ମମୟୀ । ଅବଶ୍ୟ ବେଦାନ୍ତ ଓ ତନ୍ତ୍ରର କୌଣସି ବିରୋଧ ନାହିଁ । ପ୍ରଥମଟି ସିଦ୍ଧାନ୍ତଶାସ୍ତ୍ର ଓ ଦ୍ୱିତୀୟଟି ସାଧନଶାସ୍ତ୍ର । ଆଚାର୍ଯ୍ୟଶଙ୍କର ପ୍ରଥମେ ସିଦ୍ଧାନ୍ତଶାସ୍ତ୍ର ବେଦାନ୍ତ ରଚନା କଲା ପରେ ସାଧନଶାସ୍ତ୍ର ପ୍ରପଞ୍ଚସାରତନ୍ତ୍ର ଏବଂ ସିଦ୍ଧାନୁଭୂତି 'ସୌନ୍ଦର୍ଯ୍ୟଲହରୀ' ରଚନା କରିଥିଲେ ।

ବୈଦିକ ସିଦ୍ଧାନ୍ତ ମହାବାକ୍ୟ ଚତୁଷ୍ଟୟରୁ ସାମବେଦୀୟ ଛାନ୍ଦୋଗ୍ୟ (୬।୮।୭)ର 'ତତ୍ତ୍ୱମସି'ରେ ବିଶ୍ୱୋଦ୍ଧାର ସୂତ୍ର; ଯଜୁର୍ବେଦୀୟ ବୃହଦାରଣ୍ୟକ (୧।୪।୧୦)ର 'ଅହଂବ୍ରହ୍ମାସ୍ମି' ରେ ଆତ୍ମାନୁଭବ; ଅଥର୍ବବେଦୀୟ ମାଣ୍ଡୂକ୍ୟ (ମନ୍ତ୍ର-୨)ର 'ଅୟମାତ୍ମା ବ୍ରହ୍ମ'ରେ ଈଶ୍ୱର ସାକ୍ଷାତ୍କାର ଏବଂ ଋଗ୍ବେଦୀୟ ଐତରେୟ (୫।୩)ର 'ପ୍ରଜ୍ଞାନଂ ବ୍ରହ୍ମ'ରେ ଅଦ୍ୱୈତ ଜ୍ଞାନ ଥିବାବେଳେ ତାନ୍ତ୍ରିକ ମହାବାକ୍ୟରେ କର୍ମ-ଭକ୍ତି-ଜ୍ଞାନ-ମୁକ୍ତିର ଉଦାତ୍ତ ଭାବନା ପ୍ରକାଶ ପାଇଛି –

ଅହଂ ଦେବୀ ନ ଚାନ୍ୟୋଽସ୍ମି ବ୍ରହ୍ମୈବାହଂ ନ ଶୋକଭାକ୍ ।

ସଚ୍ଚିଦାନନ୍ଦରୂପୋଽହଂ ନିତ୍ୟମୁକ୍ତସ୍ୱଭାବବାନ୍ ॥

ସଚ୍ଚିଦାନନ୍ଦ – ବ୍ରହ୍ମ ଓ ନାମ-ରୂପାତ୍ମ ଜଗତ୍‌କୁ ନେଇ କୁହାଯାଇଛି –

ଅସ୍ତି ଭାତି ପ୍ରିୟଂ ରୂପଂ ନାମ ଚେତ୍ୟର୍ଥ ପଞ୍ଚକମ୍ ।

ଆଦ୍ୟତ୍ରୟଂ ବ୍ରହ୍ମରୂପଂ ଜଗଦ୍ରୂପଂ ତତୋ ଦ୍ୱୟମ୍ ॥

Digitized by srujanika@gmail.com

— ଏହି କଥାକୁ ସ୍ମରଣ କରି ଶାକ୍ତ କହେ —

ସୈବାସ୍ତି ସତ୍ ମହାମାୟା, ଜଗଦ୍ ଭାତି ଚିଦଂଶତଃ ।
ପ୍ରିୟଂ ସର୍ବଂ ଖିଳଂ ବ୍ରହ୍ମ, ନାମରୂପାତ୍ମକଂ ଜଗଦ୍ ॥

ତେଣୁ ମହାମାୟା ଅଛନ୍ତି — ଏହା ସତ୍, ଜଗଦ୍ ମଧ୍ୟ ଚେତନାରେ ପ୍ରକାଶ ପାଉଛି, ଆନନ୍ଦମୟ ବ୍ରହ୍ମ ହେଉଛନ୍ତି ସବୁକିଛି ଏବଂ ନାମ ଓ ରୂପକୁ ନେଇ ବ୍ୟାବହାରିକ ଜଗତ୍‌ରେ ଜୀବର ଅନୁଭୂତିରେ ଏସବୁ ଆସୁଛି । କିଏ ଏହାକୁ ସତ୍ କହୁଛି ତ ଆଉ କିଏ ଅସତ୍ କହୁଛି । ଏସବୁ ଯୁକ୍ତିଜାଲରେ ଛନ୍ଦିହୋଇ ମଣିଷ କିଂକର୍ତ୍ତବ୍ୟ ବିମୂଢ଼ ହୋଇଯାଉଛି । ପ୍ରଶ୍ନ ପଚାରିଲେ ଉତ୍ତର ଦେବାପାଇଁ ମାଗିବସିଲେ କିଛି ଦେବାପାଇଁ, ଦୁଃଖରେ ଭାଙ୍ଗିପଡ଼ିଲେ ଆଶ୍ରାଦେବାପାଇଁ ଏକ ସଗୁଣ ସଜୀବ ମୂର୍ତ୍ତି ଆବଶ୍ୟକ । ନିଷ୍କାମଭାବରେ ନିର୍ଗୁଣର କାରଣାନୁସନ୍ଧାନ କରାଯାଇପାରେ କିନ୍ତୁ ସଫଳ କାମପାଇଁ ସଗୁଣ ବିଗ୍ରହର ଆବଶ୍ୟକତା ଅଛି । ତେଣୁ ତ' 'ଅଦ୍ୱୈତସିଦ୍ଧି' ଗ୍ରନ୍ଥକାର ବେଦାନ୍ତୀ ମଧୁସୂଦନ ସରସ୍ୱତୀ କହିଲେ —

ଅଦ୍ୱୈତବୀଥୀପଥିକୈରୁପାସ୍ୟାଃ ସ୍ୱାରାଜ୍ୟସିଂହାସନଲବ୍ଧଦୀକ୍ଷାଃ ।
ଶଠେନ କେନାପି ବୟଂ ହଠେନ ଦାସୀକୃତା ଗୋପବଧୂବିଟେନ ॥

ଅର୍ଥାତ୍ ଅଦ୍ୱୈତ ମାର୍ଗରେ ସଂଚରଣଶୀଳଙ୍କ ଦ୍ୱାରା ଉପାସିତ ତଥା ସ୍ୱାରାଜ୍ୟ ବା ଆତ୍ମରାଜ୍ୟ ସିଂହାସନରେ ଅଧିଷ୍ଠିତ ହେବା ସକାଶେ ବେଦାନ୍ତମତରେ ଦୀକ୍ଷିତ ଥାଇ ମଧୁସୂଦନ ସରସ୍ୱତୀ ହଠାତ୍ କିମିତି କେଜାଣି କୌଣସି ଗୋପାଙ୍ଗନା ଲମ୍ପଟ ଶଠ (ଶ୍ରୀକୃଷ୍ଣ)ଙ୍କ ଦାସ ହୋଇଗଲେ ଏବଂ ସେ ତାଙ୍କ ଗୀତାର ୧୩ଶ ଅଧ୍ୟାୟରେ କହିଛନ୍ତି —

ଧ୍ୟାନାଭ୍ୟାସବଶୀକୃତେନ ମନସା ତନ୍ନିର୍ଗୁଣଂ ନିଷ୍କ୍ରିୟଂ
ଜ୍ୟୋତିଃ କିଞ୍ଚନ ଯୋଗିନୋ ଯଦି ପରଂ ପଶ୍ୟନ୍ତି ପଶ୍ୟନ୍ତୁ ତେ ।
ଅସ୍ମାକଂ ତୁ ତଦେବ ଲୋଚନଚମତ୍କାରାୟ ଭୂୟାଚ୍ଚିରଂ
କାଳିନ୍ଦୀପୁଳିନୋଦରେ କିମପି ଯନ୍ନୀଳଂ ମହୋ ଧାବତି ॥

ଅର୍ଥାତ୍, ଯୋଗିମାନେ ଧ୍ୟାନାଭ୍ୟାସ ଦ୍ୱାରା ବଶୀଭୂତ ମନରେ ନିର୍ଗୁଣ ନିଷ୍କ୍ରିୟ ଜ୍ୟୋତିର୍ବିଶେଷକୁ ଦେଖୁଛନ୍ତି ତ ଦେଖନ୍ତୁ; ମାତ୍ର କାଳିନ୍ଦୀତଟରେ ଧାଉଁଥିବା ନୀଳତେଜଃ ହିଁ ସର୍ବଦା ଆମର ଲୋଚନକୁ ଚମତ୍କୃତ କରି ଦର୍ଶନ ଦେଇ କୃତାର୍ଥ କରୁଥାଆନ୍ତୁ ।

ଅଦ୍ୱୈତମାର୍ଗୀ ନିର୍ଗୁଣସିଦ୍ଧ ମଧୁସୂଦନ ସରସ୍ୱତୀଙ୍କ ସଗୁଣ ସାଧନାର ସରସୋପଲବ୍ଧିରେ ନିର୍ଗୁଣ-ସଗୁଣ ତଥା ଅଦ୍ୱୈତ-ଦ୍ୱୈତ ସବୁ ଏକରସ ହୋଇଯାଇଛି କାରଣ —

ଚିନ୍ମୟସ୍ୟାଦ୍ୱିତୀୟସ୍ୟ ନିଷ୍କଳସ୍ୟାଶରୀରିଣଃ ।
ଉପାସକାନାଂ କାର୍ଯ୍ୟାର୍ଥେ ବ୍ରହ୍ମଣୋ ରୂପକଳ୍ପନା ॥

(ଶ୍ରୀ ରାମପୂର୍ବତାପିନୀ ୧/୭)

Digitized by srujanika@gmail.com

ଅର୍ଥାତ୍ ଚିନ୍ମୟ, ଅଦ୍ୱିତୀୟ, ନିଷ୍କଳ, ଅଶରୀରୀ ବ୍ରହ୍ମଙ୍କର ରୂପକଳ୍ପନା ବା ସଗୁଣ ରୂପ ଆବଶ୍ୟକ ହୋଇଥାଏ ଉପାସକମାନଙ୍କର କାର୍ଯ୍ୟସିଦ୍ଧିପାଇଁ । ଈଶ୍ୱର ଆମକୁ ରୂପ ଦେଇ କଣ୍ଢେଇ କରି ଖେଳୁଛନ୍ତି ଏବଂ ଆମେ ମଧ୍ୟ ଈଶ୍ୱରଙ୍କୁ ରୂପ ଦେଇ କଣ୍ଢେଇ କରି ଖେଳୁଛେ । ଉଭୟତ୍ର ଆନନ୍ଦ ଯେତେବେଳେ ଘନ ବା ସାନ୍ଦ୍ର ହୋଇଯିବ ସେତେବେଳେ ସର୍ବତ୍ର ସଚ୍ଚିଦାନନ୍ଦ ବ୍ରହ୍ମର ଉପଲବ୍ଧି ହେବ ।

ରାମଂ ବିଦ୍ଧି ପରଂବ୍ରହ୍ମ ଓଁକାର

'ସର୍ବଂ ଖଳ୍ୱିଦଂ ବ୍ରହ୍ମ'– ଇହ ଜଗତ୍‌ରେ ସବୁ କିଛି ବ୍ରହ୍ମ । ଲୀଳାପୁରୁଷୋତ୍ତମ ଭଗବାନ୍ ଶ୍ରୀକୃଷ୍ଣ ବି ବ୍ରହ୍ମ, ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ୍ ଶ୍ରୀରାମ ବି ବ୍ରହ୍ମ – ସବୁ ବ୍ରହ୍ମ, ସମସ୍ତେ ବ୍ରହ୍ମ । ଅଧ୍ୟାତ୍ମ ରାମାୟଣରେ ସ୍ୱୟଂ ବ୍ୟାସଦେବ ଲେଖିଛନ୍ତି –

ରାମଃ ପରାତ୍ମା ପ୍ରକୃତେରନାଦିରାନନ୍ଦ ଏକଃ ପୁରୁଷୋତ୍ତମୋ ହି ॥
ସ୍ୱମାୟୟା କୃତ୍ସ୍ନମିଦଂ ହି ସୃଷ୍ଟ୍ୱା ନଭୋବଦନ୍ତର୍ବହିରାସ୍ଥିତୋ ଯଃ ।
ସର୍ବାନ୍ତରସ୍ଥୋଽପି ନିଗୂଢ଼ ଆତ୍ମା ସ୍ୱମାୟୟା ସୃଷ୍ଟମିଦଂ ବିଚଷ୍ଟେ ॥
(ଅ.ରା ୧/୧/୧୦୭)

ଅର୍ଥାତ୍ ଶ୍ରୀରାମ ପରମାତ୍ମା, ଅନାଦି, ଆନନ୍ଦ, ଏକ ପୁରୁଷୋତ୍ତମ – ପ୍ରକୃତିର ପରମ ପ୍ରକାଶ । ସେ ନିଜ ମାୟାରେ ଏହି ଜଗତ୍ ସୃଷ୍ଟି କରି ଆକାଶଭଳି ବାହାରେ ଭିତରେ ସର୍ବତ୍ର ବ୍ୟାପି ରହିଛନ୍ତି । ସମସ୍ତଙ୍କ ଅନ୍ତରରେ ଥିଲେ ମଧ୍ୟ ସେ ନିଗୂଢ଼ ବା ଗୋପନୀୟ ଆତ୍ମା । ସେ ନିଜ ମାୟାରେ ଏହି ସୃଷ୍ଟିକୁ ପରିଚାଳିତ କରୁଛନ୍ତି । ଅତଏବ ଭଗବତୀ ସୀତା ଭକ୍ତ ହନୁମାନ୍‌ଙ୍କୁ କହୁଛନ୍ତି –

ରାମଂ ବିଦ୍ଧି ପରଂବ୍ରହ୍ମ ସଚ୍ଚିଦାନନ୍ଦମଦ୍ୱୟମ୍ ।
ସର୍ବୋପାଧିବିନିର୍ମୁକ୍ତଂ ସତ୍ତାମାତ୍ରମଗୋଚରମ୍ ॥
ଆନନ୍ଦଂ ନିର୍ମଳଂ ଶାନ୍ତଂ ନିର୍ବିକାରଂ ନିରଞ୍ଜନମ୍ ।
ସର୍ବବ୍ୟାପିନମାତ୍ମାନଂ ସ୍ୱପ୍ରକାଶମକଲ୍ମଷମ୍ ॥
(ଅଧ୍ୟାତ୍ମ ୧।୧।୩୨।୩୨)

ଶ୍ରୀରାମଙ୍କୁ ପରଂବ୍ରହ୍ମ ବୋଲି ଜାଣ । ସେ ସଚ୍ଚିଦାନନ୍ଦ, ଅଦ୍ୱୟ, ସର୍ବୋପାଧି ରହିତ, ସତ୍ତାମାତ୍ର, ମନ ଓ ଇନ୍ଦ୍ରିୟର ଅଗୋଚର, ଆନନ୍ଦ, ନିର୍ମଳ, ଶାନ୍ତ, ନିର୍ବିକାର, ନିରଞ୍ଜନ, ସର୍ବବ୍ୟାପକ, ସ୍ୱୟଂପ୍ରକାଶ, ପାପହୀନ ପରମାତ୍ମା ଅଟନ୍ତି ।

ଶ୍ରୀରାମୋତ୍ତରତାପିନ୍ୟୁପନିଷଦ୍‌ରେ ଓଁକାରକୁ ଅ, ଉ, ମ, ଅର୍ଦ୍ଧମାତ୍ରା, ବିନ୍ଦୁ ଓ ନାଦ – ଏହିପରି ଛ' ଭାଗରେ ବିଭକ୍ତ କଲା ପରେ ମାଣ୍ଡୂକ୍ୟ-ପ୍ରକାରେ ବିଭାଜନ କରି କୁହାଯାଇଛି –

Digitized by srujanika@gmail.com

ଅକାରାକ୍ଷର ସମ୍ଭୂତଃ ସୌମିତ୍ରିର୍ବିଶ୍ୱଭାବନଃ ।
ଉ କାରାକ୍ଷର ସମ୍ଭୂତଃ ଶତ୍ରୁଘ୍ନସ୍ତୈଜସାତ୍ମକଃ ॥
ପ୍ରାଜ୍ଞାତ୍ମକସ୍ତୁ ଭରତୋ ମକାରାକ୍ଷରସମ୍ଭବଃ ।
ଅର୍ଦ୍ଧମାତ୍ରାତ୍ମକୋ ରାମୋ ବ୍ରହ୍ମାନନ୍ଦୈକ ବିଗ୍ରହଃ ॥
ଶ୍ରୀରାମସାନ୍ନିଧ୍ୟ ବଶାଜ୍ଜଗଦାଧାରକାରିଣୀ
ଉତ୍ପତ୍ତିସ୍ଥିତି ସଂହାରକାରିଣୀ ସର୍ବଦେହିନାମ୍ ।
ସା ସୀତା ଭବତି ଜ୍ଞେୟା ମୂଳପ୍ରକୃତିସଂଜ୍ଞିକା,
ପ୍ରଣବତ୍ୱାତ୍ ପ୍ରକୃତିରିତି ବଦନ୍ତି ବ୍ରହ୍ମବାଦିନଃ ॥

ଅର୍ଥାତ୍

(୧) ଅ-କାରରୁ ସମ୍ଭୂତ ସୁମିତ୍ରାନନ୍ଦନ ଲକ୍ଷ୍ମଣ ହେଉଛନ୍ତି ଜାଗ୍ରତ୍ – ଅଭିମାନୀ 'ବିଶ୍ୱ' ନାମରେ ପରିଚିତ । ବନବାସ ସମୟରେ ସେ ଚଉଦ ବର୍ଷକାଳ ନ ଶୋଇ ଜାଗ୍ରତ୍ ଥିଲେ । ଚତୁର୍ବ୍ୟୂହରେ ସେ 'ସଂକର୍ଷଣ' ଅଟନ୍ତି ।

(୨) ଉ-କାରରୁ ଉତ୍ପନ୍ନ ଶତ୍ରୁଘ୍ନ ସ୍ୱପ୍ନର ଅଭିମାନୀ ଦେବତା 'ତୈଜସାତ୍ମକ' ଅଟନ୍ତି । ଚତୁର୍ବ୍ୟୂହରେ ସେ 'ପ୍ରଦ୍ୟୁମ୍ନ' ନାମରେ ଅଭିହିତ ।

(୩) ମ-କାରରୁ ଉତ୍ପନ୍ନ ଭରତ ସୁଷୁପ୍ତିର ଅଭିମାନୀ 'ପ୍ରାଜ୍ଞାତ୍ମକ' ଅଟନ୍ତି, ଚତୁର୍ବ୍ୟୂହରେ ସେ 'ଅନିରୁଦ୍ଧ' ଅଟନ୍ତି ।

(୪) ପ୍ରଣବର ଚତୁର୍ଥ ଅଂଶ ଅର୍ଦ୍ଧମାତ୍ରା ରୂପ ଭଗବାନ୍ ରାମ ହେଉଛନ୍ତି ତୁରୀୟ ପୁରୁଷୋତ୍ତମ – ବ୍ରହ୍ମାନନ୍ଦର ଏକମାତ୍ର (ମୂର୍ତ୍ତ) ବିଗ୍ରହ । ଚତୁର୍ବ୍ୟୂହରେ ସେ ବାସୁଦେବ ନାମରେ ପ୍ରସିଦ୍ଧ ।

(୫) ଶ୍ରୀରାମଙ୍କ ସାନ୍ନିଧ୍ୟବଶତଃ ଜଗତ୍‌ର ଆଧାରଭୂତା ସର୍ବଦେହଧାରୀଙ୍କର ଉତ୍ପତ୍ତି-ସ୍ଥିତି-ସଂହାରକାରିଣୀ ସୀତା ହେଉଛନ୍ତି ପ୍ରଣବ ଓଁକାର ପରି ମୂଳପ୍ରକୃତି ।

ଉପର୍ଯ୍ୟୁକ୍ତ ଭାବକୁ ନିମ୍ନଲିଖିତ ପ୍ରକାରେ ସାରଣୀରେ ପ୍ରଦର୍ଶନ କରାଯାଇପାରେ

ବିଭୁ	ସର୍ବଜ୍ଞ	ପ୍ରାଜ୍ଞ	ହିରଣ୍ୟଗର୍ଭ	ବିଶ୍ୱ (ବିରାଟ୍)
ସୁନ୍ଦର	ରାମ	ଭରତ	ଶତ୍ରୁଘ୍ନ	ଲକ୍ଷ୍ମଣ
ସୁନ୍ଦରୀ	ସୀତା	ମାଣ୍ଡବୀ	ଶ୍ରୁତକୀର୍ତ୍ତି	ଉର୍ମିଳା
ଅବସ୍ଥା	ତୁରୀୟ	ସୁଷୁପ୍ତି	ସ୍ୱପ୍ନ	ଜାଗ୍ରତ୍

Digitized by srujanika@gmail.com

ଶ୍ରୀରାମୋତ୍ତରତାପିନ୍ୟୁପନିଷଦ୍‌ରେ ମୂଳମାଣ୍ଡୂକ୍ୟୋପନିଷଦ୍‌କୁ ପୂର୍ଣ୍ଣରୂପରେ ଉଦ୍ଧାର କରାଯାଇ ଶ୍ରୀରାମ ହିଁ ପରଂବ୍ରହ୍ମ ବୋଲି ପ୍ରତିପାଦନ କରାଯାଇଛି । ଏ ପ୍ରସଙ୍ଗରେ ନିମ୍ନଲିଖିତ ଉଦ୍ଧୃତି ପ୍ରଣିଧାନଯୋଗ୍ୟ ଅଟେ –

ସହସ୍ରଶୃଙ୍ଗୋ ବେଦାତ୍ମା ଶତଶୀର୍ଷୋ ମହର୍ଷଭଃ ।
ତ୍ୱଂ ତ୍ରୟାଣାଂ ହି ଲୋକାନାମାଦିକର୍ତ୍ତା ସ୍ୱୟଂପ୍ରଭୁଃ ॥
(ବାଲ୍ମୀକି ୬।୧୧୭।୧୮)

ଭରଣଃ ପୋଷଣାଧାରଃ ଶରଣ୍ୟଃ ସର୍ବବ୍ୟାପକଃ ।
କରୁଣଃ ଷଡ୍‌ଗୁଣୈଃ ପୂର୍ଣ୍ଣୋ ରାମସ୍ତୁ ଭଗବାନ୍ ସ୍ୱୟମ୍ ॥
(ମହାରାମାୟଣ)

ପୂର୍ଣ୍ଣଃ ପୂର୍ଣ୍ଣାବତାରଶ୍ଚ ଶ୍ୟାମୋ ରାମୋ ରଘୂଦ୍ୱହଃ ।
ଅଂଶୋ ନୃସିଂହକୃଷ୍ଣାଦ୍ୟା ରାଘବୋ ଭଗବାନ୍ ସ୍ୱୟମ୍ ॥
(ବ୍ରହ୍ମସଂହିତା)

ତେଣୁ ଭକ୍ତପ୍ରବର ହନୁମାନ୍ କହିଥିଲେ –

ଦେହବୁଦ୍ଧ୍ୟା ତୁ ଦାସୋଽସ୍ମି ଜୀବବୁଦ୍ଧ୍ୟା ତ୍ୱଦଂଶକଃ ।
ଆତ୍ମବୁଦ୍ଧ୍ୟା ତ୍ୱମେବାହମିତି ମେ ନିଶ୍ଚିତା ମତିଃ ॥

ଅର୍ଥାତ୍ ହେ ରାମଚନ୍ଦ୍ର ! ଦେହବୁଦ୍ଧିରେ ତୁମେ ମୋର ପ୍ରଭୁ ଏବଂ ମୁଁ ତୁମର ଦାସ । ଜୀବବୁଦ୍ଧିରେ ତୁମେ ପୂର୍ଣ୍ଣବ୍ରହ୍ମ ଏବଂ ମୁଁ ତୁମର ଅଂଶବିଶେଷ । ଆତ୍ମବୁଦ୍ଧିରେ 'ଅୟମାତ୍ମା ବ୍ରହ୍ମ' ବା ଏହି ଆତ୍ମାହିଁ ବ୍ରହ୍ମ ବା ତୁମେ ଯିଏ ମୁଁ ସିଏ – ଆମେ ଏକ ଆତ୍ମା ବ୍ରହ୍ମ ସ୍ୱରୂପ ।

ଭଗବାନ୍ ସର୍ବତ୍ର ଅଛନ୍ତି । ତାଙ୍କର ନାମ, ରୂପ, ଲୀଳା, ଧାମ – ସବୁ ବ୍ରହ୍ମ – ସବୁ ସଚ୍ଚିଦାନନ୍ଦବିଗ୍ରହ ବୋଲି ବଶିଷ୍ଠସଂହିତାରେ କୁହାଯାଇଛି –

ରାମସ୍ୟ ନାମ ରୂପଂ ଚ ଲୀଳାଧାମ ପରାତ୍ପରମ୍ ।
ଏତଚ୍ଚତୁଷ୍ଟୟଂ ସର୍ବଂ ସଚ୍ଚିଦାନନ୍ଦ ବିଗ୍ରହମ୍ ॥

ଅନୁବାଦ ସମ୍ବନ୍ଧରେ –

କବି ସତ୍ୟାନନ୍ଦଙ୍କ ଇଷ୍ଟଦେବ ରଘୁପତି । ତାଙ୍କର ଲୀଳାନୁବାଦରେ 'ଶ୍ରୀରାମଚରିତମାନସ', ରହସ୍ୟୋଦ୍‌ଘାଟନରେ 'ଶ୍ରୀରାମରହସ୍ୟ' ପ୍ରକାଶ ପାଇଲା ପରେ 'ମାଣ୍ଡୂକ୍ୟୋପନିଷଦ୍'ର ସତ୍ୟାନନ୍ଦଦାୟିନୀ ବ୍ୟାଖ୍ୟା ଜଣ-କେନକଠର ଅନୁବାଦ ଭଳି ପଦ୍ୟାତ୍ମକ ରୀତିରେ ରାମକୃପାରୁ ପ୍ରକାଶ ପାଇବାକୁ ଯାଉଛି । ଏଥିରେ ସତ୍ୟାନନ୍ଦଙ୍କ ସ୍ୱଭାବସୁଲଭ କବିତ୍ୱର ଲାଳିତ୍ୟ ଭିତରେ ମାଣ୍ଡୂକ୍ୟର ଗୁରୁଗମ୍ଭୀର ଅବସ୍ଥାତ୍ରୟର ବ୍ୟାଖ୍ୟା ବ୍ରହ୍ମତତ୍ତ୍ୱବୋଧରେ ମୁମୁକ୍ଷୁ ପାଠକଙ୍କ ପାଇଁ ଅମୂଲ୍ୟ ନିଧି ହୋଇଯାଇଛି । ତରୁଣ ଜୀବନର ରସିକ କବିଟିଏ ରାଜନୀତିର ପିଚ୍ଛିଳ ପଥରେ ଶତମାର୍ଗରେ ଗତିକରି

Digitized by srujanika@gmail.com

ମଧ୍ୟବୟସରେ କ୍ଷତବିକ୍ଷତ ହେଲାପରେ ଜୀବନର ଅଭାବବୋଧକୁ ଦୂରକରିବା ପାଇଁ ପରିଣତ ବୟସରେ ନିରପେକ୍ଷ ଭାବରେ ବେଦାନ୍ତଚର୍ଚ୍ଚାରେ ସବୁ ସମୟ କଟାଇ ଯେଉଁପରି ସାରସ୍ୱତ ସାଧନାର ମାର୍ଗ ପରିଷ୍କାର କରିଯାଇଛନ୍ତି – ତାହାର ତୁଳନା ନାହିଁ । ସମଗ୍ର ଭାରତୀୟ ସାହିତ୍ୟରେ ଏପରି ସରସ ସରଳ ଅନୁବାଦ ଦୁର୍ଲଭ ବୋଲି କହିଥିଲି ।

ସତ୍ୟାନନ୍ଦକବେର୍ବ୍ୟାଖ୍ୟା ସତ୍ୟାନନ୍ଦ ପ୍ରଦାୟିନୀ ।
ସତ୍ୟାନନ୍ଦବତାଂ ଭୂୟାତ୍ ସତ୍ୟାନନ୍ଦସମୃଦ୍ଧୟେ ॥

ଅର୍ଥାତ୍ ସତ୍ୟାନନ୍ଦକବିଙ୍କ ସତ୍ୟାନନ୍ଦ ପ୍ରଦାୟିନୀ ବ୍ୟାଖ୍ୟା ସତ୍ୟାନନ୍ଦାଗ୍ରହୀ ସାଧକ ପାଠକମାନଙ୍କର ସତ୍ୟାନନ୍ଦ ସମୃଦ୍ଧିର ସହାୟକ ହେଉ । ଓଡ଼ିଶାର ସାରସ୍ୱତ କ୍ଷେତ୍ରରେ ସତ୍ୟାନନ୍ଦଙ୍କ ଏହି ଅନୁବାଦ ଅକ୍ଷୟକୀର୍ତ୍ତି ହୋଇ ରହିବ । ଆଶା, ବେଦାନ୍ତ ପ୍ରଚାର ପରିଷଦ୍‌ର ଏହି ଅବଦାନ ବହୁଜନହିତାୟ ବହୁଳ ପ୍ରସାର ଓ ଆଦର ଲାଭ କରିବ । ଓଁ ତତ୍ ସତ୍ ଇତିଶମ୍ ।

କର୍କଟ ୧୫, ୫୧୦୧ କଳିଯୁଗାବ୍ଦ — ଶ୍ରୀ ମହାମେଧାନନ୍ଦନାଥ ସରସ୍ୱତୀ
ଶ୍ରାବଣ (ଚିତଉ) ଅମାବାସ୍ୟା, ୧୯୨୨ ଶକାବ୍ଦ — ଅଧ୍ୟକ୍ଷ
ତା ୧୫ ଜୁଲାଇ, ୨୦୦୦ ଖ୍ରୀଷ୍ଟାବ୍ଦ — ବେଦାନ୍ତ ପ୍ରଚାର ପରିଷଦ୍, ଭୁବନେଶ୍ୱର-୩୦

Digitized by srujanika@gmail.com

କୃପା-ଭିକ୍ଷା

ଚୋରା ମଧୁ ଚଇତାଳି ଚୋରି କରି ଚିତ୍ତ
ବନେ ଉପବନେ ହେଉଥିଲା ପ୍ରବାହିତ ।।
ଚୂତ ତରୁ ଶାଖା ଡାଳେ ବସି ପିକଗଣେ,
କରୁଥିଲେ କୁହରିତ କୁହୁ କୁହୁ ସ୍ୱନେ ।।

କୁଳୁ କୁଳୁ କଳ ତାନେ ପାଖ ନିର୍ଝରିଣୀ,
କି ଆବେଶେ ମନ ପ୍ରାଣ ନେଉଥିଲା କିଣି ।।
ଜାଇ ଯୂଇ ମଲ୍ଲି ଚମ୍ପା ତମାଳ ସେବତୀ
ହାସେ ବାସେ ଦେଉଥିଲା ଛାତିକୁ କରତି ।।

ଏଇ ପରିବେଶେ ଦିନେ ରାଜ-ଉପବନେ
ଥିଲେ ବସି ରଘୁପତି ରାମ ଏକାସନେ ।।
ଏକାକୀ ନିଃସଙ୍ଗ ଭାବେ ଅଯୋଧ୍ୟା ନୃପତି,
ନିମଜ୍ଜି ଥିଲେ କି ସତେ କରି ଆତ୍ମରତି ।।

ଏ କାଳେ ଭକତ-ରାଜ ପବନ-ତନୟ,
ପହଞ୍ଚିଲେ ଦେଖି ତହିଁ ନିଭୃତ ସମୟ ।।
ସମ୍ମୁଖେ ପୟର ତଳେ ବସି ଯୋଡ଼ି କର
କହିଲେ, ''ପ୍ରଭୁ ମୁଁ ତବ ଚରଣ କିଙ୍କର ।।
ପ୍ରଭୁଙ୍କୁ ଏକାକୀ ଦେଖି ଆସିଛି ଗୋସାଇଁ
ମନର ସଂଶୟ କିଛି ପଚାରିବା ପାଇଁ ।।
ଆଜ୍ଞା ହେଲେ ପଚାରିବି କରୁଛି ମିନତି
ହେ ଦୀନ ପ୍ରଣତପାଳ ଅବଧେଶ ପତି ।।''

ଶ୍ରୀରାମ କହିଲେ ତହୁଁ ପ୍ରସନ୍ନ ମନରେ,
''ପଚାର ପଚାର ଯାହା ଭାବୁଛ ଅନ୍ତରେ ।।''

Digitized by srujanika@gmail.com

କହିଲେ ପବନ-ସୁତ ବିନୀତ ଭାବରେ
''ମୋ ମନ ସଂଶୟ କିଛି ରଖୁଛି ଆଗରେ ॥
ଶୁଣିଛି, ଜାଣିଛି, ଉପନିଷଦ ମୁଁ କିଛି ।
ସବୁଥିରେ ବ୍ରହ୍ମ, ବ୍ରହ୍ମଭାବନା ରହିଛି ॥
ତହିଁ ମଧ୍ୟେ ଶ୍ରେଷ୍ଠ କେଉଁ ଗୋଟିକ ଗୋସାଇଁ,
ସୁଲଭ ହୋଇବ ଯହିଁ ମୁକତି ମୋ' ପାଇଁ ॥''
''ପଚାରି ଏ ପ୍ରଶ୍ନ ତୁମେ ପ୍ରିୟ ହନୁମାନ,
ଜାଣିନ କରିଛ କେତେ ଜଗତ କଲ୍ୟାଣ ॥
ନିଜର ସ୍ୱରୂପ ଜ୍ଞାନ, ପରମାତ୍ମ-ଜ୍ଞାନ
ନିମନ୍ତେ ''ମାଣ୍ଡୂକ୍ୟ ଉପନିଷଦ'' ପ୍ରଧାନ ॥
ଜୀବନେ ସୁଲଭ ମୁକ୍ତି ଏହାକୁ ଜାଣିଲେ ।
ସଂସାର-ସରଣୀ ସରେ''—ଶ୍ରୀରାମ କହିଲେ ॥

ଭକ୍ତ୍ୟା ଶୁଶ୍ରୂଷୟା ରାମଂ ସ୍ତୁବନ୍‌ପପ୍ରଚ୍ଛ ମାରୁତିଃ ।
ରାମ ତ୍ୱଂ ପରମାତ୍ମାସି ସଚ୍ଚିଦାନନ୍ଦ ବିଗ୍ରହଃ ॥୪॥

ଅନାୟାସେନ ଯେନାହଂ ମୁଚ୍ୟେୟଂ ଭବ ବନ୍ଧନାତ୍ ।
କୃପୟା ବଦ ମେ ରାମ ଯେନ ମୁକ୍ତୋ ଭବାମ୍ୟହମ୍ ॥
ସାଧୁ ପୃଷ୍ଟଂ ମହାବାହୋ ବଦାମି ଶୃଣୁ ତତ୍ତ୍ୱତଃ ।
ବେଦାନ୍ତେ ସୁପ୍ରତିଷ୍ଠୋଽହଂ ବେଦାନ୍ତଂ ସମୁପାଶ୍ରୟ ॥୭॥

ବେଦାନ୍ତାଃ କେ ରଘୁଶ୍ରେଷ୍ଠ ବର୍ତନ୍ତେ କୁତ୍ର ତେ ବଦ ।
ହନୁମତ୍ ଶୃଣୁ ବକ୍ଷାମି ବେଦାନ୍ତ ସ୍ଥିତିମଞ୍ଜସା ॥୮॥

ଇୟଂ କୈବଲ୍ୟମୁକ୍ତିସ୍ତୁ କେନୋପାୟେନ ସିଦ୍ଧ୍ୟତି ।
ମାଣ୍ଡୂକ୍ୟମେକ-ମେବାଲଂ ମୁମୁକ୍ଷୂଣାଂ ବିମୁକ୍ତୟେ ॥୨୬॥

ମୁକ୍ତିକୋପନିଷତ୍

Digitized by srujanika@gmail.com

ରଘୁନାଥ ସ୍ୱାମୀ ଆହେ ଜାନକୀ-ଜୀବନ,
ଅଯୋଧ୍ୟାଧିପତି ରାମ, ପତିତ-ପାବନ,
ଆହେ ନୟନାଭିରାମ ରଣ ରଙ୍ଗଧୀର
ରାଜୀବଲୋଚନ ରାମ, ରାମ ରଘୁବୀର,
ହେ ମୋ' ଇଷ୍ଟଦେବ ରାମ କୌଶଲ୍ୟାନନ୍ଦନ
ଟିକେ ଘେନ ଏ ଅଧମ ଦୀନ ନିବେଦନ ।।
ଭକ୍ତ ହନୁମାନେ ପ୍ରଭୁ ମାଣ୍ଡୂକ୍ୟ ଶୁଣାଇ
ଜଗତ କଲ୍ୟାଣ କଲ ରଘୁକୁଳ ସାଇଁ ।।
ଅଭକ୍ତ ଅଧମ ମୁହିଁ ଦୀନ ଅକିଞ୍ଚନ,
ସେ ମାଣ୍ଡୂକ୍ୟ ଆଶେ ପ୍ରଭୁ ବଳାଇଛି ମନ ।।
କରିବ କରୁଣା ଟିକେ କରୁଣାସାଗର,
ପଦ୍ମପାଦେ ପ୍ରଭୁ ଏଇ ବିନତି ମୋହର ।।

ଭକତ ତୁଳସୀ ଦାସ ଯେବେ ଅତୀତରେ
ତାଙ୍କ ସେହି ରାମ-କଥା ଲେଖିବାକୁ ଗଲେ
ଇଷ୍ଟ ପାଶେ ସେ ରଖିଲେ ଭରସା ଯେପରି,
ଆଜି ମୁଁ ଚାଲିବି ତାଙ୍କ ପଥ ଅନୁସରି ।
ତାଙ୍କରି ଦୀନତା ଯେତେ କରି ସୁମରଣ
ଏ ଦୀନ ତାଙ୍କରି ପାଦେ ପଶଇ ଶରଣ ।
''ମୋ କବିତା ସବୁ ଗୁଣ ଗରିମା ରହିତ,
ଏକମାତ୍ର ଗୁଣ ତାର ଶ୍ରୀରାମ ଚରିତ ।।

ରଘୁପତି ତତ୍ତ୍ୱସାର ସୁଲଭ ଏ ଗ୍ରନ୍ଥେ
ପୁରାଣ ଓ ଶ୍ରୁତିସାର ପାବନ ଜଗତେ ।।
ମଙ୍ଗଳ ଭବନ ଆଉ ଅମଙ୍ଗଳହାରୀ
ଜପନ୍ତି ଯାହାଙ୍କୁ ଉମା ସହ ତ୍ରିପୁରାରି ।।

Digitized by srujanika@gmail.com

ଉତ୍ତମ କବିତା ହେଉ ସୁକବି ରଚିତ,
ରାମ-ରସ ବିନା ନୁହେଁ ତାହା ସୁସ୍ୱାଦିତ,
ଅଳଙ୍କୃତା ଶଶି-ମୁଖୀ ରମଣୀ ରତନ
ଶୋଭନ ନ ଦିଶେ ଯେହ୍ନେ ନ ଥିଲେ ବସନ ।।
ଯଦିବା କବିତା-ରସ ନାହିଁ ଏଥି କିଛି,
ତଥାପି ଶ୍ରୀରାମ-ତତ୍ତ୍ୱ ଭରି ରହିଅଛି ।
ସେଇ ଭରସା ତ ମୋର ମନକୁ ଆସିଲା;
କିଏ' ବଡ଼ ସଙ୍ଗେ ବଡ଼ପଣ ନ ପାଇଲା ?
ଧୂଆଁ ବି ଅଗୁରୁ ସଙ୍ଗେ ସୁଗନ୍ଧ ହୁଅଇ,
ନିଜ ସ୍ୱାଭାବିକ କଟୁ ଗୁଣକୁ ତେଜଇ ।।
ହୀନ ମୋ କବିତା ସିନା ତତ୍ତ୍ୱ ତ ପରମ,
ନାମ-ତତ୍ତ୍ୱ ମହିମାହିଁ ଜଗତେ ଉତ୍ତମ ।।
ଯେପରି ଶ୍ମଶାନ-ଭସ୍ମ ଶିବ ଅଙ୍ଗେ ଜଡ଼ି
ଦିଶଇ ସୁନ୍ଦର ମନେ ପୂତ ଭାବ ଭରି ।।

ଏ କରାଳ କଳିଯୁଗେ ଯାହାଙ୍କ ଜନମ,
ହଂସ ବେଶେ ଯେ କରନ୍ତି ବାୟସ କରମ,
କୁପଥେ ଗମନ ଯାର ଭୁଲି ବେଦ ପାଠ,
ଯେ କପଟ-ମୂର୍ତ୍ତି, କଳି ଯୁଗେ ପାପ-ପାତ୍ର,
ଯେ ଶଠେ ବୋଲାନ୍ତି ଭକ୍ତ ରଘୁନାଥଙ୍କର
ନିରନ୍ତର କାମ କ୍ରୋଧ କାଞ୍ଚନ କିଙ୍କର;
ସଂସାରେ ତାହାଙ୍କ ମଧ୍ୟେ ପ୍ରଥମେ ମୁଁ ଗଣା,
ଧିକ ଧର୍ମଧ୍ୱଜୀ ମୋତେ; ଧନ୍ଦା-ଜାଲେ ବଣା ।
ରାମତତ୍ତ୍ୱ କାହିଁ କୋଟି ଅନନ୍ତ ଅପାର
କାହିଁ ମୁହିଁ ମୂଢ଼ମତି ଆସକ୍ତ ସଂସାର;
ଅସୀମ ପ୍ରଭୁ ତା ଜାଣି ରଘୁପତିଙ୍କର,
ସେହି ତତ୍ତ୍ୱ ବର୍ଣ୍ଣିବାକୁ ମାଡୁଅଛି ଡର ।।

Digitized by srujanika@gmail.com

ନାମ-ରୂପ-ଇଚ୍ଛା ହୀନ ଯେ ପରମେଶ୍ୱର,
ଅଜ, ଅବିନାଶୀ, ଏକ, ବ୍ୟାପ୍ତ ଚରାଚର,
ଯେ ସଚ୍ଚିଦାନନ୍ଦ ଘନ ପ୍ରଭୁ ଭଗବାନ,
ଦେହ ଧରି ବିରଚନ୍ତି ନାନା ଲୀଳାମାନ ॥
ସେ ଲୀଳା କେବଳ ଭକ୍ତ ଜନହିତ ଲାଗି,
ପରମ ଦୟାଳୁ ସେ ତ ପ୍ରଣତାନୁରାଗୀ ।
ରଖନ୍ତି ସେ ଯାହା ପ୍ରତି ପ୍ରୀତି ଅନୁରାଗ,
ଥରେ କୃପା କରି ଆଉ ନ କରନ୍ତି ତ୍ୟାଗ ॥

ସେହି ଭରସାରେ ରଘୁପତି ତତ୍ତ୍ୱ କଥା
ଲେଖିଯିବି ରଘୁନାଥ ପଦେ ନୋଇଁ ମଥା ॥"

ତୁଳସୀ-ଦୀନତା ଠାରୁ ମୋର ନୁହେଁ ଊଣା
ସେ ତ ଭକ୍ତ ଥିଲେ ଲଭି ଅପାର କରୁଣା ।
ହେଲେ ବି ଅଭକ୍ତ ହୀନ ମୁହିଁ ତ ତୁମରି,
ତୁମ କୃପା-ଝରି କେବେ ଯାଉ ନାହିଁ ସରି ।
କାହାକୁ କହିନି, ପ୍ରଭୁ ତୁମେ ହିଁ ଭରସା,
ତୁମେ ନ ରଖିଲେ ମୁଁ କି ହେବି ଲୋକହସା ?
ଭକ୍ତ ଅଭକ୍ତରେ ନାହିଁ ପାତର ଅନ୍ତର,
ଏ ତ ତୁମ ନୀତି, ତେଣୁ ନ ହୁଏ କାତର ॥

ଲେଖଇ ମାଣ୍ଡୂକ୍ୟ ଚିନ୍ତି ତବ କୃପାକଣ,
ଶୋଚନା କରିବି କିଆଁ ହୋଇବ କଅଣ ?
ତବ କୃପାଲୋକ ଯେଣୁ ବ୍ୟାପିଛି ସବୁଠିଁ,
ହତାଶା ତମସା ତେବେ ମୋ'ପାଇଁ କେଉଁଠି ?
ଚଲାଇଛ ଯେଉଁପରି ଚାଲିବି ଆଗକୁ,
ଭରସା କେବଳ, ଅଛ ତୁମେ ମୋ ପଛକୁ ॥

Digitized by srujanika@gmail.com

ଶାନ୍ତି ପାଠ

ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବାଃ
ଭଦ୍ରଂ ପଶ୍ୟେମାକ୍ଷଭିର୍ଯଜତ୍ରାଃ ।
ସ୍ଥିରେରଙ୍ଗୈସ୍ତୁଷ୍ଟୁବାଂସସ୍ତନୁଭିଃ
ବ୍ୟଶେମ ଦେବହିତଂ ଯଦାୟୁଃ ॥
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ॥

ଅନୁବାଦ

ହେ ଅଖଣ୍ଡ ଜ୍ୟୋତି ରୂପ ଅନନ୍ତ ସ୍ୱରୂପ,
ନିତ୍ୟ ସର୍ବ ଶକ୍ତିମାନ ତ୍ରିଭୁବନ ଭୂପ,
ଏ ଜୀବନ-ଯଜ୍ଞେ ବ୍ରହ୍ମ ଆରାଧନା ପାଇଁ
ହେଉ ସର୍ବ ଶୁଭମୟ ଅଖିଳ ଗୋସାଇଁ ॥
ଶୁଣାଅ ହେ ପ୍ରଭୁ ଆମ ବେନି କର୍ଣ୍ଣପଥେ,
ଭଦ୍ର ସୁମଙ୍ଗଳ ଶୁଭ ବଚନ ନିରତେ ॥
ନୟନେ ଦେଖାଅ ନିତି ରମ୍ୟ ରମଣୀୟ
ମଙ୍ଗଳ କଲ୍ୟାଣ କର ଦୃଶ୍ୟ ଯାହା ପ୍ରିୟ ॥

ଶରୀରର ସ୍ଥିର ଶକ୍ତ ଅଙ୍ଗରେ ଆମରି,
ତବ ସ୍ତବ ସ୍ତୁତି ଗାଇ ଆମେ ଯେଉଁପରି,
ବିହିତ ଦେବତା-ଦତ୍ତ ଆୟୁଷ ଜୀବନେ
ଭୋଗିବୁ ସକଳେ ତାହା କର ଦେବଗଣେ ॥

ଏଇ ଶାନ୍ତିପାଠେ ଗୁରୁ ସହ ଶିଷ୍ୟମାନେ,
ଇଷ୍ଟଙ୍କୁ କରନ୍ତି ସ୍ତୁତି ପରମାତ୍ମା ଜ୍ଞାନେ ।

Digitized by srujanika@gmail.com

ବ୍ୟାଖ୍ୟା

ଓଁକାର ରୂପୀ ରାମ ହେ'ଜୀବନ ପ୍ରଭୁ
ତୁମେ ତନୁ ମନ ପ୍ରାଣ ଅନ୍ତରାତ୍ମା ସବୁ ॥
ଅଖଣ୍ଡ ପ୍ରକାଶମୟ ତମେ ନିରାକାର,
ଚରାଚର ଏ ଜଗତ ସବୁରି ଆଧାର ॥
ତୁମେ ଦେବ, ଆଦିଦେବ ସର୍ବଦେବ ତୁମେ
ତୁମେହିଁ ଉପାସ୍ୟ ଚରାଚର ଚିତ୍ତ ଭୂମେ ॥

ଶୁଭ ଶ୍ରବଣ

ପ୍ରଭୁ ଦେଖିବାକୁ ଚକ୍ଷୁ ଶୁଣିବାକୁ ଜ୍ଞାନ,
ଏ ଶରୀରେ ଅଛ ଖଞ୍ଜି ଜ୍ଞାନେନ୍ଦ୍ରିୟମାନ ॥
ତୁମେ ପୁଣି ସର୍ବନାମ, ପ୍ରତିଧ୍ୱନି ସ୍ୱର
ଶୁଣିଲେ, ଶୁଣିବୁ ତବ ନାମ ନିରନ୍ତର ॥
ପ୍ରତି ଶ୍ରବଣରେ ହେବ ଯେ ଭାବ ଉଦିତ
ରାମମୟ ଭାବନାରେ ସେ ହେଉ ରଞ୍ଜିତ ॥
ପ୍ରତିଟି ଶବଦ ଯେଣୁ ତୁମେହିଁ ତ ରାମ,
ବାଣୀର ଆଧାର ତେଣୁ ତୁମେ ଅଭିରାମ ॥

ବାଣୀର ଆଧାର ତୁମେ, ତୁମେହିଁ ତ ବାଣୀ
ପ୍ରତି ବାକ୍ୟ ରାମ, ବୋଲି ଯେହ୍ନେ ପାରୁ ଜାଣି ॥
ଭଦ୍ର ଶ୍ରବଣରେ ହେଉ ଶ୍ରବଣ ମଙ୍ଗଳ
ଏହି ଦୟା ଥିବ କରି ରାମ ରଘୁବର ॥

ଶୁଭ ଦର୍ଶନ

ଏବେ ନେତ୍ର ତବ ଦିବ୍ୟ ମୂରତି ନିରେଖେ
ଚଉବାହି ତବ ଚାରୁ ମୂରତିକି ଦେଖେ ॥
ତୁମ ବିନା ଆଉ ଅବା ରହିଛି କଅଣ
ଏହି ସତ୍ୟ ତତ୍ତ୍ୱ ଯେହ୍ନେ କରିବୁ ଦର୍ଶନ ॥

Digitized by srujanika@gmail.com

ତୁମେହିଁ ନୟନେ ଦିଶ, ଆକୃତି ତୁମର
ଏ ହୃଦୟ ତଟେ ଆମ ନାଚୁ ନିରନ୍ତର ।।
ଭାବରେ ଆରତି ତବ କରୁ ଅବିରତ
ଏ ମନ ପୂଜାରୀ ହେଉ ତୁମରି ସତତ ।।

ସ୍ଥିର ଦୃଢ଼ ରଖିଥିବ ଆମ ଅବୟବ
ଚିତ୍ତେ ଯହିଁ ନିଷ୍ଠାଭାବ ହେବ ଅନୁଭବ ।।
ତୁମ ଜ୍ୟୋତି ଲଭି ପ୍ରଭୁ ଦେଖଇ ନୟନ
ସେ ଜ୍ୟୋତି ବିହୁନେ ଶୂନ୍ୟ ଦିଶିବ ଭୁବନ ।।
ତୁମେ ହିଁ କେବଳ ସର୍ବରୂପ, ସର୍ବାଧାର
ତୁମ ବିନା ଦୃଷ୍ଟି ଶକ୍ତି ଅଛି ବା କାହାର ?

ନେତ୍ରେ ଛାଇ ହୋଇ ରହ କୌଶଲ୍ୟା-ତନୟ,
ବିଶ୍ୱେ ଯା' ଦେଖାଅ, ହେଉ ରାମଭଦ୍ରମୟ ।।
ନେତ୍ର ଯହିଁ ଯାଏ ସବୁ ହେଉ ରାମମୟ,
ହେଉ କୃପାମୟ ଦୃଷ୍ଟି ହେ କରୁଣାଳୟ ।।
ନେତ୍ର ପୁତଳିରେ ଭାସୁ ତବ ରୂପାଭାସ;
ଖୋଲିଲେ ମୁଦିଲେ ଆଖି ନେତ୍ର ପଥେ ଆସ ।।

କର୍ମ ଯଜ୍ଞମୟ ହେଉ

ଏ ସୁସ୍ଥ ସବଳ ଅଙ୍ଗେ ତୁମରି ପୂଜନ
କରିବୁ ଯେପରି କର ତାହାରି ଯତନ ।।
ପାଦ ଚଳୁ ନିରନ୍ତରେ ଶ୍ରୀରାମ ମନ୍ଦିରେ,
ଯୁକ୍ତ ହେଉ କର ରାମ-ପୂଜା ଆଳତିରେ ।।

ଭାବମୟ ହୃଦୟରେ ରହି ନିମଗନ
ନିରତେ କରିବୁ ଯେହ୍ନେ ତୁମରି ଦର୍ଶନ ।।

Digitized by srujanika@gmail.com

ଯଜ୍ଞମୟ ହେଉ ଆମ ପ୍ରତ୍ୟେକ କରମ
ପ୍ରତି ଶ୍ୱାସେ ବହୁ ତବ ନାମ-ଗଙ୍ଗା ସମ ॥
ଅବାରିତ ଧାରେ ବହୁ ନୟନୁ ଲୋତକ,
ଶୁଣି ତର୍କ କଥା ହେଉ ଶରୀରେ ପୁଲକ ॥

ରାମ ଭଦ୍ର ନାହିଁ କିଛି ଯାଚନା ଆମରି
ରାମାୟିତ ହେଉ ପାଣି ପବନ ଯେପରି ॥

Digitized by srujanika@gmail.com

ପୀଠିକା

ମାଣ୍ଡୂକ୍ୟୋପନିଷଦ

ଆମ ଶାସ୍ତ୍ର-ରତ୍ନାଗାରେ ମାଣ୍ଡୂକ୍ୟ ଶୋଭିତ
ଅଥର୍ବବେଦୀୟ ଉପନିଷଦ ଏହିତ ॥

ଓଁ କାର ଅଭିଧାନ ପ୍ରଧାନ ଏଥିରେ;
ଅ..ଉ..ମ ଆଉ ଅମାତ୍ର ସାଥିରେ
ଚାରି ଭେଦ କରି ପରମାତ୍ମାଙ୍କ ସ୍ୱରୂପ
ବର୍ଣ୍ଣିତ ହୋଇଛି ଧରି ଶଇଳୀ ଅଦ୍ଭୁତ ॥
ଅବସ୍ଥା ତିନିକୁ ଥାପି ଓଁକାର ମାତ୍ରାରେ
ଆତ୍ମାଙ୍କର ଚାରି ପାଦ ବର୍ଣ୍ଣିତ ଏଠାରେ ॥

ମନ୍ତ୍ର ଦ୍ରଷ୍ଟା ଋଷି ତାର ମାଣ୍ଡୂକ୍ୟ ମହର୍ଷି,
ତେଣୁ ଏହିପରି ତାର ନାମ ହୋଇଅଛି ॥
ବାର ଗଦ୍ୟ ମନ୍ତ୍ରାତ୍ମକ କୃଶ କଳେବର
ସତେ ତତ୍ତ୍ୱ-ଭାବ-ଯୁକ୍ତ ତପସ୍ୱୀ ପ୍ରବର !!
ବହୁ ଶାସ୍ତ୍ରବିଦଙ୍କର ଏ ଦୃଢ଼ ବିଚାର
ସବୁ ଉପନିଷଦର ଏ ସଂକ୍ଷିପ୍ତ ସାର ॥

କେବଳ ମାଣ୍ଡୂକ୍ୟ ଗୋଟି ଏ ମାୟା-ସଂସାରେ
ମୁକ୍ତିକାମୀ ଜନେ ପରା ମୋକ୍ଷ ଦେଇପାରେ ॥
ସତ୍ୟ ଉପଲବ୍ଧି ପାଇଁ ସହଜ ଶଇଳୀ
ଆମକୁ ଏ ଗ୍ରନ୍ଥଟିରୁ ସିନା ଥାଏ ମିଳି ॥
ଶୁକ-ଶିଷ୍ୟ ଗୌଡ଼ପାଦ ବହୁକାଳ ପରେ,
ଗ୍ରନ୍ଥର କାରିକା ଏକ ଯେବେ ଲେଖିଗଲେ,

Digitized by srujanika@gmail.com

ତହୁଁ ଲାଭ କଲା ଏହି ଆଦର ପ୍ରସାର,
କେତେ ଧର୍ମ ସମ୍ପ୍ରଦାୟ କଲେ ଆପଣାର ।।

ଉପନିଷଦ କାହାପାଇଁ

ବୈରାଗୀ ସନ୍ନ୍ୟାସୀ ବାନପ୍ରସ୍ଥୀ ଯୋଗିଜନେ
ଏ ଉପନିଷଦ ପଢ଼ି ଥାଆନ୍ତି ଅରଣ୍ୟେ ।।
ତେଲ ଲୁଣ ଦୁନିଆର ସଂସାରୀଙ୍କ ପାଇଁ
ଏ ଉପନିଷଦ ଅବା ଲେଖା ହୋଇ ନାହିଁ ।।
ଏ ଭ୍ରାନ୍ତ ଧାରଣା ସତେ କେତେ ଅମୂଳକ
ଧର୍ମ ଶାସ୍ତ୍ର ଯେ ନିରୋଧେ ସେ ତ ପ୍ରବଞ୍ଚକ ।।
ନିଛକ ଜୀବନ-ଶାସ୍ତ୍ର ଏ ଗ୍ରନ୍ଥ ଅଟଇ
ସଭିଙ୍କ ସମାନ ଅଧିକାର ଅଛି ରହି ।।

ଭଣ୍ଡ ସାଧୁ ପ୍ରବଚକମାନଙ୍କ ନିମନ୍ତେ,
ଏ ଶାସ୍ତ୍ର କଦାପି ଲେଖା ହୋଇନି ଜଗତେ ।।
କେବଳ ଶ୍ରଦ୍ଧାଳୁ ଜ୍ଞାନ-ରଙ୍କ ଶୁଦ୍ଧ-ଚିତ୍ତ
ନ ହୁଅନ୍ତୁ ପଛେ ଜ୍ଞାନୀ ସନ୍ନ୍ୟାସୀ ପଣ୍ଡିତ
ସେମାନେ ସତ୍‌ସଙ୍ଗ କରି ଶୁଦ୍ଧାନ୍ତଃକରଣେ,
ଏ ଉପନିଷଦ ଦୀକ୍ଷା ନିଅନ୍ତି ଜୀବନେ ।।

ହେଉ ପଛେ ବଡ଼ ପାପୀ ଆମେ ପାପୀ ମେଳେ,
ଆମ ପାଇଁ ଭକ୍ତି ଦ୍ୱାର ଖୋଲା ସବୁବେଳେ ।।
କୃଷ୍ଣ ତ କହନ୍ତି ନିଜେ ଏ ବାଣୀ ଦମ୍ଭରେ,
ଅଧର୍ମୀ ମଣିବା କିଆଁ ନିଜକୁ ମିଛରେ ?
ଶୁଦ୍ଧାନ୍ତଃକରଣେ ତେଣୁ ହୋଇ ସ୍ଥିର ମନ,
ଆସ ଏହି ଶାସ୍ତ୍ରଟିକୁ କରିବା ମନ୍ଥନ ।।

ଆମେ ତ ଈଶ୍ୱରଙ୍କର, ଈଶ୍ୱର ଆମର
ସେ କଦାପି ଦେବେ ନାହିଁ ଠେଲି ଭାବି ପର ।।

Digitized by srujanika@gmail.com

ଆମ ଜୀବନର ଏକ ପ୍ରଶ୍ନ

ବିଚାରେ ବା ଅବିଚାରେ ଆମେ ଯାହା କରେଁ,
'ଧରମର ଭୟ' ଉଙ୍କି ମାରଇ ଅନ୍ତରେ ॥
ହୃଦୟେ ହୃଦୟେଶ୍ୱର ଅଛନ୍ତି ଗୋପନେ
ସିଏ ନ ଜାଣିବେ ଆମ କଥା ବା କେସନେ ?
ଏ ଧର୍ମ-ଚେତନା ଖୋଜି ବୁଲୁଥାଏ ରାହା,
କିଏ ବା ସଂସାର-ବଣେ ବତାଉଛି ତାହା ?

ଏପରିଙ୍କ ପାଇଁ ଅବା ଏ ମାଣ୍ଡୂକ୍ୟ-ରୀତି,
ସଦାବେଳ ପାଇଁ ଉଭା ହୋଇଛି ଯେମିତି ॥

ପ୍ରଭୁଙ୍କୁ ଖୋଜିବା ଆମେ କେଉଁଠିକି ଯାଇ
ମସ୍‌ଜିଦ୍ ମନ୍ଦିରେ ତାଙ୍କୁ ପାଇବା ତ ନାହିଁ ॥
ଆଗକୁ ପଛକୁ ଆମେ ଯେଉଁଠିକି ଯିବା,
ଚଉବାହୀ ଆମେ ଏହି ସଂସାର ଦେଖିବା ॥
ସଂସାର ସଂସାର ଖାଲି ସଂସାର ସବୁଠିଁ,
ସଂସାର ଭିତରେ ପ୍ରଭୁ ମିଳିବେ କେଉଁଠି ?
ତେବେ ଯାଅ ନାହିଁ କାହିଁ, ବସି ପଡ଼ ତଳେ,
ବୁଜ ଆଖି, ନ ଦିଶୁ ଏ ସଂସାର ନେତ୍ରରେ ॥
ଆଖିରେ ମନକୁ ରଖ କିଛି କ୍ଷଣ ପାଇଁ,
ତହୁଁ କଣ୍ଠ ଉପରକୁ ଆଣିବ ଓହ୍ଲାଇ ॥
ତା'ପରେ ମନକୁ ଥାପି ହୃଦୟ-କମଳେ,
ବସି ମଜ୍ଜି ରହ ତୁମ ନିଜ ସ୍ୱରୂପରେ ॥

ମାଣ୍ଡୂକ୍ୟର ବିଶେଷ ଶୈଳୀ

ତୁମେ ତ ଦେଖିଛ ବେଙ୍ଗ କେବେ ଚାଲେ ନାହିଁ,
ପଛପଟ ଟେକି ଦେଇ କୁଦା ମାରି ଥାଇ ॥

Digitized by srujanika@gmail.com

କୁଦା ମାରି ବେଙ୍ଗ ଯେହ୍ନେ ପହଞ୍ଚେ ତା ସ୍ଥାନେ
ପ୍ରଭୁଙ୍କୁ ଭେଟିବା ତେହ୍ନେ ଚାଲ ଆମ୍ଭେମାନେ ॥
ଆଗକୁ ସଂସାର ଅଛି ସଂସାର ପଛକୁ,
କୁହା ହେଲା ତେଣୁ ଆସ ପ୍ରଥମେ ନେତ୍ରକୁ ॥

ଏ ନେତ୍ର ଜାଗ୍ରତାବସ୍ଥା, କଣ୍ଠ ସ୍ୱପ୍ନାବସ୍ଥା,
ସେହିପରି ହୃଦୟଟି ସୁଷୁପ୍ତି ଅବସ୍ଥା ॥
ଯେ କେହି ସେ ହେଉ ଲକ୍ଷ୍ମୀବନ୍ତ ବା ଭିକାରି,
ଉଚ୍ଚ ପଦାସୀନ ହେଉ ଅଥବା ବେକାରୀ,
ସୁଖୀ ଦୁଃଖୀ ହୋଇଥାଉ ଅବା ନିଷ୍ପେଷିତ,
ମୂର୍ଖ ଅପାଠୁଆ ହେଉ ଅଥବା ପଣ୍ଡିତ,
ସାଧୁ ଚୋର ଖଣ୍ଡ ହେଉ ଅବା ହତ୍ୟାକାରୀ,
ଏ ତିନି ଅବସ୍ଥା ରହିଥାଏ ତ ତାହାରି ॥
ଏ ତିନି ଅବସ୍ଥା ପ୍ରତି ସର୍ବେ ସଚେତନ,
ତିନି ଅବସ୍ଥାରେ ରହେ ନିଶ୍ଚିତ ଚେତନ ॥
ତିନି ଅବସ୍ଥାରେ ଯେବେ ପ୍ରଭୁ ନ ମିଳିଲେ
କେଉଁ କି ମିଳିବେ ସେହି ଯେ ଯେତେ ଖୋଜିଲେ ?

ଏବେ ଜାଣିଗଲେ ଆମେ ଚେତନାର ସ୍ତର
ଜାଗ୍ରତ ଅବସ୍ଥା ଗୋଟି ନୁହଁଇ କେବଳ ॥
ଚେତନା ତ ବ୍ୟାପିଅଛି ତିନି ଅବସ୍ଥାରେ
ଈଶ୍ୱର ମିଳନ୍ତି ତେଣୁ ଏହି ସବୁଠାରେ ॥

ଏହି ତିନି ଅବସ୍ଥାରୁ କେ' ନୁହେଁ ବଞ୍ଚିତ,
ତେଣୁ ଅବସ୍ଥାକୁ ଆମେ ଜାଣିବା ଉଚିତ ॥
କେ'ନୁହେଁ ଅପରିଚିତ ତିନି ଅବସ୍ଥାର,
ପ୍ରତିକ୍ଷଣ ପ୍ରତି ଅନୁଭବର ଆଧାର ॥
ବାଳ ବୃଦ୍ଧ ଯୁବା ଆଦି ସମସ୍ତଙ୍କ ପାଇଁ
ମଧୁର ପ୍ରସାଦ ପୂର୍ଣ୍ଣ ଏହା ହୋଇଥାଇ ॥

Digitized by srujanika@gmail.com

ଆସ ତାକୁ ଧରି ଆମେ ହେବା ଅଗ୍ରସର,
ପରମେଶ୍ୱରଙ୍କୁ ତେବେ ଭେଟିବା ସତ୍ୱର ॥

ଆମର ତିନି ଅବସ୍ଥା

ପ୍ରତ୍ୟହ ଅବସ୍ଥା ତିନି ଆସେ ଜୀବନରେ
ଆସ ତାକୁ ବିଚାରିବା ଆମ ଏ ମନରେ ॥
ଜାଗ୍ରତ ସ୍ୱପନ ଆଉ ସୁଷୁପ୍ତି ଅବସ୍ଥା,
ଶରୀରର ସବୁ ବୋଲି ଜାଣିଛେ ଏ କଥା ॥
ଜାଗ୍ରତେ ହୁଅଇ ଯେଉଁ ବିବେକ ବା ଜ୍ଞାନ,
ଆଖି ବୁଜି ସେ ସବୁକୁ କର ଅନୁମାନ ॥
ସ୍ୱପ୍ନେ ଯେଉଁ ଚନ୍ଦ୍ର ସୂର୍ଯ୍ୟ ତାରକାଦି ମାନ,
ଜାଗ୍ରତରେ ସେହି ସବୁ ଅଟଇ ସମାନ ॥
ସ୍ୱପ୍ନରେ କରୁଛେ ଆମେ ଯେତେ ଯାଆଆସ,
ସେ ତ ଏଇ ଶରୀରର ସ୍ୱପ୍ନର ବିଳାସ ॥

ପୁଣି ଏ ଶରୀରେ ଆମେ ଖାଉଛେ, ଶୋଉଛେ,
କେତେ କାହାଠାରୁ ନେଇ କାହାକୁ ଦେଉଛେ;
ସବୁ ସତ ପରି ଲାଗେ ଆମ ସର୍ଭି ପାଶ
ହେଲେ ସବୁ କଥା ମାତ୍ର ଜାଗ୍ରତ-ବିଳାସ ॥
ଯେତେ ଦୃଶ୍ୟ କ୍ରିୟା କର୍ମ ଭାବ ବା ଭାବନା
ଜାଗ୍ରତ ବିଳାସ ସବୁ କର କଳପନା ॥

ମାଣ୍ଡୂକ୍ୟେ ବର୍ଣ୍ଣିତ ଯେଉଁ ଜାଗ୍ରତ ସ୍ୱପନ
ପୁଣି ସୁଷୁପ୍ତିର ଅଛି ଯେତେ ବିବରଣ,
ତା' ସହ ଏ ଶରୀରର ଯେ ତିନି ଅବସ୍ଥା
ମିଳାଇଲେ ବୁଝିହେବ ଯାଇ ସବୁ କଥା ॥

ମାଣ୍ଡୂକ୍ୟ ଅଟଇ ଏକ ଜୀବବାଦ ଗ୍ରନ୍ଥ,
ଦୃଷ୍ଟି ସୃଷ୍ଟି ବାଦର ତ ଏ ପରମ ତତ୍ତ୍ୱ ॥

Digitized by srujanika@gmail.com

କେବଳ ଦ୍ରଷ୍ଟା ତ ଏକ ଜଣେ ନିଅ ଧରି;
ସେ ଦ୍ରଷ୍ଟାର ଜାଗ୍ରତାଦି ଅବସ୍ଥା ଯେପରି ।।
ସଂପୂର୍ଣ୍ଣ ଜାଗ୍ରତାବସ୍ଥା ଏକ ଦୃଷ୍ଟି ସିନା,
ଏ ଦୃଷ୍ଟି, ଅବସ୍ଥା ନାହିଁ ଜାଣ ଦ୍ରଷ୍ଟା ବିନା ।।

ଜାଗ୍ରତ ସ୍ୱପନ ଆଉ ସୁଷୁପ୍ତି ଅବସ୍ଥା,
ତିନି ପାର ହୋଇଗଲେ ହେବ ସବୁ କଥା ।।
ସବୁ ଅବସ୍ଥାକୁ ପାର କରାଇ ଶେଷରେ
ତୁରୀୟ ତତ୍ତ୍ୱ ବା ପରଂବ୍ରହ୍ମ ନିକଟରେ
ପହଞ୍ଚାଇ ଦେବା ପାଇଁ ଏ ମାଣ୍ଡୂକ୍ୟ ଗ୍ରନ୍ଥ,
ଉଭା ବୋଲି ଜାଣିଛନ୍ତି ସବୁ ସାଧୁ ସନ୍ଥ ।।

ମୁଁ ଦେଖିଲି, ସ୍ୱପ୍ନେ ଯାଏ କରି ଗଙ୍ଗାସ୍ନାନ,
ବାଟେ ଦେଖାହେଲା ମୋର, ଶେଠଜୀ ମହାନ ।।
ସେ କହିଲେ ତାଙ୍କରି ତ ବିଭବ ସକଳ
ସବୁ ଯେ ଅଟଇ ପୂର୍ବ ଜନ୍ମ କର୍ମ ଫଳ ।।
ପର ଜନ୍ମ ପାଇଁ ଏବେ ଦାନ ପୁଣ୍ୟ କରେ,
ମନ ଖୋଲି କହିଦେଲେ ସବୁ ମୋ ଆଗରେ ।।

ମୋର ଗଙ୍ଗାସ୍ନାନ ଶେଠ ଦର୍ଶନ ସହିତ,
ତିନି ଜନ୍ମ ବୃତ୍ତାନ୍ତ ଯେ ହୋଇଲା କଥିତ—
ସବୁ ସ୍ୱପ୍ନ-ବିଳାସ ତ ନୁହେଁ ଆଉ କିଛି
କିନ୍ତୁ ସତ ପରି ସବୁ ପ୍ରତୀତ ହେଉଛି ।।

ପୁଣି ଦେଖାଯାଏ ଯେଉଁ ଜାଗ୍ରତ ଅବସ୍ଥା
ସ୍ୱପନ ସମାନ ତାହା ବିଚାର ଏ କଥା ।।
ଯେ ଶରୀର ଏଠି ବସି ଦେଖେ ଶୁଣେ ଗୀତ
ଜାଗ୍ରତ-ବିଳାସ ମାତ୍ର ଜାଣିବ ନିଶ୍ଚିତ ।।

Digitized by srujanika@gmail.com

ସମୁଦ୍ର ପୃଥିବୀ ନଦୀ ପାହାଡ଼ ଭୂଧର,
ସୂର୍ଯ୍ୟ ଚନ୍ଦ୍ର ବାୟୁ ତାରକାଦି ନୀଳାମ୍ବର,
ସହର ନଗର ପଲ୍ଲୀ, ପୂର୍ବ ଜନ୍ମ ପର
ଦର୍ଶନ ପୁରାଣ ସୁଖ ଦୁଃଖର ଖବର,
ସବୁ ସବୁ ସଂସାରର ଯେତେ ଯା' ପ୍ରକାଶ
ବିଚାରିବ ସବୁ ଏଇ ଜାଗ୍ରତ-ବିଳାସ ॥

ମୋର ପଞ୍ଚକୋଷ

''ଇୟେ ମୋ ଶରୀର ଆଉ ମୁଁ ଏ ଶରୀର''
ସାଧାରଣ ଭାବେ ମୁହିଁ କରିଥାଏ ସ୍ଥିର ॥
ଏ ଶରୀର ଗୋଟି ମୋର ଅତ୍ୟନ୍ତ ଦୁର୍ଲ୍ଲଭ,
ତାର ଚିନ୍ତା ଛାଡ଼ି କାହିଁ ଯିବା ଅସମ୍ଭବ ॥

ଶରୀର ସଂସାର ସିନା ବାନ୍ଧନ୍ତି ବେନିଏ
ଏମାନଙ୍କୁ ଧରି ଊର୍ଦ୍ଧ୍ୱେ ଉଠିଲାଣି କିଏ ?
ଶରୀର ଶରୀର ବୋଲି ସଭିଙ୍କ ଆଦର
ସେ ତ ସଡ଼ି ସରି ଯାଏ ଖସାଇ ଅସଲ ॥

ହୋଇଗଲେ ଶରୀରର ଯନ୍ତ୍ରପାତି ଜ୍ଞାନ,
ତେବେ ବୁଝିହେବ ତହିଁ କାହିଁ ଆମ ସ୍ଥାନ ॥
କାହାକୁ ପାସୋରି ଆମେ ଅଛେ କାହା ପାଶେ,
କିଆଁ ଘାରି ହେଉ ଦୁଃଖ ଶୋକ ଓ ପରାସେ ?

ପଞ୍ଚକୋଷେ ଗଢ଼ା ପରା ଏ ଦେହ ଆମରି,
ଆଗକୁ ଆଗକୁ ଯିବା ଏଇ ଖିଅ ଧରି ॥

ଏଇ ଦେଖ ଶରୀରର ଏହା ହାତ ଏକ
ଏଥି ପଞ୍ଚକୋଷ କାହିଁ କରିବା ବିବେକ ॥

Digitized by srujanika@gmail.com

ଏ ହାତରେ ହାଡ଼ ମାଂସ ଚମଡ଼ା ଯା' ଥାଏ,
ତାହା 'ଅନ୍ନମୟ କୋଷ' ଏହାର ବୋଲାଏ ।।
ପକ୍ଷାଘାତ ରୋଗ ଯଦି ଏ ହାତକୁ ଧରେ
ଏହି ହାତ ଗୋଟି ଆଉ ନ ଉଠେ ଉପରେ ।
ଏ ହାତର ଯେଉଁ ଶକ୍ତି ହୋଇଲା ଅନ୍ତର
ତାହା 'ପ୍ରାଣମୟ କୋଷ' ଅଟେ ଏ ହାତର ।।

ପୁଣି ଶକ୍ତି ଥିଲେ ମଧ ଇଚ୍ଛା ନ କରିଲେ,
ଏ ହାତ ଉଠିବ ନାହିଁ ସରଳ ରୀତିରେ ।।
ତେଣୁ 'ଇଚ୍ଛା' ହୁଏ ଲୋଡ଼ା ପ୍ରତିକର୍ମ ପାଇଁ
ସେ ଇଚ୍ଛାକୁ 'ମନୋମୟ' କୋଷ କହିଥାଇଁ ।।

ଅନେକ ପ୍ରକାର ଇଚ୍ଛା ହୁଅଇ ଜଗତେ
କିନ୍ତୁ ତମେ ଆମେ ସର୍ବେ ଏକ ଏ ମରତେ ।।
ତେବେ ସେଇ ଭିନ୍ନ-ଇଚ୍ଛା-କଲାବାଲା କିଏ ?
ସେ ତ ଇଚ୍ଛା-ଅଭିମାନୀ, ଅହଂକାର ସିଏ ।।
ତାହାକୁ 'ବିଜ୍ଞାନମୟ କୋଷ' କୁହାଯାଏ,
ସୁଷୁପ୍ତିରେ ଏ କର୍ତ୍ତାର ସତ୍ତା ତ ନ ଥାଏ ।।

ସେହିପରି ହାତ ଉଠା, ପକା, ହଲାଇଲେ,
ଯେଉଁ ସୁଖ ହୁଏ ଜାତ ନାନା କର୍ମାଦିରେ,
ଏହାକୁ 'ଆନନ୍ଦମୟ-କୋଷ' କୁହାଯାଏ,
ଏ ସୁଖ ରହେନା କିନ୍ତୁ ବେଶୀ କାଳ ଯାଏ ।।

ଏ ଶରୀରେ ହାଡ଼ ମାଂସ ଆଉ ଚମଡ଼ାର,
ଯେଉଁ 'ଅନ୍ନମୟ-କୋଷ' ଥାଏ ଏ ପ୍ରକାର,
ସେ ତ ତୁମେ ନୁହଁ, ତୁମେ ଭିନ୍ନ ଆଉ କିଛି
ତୁମେ ନୁହଁ 'ପ୍ରାଣମୟ-କୋଷ' ଯା' ରହିଛି ।।

Digitized by srujanika@gmail.com

'ମନୋମୟ-କୋଷ' ନୁହଁ ଯହିଁ ଇଚ୍ଛାସାର,
ନୁହଁ ବି 'ବିଜ୍ଞାନମୟ-କୋଷ', ଅହଂକାର ॥
ଶେଷରେ 'ଆନନ୍ଦ-ମୟ-କୋଷ' ତୁମେ କ'ଣ ?
ତା'ବି ନୁହଁ, ତୁମେ ମାତ୍ର ଉପଲବ୍ଧି-ଘନ ॥
ଯାହାକୁ ହୁଅଇ ସବୁ ଜ୍ଞାନ, ତୁମେ ସେହି,
ଯେ ବସ୍ତୁର ହୁଏ ଜ୍ଞାନ, ସେତ ନୁହେଁ କେହି ॥

ଅବସ୍ଥା ସବୁରେ ପଞ୍ଚକୋଷର ବିଚାର

ଜାଗ୍ରତର ଇଯେ ସବୁ ଯେତେ ଯେଉଁ କଥା—
ଏଇଥିରୁ ଜାଣିହୁଏ ତାର ବିଶାଳତା ॥
ପଞ୍ଚକୋଷ ଯାକ କର୍ମ କରନ୍ତି ଜାଗ୍ରତେ,
ମାତ୍ର ଏକ ଥାଏ ନାହିଁ ସ୍ୱପ୍ନର ସଙ୍ଗତେ ॥
ସେହି ଅନ୍ନମୟ କୋଷ; ନୁହେଁ କ୍ରିୟାଶୀଳ,
ଏଥୁଁ ଅନ୍ୟେ ଥା'ନ୍ତି ସତେ ଚଞ୍ଚଳ ଅସ୍ଥିର ॥
ଶୋଇଯାଏ ମନୋମୟ କୋଷ ସୁଷୁପ୍ତିରେ
ପ୍ରାଣ ଓ ଆନନ୍ଦମୟ ଥାଆନ୍ତି ସଧୀରେ ॥

ସୁଷୁପ୍ତିରୁ କେହି ବ୍ୟକ୍ତି ଉଠିଯିବା କ୍ଷଣେ,
ସୁଖେ ଶୋଇଥିବା ସ୍ମୃତି ଜାଗେ ତାର ମନେ ॥
ତେଣୁ ଜଣାଗଲା, କେହି ଶୋଇଥିଲା ଜଣେ,
ତାର ସାକ୍ଷୀ ହୋଇ ଇଯେ ରହେ ଅନୁକ୍ଷଣେ ॥

ପଞ୍ଚ କୋଷରେ ତ ରହେ ତିନୋଟି ଶରୀର,
'ସ୍ଥୂଳ' 'ସୂକ୍ଷ୍ମ' ଆଉ ଏକ 'କାରଣ ଶରୀର' ॥
ଥାଆନ୍ତି ସକ୍ରିୟ ସବୁ ଶରୀର ଜାଗ୍ରତେ,
ସ୍ୱପ୍ନେ ସ୍ଥୂଳ ଶରୀରଟି ରହେନା ସଙ୍ଗତେ ॥
ସେହିପରି ସୁଷୁପ୍ତିରେ କେବଳ 'କାରଣ—
ଶରୀର'ଟି କର୍ମରତ ଥାଏ ଅନୁକ୍ଷଣ ॥

Digitized by srujanika@gmail.com

ସବୁ କିଛି ବୀଜାକାରେ ରହେ 'କାରଣ'ରେ
ଉଠିଗଲେ ସ୍ମୃତି ସବୁ ଆସଇ ମନରେ ।।

ଜାଗ୍ରତ ସୁଷୁପ୍ତି ସ୍ୱପ୍ନ ଅବସ୍ଥା ଏପରି,
ଯେହ୍ନେ ଜଣେ ତିନି ଲୁଗା ପକାଏ ବଦଳି ।।
ଧଳା କଳା ନାଲି ଲୁଗା ଏ ତିନି ଅବସ୍ଥା
ଜଣେ ପିନ୍ଧି ପାଲଟିବା ଯେଉଁପରି କଥା ।।
ତିନି ରଙ୍ଗୀ ଲୁଗା ସିନା ତିନିଖଣ୍ଡି ଅଟେ,
ପିନ୍ଧିବା ଲୋକଟି କିନ୍ତୁ 'ଏକ' ସେଇ ଘଟେ ।।
ଏକ ପରେ ଏକ ଲୁଗା ପିନ୍ଧେ ଏକ ଜଣ,
ଲୁଗା ଆଉ ଲୋକ ଏକ ହୋଇବ କେମନ ?

ସେ ଶୋଇପଡ଼ନ୍ତି ନାହିଁ, ରହି ଉଜାଗର
ସାକ୍ଷୀ ପରି ଅବସ୍ଥାକୁ ଦେଖନ୍ତି କେବଳ ।।
ବୁଦ୍ଧି ଓ ଇନ୍ଦ୍ରିୟେ ସବୁ ଯାହା ଶୋଇପଡ଼ି
ଉଠିସାରି ତୁମ ସଙ୍ଗେ ତଦାତ୍ମ୍ୟତା କରି,
ଶୋଇବା କର୍ମକୁ ଆରୋପନ୍ତି ତୁମଠାରେ
ଅଜ୍ଞାତରେ ଏହା ଚଳି ଆସୁଛି ସଂସାରେ ।।
କେ' ଶୋଉଛି, କେ ଖାଉଛି, କର୍ମ କରେ କିଏ ?
ଅହଂକାରୀ ଦ୍ରଷ୍ଟା ଭାବେ ନିଜେ କରେ ସିଏ ।।

ସବୁ ଅବସ୍ଥା ମୋଠୁଁ ଅଲଗା ?

ସେପରି ଜାଗ୍ରତ ସ୍ୱପ୍ନ ସୁଷୁପ୍ତି ଏ ତ୍ରୟୀ
ଅବସ୍ଥା ମୋ'ଠାରୁ ନିଶ୍ଚେ ଅଲଗା ଅଟଇ ।।
ଅବସ୍ଥା ତ ଆସେ ଯାଏ କ୍ଷଣକୁ କ୍ଷଣକେ,
ବଦଳେନି 'ମୁଁ' ସତ୍ତା କେଉଁଠି ମୂଳକେ ।।
ସେ ତ ସ୍ଥିର ଏକରସ ନିତ୍ୟ ସନାତନ
ଆସିବା ଯିବାରେ ତାର ନାହିଁ ପ୍ରୟୋଜନ ।।

Digitized by srujanika@gmail.com

କାରଣ ଜାଗ୍ରତ ଅନୁଭବଠୁଁ ମୁଁ ଭିନ୍ନ
ଅନୁଭବ ବିନା ମୁଁ ତ ରହଇ ସ୍ୱାଧୀନ ।।

ସେପରି ସ୍ୱପ୍ନର ଅନୁଭବୁଁ ମୁଁ ପୃଥକ
ସ୍ୱପ୍ନ-ଜଗତରେ ନାହିଁ ମୁଁର ସମ୍ପର୍କ ।
ସୁଷୁପ୍ତିରେ ହୁଏ ଦୁଇ ରୂପ ଅନୁଭୂତି,
'ଆନନ୍ଦ', 'ଅଜ୍ଞତା' ବେନି ସୁଷୁପ୍ତିର କୃତି ।

ସୁଷୁପ୍ତିରୁ ଉଠି ବ୍ୟକ୍ତି ଭାବେ ତାର ମନେ,
କି ସୁଖ ଲଭିଲି ଆହା ମୋର ଏ ଶୟନେ !!
କି ଗାଢ଼ ନିଦ୍ରାରେ ଆହା ମୁଁ ଯେ ଶୋଇଥିଲି,
ସମୟ କୁଆଡ଼େ ଗଲା କିଛି ନ ଜାଣିଲି ।।
ଏପରି ଏ ଅଜ୍ଞାନତା ଆନନ୍ଦକୁ ଯିଏ
ଅନୁଭବ କଲା ନିଶ୍ଚେ ଦ୍ରଷ୍ଟା ଅଟେ ସିଏ ।।

କେବଳ ଦ୍ରଷ୍ଟା

ତେଣୁ ତିନି ଅବସ୍ଥାରେ ଯେ ବସ୍ତୁ ବିଷୟ
ଅନୁଭୂତ ହୁଏ, ସତ୍ୟ ନୁହଁଇ ନିଶ୍ଚୟ ।।
କେବଳ ପ୍ରତୀୟମାନ ହୁଅଇ ନୟନେ
ମହାକାଶ ନୀଳବର୍ଣ୍ଣ ଦିଶଇ ଯେସନେ ।।

ଯେତେକ ପ୍ରତୀୟମାନ ବସ୍ତୁ ଏ ଜଗତେ
'ତୁମେ' ନୁହଁ, ନୁହଁ ପୁଣି 'ତୁମରି' ସତତେ ।।
ଯେଣୁ ଏ ସବୁକୁ ଛାଡ଼ି ତୁମେ ପାର ରହି
ତେଣୁ ସତ୍ତାବାନ୍ କିଛି ଏ ସବୁ ନୁହଁଇ ।।

ଏହି ସବୁ ପଦାର୍ଥର ସଂଯୋଗେ ବିଯୋଗେ
ଅଜ୍ଞାନରେ ଏ ମଣିଷ ସୁଖ ଦୁଃଖ ଭୋଗେ ।।

Digitized by srujanika@gmail.com

ଯିଏ ସାକ୍ଷୀ ମାତ୍ର, ତାର କର୍ତ୍ତା ଭୋକ୍ତା ପଣ
କେଉଁଠୁ ଆସିଲା ତାହା କର ବିବେଚନ ॥

ସୁଖ ଦୁଃଖ, ଜନ୍ମ-ମୃତ୍ୟୁ ଯେତେ ଯା' ଘଟଣା
ଦୃଢ଼ କର ଚିତ୍ତେ ସବୁ ମନର କଳ୍ପନା ॥

ତୁରୀୟ ଏକ ଅବସ୍ଥା ନୁହଁ

ଯେପରି ଜାଗ୍ରତ ସ୍ୱପ୍ନ ସୁଷୁପ୍ତି ଅଟଇ,
ମଣିଷର ଏକ ଏକ ଅବସ୍ଥା ଏ ତ୍ରୟୀ,
ତୁରୀୟ ତ ହୋଇଥିବ ନିଶ୍ଚୟ ସେପରି
ମଣିଷ ଅବସ୍ଥା ଏକ, ସମାଧି ଯେପରି ॥

କିନ୍ତୁ ତା'ନୁହଇ ଏହା ଅଟେ ଏକ ପଣ
ପ୍ରତି ଅବସ୍ଥାରେ ଯାହା ରହେ ଅନୁକ୍ଷଣ ॥
ତୁରୀୟ ପଣରୁ ଆମେ ଭିନ୍ନ ନୋହୁଁ କେବେ
ଅବସ୍ଥା ନ ଥିଲେ ମଧ୍ୟ ଥାଉ ଆମେ ତେବେ ॥
ଆମର ଅବସ୍ଥା ସାଙ୍ଗେ ନ ଅଛି ସମ୍ବନ୍ଧ,
କେବେ ନ ଥିଲା କି କେବେ ନ ହେବ ସମ୍ଭବ ॥
ଆମେ ନ ବଦଳୁ ଯେବେ ଅବସ୍ଥା ବଦଳେ,
ସେ ତ ମିଥ୍ୟା କ୍ଷଣସ୍ଥାୟୀ ଜାଣ ସୃଷ୍ଟି ତଳେ ॥
ପୋହଳା ଏଣ୍ଡୁଅ ରଙ୍ଗ ପରି ବଦଳଇ
ରଜ୍ଜୁରେ ଯେପରି ସର୍ପ ଭୟ ଉକୁଟଇ ॥

ବସ୍ତୁ ଯେତେ କ୍ଷୁଦ୍ର ହେଉ ତା'ପାଇଁ ଆଧାର
ଅନ୍ୟ ଏକ ବସ୍ତୁ ହୋଇଥାଏ ଦରକାର ॥
ଆଧାର ସହିତ ବସ୍ତୁ ସମ୍ବନ୍ଧ ନ ଥାଏ,
ତେଣୁ ବସ୍ତୁ ଭାସମାନ, ମିଥ୍ୟା କୁହାଯାଏ ॥

ଏକକ ଅଖଣ୍ଡ ଏକରସ ଚେତନାରେ,
ଜଗତ ପ୍ରକାଶେ; ଛବି ଯେହ୍ନେ ପରଦାରେ ॥

Digitized by srujanika@gmail.com

ପ୍ରକାଶ ପାଇବା ବସ୍ତୁ ଯେତେ ଭାସମାନ
ଭାସମାନ ପଦାର୍ଥହିଁ ମିଥ୍ୟା ବୋଲି ଜାଣ ॥

ଯାଦୁକର ମାୟାଜାଲ ଅଟଇ ଯେପରି
ଦ୍ରଷ୍ଟାର ଜଗତ ପରିକଳ୍ପନା ସେପରି ॥
ଲୌକିକ ଦୃଷ୍ଟିରୁ ଯାହା ଘଟଇ ଜଗତେ
ତାତ୍ତ୍ୱିକ ଦୃଷ୍ଟିରୁ ତାହା ମାୟା ଅବିରତେ ॥

ଦେଶ କାଳ

ଦେଶ କାଳ ବସ୍ତୁରେ ତ ଚଳଣି ଆମରି
ଏ ଘର-ସଂସାର କରୁ ତାକୁ ସିନା ଧରି ।
କିନ୍ତୁ ଆମେ ଦିନେ କେବେ କରିନେ ବିଚାର,
ଏ ସବୁ କଅଣ ଯହିଁ ହୁଏ କାରବାର ॥
ଦେଖ, ଏହି ବସ୍ତୁ ଗୋଟି ଅଟଇ 'ପୁସ୍ତକ'
'ଦେଶ' ତାହା, ଯେତେ ସ୍ଥାନ ତାର ଆବଶ୍ୟକ ॥
ଆଗରୁ ତ ଛପା ହୋଇ ନ ଥିଲା ଏ ବହି
ଛପା ପରେ ଏବେ ଆମ ପାଖେ ଅଛି ରହି ॥

ଏବେ ଅଛି, ଯିବ ଚାଲି ପରେ କା' ପାଖକୁ,
ଏଥିରେ କ୍ରମିକ ଜ୍ଞାନ ହେଉଛି ଆମକୁ ॥
ଆଗ ପର କଥା ମିଶି ରହୁଛି ଏ ଜ୍ଞାନେ,
ମୋ'ଦ୍ୱାରା ତା' ପ୍ରକାଶିତ; ସବୁ ଆମେ ଜାଣେ ॥

ଯେତେ ଦେଶ କାଳ ବସ୍ତୁ ସବୁ 'ମୋ କଳ୍ପନା',
'ମୋ ଜ୍ଞାନ' ବ୍ୟତୀତ କିଛି ହୁଏନା କଳନା ॥

ଆତ୍ମା ବା ନିଜକୁ ଜାଣିବାକୁ କଲେ ମନ,
ଲୋଡ଼ା ନ ହୁଅଇ ତହିଁ ବିଶେଷ ସାଧନ ॥
ସତ୍ୟ-ସ୍ୱରୂପକୁ ମାତ୍ର ଜାଣିଗଲେ ଥରେ,
ପରମ ଆନନ୍ଦ ପ୍ରାପ୍ତି ହୁଅଇ ଶେଷରେ ॥

Digitized by srujanika@gmail.com

କରିବାର ଛାଡ଼ିବାର ପାଇବାର ପାଇଁ,
ନୂତନ ଜାଣିବା କିଛି ପ୍ରୟୋଜନ ନାହିଁ ॥
କେବଳ ଯା' ଅଛି ତାହା ଜାଣିବା ଉଚିତ
ଜାଣିଗଲେ ହୋଇଯିବ ବିଶ୍ୱାସ ନିଶ୍ଚିତ ॥

ଆଜନ୍ମ-ଦରିଦ୍ର

ଆମର ପୂର୍ବଜ ଯେହ୍ନେ ଘରେ କରି ଖାତ,
ରଖିଥିଲେ ତହିଁ ଧନ ରତ୍ନ ଅପର୍ଯ୍ୟାପ୍ତ;
ତାହାରି ଉପରେ ଆମେ ଦାରିଦ୍ର୍ୟ ଆଦରି
ଦୁଃଖୀ ହୋଇ ଦିନ କାଟୁ ଯୁଗ ଯୁଗ ଧରି ॥

ଥରେ ଜାଣିଗଲେ ଧନ ଅଛି ପାଦ ତଳେ,
ଆଉ କି ଦାରିଦ୍ର୍ୟ ଦୁଃଖ ସହିବା ଅନ୍ତରେ ?
ଛୁଆଟି କାଖରେ ଅଛି ଗହଳି ଭିତରେ
ଚିତ୍କାର କରବା କିଆଁ ଆକୁଳ ଭାବରେ ?

ଏବେ ଆସ ଆମ ପାଶେ ଯା' ଅଛି ଜାଣିବା
କିଆଁ ରୋଗ ଦୁଃଖ ଶୋକେ ଘାରି ହେଉଥିବା ?
ଆମେ ଆତ୍ମା, ମୃତ୍ୟୁହୀନ, ଅଜର ଅମର,
ଆମେହିଁ ଅମୃତ ଦ୍ରଷ୍ଟା; ଦୃଶ୍ୟ ଏ ସକଳ
ଦୃଶ୍ୟ ମରେ, ଆମେ ଦୃଶ୍ୟ ନୁହଁ କଦାଚନ,
ସବୁ ଭେଦହୀନ ଆମେ, ଆମେ ବ୍ରହ୍ମ-କଣ ॥

ଆମର ତିନି ଭବନ

ଆମର ସ୍ୱରୂପ ନୁହଁ କୌଣସି ଅବସ୍ଥା,
ଚିତ୍ତେ ସଦାବେଳେ ଦୃଢ଼ କରିବା ଏ କଥା ॥

ଜାଗ୍ରତ ଅବସ୍ଥା ଆମ ବେପାର ଭବନ;
ସେହିପରି ସ୍ୱପ୍ନାବସ୍ଥା ବିଜ୍ଞାନ ଭବନ;

Digitized by srujanika@gmail.com

ବିଶ୍ରାମ ଭବନ ଆମ ସୁଷୁପ୍ତି ସମାନେ
ଅବସ୍ଥାରେ ବନ୍ଧା ପଡ଼ିଅଛେଁ ଆମ୍ଭେମାନେ ॥

ସୁଷୁପ୍ତିରେ ସ୍ୱପାବସ୍ଥା ନ ଥାଏ ଯେପରି
ସ୍ୱପ୍ନରେ ସୁଷୁପ୍ତି ନାହିଁ ପରା ସେହିପରି ॥
ଜାଗ୍ରତରେ ଥିଲେ ସ୍ୱପ୍ନ ଅବସ୍ଥା ନ ଥାଏ,
ସେ ଲାଗି ଅବସ୍ଥା ନୁହଁ ଆମେ ଜଣାଯାଏ ॥

ଜଗତେ ଏପରି ବସ୍ତୁ ନ ଅଛି ତ କାହିଁ,
ଯାହା ବିନା ଆମେ କେବେ ରହି ପାରୁ ନାହିଁ ॥
ପ୍ରିୟ ପତ୍ନୀ, ପୁତ୍ର ପ୍ରିୟ ବାନ୍ଧବ ସୋଦର,
କ୍ଷମତା ମମତା ଧନ ଯଶାଦି ଆବର,
ସମସ୍ତଙ୍କୁ ଛାଡ଼ି ଆମେ ସୁଷୁପ୍ତିକୁ ଯାଉ,
ତହିଁ କିଛି ମମତାର କ୍ଲେଶ ତ ନ ପାଉ ॥
ସୁଷୁପ୍ତିରେ ଆମେ ଆମ ନିଜକୁ ଏପରି
ସ୍ଥାପନା କରୁ ଯେ କେବେ ନ ହୋଇବ ଧରି ॥

କାହିଁ ଗଲେ ଆମ ପ୍ରିୟ ପତ୍ନୀ ପରିବାର,
କାହିଁ ଗଲା ଯେତେ ସବୁ ସଂସାର ବେପାର ?
ଏବେ ତ ଜାଣିଲେ ତିନି ଅବସ୍ଥା ଆମରି
ସ୍ୱରୂପ ତ ନୁହେଁ ବରଂ ପିନ୍ଧା ଲୁଗାପରି ?
ଗୋଟିଏ ପିନ୍ଧିଲେ ଦେଉ ପାଲଟି ଅପର,
ଏପରି ଅବସ୍ଥା ତ୍ରୟୀ ଚିତ୍ତେ ଦୃଢ଼କର ॥

ମାଣ୍ଡୁକ୍ୟର ବିଚାରଧାରା

ଖଣ୍ଡେ ଚମଡ଼ାକୁ ଆମେ ଗୁଡ଼ାଇବା ପରି
ଗୁଡ଼ାଇ ପାରିବା ପଛେ ଆକାଶ ସେପରି,
କିନ୍ତୁ କେବେହେଲେ ଆମେ ବିନା ବ୍ରହ୍ମଜ୍ଞାନ,
କରି ନ ପାରିବା ତିଳେ ଦୁଃଖ ଅବସାନ ॥

Digitized by srujanika@gmail.com

ଆକାଶ ମୃତ୍ତିକା ଆଦି ନିତ୍ୟ ଯେଉଁପରି
ନିତ୍ୟ ପ୍ରାପ୍ତ ଅଟଇ ତ ମୋକ୍ଷ ସେହିଭଳି ॥
କି ଲୋଡ଼ା ସାଧନା, ମାଟି ଆକାଶ ନିମନ୍ତେ
ସେପରି ତ ଆମ ମୋକ୍ଷ, ଜାଣ ହୃଦଗତେ ॥

କେତେ କା' ସାଥିରେ ଆମେ କଟାଇଛେ କାଳ
କେତେ ବନ୍ଧୁ କେତେ ଜ୍ଞାତି କୁଟୁମ୍ବ ଅପାର,
ବାନ୍ଧି ହୋଇଥିଲେ ଆମେ କେତେ କା' ସହିତେ
କେତେ ବାଡ଼ି, ଗାଡ଼ି, ଶାଢ଼ି ଥିଲା ଅପ୍ରମିତେ,
କୁଆଡ଼େ ଗଲେଣି ସବୁ ହଜି ଅତୀତରେ
କେହି କି ପାରିଲେ ରଖି ଆମକୁ ସାଙ୍ଗରେ ?

ଯେଉଁପରି ଥିଲୁ ଆମେ-ଅଛୁ ସେହିପରି
ବଦଳି ଯାଇନୁ କେବେ ଆମେ କାହାପରି ॥
ଜଳର ଲହରୀ ଆଉ ସପନ ସମାନେ,
ଆସନ୍ତି ଯାଆନ୍ତି କେତେ ସବୁ ସେହିମାନେ ॥

ଆମରି ସ୍ୱରୂପ ସ୍ୱାସ୍ଥ୍ୟ—ଭଲ ଭାବେ ଜାଣ,
ରୋଗ ଆସେ ଯାଏ ତହିଁ ଲହରୀ ସମାନ ॥
ଏଥିରେ ଯାତନା ଭ୍ରମ ଯଦିବା ଆସଇ,
ତେବେ ତାହା ବ୍ରହ୍ମଜ୍ଞାନେ କେବଳ ତୁଟଇ ॥
ଆମେ କିମ୍ବା ଆମ ଆତ୍ମା କେବେ ଦୁଃଖୀ ନୁହଁ
ଦୁଃଖୀ ଯେବେ, ତେବେ ତାର ସାକ୍ଷୀ କିଏ କୁହ ?

ସାକ୍ଷୀ ନିର୍ବିକାର ପୁଣି ସାକ୍ଷୀ ନିର୍ବିଷୟ,
ନିର୍ବିକାରୀ ପାଶେ କାହିଁ ଦୁଃଖର ବଳୟ ?
କେବଳ ଭୁଲରେ ମାନି ନିଆ ତ ହୁଅଇ
ଦିନକ କ୍ଷତିରେ ଯେହ୍ନେ ବେପାରୀ ମରଇ ॥

Digitized by srujanika@gmail.com

ସେପରି ଆମେ ତ ଆତ୍ମା ଅନାଦି ଅନନ୍ତ
ଶୁଦ୍ଧ ବୁଦ୍ଧ ବ୍ରହ୍ମ-କଣ ଶାଶ୍ୱତ ମୁକତ ॥
ନ ଜାଣି ଏ ସ୍ୱରୂପକୁ ଆମେ ତ କେବଳ
ଏକ-ଦେହ ବିଚାରରେ ହୁଅଉ ବିକଳ ॥

ଆନନ୍ଦ

କୌଣସି କାରଣ ନାହିଁ ଆନନ୍ଦର, ଜାଣ
ଉତ୍ପନ୍ନ ହୁଏ ନା ଯେଣୁ ନୁହେଁ ନାଶବାନ ॥
ଆନନ୍ଦର ଫଳ ନାହିଁ, ଏ' ସବୁର ଫଳ,
କାରଣ ନ ଥିବା ହେତୁ ସେ ନିତ୍ୟ କେବଳ ॥
ଫଳ ଅବା ପରିଣାମ ନାହିଁ ଯେଣୁ ତାର,
ସେ ଲାଗି ଅଟଇ ସିଏ ସଦା ନିର୍ବିକାର ॥
ଆନନ୍ଦର ଦୁଇ ନାହିଁ, ନୁହଁ ବି ଅନେକ,
ସେହି ତ ଅଟଇ ସବୁ ସମୟରେ ଏକ ॥
ଖଟାଖିଆ ଲୋକ ଲଭେ ଆନନ୍ଦ ଯେପରି
ମିଠାଖିଆ ଲୋକ ପାଖେ ଆନନ୍ଦ ସେପରି ॥

ଧନୀ ପାଶେ ଧନାନନ୍ଦ ଅଟେ ଯେଉଁପରି
ଜ୍ଞାନୀ ପାଶେ ଜ୍ଞାନାନନ୍ଦ ଜାଣ ସେହିଭଳି ॥
କିଏ ଚୋରି କରି ପାଏ ତହିଁରୁ ଆନନ୍ଦ
କିଏ ପାଏ ତାହା, କହି ଖଟ ମିଛ ମନ୍ଦ ॥
ସମସ୍ତେ ଖୋଜନ୍ତି ଏଇ ଆନନ୍ଦ ଗୋଟିଏ,
ସଭିଙ୍କର ଲକ୍ଷ୍ୟ ତାହା ହେଉ ଯିଏ ସିଏ ॥
ଚାହାନ୍ତି ପୁଣି ହୃଦେ ଏଇ ଲୋକମାନେ
ଏ ଆନନ୍ଦ ରହୁ ବୋଲି କହାନ୍ତ ସମାନେ ॥
ମାତ୍ର ଏ ପାର୍ଥିବ ସୁଖ ରହେ କିଛି କ୍ଷଣ,
ବରଷା ପାଣିରେ ପାଣି-ଫୋଟକା ଯେସନ ॥

Digitized by srujanika@gmail.com

ପ୍ରକୃତ ଆନନ୍ଦ କିନ୍ତୁ ଅଟେ ଅହେତୁକୀ,
ହେତୁ ବା କାରଣ ତାର ନ ଥାଏ କେଉଁଠି ॥
ଆତ୍ମ-ଜ୍ଞାନରୁ ତ ଆତ୍ମା ଭିତରୁ ଝରଇ
ପାହାଡ଼ ଝରଣା ପରି କେବେ ନ ଶୁଖଇ ॥

ଏକବ୍ରହ୍ମ

ଭଗବାନଙ୍କର ଲୀଳା ଏ ବିଶ୍ୱଜଗତ,
ଅବା ସିଏ ସ୍ୱୟଂ ଜଗତରେ ମୂର୍ତ୍ତିମନ୍ତ ॥
ବ୍ରହ୍ମ ସତ୍ୟ, ସତ୍ୟ ମଧ୍ୟ ବୋଲାଏ ଜଗତ,
ଯେ ଯାଏଁ ଜଗତ ବ୍ରହ୍ମେ ଭେଦ ଉପଗତ ॥
ଭେଦ ଅନ୍ତେ ଏ ଜଗତ ଲାଗେ ବ୍ରହ୍ମ ପରି,
ଲାଗେ ଏକମାତ୍ର ବ୍ରହ୍ମ ଅଛନ୍ତି ଯେପରି ॥
ଏକ ବ୍ରହ୍ମ ବିଦ୍ୟମାନ, ଅଦ୍ୱିତୀୟ ସେହି,
ତାଙ୍କୁ ଛାଡ଼ି ଏ ଜଗତେ ସତ୍ୟ ନୁହଁ କେହି ॥

କିଛି ହିଁ ଅସ୍ତିତ୍ୱ ନାହିଁ ବହୁ ରୂପ ତାର,
ସବୁ କିଛି ଏକ ଜାଣ-ଏ ସିଦ୍ଧାନ୍ତ ସାର ॥
ଏକ ସଦାବେଳେ ଏକ ରୂପେ ବିଦ୍ୟମାନ,
ଅଦ୍ୱିତୀୟତାର ନାହିଁ ଦ୍ୱିତୀୟ ପ୍ରମାଣ ॥

ଆମେ ବହୁ ବୋଲି କହୁ ଏକକୁ ଭ୍ରମରେ,
ଭୁଲଟି କେବଳ ଜାଣ ଆମ ନୟନରେ ॥
ପ୍ରକୃତିରେ ନ ହୁଅନ୍ତି ବ୍ରହ୍ମ ପରିଣତ,
ସର୍ପ ହୋଇ ନ ପାରଇ ରଜ୍ଜୁଟି ଯେମନ୍ତ ॥
ବ୍ରହ୍ମ ସବୁକାଳେ ବ୍ରହ୍ମ ଜାଣି ଭଲ କରି
ବ୍ରହ୍ମଙ୍କୁ ପ୍ରକୃତି ରୂପେ ଦେଖୁଛୁ କିପରି ?

ମାୟାର ଗୋଟିଏ ଗୋଡ଼େ ଠିଆ ଏ ସଂସାର,
ମାୟା-ଗୋଡ଼ ଦେଲେ କାଟି କି ହେବ ବିଚାର ॥

Digitized by srujanika@gmail.com

ସଂସାର କାମୁଡ଼ି ମାଟି ଯିବ ପଡ଼ି ତଳେ,
କେବଳ ରହିବେ ବ୍ରହ୍ମ ଏ ଆକ୍ଷି ଆଗରେ ॥

ମାୟାର ସଂସାର ଯାଏ ବଦଳି କେମିତି,
ଏ ପରିବର୍ତ୍ତନ ଆମେ ଦେଖୁଁ ନିତି ନିତି ॥
ତେବେ ଅନୁଭୂତି କିଛି ଧରି ରଖୁ ନାହିଁ,
ଜୀବନରେ କରୁ ଭୋଗ ଦୁର୍ଦ୍ଦଶା ସେ ପାଇଁ ॥

ଗଭୀର ନିଦ୍ରାରେ ଆମେ ଶୋଇଥିବା କାଳେ,
ଆମ ଏ ସଂସାର ଥାଏ କେଉଁଠି ସେଠାରେ ?
ଯାଏ କେଉଁଆଡ଼େ ଅବା ଏ ବହୁରୂପତା ?
କେତେବେଳେ କଣ ଆମେ ଭାବୁ ଏହି କଥା ?

ସୁଖଦୁଃଖର ଠିକଣା

କିଛି ବସ୍ତୁ କେବେ ସୁଖ ଦିଏ ନାହିଁ,
ଦୁଃଖ ଅଜ୍ଞାନରୁ ସିନା ଜାତ ହୋଇଥାଇ ॥
ଭୂମି ଧନ ସ୍ତିରୀ ପୁତ୍ର, ଶରୀରାଦି ଭବେ,
ପ୍ରାକୃତ ପଦାର୍ଥ; ଦୁଃଖ ଦିଅନ୍ତିନି ଲବେ ॥
ଯେ ସ୍ୱୟଂ ପ୍ରକାଶ ନୁହଁ, ନିଜକୁ ପରକୁ
ଜାଣନ୍ତିନି; ଦୁଃଖ କେହ୍ନେ ଦେବେ ଅପରକୁ ?
ଯେମିତି ସେମିତି ସେହି ରହିଥାନ୍ତି ପଡ଼ି
ଏହି ସବୁ ସୁଖ ଦୁଃଖ ଦେବେ ବା କିପରି ?

ତେବେ ସୁଖ ଦୁଃଖ ରାଶି ଆସେ କେଉଁଠାରୁ ?
ସୁଖ ଦୁଃଖ ମିଳିଥାଏ ମାତ୍ର ଅବିଦ୍ୟାରୁ ॥
ଏ ସବୁ ଭିତରୁ ତମେ କାହାରିକୁ ଯେବେ
ଆପଣାର ମାନିନିଅ, ଦୁଃଖ ପାଅ ତେବେ ॥
ଆପଣାର ମାନିଲେ, ତା' ରହିବା ଯିବାରେ
ଅବା ପରିବର୍ତ୍ତନରେ ସୁଖ ଦୁଃଖ ଘାରେ ॥

Digitized by srujanika@gmail.com

ସୁଖ ଦୁଃଖ ଦିଅଇ କି କେବେ କୋଠାଘର ?
ଅସଂଖ୍ୟ ନିର୍ମିତ ହୋଇ ଭାଙ୍ଗେ ନିରନ୍ତର ॥
କିନ୍ତୁ ଏକ କୋଠାଘର କରିଲେ ଖରଦି,
ସେ ତୁମର ହୋଇଗଲା ନିମିଷକେ ଯଦି,
ତାର ଭଙ୍ଗାଗଢ଼ାରେ ତ ତୁମରି ମନରେ
ସୁଖର ଦୁଃଖର ଢେଉ ଉଠଇ ସତ୍ୱରେ ॥

ଶବ୍ଦ ସ୍ପର୍ଶ ରୂପ ରସ ଗନ୍ଧ ଏ ପଞ୍ଚକ
ନୁହନ୍ତି ସୁଖଦ ଅବା ଦୁଃଖଦ, ବ୍ୟଞ୍ଜକ ॥
ପଞ୍ଚଭୂତ, ପଞ୍ଚପ୍ରାଣ ଅବା ପଞ୍ଚେନ୍ଦ୍ରିୟେ,
ନୁହନ୍ତି ସୁଖଦ ଅବା ଦୁଃଖଦ ଏ କିଏ ॥
ଅହଂକାର ନୁହେଁ ସୁଖ ଦୁଃଖର କାରଣ,
ବୁଦ୍ଧି ମାତ୍ର ସୁଖ ଦୁଃଖ କରାଏ ଜ୍ଞାପନ ॥
ସବୁ ଏ ପ୍ରାକୃତ, ସବୁ ପ୍ରକୃତିର ବସ୍ତୁ,
ତେବେ ସୁଖ ଦୁଃଖ ଆଉ ଆସୁଛି କେଉଁଠୁ ?
ସବୁ ଅବିଦ୍ୟାରୁ, ସବୁ ଅଜ୍ଞାନରୁ ଜାତ,
ମିଳାଏ ନିମିଷେ ହେଲେ ଜ୍ଞାନାଲୋକ ପାତ ॥
ସୁଖ ବା ଦୁଃଖର ହେତୁ ଅଟଇ 'ଅସ୍ମିତା'
ଜୀବନେ ଜାଣିଲେ ତାକୁ ନ ରହଇ ଚିନ୍ତା ॥

ଏ ଆତ୍ମା, ଚେତନ ଦ୍ରଷ୍ଟା, ପ୍ରାକୃତ ନୁହଁଇ,
ଆମ ଅହଂକାର ଗୋଟି ପ୍ରାକୃତ ଅଟଇ ॥
ଏ ଚେତନ ଆତ୍ମା ଯେବେ ଅବିଦ୍ୟା କାରଣେ,
ଏ ଅହଂକାରକୁ 'ସ୍ୱୟଂ, ନିଜେ' ବୋଲି ମଣେ,
ତେବେ ତ ଅସ୍ମିତା କଳି ହୁଅଇ ଉଦ୍ଭବ,
କଳି ବଢ଼ି ହୁଏ କ୍ରମେ ପୁଷ୍ପ-ଅବୟବ ॥
ଯେପରି ଶିଶୁଟି ଜନ୍ମି ବଢ଼େ କାଳକ୍ରମେ
'ମୁଁ, ମୋର' ଭାବନା କ୍ରମେ ଅନ୍ତରେ ଜନମେ ॥

Digitized by srujanika@gmail.com

ତହୁଁ ରାଗ-ଦ୍ୱେଷ, ସୁଖ-ଦୁଃଖ ଜନମଇ
ଅସ୍ମିତାରୁ ପୁଣି କେତେ ମମତା ଜାଗଇ ॥

ଏ ରାଗ-ଦ୍ୱେଷରେ ଆମେ ଏତେ ଯାଉ ମଜ୍ଜି,
ଦେହ ଗେହ ସ୍ତିରୀ ପୁତ୍ରେ ନିଜେ ଯାଉ ହଜି ॥
ସେମାନଙ୍କୁ ମଣୁ ଆମେ ନିଜଠୁଁ ଅଭିନ୍ନ
ସେମାନଙ୍କ ସୁଖେ ଦୁଃଖେ ହେଉ ସୁଖୀ, ଖିନ୍ନ ॥
ତାଙ୍କ ଲାଭ କ୍ଷତି ଲାଗେ ଆମ କ୍ଷତି ଲାଭ
ଜାଣିବ ଏ ସବୁ ଅଭିନିବେଶ ପ୍ରଭାବ ॥

ଅବିଦ୍ୟା, ଅସ୍ମିତା, ରାଗ-ଦ୍ୱେଷାଦି ସମାନ
ଅଭିନିବେଶ ତ ସୁଖ ଦୁଃଖ ହେତୁ ଜାଣ ॥
ଏ ପଞ୍ଚ-କାରଣୁଁ ସୁଖ ଦୁଃଖ ଉପୁଜଇ
ନତୁବା କେ'କାରେ ସୁଖ ଦୁଃଖ ନ ଦିଅଇ ॥

ଅହଂକାର ଭୂତକୁ ଜାଣ

ବାହ୍ୟ ଜଗତର ଯେତେ ଯେତେ ଯେ ବିଷୟ
ଆମେ ଜାଣୁ, ନେଇ ଆମ ଇନ୍ଦ୍ରିୟ ଆଶ୍ରୟ;
ଯେ ସବୁ ଆମକୁ ସୁଖ ଦୁଃଖ ଦେଉଛନ୍ତି ॥
ସେ ସବୁ ସେମିତି ଏକାପରିକା ରହନ୍ତି ॥
ବେଦାନ୍ତ ତାହାଙ୍କୁ ପାରେ ନାହିଁ ବଦଳାଇ
ତେବେ ଏତେ ଧର୍ମ କଥା ପଢ଼େ କାହିଁପାଇଁ ?
ଦୁଃଖ ପୋଛି ନ ପାରିଲେ ଧର୍ମର କି ଅର୍ଥ ?
ଆଚରିବେ କିଆଁ ଜନେ ଏତେ ପୂଜା ବ୍ରତ ?

ବାହ୍ୟ ବିଷୟରୁ ହୁଏ ଅନୁଭୂତି ମନେ,
ଏହି ଅନୁଭୂତି ଦୁଃଖ ଦିଏ ବା କେସନେ ?
କଅଣ ଏ ଅନୁଭୂତି ଜାଣିବା ପ୍ରଥମେ,
ତେବେ ତାର ପ୍ରତିକାର କରିପାର ତମେ ॥

Digitized by srujanika@gmail.com

କୌଣସି ସମୟ ଅବା କୌଣସି ସ୍ଥାନରେ,
ବୁଦ୍ଧି ମନ ଯେବେ ମିଶେ ବିଷୟ ସାଙ୍ଗରେ,
ତେବେ ତହୁଁ ପ୍ରତିକ୍ରିୟା ହୁଅଇ ଉତ୍ପନ୍ନ
ଏହାକୁ ହିଁ 'ଅନୁଭୂତି' କହଇ ଭୁବନ ॥
ଭିନ୍ନ ସ୍ଥାନେ ଭିନ୍ନ କାଳେ ଏକଇ ବିଷୟ
ଭିନ୍ନ ଅନୁଭୂତିମାନ ସୃଜନ୍ତି ନିଶ୍ଚୟ ॥
ମନକୁ ତାଲିମ କରି ଠିକ୍ ପ୍ରତିକ୍ରିୟା
ହେବାକୁ ଯତନ କରେ ଧର୍ମର ଦୁନିଆ ॥

ମନକୁ ସକ୍ଷମ କର ଅଭ୍ୟାସ ବଳରେ
ଯେହ୍ନେ ଦୁଃଖ ପରିଣତ ହେବ ଆନନ୍ଦରେ ॥
ଅସଫଳ ସାଫଲ୍ୟରେ, କ୍ଷତିକୁ ଲାଭରେ
ପରିଣତ କର ଧର୍ମ-କାଉଁରୀ ସ୍ପର୍ଶରେ ॥

ଅହଂକାର-ଭୂତ ଦିଏ ଦୁଃଖ ଦୁରୁଦଶା,
ପ୍ରଭୁ ପାଦେ ଦିଅ ତାକୁ ସଁପି ସହସା ॥
ଅହଂକାର-ଭୂତର ଯେ ବିକାର ସବୁକୁ,
ତ୍ୟାଗ କରି ଦୁଃଖ ମୁକ୍ତ କରାଅ ନିଜକୁ ॥

ଏ ଅହଂକାର-ଭୂତଟି କିଏ ?

କିଏ ଏହି ଅହଂକାର କି ତାର ଅସ୍ତିତ୍ୱ
ଅଛି କି ତାହାର କିଛି ସତ୍ତା ବା ବ୍ୟକ୍ତିତ୍ୱ ?
କେଉଁଠି କିପରି ଇଯେ ଆମରି ଭିତରେ
ଲୁଚି ରହି ଏତେ ନାଟ କରଇ ସତରେ ?

ମୃତ ଅତୀତର ସ୍ମୃତି-ସବୁର ପ୍ରତୀକ,
ଅନାଗତ ଭବିଷ୍ୟର ସ୍ୱପ୍ନ ଯା' ଅଳୀକ,
ସେହି କ୍ଷୁଦ୍ର ମୁଁ, ଆମ ସ୍ୱରୂପର ଛାଇ,
ସତ୍ୟତାର ଛିଟା ଅବା ସତ୍ତା ଟିକେ ନାହିଁ ॥

Digitized by srujanika@gmail.com

ଅତୀତର ଗର୍ଭ ଆଉ ଭବିଷ୍ୟ ଗରଭେ,
ଅହଂକାର ଅପଛାୟା ରହି ସଗରବେ
ସଭିଙ୍କୁ ଦିଅଇ ଦୁଃଖ ଯନ୍ତ୍ରଣା ଅନେକ
ବର୍ତ୍ତମାନେ ଯାର ନାହିଁ କିଛି ରୂପରେଖ ।।
ଏହି ଭୂତ ଆମ ଦୁଃଖ ଦୁର୍ଦ୍ଦଶା କାରଣ,
ସ୍ୱରୂପ ଜାଣିଲେ ଏହା ହୁଏ ନିବାରଣ ।।
ବେଦାନ୍ତ ଏ ବାଣୀ କରେ ପ୍ରଚାର ବିଶ୍ୱରେ,
ସତ୍ୟକୁ ପ୍ରତ୍ୟକ୍ଷ କର ଏଇ ଜୀବନରେ ।।

ଭୂତ-ଝାଡ଼ଣ ଉପାୟ

ଅତୀତ ସ୍ମୃତିକୁ ପୋତି ପକା ମାଟି ତଳେ,
ଅନାଗତ ସ୍ୱପ୍ନ କିଛି ନ ଦେଖି ଅନ୍ତରେ,
ଅନ୍ତର୍ଯ୍ୟାମୀଙ୍କଠି ରଖ ବିଶ୍ୱାସ ଅଟଳ,
ସେ ବିଶ୍ୱର କର୍ତ୍ତା ଦେଇଥାନ୍ତି କର୍ମଫଳ ।।

ତାଙ୍କ ରଙ୍ଗମଞ୍ଚେ ସର୍ବେ କରେଁ ଅଭିନୟ,
ଆମ ଦ୍ୱାରା ସେ କରାନ୍ତି, ସେତ ଇଚ୍ଛାମୟ ।।
ହୃଦୟେ ସତତ କଲେ ଏ କଥା ସ୍ମରଣ,
ଅହଂକାର-ଭୂତ ଆଉ କରିବ କଅଣ ?

ତଳେ ପଡ଼ି ପାଁ'ପଡ଼ି ହୃଦୟ ଭକତି
ଜଣାଇଲେ ଯିବ ମରି ଭୂତ କରାମତି ।।

ଦୁଃଖ ନିବୃତ୍ତିର ଉପାୟ

ଏ ପଞ୍ଚ-କାରଣୁ ଯେବେ ଦୁଃଖ ଉପୁଜଇ
ତେବେ କେଉଁ ଉପାୟେ ତା' ନିବୃତ୍ତ ହୁଅଇ ?
ଯୋଗ କ୍ରିୟା ସାଧନେ ତା' ହୁଏ କି ସମ୍ଭବ ?
କେଉଁ ପଥେ ମିଳେ ନାହିଁ ତାର ପରାଭବ ?

Digitized by srujanika@gmail.com

ଉପାୟ ସହଜ ସିନା କିନ୍ତୁ କଲେ ମନ,
ଜୀବନର ସବୁ ଦୁଃଖ ହୋଇବ ମୋଚନ ।।
ଏଥିପାଇଁ ନାହିଁ ଲୋଡ଼ା ତପ ଯାଗ ଯୋଗ
କାମେ ନ ଆସଇ କିଛି ଐଶ୍ୱର୍ଯ୍ୟ ସମ୍ଭୋଗ ?
ଧନ ଅରଜନ ଅବା ଜ୍ଞାନ ଉପାର୍ଜନ,
ଦୁଃଖ ନିବାରଣେ କିଛି ନୁହଇ ଭାଜନ ।।

ଏକମାତ୍ର ଆତ୍ମ-ଜ୍ଞାନେ ଲଗାଇଲେ ମନ,
ତେବେ ଯାଇ ସବୁ ଦୁଃଖ ହେବ ନିବାରଣ ।।

ମନକୁ ତାଲିମ କର

ଏ ମନର ସତ୍ତା ନାହିଁ କେଉଁଠାରେ କିଛି,
ଭିତରେ ନ ଅଛି ଅବା ବାହାରେ ରହିଛି ।।
ବିଷୟର ପ୍ରତୀତିକୁ କୁହାଯାଏ ମନ,
ମନରେ ବିଷୟ ସବୁ ହୁଏ ଆକଳନ ।।
ଯହିଁ ମିଶା ନାହିଁ କିଛି ସେ ଶୁଦ୍ଧ ବୋଲାଏ,
ଇଷ୍ଟଙ୍କ ଚିନ୍ତନ ସଦା ଶୁଦ୍ଧ ହୋଇଯାଏ ।।
ସଂସାର-ଚିନ୍ତନେ ମନ ଅଶୁଦ୍ଧ ହୁଅଇ
ଅନ୍ତଃକରଣରେ ତହିଁ ପ୍ରଭାବ ପଡ଼ଇ ।।

ତୁମେ ଥାଅ ମନ ସାଥେ ମନ ରହେ ଯହିଁ,
ଶରୀର ତୁମକୁ ପାଶେ ରଖି ନ ପାରଇ ।।
ଲୁହା ଛଡ଼ ଖଣ୍ଡେ ଯେବେ ଫିଙ୍ଗ ସମୁଦ୍ରକୁ,
ନିମିଷକେ ସେ ଚାଲିବ ଅତଳ ଗର୍ଭକୁ....
ପ୍ରବୃତ୍ତିର-ପାରାବାର ଜଳେ ତେହ୍ନେ ମନ
ଛଡ଼ ପରି ନିମିଷକେ ହୁଏ ନିମଜ୍ଜନ ।।

ଛଡ଼ଟିକୁ ପିଟି ପିଟି ହାତୁଡ଼ି ପାହାରେ
ଗୌପିଠି ଚଟକା ଯଦି କରା ଯାଇପାରେ,

Digitized by srujanika@gmail.com

ଜଳରେ ନ ବୁଡ଼ି ଯେହ୍ନେ ଭାସିବ ଉପରେ;
ସ୍ୱରୂପ-ଚିନ୍ତନ ଅବା ନାମ ସ୍ମରଣରେ
ମନର କଲ୍ମଷ ସବୁ ତେହ୍ନେ ଯିବ ଉଡ଼ି,
ପ୍ରବୃତ୍ତି-ପାଣିରେ ଆଉ ପାରିବନି ବୁଡ଼ି ॥

ନାରୀ ବା ପୁରୁଷ ଚିତ୍ତେ କରିଲେ ନିବାସ,
ଭାବିବ ତୁମକୁ 'କାମ' କରିଲାଣି ଗ୍ରାସ ॥
ତାହାହିଁ ତ 'ଲୋଭ' ଚିତ୍ତେ ବାସ କଲେ ଧନ,
ଶତ୍ରୁ ରହିଗଲେ ହୁଏ 'ଦ୍ୱେଷ' ଉତପନ୍ନ ॥
ବିଷୟ-ବିହୀନ ଯେବେ ଚିତ୍ତ ହୋଇଯାଏ,
ଶୁଦ୍ଧାନ୍ତଃକରଣ ତେବେ ତାକୁ କୁହାଯାଏ ॥

ଶୁଦ୍ଧାନ୍ତଃକରଣ ହେବ କିପରି ?

ପାଞ୍ଚଗୋଟି କୋଷ ରଖେ ଆତ୍ମାଙ୍କୁ ଘୋଡ଼େଇ,
ତେଣୁ ତାଙ୍କୁ ଭଲ ଭାବେ ନ ଜାଣନ୍ତି କେହି ॥
କୋଷକୁ ଚକ୍ ଚକ୍ କରି ରଖ ନିରିମଳ,
ତେବେ ଆତ୍ମା ଉପଲବ୍ଧ ହୋଇବେ କେବଳ ॥

ଶୁଦ୍ଧ ପୂତ ଖାଦ୍ୟେ ଶୁଦ୍ଧ 'ଅନ୍ନମୟ କୋଷ';
ସ୍ଥିର ଶ୍ୱାସ ପ୍ରଶ୍ୱାସରେ 'ପ୍ରାଣମୟ କୋଷ';
ସୁଖେ ଦୁଃଖେ ପ୍ରଭାବିତ ନ କରି ନିଜକୁ,
ନିର୍ମଳ ରଖିବ 'ମନୋମୟର କୋଷ'କୁ;
ବିଜ୍ଞାନମୟ କୋଷରେ ସ୍ୱରୂପ ଚିନ୍ତନ
କଲେ ପବିତ୍ରିତ ହୁଏ ସକଳ କରଣ ॥

ଈଶ୍ୱର ସାକ୍ଷାତକାର ହେବା ଆନନ୍ଦରେ,
ମଜାଇ 'ଆନନ୍ଦମୟ କୋଷ' ନିରନ୍ତରେ,
ଆତ୍ମ-ସ୍ୱରୂପକୁ ଦେଖ ଦିବ୍ୟ-ନୟନରେ,
ଏହାକୁ ସାଧନ-ପଥ କର ଜୀବନରେ ॥

Digitized by srujanika@gmail.com

ଜୀବନର ଫୁଟ୍‌ବଲ ଖେଳ

ଏବେ ତ ଆମର ହୋଇ ଆସିଲାଣି ବେଳ,
ଉପଭୋଗ କରିନେବା ଜୀବନର ଖେଳ ॥

ଖେଳ ଉପଭୋଗ୍ୟ ହୁଏ ନୀତି ଓ ନିୟମେ,
ନିୟମ ମାନିବା କଥା ପ୍ରତିଟି କରମେ ॥
ଫୁଟ୍‌ବଲ୍ ଖେଳେ ଯଦି କୌଣସି ଖେଳାଳି,
ଅନିୟମେ ବଲ୍‌ଟିକୁ ଦେଉଥିବ ଚାଳି,
ଫାଉଲ୍ ଆଉଟ୍ ଅଫସାଇଡ୍ ପେନାଲ୍‌ଟି
ସକଳ ନିୟମ ଯଦି ଖେଳେ ଯାଏ କଟି,
ତେବେ କ'ଣ ଉପଭୋଗ୍ୟ ହୋଇବ ଏ ଖେଳ ?
ଜଗିବା ନିୟମ ତେଣୁ, ନାହିଁ ଆଉ ବେଳ ॥

ଓଁକାର ନିର୍ଣ୍ଣୟ

କେବଳ ଓଁକାର ଜପି କେତେ ଯୋଗିଜନ
ଶେଷେ ପାରିଛନ୍ତି କରି ଆତ୍ମ-ଦରଶନ ॥
ଓଁକାରର ନିରୂପଣ ହୋଇଗଲା ପରେ
ଓଁକାର ବିଷୟେ ଜ୍ଞାନ ହୁଅଇ ଶେଷରେ ॥
କିନ୍ତୁ ହୁଏ ଆତ୍ମ-ଜ୍ଞାନ, ହୁଏ ବ୍ରହ୍ମଜ୍ଞାନ –
ଏ କିପରି କଥା ? କଣ କରି ଅନୁମାନ ?
ଅନୁମାନ ହୁଏ ଦେଖି କାର୍ଯ୍ୟ ଓ କାରଣ
ବ୍ରହ୍ମର, କାରଣ କାର୍ଯ୍ୟ-ଓଁକାରଟି କଣ ?

ଓଁ ଅନୁମାନେ ହୁଏ ନାହିଁ ବ୍ରହ୍ମଜ୍ଞାନ,
ହୁଅଇ ବେଦାନ୍ତ ଶ୍ରୁତି ବଳେ ଏହା ଜାଣ ॥

ବେଦାନ୍ତରୁ ବ୍ରହ୍ମଜ୍ଞାନ

ସବୁ ପ୍ରଲୋଭନ ଏଡ଼ି ଦୃଢ଼ କରି ମନ
ନଚିକେତା ପଚାରଇ ଆତ୍ମାଙ୍କର ପ୍ରଶ୍ନ–

Digitized by srujanika@gmail.com

''କହ ଧର୍ମରାଜ, କହ କୃପା-ନିକେତନ,
ଧର୍ମ ଅଧର୍ମରୁ ଭିନ୍ନ ସେ ତତ୍ତ୍ୱ କଅଣ ?
କାର୍ଯ୍ୟ ଓ କାରଣ ଠାରୁ ଉର୍ଦ୍ଧ୍ୱେ ଯାହା ସ୍ଥିତ,
ଯେ ଅତୀତ ଭବିଷ୍ୟତ କାଳର ଅତୀତ ?
ସେହି ସତ୍ୟ ବସ୍ତୁ ତମେ ଜାଣିଅଛ ଯାହା,
ଦୟାକରି ଗୁରୁଦେବ କହ ମୋତେ ତାହା ।।''

ଉତ୍ତରେ କହିଲେ ଯମ, ''ଶୁଣରେ ନନ୍ଦନ,
ଯାହାଙ୍କ ସ୍ୱରୂପ ବେଦ କରନ୍ତି କୀର୍ତ୍ତନ,
ଯାହାଙ୍କ ନିମନ୍ତେ ସବୁ ତପସ୍ୟା ସାଧନ,
ଯାହାଙ୍କ ସକାଶେ ବ୍ରହ୍ମଚର୍ଯ୍ୟ ଆଚରଣ,
ସେ ବ୍ରହ୍ମଙ୍କ ତତ୍ତ୍ୱ ତୋତେ କହୁଛି ଚୁମ୍ବକେ,
'ଓଁ' ପଦ ବାଚ୍ୟ ତାହା ବିଦିତ ମୂଳକେ ।।

''ବାବୁରେ ଦୁର୍ଜ୍ଞେୟ ଅତି ବ୍ରହ୍ମଜ୍ଞାନ ପରା,
ସହଜ ବୁଦ୍ଧିରେ କେବେ ନ ପଡ଼ଇ ଧରା ।।
ହଠାତ୍ ଏହାକୁ କଲେ ତୋ ଆଗେ ବର୍ଣ୍ଣନା,
ହୁଏତ ତୁ ମନେ କରି ନ ପାରୁ ଧାରଣା !
ତେଣୁ ଏ ଓଁକାର ତତ୍ତ୍ୱ ମୂଳରୁ କହୁଛି,
ଏଥିରେ ସହଜେ ବୋଧ ହେବ ମୁଁ ଭାବୁଛି ।।

ଶୁଦ୍ଧ ବୁଦ୍ଧିରେ ଯେ ତତ୍ତ୍ୱ ହୁଏ ଉପଲବ୍ଧ,
ଅଶୁଦ୍ଧ ମନେ ତା' କେହ୍ନେ ହୁଅଇ ସମ୍ଭବ ?
ମନ ଶୁଦ୍ଧି ପାଇଁ ବାପ ଗୌତମନନ୍ଦନ,
ସହାୟକ ହେବ ଏହି ଓଁକାର ସାଧନ ।।

ବ୍ରହ୍ମଙ୍କ ପ୍ରତୀକ ଓଁ' ଅତି ସଂକ୍ଷେପରେ
କହିଅଛି ନଚିକେତା ତୋହରି ଆଗରେ ।।

Digitized by srujanika@gmail.com

ଅ.ଉ.ମ. ତିନି ବର୍ଣ୍ଣ ସମ୍ମିଳନେ
ଉତ୍ପନ୍ନ ହୋଇଛି ଓଁ' ଋଷିଙ୍କ ଚିନ୍ତନେ ।।
ଏ ଅକ୍ଷର ସୃଷ୍ଟି ସ୍ଥିତି ଲୟର ପ୍ରତୀକ
ସୂଚାଏ ଜାଗ୍ରତ ସ୍ୱପ୍ନ ସୁଷୁପ୍ତି ଅଧିକ ।।
ନିର୍ଗୁଣ ଅବ୍ୟକ୍ତ ନିରାକାରଙ୍କ ଅର୍ଚ୍ଚନା,
କିଏ ବା କିପରି କରି ପାରିବ କଳ୍ପନା ?
ସେ ପାଇଁ ପ୍ରଥମ ରୂପ ହେଲା ବ୍ରହ୍ମଙ୍କର
ଏହି ଓଁ'କାର ରୂପୀ ବ୍ରହ୍ମ ଏକାକ୍ଷର ।।

ଓଁ ଉଚ୍ଚାରଣ

ନାମ ବୁଦ୍ଧିରେ ଓ ମନ୍ତ୍ର ବୁଦ୍ଧିରେ ଓଁକାର
ଉଚ୍ଚାରଣ କରାଯାଏ ଦ୍ୱିବିଧ ପ୍ରକାର ।।
ସମାଧିସ୍ଥ ଯୋଗୀ ଯେବେ ଏହା ଉଚ୍ଚାରନ୍ତି
'ଅ'କାରକୁ 'ଉ'କାରରେ ସେ ଲୀନ କରନ୍ତି ।।
ସେପରି ଏ 'ଉ' କାରକୁ 'ମ' କାରରେ ଲୟ
'ମ' କାରକୁ ଅମାତ୍ରରେ କରିଥାନ୍ତି ଥୟ ।।
ଅ' ଉ' ମ' କାର, କିଛି ନ ରହଇ
କେବଳ ତ ଆତ୍ମ-ତତ୍ତ୍ୱ ନିରତେ ସ୍ଫୁରଇ ।।

ଇନ୍ଦ୍ରିୟରୁ ବାହ୍ୟଜ୍ଞାନ ହୁଅଇ ଆମରି
ମନରୁ ତ ବୁଦ୍ଧି ଯାଏ ଯାଉଁ ଖୋଜ କରି ।।
ଏହିପରି ଯାଉ ଯାଉ ଆତ୍ମ-ଚୈତନ୍ୟରେ
ପହଞ୍ଚୁ ଯା' ଅଟେ ଆତ୍ମ-ସ୍ୱରୂପ ସତରେ ।।

'ଛାନ୍ଦୋଗ୍ୟ' ମତାନୁସାରେ ଅଟଇ ଓଁକାର,
ସଂସାରର ସବୁ ଶବ୍ଦ-ସୃଷ୍ଟିର ଆଧାର ।।
ସେପରି ସଂପୂର୍ଣ୍ଣ ସୃଷ୍ଟି ଆଧାର ତ ବ୍ରହ୍ମ,
ବ୍ରହ୍ମଠୁଁ ଓଁକାର ତେଣୁ ନୁହେଁ ବ୍ୟତିକ୍ରମ ।।

Digitized by srujanika@gmail.com

ଯେ କରିପାରଇ ଏହି ଓଁକାରାନୁଭବ,
ତା'ପାଇ ବ୍ରହ୍ମାନୁଭୂତି ହୁଅଇ ସମ୍ଭବ ।

ରଶି ବା ରଜ୍ଜୁରେ ହୁଏ ସର୍ପର ବିକଳ୍ପ,
ସେପରି ଶିପରେ ଚାନ୍ଦି ରୂପା ଅନୁରୂପ,
ବିକଳ୍ପ ମାନେ ତ ନାନାବିଧ କଳପନା,
ଅବା ବିପରୀତ କଳପନାର ଭାବନା ॥

ଯେତେ ସବୁ ବର୍ଣ୍ଣମାଳା ଏ ଓଁକାର ଜାତ,
ଧ୍ୱନିର ଅସ୍ଫୁଟ ରୂପ ଓଁକାର ବିଖ୍ୟାତ ॥
ଜଗତର ଆଦି ବ୍ରହ୍ମ ଯେହ୍ନେ ନିରାକାର
ସକଳ ଧ୍ୱନିର ଆଦି ଓଁ' ସେ ପ୍ରକାର ॥
ଧ୍ୱନିର ବିସ୍ତୃତି ହେଲା ଶବ୍ଦ ଭାବ ଆଦି,
ଭାବରୁ ଉତ୍ପନ୍ନ ବସ୍ତୁ ଜଗତ ଇତ୍ୟାଦି ॥
ତ୍ରିମାତ୍ରା ଓଁକାର ମଧ୍ୟେ ଅର୍ଦ୍ଧମାତ୍ରା ସ୍ଥିତ,
ସେ ସ୍ଫୋଟ ଅନଭିବ୍ୟକ୍ତ ସତ୍ତା ସୁବିଦିତ ॥
ବ୍ରହ୍ମଙ୍କ ଅନଭିବ୍ୟକ୍ତ ସ୍ୱରୂପଟି ଓଁ'
ବାପ, ଶବ୍ଦ-ବ୍ରହ୍ମ ସେହି, ଜାଣିବୁ ମରମ ॥

ଓଁ' ଉଚ୍ଚାରଣେ ଅନ୍ତଃକରଣର ବୃତ୍ତି
ସବୁ ହଟି ସ୍ଫୁରଣାର ହୁଅଇ ନିବୃତ୍ତି ॥
ବାହ୍ୟ ବିଷୟର ଜ୍ଞାନ ହୁଏ ଅବସାନ
କେବଳ ତ ଧ୍ୱନି ମାତ୍ର ଥାଏ ବିଦ୍ୟମାନ ॥
ମ'କାର ଶେଷରେ ସ୍ୱର ସମାପ୍ତ ହୁଅଇ,
ଚିତ୍ତେ ପ୍ରାଣେ ଏକରସ ଶାନ୍ତି ବିରାଜଇ ॥
ଏ ସମୟେ ଦେଶ କାଳ ବସ୍ତୁର ସ୍ଫୁରଣା
କିଛି ଲେଶ ନ ରହଇ, କେବଳ ଚେତନା ॥
ଏ ବ୍ରହ୍ମ-ଚୈତନ୍ୟ ବୋଲି ଜାଣି ରଖ ମନେ,
ଏ ପ୍ରାପ୍ତ ହୁଅଇ ମାତ୍ର ଓଁ' ଉଚ୍ଚାରଣେ ॥

Digitized by srujanika@gmail.com

ଦେବତା ଭାବନା ପାଇଁ ପାଷାଣ ମୂରତି,
ମନ୍ଦିରେ ସ୍ଥାପିତ ଯେହ୍ନେ ଓଁ'ସେହିମତି,
ବ୍ରହ୍ମ-ବୁଦ୍ଧି ପାଇଁ ମାତ୍ର ଏକ ଆଲମ୍ବନ,
ବ୍ରହ୍ମ-ବୁଦ୍ଧିରେ ହିଁ ହୁଏ ଓଁ' ଉପାସନ ।।

ଅପର-ବ୍ରହ୍ମ ରୂପରେ ପରମାତ୍ମା ସତ୍ୟ,
କାର୍ଯ୍ୟ କାରଣ ରୂପରେ ସେହି ବି ପ୍ରପଞ୍ଚ ।।
ଏ ପ୍ରପଞ୍ଚ ତଥା ତହିଁ ମଧ୍ୟେ ଯେ ଚେତନ,
ଏକ ସତ୍ତା ବୋଲି କର ଜ୍ଞାନ ରେ ନନ୍ଦନ ।।
ତୁମେ ପିତା, ତୁମେ ମାତା, ତୁମେ ମୋ ବାନ୍ଧବ,
ଏହିପରି ସର୍ବାତ୍ମନା ସେ ଯେଉଁ ପ୍ରଣବ,
ତାହାରି ଶରଣ ନେଇ ଏକାନ୍ତ ଭାବରେ
ଉପାସନା କରାଯାଇ ଥାଏ ଜଗତରେ ।।

ଦେହ ପ୍ରାଣ ମନ ବୁଦ୍ଧି କୋଷାଦି ସକଳ
ତ୍ରିଅବସ୍ଥା, ବିଶ୍ୱ ତଇଜସ ବା ଈଶ୍ୱର ।
ସକଳେ ବିକଳ୍ପ ଜାଣ, ସବୁରି ଆଧାର
ଅଦ୍ୱିତୀୟ ଆତ୍ମା ଯିଏ ବ୍ରହ୍ମ ନିରାକାର ।।

ବସ୍ତୁ ନାହିଁ, ନାମ କିନ୍ତୁ ହୋଇଛି ଏପରି,
ଜଣାଯାଏ ବହୁ ବସ୍ତୁ ରହିଛି ଯେପରି ।।
ଏକ ସୁନାରେ ତ ବହୁରୂପ ଅଳଙ୍କାର
ଗଢ଼ାଯାଏ, କିନ୍ତୁ ସବୁ ବିକଳ୍ପ ସୁନାର ।।
ତେହ୍ନେ ଏକ ଶୁଦ୍ଧାତ୍ମାର ଏ ସାରା ଜଗତ
ବିକଳ୍ପ ଅଟଇ, ଏହା ମଣିବୁଟି ସତ ।।
ତହିଁ 'ଭେଦ-ବୁଦ୍ଧି' ଭ୍ରମ ନିଶ୍ଚିତେ ଅଟଇ,
କିନ୍ତୁ ବ୍ୟବହାରେ ସବୁ ସତ୍ୟ ଆଭାସଇ ।।
ଏ ଆତ୍ମା ଶରୀର ପ୍ରାଣ ବୁଦ୍ଧି ଓ ମନର
ବିକଳ୍ପ ଅଟଇ ବୋଲି ଜାଣିବ ନିକର ।।

Digitized by srujanika@gmail.com

ଯେତେ ସବୁ ଶବ୍ଦ ଏଇ ଓଁକାର ବିକାର,
ଯେତେକ ବ୍ୟଞ୍ଜନ ବର୍ଣ୍ଣେ ରହିଛି ଅ କାର ॥
ଅ' ବିନା କିଛି ଉଚ୍ଚାରଣ ନ ହୁଅଇ,
ମୂଳ ମାଆ ସ୍ୱର ଅ' କଣ୍ଠରୁ ସ୍ଫୁରଇ ॥
ତାଳୁକା ପ୍ରଧାନ ଉଚ୍ଚାରଣେ ଏହି ଅ',
ଇ' ହୋଇଯାଏ ଏହା ଜାଣିବ ନିଶ୍ଚୟ ॥
କଣ୍ଠ ତାଳୁ ଭେଦେ ଏହି ଏକଗୋଟି ସ୍ୱର
ଭିନ୍ନ ରୂପେ ଉଚ୍ଚାରିତ ହୁଅଇ କେବଳ ॥

ଜାଣିବ ପ୍ରତିଟି ଶବ୍ଦ ଓଁକାର ବିକାର ।
ସବୁ କଳପନା, ନାମ ମାତ୍ରେ ବ୍ୟବହାର ॥
ନାମରେ ଚାଲିଛି ଏହି ଦୁନିଆ ବେପାର
ଆକାଶ ପୃଥିବୀ ନଦ ନଦୀ ପାରାବାର ॥
ଯାହା ଦିନେ ଥିଲା ହୋଇ ପୃଥିବୀ ଗୋଟିଏ,
ନାମେ ଆଜି ଦେଶ ସ୍ଥାନ ଭେଦେ ସେ କୋଟିଏ ॥

Digitized by srujanika@gmail.com

ପ୍ରଥମ ମନ୍ତ୍ର

ଓମିତ୍ୟେତଦକ୍ଷରମିଦଂ ସର୍ବଂ, ତସ୍ୟୋପବ୍ୟାଖ୍ୟାନମ୍ –
ଭୂତଂ ଭବଦ୍‌ଭବିଷ୍ୟଦିତି ସର୍ବମୋଙ୍କାର ଏବ,
ଯଚ୍ଚାନ୍ୟତ୍ ତ୍ରିକାଲାତୀତଂ ତଦପ୍ୟୋଙ୍କାର ଏବ ॥୧॥

ଅନୁବାଦ

ଓଁ ଏଇ ଅକ୍ଷରଟି ଅଟଇ ସମସ୍ତ
ସରଳରେ ବୁଝାଇଲେ ହୋଇବ ଏମନ୍ତ,
ଅତୀତ ଓ ବର୍ତ୍ତମାନ ପୁଣି ଭବିଷ୍ୟତ,
ନିଶ୍ଚିତେ ଅଟଇ ଓଁ ଏ ବିଶ୍ୱେ ସମସ୍ତ ॥
ଆଉ ପୁଣି ଯାହା କିଛି ତ୍ରିକାଳ ଅତୀତ,
ସେ ସବୁ ଅଟଇ ମଧ୍ୟ ଓଁ ସୁନିଶ୍ଚିତ ॥ ୧ ॥

ସରଳାର୍ଥ

ମୂଳ-ଶକ୍ତି ପ୍ରକୃତିର ପ୍ରଥମ କମ୍ପନେ,
ଓଁକାର ନାଦ ସୃଷ୍ଟି ହୋଇଲା ସଘନେ ॥
ଅସୁମାରୀ ନାମ ରୂପେ ଭରା ଏ ସଂସାର,
ତହିଁ କେହ୍ନେ ଅଭିନ୍ନତା ଅଦ୍ଭୁତ ପ୍ରକାର ॥

ରୂପରୁ ଅଲଗା ନାମ ନୁହଁଇ ଯେପରି,
ନାଦରୁ ଅଲଗା ବସ୍ତୁ ନାହିଁ ସେହିପରି ॥
ଶବ୍ଦାର୍ଥ ଅଭିନ୍ନ ଯେହ୍ନେ ଅଖିଳ ଜଗତେ,
ବିଚାରିବ ଏହି ଓଁ ତତ୍ତ୍ୱ ସେହି ମତେ ॥

ସକଳ ଶବ୍ଦକୁ ଯିଏ ଅନ୍ତରେ ବହଇ
ଏହି ଓଁ, ତେଣୁ ସାର୍ବଜନୀନ ଅଟଇ ॥

Digitized by srujanika@gmail.com

ତାହାହିଁ କେବଳ ଯୋଗ୍ୟ ନାମ ବିବେଚିତ,
ଦୃଶ୍ୟାଦୃଶ୍ୟ ଏ ଜଗତ ହେବାକୁ ବିଦିତ ॥

ଏ ବିଶ୍ୱ ବ୍ରହ୍ମାଣ୍ଡ ପରା ନୁହେଁ ଆଉ କିଛି
ଯା' ଦିବ୍ୟ ସତ୍ତାରୁ ମାତ୍ର ନିଃସୃତ ହୋଇଛି ॥
ତେଣୁ ଏହି ନାଦ ଓଁ', ସେ ଦିବ୍ୟ ସତ୍ତାର
ଯଥାର୍ଥ ପ୍ରତୀକ ବୋଲି ହୁଅଇ ବିଚାର ॥

ଏ ଓଁ' ସାହାଯ୍ୟେ ତେଣୁ ପୁଣ୍ୟାତ୍ମା ଭକତେ
ସତ୍ୟ ଉପଲବ୍ଧି କରିଥାନ୍ତି ହୃଦଗତେ ॥
ଆତ୍ମ-ଉପଲବ୍ଧି ପାଇଁ ଓଁକାର ସାଧନ
ଉତ୍କୃଷ୍ଟ ଉପାୟ ବୋଲି ଜଗତେ ଗଣନ ॥

ସବୁ ଦେଶ କାଳ ଊର୍ଦ୍ଧ୍ୱେ ଯାହା ଅବସ୍ଥିତ,
ସେ ସବୁ ଅଟଇ ଏହି ଓଁ', ସୁନିଶ୍ଚିତ ॥
ଏହି ପୁଣି ଅତୀନ୍ଦ୍ରିୟ ଲୋକୋତ୍ତର ବ୍ରହ୍ମ
ସଗୁଣ ନିର୍ଗୁଣ ଭେଦେ ଏ ପରମ-ବ୍ରହ୍ମ ॥

କାଳାଧୀନ ବସ୍ତୁ ଯେତେ ରହିଛି ଜଗତେ,
ପୁଣି କାଳାତୀତ ଯେତେ ଲାଗଇ ପରତେ,
ସବୁ ଭିତ୍ତିସ୍ତର ଏହି ଓଁକାର ଅଟଇ
ଏହି ଭିତ୍ତି ପରେ ପରା ସବୁ ପ୍ରକାଶଇ ॥

ଅସୁମାରୀ ମାଟି ମାତ୍ର ମାଟିରୁ ଉତ୍ପତ୍ତି,
ପାତ୍ର ତୁଟିଗଲେ ହୁଏ ମାଟି ପରିଣତି ॥
ଏ ମାଟି ଯେସନେ ପାତ୍ର ଉତ୍ପତ୍ତି କାରଣ
ତେସନେ ଓଁ' ରୁ ହୁଏ ଜଗତ ଉତ୍ପନ୍ନ ॥
ଓଁ' ନାଦ, 'ନାଦ-ବ୍ରହ୍ମ' ଜଗତ ଉତ୍ପତ୍ତି,
ଏ ଘଟ ତୁଟିଲେ ନାଦ ରହେ ସେହିମତି ॥

Digitized by srujanika@gmail.com

ଶବ୍ଦରୁ ବସ୍ତୁ

ଯହିଁ କାର୍ଯ୍ୟ ହୁଏ ତହିଁ ହୁଅଇ ସ୍ପନ୍ଦନ,
ଯେଉଁଠି ସ୍ପନ୍ଦନ ତହିଁ ଶବ୍ଦ ଉତପନ୍ନ ॥
ଏପରି ପଦାର୍ଥ ବସ୍ତୁ ଜଗତରେ ନାହିଁ,
ଯାହା କେବେ ଶବ୍ଦ ଅନୁଗତ ହୋଇ ନାହିଁ ॥
ତେଣୁ ନାଦ ବିନା ବସ୍ତୁ ନାହିଁ ଏ ସଂସାରେ,
ବସ୍ତୁ ଦେଖି 'ନାଦ-ବ୍ରହ୍ମ' ସ୍ମରିବ ସେଠାରେ ॥

ଯେତେ ନାମ ଯେତେ ଶବ୍ଦ ଅ'ରୁ ଉଦ୍ଭବ,
ଯେଣୁ ଅ' ବିନା ଶବ୍ଦ ନୁହଇ ସମ୍ଭବ ॥
ଅ' ଅକ୍ଷର ଛାଡ଼ି କାହିଁ ଶବ୍ଦ ନ ହୁଅଇ,
ଓଁକାରର ଆଦ୍ୟ ମାତ୍ରା ଅ' ଯେ ଅଟଇ ॥
ଅକ୍ଷରର କ୍ଷର ନାହିଁ, ଅବିନାଶୀ ସିଏ,
ଓଁକାର ସମସ୍ତ ତେଣୁ କହନ୍ତି ଜ୍ଞାନୀଏ ॥

ଓଁ ଜ୍ଞାନ

ଶ୍ରୀରାମଙ୍କ ବିଗ୍ରହକୁ ରାମ ବିଚାରିବା,
ଆଉ ପୁଣି ଶ୍ରୀରାମଙ୍କୁ ଦର୍ଶନ କରିବା,
ଏହି ଦୁଇ କଥା ଭିନ୍ନ ଅଟେ ଯେଉଁପରି,
ଓଁ' ଆରାଧନା ଜାଣ ଅଟଇ ସେପରି ॥
ଜଗତ ଓଁକାର ରୂପ, କରିବା ବିଶ୍ୱାସ,
ପୁଣି ଓଁକାରକୁ ଠିକେ ବୁଝିବା ଅଭ୍ୟାସ,
ଏହି ଦୁଇ କଥା ଯେଣୁ ଅଟଇ ପୃଥକ,
ସେଥିପାଇଁ ଓଁ' ଜ୍ଞାନ ହେବା ଆବଶ୍ୟକ ॥

ଏକ 'ପୁଷ୍ପ' ଶବ୍ଦ କଥା ବିଚାର ମନରେ
'ପୁଷ୍ପ' ଶବ୍ଦ ଗୋଟି ଆସେ କେବଳ ମୁହଁରେ ।
'ପୁଷ୍ପ' 'ପଦାର୍ଥଟି' ଥାଏ ବାହାରେ ଯେପରି,
'ପୁଷ୍ପ ଜ୍ଞାନ' ଥାଏ ପରା ହୃଦୟରେ ଭରି ॥

Digitized by srujanika@gmail.com

ସମାଧିରେ ପୁଷ୍ଟ ଶବ୍ଦ, ପଦାର୍ଥ ଓ ଜ୍ଞାନ,
ସବୁ ଏକାକାର ହୋଇ ଯାଇଥାଏ ଜାଣ ।।
ଜ୍ଞାତା, ଜ୍ଞାନ, ଜ୍ଞେୟ ସବୁ ହୋଇଯାଏ ଏକ
ନୁହଁଇ ପୃଥକ ଅବା ନୁହଁଇ ଅନେକ ।।

ତେଣୁ ବିକ୍ଷେପରୁ ଭେଦ-ଜ୍ଞାନ ଉପୁଜଇ,
ସମାଧିରେ ଭେଦାଭେଦ କିଛି ନ ରହଇ ।।
ବିକ୍ଷିପ୍ତ ଚିତ୍ତର ଜ୍ଞାନ ସତ୍ୟ ନୁହେଁ ଯେଣୁ
ସତ୍ୟ ପାଇଁ ସମାଧିରେ ବସିଯାଅ ତେଣୁ ।।

ବ୍ରହ୍ମ ଅର୍ଥ ଅନନ୍ତ ଯେ ଅନନ୍ତ ଆକାଶ,
ଅସୁମାରୀ ଅଣୁ ଜନ୍ମି ତହିଁରେ ପ୍ରକାଶ ।।
କୋଟି କୋଟି ବ୍ରହ୍ମାଣ୍ଡ ଯେ ଅନନ୍ତେ ସେପରି
ହେଉଛି ଉଦୟ ଅସ୍ତ କେ ପାରିବ ଧରି ?

ଅନନ୍ତ ଶକତି, ସତ୍ୟ ଜ୍ଞାନ, ଅନୁଭୂତି
ହେଲେ ଅବା କେ ଜାଣନ୍ତା ଅନନ୍ତ ପ୍ରକୃତି ।।
ଜାଣିଲେ ଜାଣିବ ତୁମ ଆପଣା ସ୍ୱରୂପ
ଯିଏ ବ୍ରହ୍ମ-କଣା ସେ ତ ବ୍ରହ୍ମ ଅନୁରୂପ ।।
ଏହାକୁ କରାଏ ଓଁ' ମାତ୍ର ସୁନିଶ୍ଚିତ
ତେଣୁ ଆଦ୍ୟେ ଓଁ' ଜ୍ଞାନ ହୋଇବା ଉଚିତ ।।

ଓଁ ର ଉପବ୍ୟାଖ୍ୟାନ

ପରୋକ୍ଷ ଓ ଅପରୋକ୍ଷ, ପର ଓ ଅପର
ରୂପର ଭେଦରେ ଓଁ' ଅଟନ୍ତି ସକଳ ।।
ଏ ଜଗତ ଆଉ ପୁଣି ଜଗତ କାରଣ
ଅକ୍ଷର ରୂପରେ ସିଏ ହୁଅନ୍ତି ବର୍ଣ୍ଣନ ।।
ଯେତେ ବ୍ୟବହାର ହୁଏ ସବୁରି ମୂଳରେ
ଅବିନାଶୀ ଏ ଅକ୍ଷର ଥାଏ ନିରନ୍ତରେ ।।

Digitized by srujanika@gmail.com

ପ୍ରଳୟର ଅଧିଷ୍ଠାନ ଅଟନ୍ତି ଅକ୍ଷର
ବ୍ୟାପ୍ତ ସବୁଥିରେ ଯେତେ ଚର ଓ ଅଚର ॥
କାରଣ ରୂପରେ ରହି ସବୁରି ମୂଳରେ
ପ୍ରଳୟେ କରନ୍ତି ଲୀନ ନିଜ ସ୍ୱରୂପରେ ॥

ଏପରି ଓଁ' ଙ୍କ ଉପବ୍ୟାଖ୍ୟାନ ହୁଅଇ
ତାଙ୍କ ବ୍ୟାପକତା ଭଲା କିଏ ସେ ବୁଝଇ ?

ସ୍ଥାନ କାଳ ବସ୍ତୁ

ବସ୍ତୁ ବା ବିଷୟ ବିନା କାଳର ପ୍ରତୀତି
ହୁଏ ନାହିଁ କେତେବେଳେ ଖାଲି ସେଇମିତି ॥
ବସ୍ତୁ ଦେଖି ତାର ବର୍ତ୍ତମାନ କଳ୍ପନାରେ
ଅତୀତ ଭବିଷ୍ୟ କଥା ଆସେ ଧାରଣାରେ ॥

ପଦାର୍ଥରେ ହୁଏ ଯେଉଁ କ୍ରମିକତା ଜ୍ଞାନ
ତାହାକୁ କହନ୍ତି 'କାଳ' କରିବ ଏ ଧ୍ୟାନ ॥
ବସ୍ତୁ ଯହିଁ ଥିବ ତହିଁ ତାହାରି ସମୟ
ଆଉ 'ସ୍ଥାନ' ରହିଥିବ—ଏ କଥା ନିଶ୍ଚୟ ॥

ଦେଶ କାଳ ବସ୍ତୁ- ଏଇ ତିନି ପରସ୍ପର
ସାପେକ୍ଷ ଅଟନ୍ତି ମନେ ରଖ ନିରନ୍ତର ॥
ଏକ ଅଧିଷ୍ଠାନେ ଏହି ତିନି ପ୍ରକାଶଇ
ତେଣୁ ଦେଶକାଳ ବସ୍ତୁ ଓଁ କାର ଅଟଇ ॥

Digitized by srujanika@gmail.com

ଦ୍ୱିତୀୟ ମନ୍ତ୍ର

ସର୍ବଂ ହ୍ୟେତଦ୍ ବ୍ରହ୍ମ, ଅୟମାତ୍ମା ବ୍ରହ୍ମ,
ସୋଽୟମାତ୍ମା ଚତୁଷ୍ପାତ୍ ॥୨॥

ଅନୁବାଦ

ବାସ୍ତବ ରୂପରେ ଜାଣ ସବୁ କିଛି ବ୍ରହ୍ମ;
ଏହି ଅନ୍ତାରାତ୍ମା ମଧ୍ୟ ଅଟଇ ତ ବ୍ରହ୍ମ ॥
ଆତ୍ମାଙ୍କର ଚାରି ଭାଗ ଅବା ଚାରି ପାଦ
ଯଥାଯଥ ଭାବେ ଏହା ବିଚାରିବା ଆଗ ॥ ୨ ॥

ସରଳାର୍ଥ

ମାଣ୍ଡୂକ୍ୟର ଆଦ୍ୟମନ୍ତ୍ରେ ହୋଇଛି ସୂଚିତ,
ସର୍ବତୋଭାବରେ ବସ୍ତୁଗତ ଯେ ଅସ୍ତିତ୍ୱ,
ଓଁ'ରୂପ ବ୍ରହ୍ମ ଏହି ସମସ୍ତ ଅଟଇ
ଏ ବ୍ରହ୍ମ ଭିତରେ ସାରା ବିଶ୍ୱ ଅଛି ରହି ॥

ବସ୍ତୁଗତ ସତ୍ତା ମାତ୍ର ଏ ବ୍ରହ୍ମ ଅଟନ୍ତି ।
ଆତ୍ମିକ ଚୈତନ୍ୟମୟ ଆଉ କି ନୁହନ୍ତି ?

ଏପରି ଆଶଙ୍କା କାଳେ ଜାଗିବ ମନରେ
ତେଣୁ ମନ୍ତ୍ର-ଋଷି କହୁଛନ୍ତି ଏ ମନ୍ତ୍ରରେ –
ବସ୍ତୁଗତ ସତ୍ତା ବ୍ରହ୍ମ ନୁହନ୍ତି କେବଳ,
ନୁହନ୍ତି ତ ଦୃଶ୍ୟମାନ ଏ ସୃଷ୍ଟି ସକଳ;
ସର୍ବମୟ କର୍ତ୍ତାର ଏ ସ୍ୱରୂପ ଅଟନ୍ତି
ଆତ୍ମା ରୂପେ ସେ ତ ବିଶ୍ୱ ପ୍ରାଣେ ବିହରନ୍ତି ॥

Digitized by srujanika@gmail.com

ଏହି ଆତ୍ମାଙ୍କର ଚାରି ପାଦ ବା ଅବସ୍ଥା
ଏହାକୁ ପ୍ରଥମେ ଆମେ ବିଚାରିବା କଥା ॥

ଜାଗ୍ରତ ସ୍ୱପନ ଆଉ ସୁଷୁପ୍ତି ତୁରୀୟ,
ଏ ଚାରି ଚେତନା ସ୍ତର ବୋଲି ବୁଝି ନିଅ ॥
ଏ ଚାରି ଚେତନା ସ୍ତର ଚାରି ଚାରି ଭାଗ,
କେହି ବା କହନ୍ତି ତାକୁ ଏକ ଏକ ପାଦ ॥
ପାଦ ଅର୍ଥ ପ୍ରାପ୍ତ ହେବା ବୁଝାଏ ଯେସନେ,
ଆତ୍ମାଙ୍କ ପାଦକୁ ଅର୍ଥ କରିବା ତେସନେ ॥

ଚତୁଃଷ୍ପାଦ ଗୋରୁ ପରି ଏ ପାଦ ନୁହଁଇ,
ଟଙ୍କାର ସୁଉକି ଚାରି ପରି ଏ ଅଟଇ ॥
ପ୍ରତି ଭାଗ ପରବର୍ତ୍ତୀ ଭାଗେ ମିଶାଇଲେ
ମୁଦ୍ରାର ଗୁରୁତ୍ୱ କ୍ରମେ ବଢ଼ଇ ତହିଁରେ ॥
ଶେଷେ ତୃତୀୟଟି ଯେବେ ଚତୁର୍ଥକୁ ଯିବ,
ସେତେବେଳେ ଯାଇ ପୂର୍ଣ୍ଣ ମୁଦ୍ରା ଏ ହୋଇବ ॥

ଚତୁର୍ଥଟି ଏହି ତିନି ଭାଗରୁ ପୃଥକ,
ଯାହାକୁ ସାଧକେ ଖୋଜି ବୁଲନ୍ତି ମୁଲକ ॥
ଯା' ପାଇଁ ଜୀବନ ଭରି ହୁଅଇ ସାଧନ,
ସହାୟକ ରୂପେ ଏହି ତିନି ପ୍ରୟୋଜନ ॥

ଆଗରୁ ଆମକୁ ମନ୍ତ୍ର-ଋଷି ଥିଲେ କହି,
ଓଁ' ଏ ଅକ୍ଷର ଗୋଟି ସବୁ ତ ଅଟଇ ॥
ଏବେ ପୁଣି କହୁଛନ୍ତି, ସବୁ ଏହି ବ୍ରହ୍ମ,
'ତାଙ୍କ ମତେ ବୋଧେ ଏହି ଓଁ କାର ବି ବ୍ରହ୍ମ ॥

ଭିନ୍ନ ଭିନ୍ନ ବାଦ ଅବା ବସ୍ତୁ ସମାହାର,
ଅଗ୍ନୁମାରୀ ଭ୍ରାନ୍ତିମୟ ଏଇ ଯେ ସଂସାର,

Digitized by srujanika@gmail.com

ତା'ପଛେ ଚେତନାମୟ ଯେଉଁ ସ୍ଥିର ସତ୍ତା
ତାହା ବ୍ରହ୍ମ, ଆତ୍ମା ସେହି, ଜାଣିବ ଏ କଥା ॥

ସ୍ଥାନ ସୀମିତ ନୁହେଁ

କେଉଁ ସମୟରେ କେଉଁ କାଳେ କଦାଚିତ,
ଜଗତର ଯେତେ ସ୍ଥାନ ନୁହଇ ସୀମିତ ॥
ସମ୍ପୂର୍ଣ୍ଣ ସ୍ଥାନଠୁଁ ଘର ଭିତରର ସ୍ଥାନ
କଦାପି ପୃଥକ ନୁହେଁ, ମନେ କର ଧ୍ୟାନ ॥

ଇଟା ପଥରରେ ଗଢ଼ି ପାଚେରି ବା କାନ୍ଥ,
ସ୍ଥାନକୁ ପୃଥକ ଆମେ କରିପାରିବା ତ ?
କାରଣ ସେ ଯେଉଁ ବାଡ଼, କାନ୍ଥ ବା ପାଚେରି
ପୂର୍ଣ୍ଣ ସ୍ଥାନ ପରେ ମାତ୍ର ରହିଅଛି ଘେରି ॥
ଘର ତୋଳି ତାକୁ କାନ୍ଥେ ଭାଗ ଭାଗ କରି
ପଢ଼ା, ରୋଷ, ପୂଜାଘର କହୁଁ ଯେଉଁପରି;
କିନ୍ତୁ ସ୍ଥାନ କେବେ ଭାଗ ଭାଗ ନ ହୁଅଇ,
ଏ କେବଳ ମଣିଷର ଭ୍ରାନ୍ତି ଯେ ଅଟଇ ॥
ଘର ତୋଳା ଆଗୁଁ ସ୍ଥାନ ଥିଲା ଯେଉଁପରି
ଘର ଭାଙ୍ଗିଗଲେ ସ୍ଥାନ ରହେ ପୂର୍ବପରି ॥
ମଧ୍ୟମ କାଳରେ ମାତ୍ର ନାନା ରୂପ ନାମେ,
ସମ୍ପୂର୍ଣ୍ଣ ସତ୍ତାକୁ ଚିରି ପକାଉଛୁ ଆମେ ॥

ସେପରି ଏ ଦେହ, ମନ, ବୁଦ୍ଧିରେ ଅଜ୍ଞାନେ
ନିଜକୁ ସ୍ୱତନ୍ତ୍ର ସତ୍ତା ଭାବୁଁ ଆମ୍ଭେମାନେ ॥

ଆତ୍ମା ସତ୍ୟ ଅବିଭାଜ୍ୟ ଅଖଣ୍ଡ ଓ ଏକ
ଆଦରିଛି ଆମ ହୃଦେ ସ୍ଥାନ ତାର ଏକ ॥
ବ୍ରହ୍ମହିଁ ଚରମ ସତ୍ୟ, ଆମ ଶାସ୍ତ୍ରମତେ,
ସମ୍ପୂର୍ଣ୍ଣ ଅଜନ୍ମା ପରିବ୍ୟାପ୍ତ ଏ ଜଗତେ ॥

Digitized by srujanika@gmail.com

ତେଣୁ ଆମ ଆତ୍ମା ଆଉ ପରିବ୍ୟାପ୍ତ ବ୍ରହ୍ମ,
ସଦାବେଳେ ଏକ ବୋଲି ବୁଝାଏ ମରମ ॥
ତେହ୍ନେ ବ୍ୟକ୍ତି ସତ୍ତା ମୁଁ, ଆଉ ବିଶ୍ୱ ମୁଁ,
ଏକ ଓ ଅଭିନ୍ନ ଏହି ସୃଷ୍ଟି ଆରମ୍ଭଠୁଁ ॥

ସେହି...ଏହି

ଓଡ଼ିଆରେ 'ସେହି' 'ଏହି' ଦୁଇ ବିଶେଷଣ,
ଯଥାସ୍ଥାନେ ଆମେ ତାହା କରୁ ନିୟୋଜନ ॥
ପାଖର ବସ୍ତୁକୁ 'ଏହି' ଦୂର ବସ୍ତୁ 'ସେହି',
କରନ୍ତି ପ୍ରୟୋଗ ଆମ ଭାଷାରେ ଯେ କେହି ॥

ଦେହ ମନ ଠାରୁ ବୁଦ୍ଧି ଅଧିକ ପାଖରେ
କହିବା ବୁଦ୍ଧିକୁ ତେଣୁ 'ଏହି' ଏ ଶବ୍ଦରେ ॥
ପ୍ରତି ହୃଦ କେନ୍ଦ୍ରେ ଯେଣୁ ଆତ୍ମା ଅଧିଷ୍ଠିତ,
ସ୍ୱଇଚ୍ଛାରେ ବିହରନ୍ତି ସେ ଅନିୟନ୍ତ୍ରିତ ॥
ତେଣୁ 'ଏହି ଆତ୍ମା' ବୋଲି ସଂଶିତ ମନ୍ତ୍ରରେ
ମନ୍ତ୍ର-ଋଷି କହିଛନ୍ତି ଯଥାର୍ଥ ଶବ୍ଦରେ ॥

ଆମର ପ୍ରତ୍ୟେକ ହୃଦ-କେନ୍ଦ୍ରର ଅବସ୍ଥା,
ଅବିମିଶ୍ର ପୂର୍ଣ୍ଣ 'ଏହି' ଆଧ୍ୟାତ୍ମିକ ସତ୍ତା ।
ଆଉ ଯେଣୁ ଆଧ୍ୟାତ୍ମିକ ସତ୍ତା ସର୍ବବ୍ୟାପୀ
ତେଣୁ 'ଏହି', ତହୁଁ ଭିନ୍ନେ ନ ହେବ କଦାପି ॥
ଆମ ଏ ଆତ୍ମିକ ସତ୍ତା ସର୍ବ ଚରାଚରେ
ଜାଣିରଖ ଅବିରତ ସର୍ବତ୍ର ସଞ୍ଚରେ ॥
ତେଣୁ ପ୍ରତି ବ୍ୟକ୍ତି ଆତ୍ମା, ବିଶ୍ୱାତ୍ମା ଅଟଇ,
ଆତ୍ମା, ବ୍ରହ୍ମ ବୋଲି ତେଣୁ ଏ ଶ୍ରୁତି କହଇ ॥

Digitized by srujanika@gmail.com

ସର୍ବଂ ହ୍ୟେତଦ୍ ବ୍ରହ୍ମ

ଯେତେ ଯାହା ପଡ଼େ ଜଣା ଜଗତ ଭିତରେ,
ସବୁ ହିଁ ତ ବ୍ରହ୍ମ, କାର୍ଯ୍ୟ କାରଣ ରୂପରେ ॥
ବେଦାନ୍ତ ବିଚାର ଭିନ୍ନ– ଦ୍ରଷ୍ଟା, ଦୃଶ୍ୟ ଭେଦ,
ଏ କାର୍ଯ୍ୟ କାରଣ ଠାରୁ ନିଶ୍ଚିତେ ପ୍ରଭେଦ ॥

ବସ୍ତୁ ଜ୍ଞାନ ହୁଏ କାର୍ଯ୍ୟ-କାରଣ ବିଚାରେ,
ଦ୍ରଷ୍ଟା ବା ବିଷୟୀ ଜ୍ଞାନ ନ ହୁଅଇ ବାରେ ॥
ଯେବେ ହୋଇଯିବ ଆମ ବିଷୟୀର ଜ୍ଞାନ,
ଏ କାର୍ଯ୍ୟ-କାରଣ ତହିଁ ହେବ ଭାସମାନ ॥

ଯଥା ସ୍ୱପ୍ନେ ପିତା ପୁତ୍ର ପ୍ରତୀତି ହୁଅଇ
ଏଠାରେ କାରଣ ପିତା, କାର୍ଯ୍ୟ ପୁତ୍ର ତହିଁ ॥
ପିତା ପୁତ୍ର ବୟସର ନ ଥାଏ ଅନ୍ତର
ତେଣୁ ସ୍ୱପ୍ନ ପିତା-ପୁତ୍ର ଅଳୀକ କେବଳ ॥
ସ୍ୱପ୍ନ-ଦ୍ରଷ୍ଟାଙ୍କର ମାତ୍ର ଏ ଦୃଷ୍ଟି ଅଟଇ,
ସତ୍ୟତା ଏଥିରେ କେହ୍ନେ ରହି ବା ପାରଇ ?
ସେପରି ସଂସାରେ କାର୍ଯ୍ୟ କାରଣ ଭାବନା,
ଦ୍ରଷ୍ଟା ଦୃଷ୍ଟି ମାତ୍ର, ଦ୍ରଷ୍ଟା ମନ-କଳପନା ॥

ସବୁ ନାମ-ରୂପାତ୍ମକ ପ୍ରପଞ୍ଚ ଯା'ସ୍ଥିତ,
ବ୍ରହ୍ମରେ କଳ୍ପିତ ବୋଲି ଜାଣିବ ନିଶ୍ଚିତ ॥
ସବୁରେ ଆଶ୍ରିତ ବ୍ରହ୍ମ, ବିଷୟ ବି ବ୍ରହ୍ମ,
ତେଣୁ ବ୍ରହ୍ମ ଗୂଢ଼ ମାତ୍ର ଏ ତତ୍ତ୍ୱ ପରମ ॥

ମୂଳ ସୃଷ୍ଟି ତତ୍ତ୍ୱ, ଏକ

ସୃଷ୍ଟି ମୂଳ ତତ୍ତ୍ୱ ଏକ; ଭେଦ ଆକୃତିରେ,
ମନରେ ସଂଶୟ କିଛି ନ ରଖ ଏଥିରେ ॥

Digitized by srujanika@gmail.com

ସୁନା ମୁଣ୍ଡା ଏକ, ତହୁଁ ନାନା ଅଳଙ୍କାର,
ମାଟି ଏକ, ପାତ୍ର କିନ୍ତୁ ଅନେକ ପ୍ରକାର ।
ସୁନା ଅଳଙ୍କାର ମାଟି ପାତ୍ର ଯେହ୍ନେ ଥାଏ,
ଭାଙ୍ଗିଗଲା ପରେ ସବୁ ମୂଳେ ମିଶିଯାଏ ॥
ଆକୃତିର ଭେଦ ଯେତେ ଆମକୁ ଦିଶଇ
ସେ ସବୁ ନିର୍ମାତା ଅନ୍ତଃକରଣୁ ଆସଇ ॥

ପରିଣାମ ହୁଏ ସମ ଜାତିର ସଂସାରେ;
ସୁନା ମାଟି, ମାଟି ସୁନା, କେହ୍ନେ ହୋଇପାରେ ?
ଚେତନର ପରିଣାମ ନିଶ୍ଚିତେ ଚେତନ
ଚେତନାରୁ ଅବା ଜଡ଼ ହୋଇବ କେସନ ?
ଚେତନାରୁ ସୃଷ୍ଟ ଚରାଚର ଏ ଜଗତ;
ପରିଣାମେ ଅବା ଜଡ଼ ହୋଇବ କେମନ୍ତ ?
ରଜ୍ଜୁରେ ସର୍ପର ଭ୍ରାନ୍ତି ହୁଅଇ ଯେପରି
ଚେତନରେ ଏ ପ୍ରପଞ୍ଚ ଦିଶେ ସେହିପରି ॥

'ଯାଇ ଘେନି ଆସ ବାବୁ ସୁନାରୁ ଟିକିଏ'
କହି ପଠାଇଲେ ଯେହ୍ନେ ଛୋଟ ପିଲାଟିଏ,
ମୁଦି, କାଚ, ହାର ଦେଖି ଫେରି ଆସି କହେ,
'କାହିଁ ସୁନା ପାଇଲିନି, ଖୋଜିଲି ତ ବହେ' ॥
ନାମ ଓ ରୂପରେ ଆମେ ଭୁଲି ସେହିପରି
ସତ୍ୟ ବସ୍ତୁଟିକି କେବେ ପାରୁ ନାହୁଁ ଧରି ॥

ତେଣୁ ନାମ-ରୂପ ମଧ୍ୟେ ଯେ ବସ୍ତୁ ଦିଶଇ,
'ଅୟମାତ୍ମା ବ୍ରହ୍ମ' ତାକୁ ବେଦାନ୍ତ କହଇ ॥

ଅୟମାତ୍ମା ବ୍ରହ୍ମ

ବାହାରେ ନ ଥା'ନ୍ତି ଆତ୍ମା, ସର୍ବଦା ଭିତରେ,
ଅପରୋକ୍ଷ ଅଟନ୍ତି ସେ ସର୍ବତୋଭାବରେ ॥

Digitized by srujanika@gmail.com

ଯେହ୍ନେ ସୁଖ ଦୁଃଖ ଆଉ ହୃଦୟ ଓ ମନ–
ଜାଣିବାକୁ ଇନ୍ଦ୍ରିୟେ ତ ନୁହନ୍ତି ଭାଜନ ॥

ଯଦି ଆତ୍ମା ଅପରୋକ୍ଷ ଆଉ ପୁଣି ମନ;
ତେବେ ଆତ୍ମା ମନ ମଧ୍ୟେ ପାର୍ଥକ୍ୟ କଅଣ ?
ଶୋଇଯାଏ ଏଇ ମନ ସୁଷୁପ୍ତି କାଳରେ
ଆତ୍ମା ନ ଶୁଅନ୍ତି କିନ୍ତୁ କେଉଁ ସମୟରେ ॥
ଶୋଇ ପଡ଼ିଥିବା ଆଉ ଚେଇଁବା ମନର
ସକଳ କର୍ମର ସାକ୍ଷୀ ଏ ଆତ୍ମା କେବଳ ॥

ବ୍ରହ୍ମଙ୍କର କିଛି ଭେଦ ଛେଦ ତ ନ ଥାଏ,
ତେଣୁ ବ୍ରହ୍ମ ଆଉ ଆତ୍ମା ଅଭିନ୍ନ ପରାୟେ ॥
ଯେତେ ଭେଦ ଛେଦ ଜାତ ଅନ୍ତଃକରଣରେ
ଏ ଅନ୍ତଃକରଣ ନାହିଁ ବ୍ରହ୍ମଙ୍କ ପାଖରେ ॥

ମାୟାବଦ୍ଧ ଏଇ ଜୀବ ସିନା ସେଥିପାଇଁ
ଐଶ୍ୱରୀୟ ଚେତନାକୁ ଦେଖିପାରେ ନାହିଁ ॥
ଦୃଶ୍ୟାଦୃଶ୍ୟ ଜଗତ ତ ସବୁ ବ୍ରହ୍ମମୟ
ଭେଦ ଛେଦ ହୃଦେ ତାଙ୍କୁ କେ କରିନି ଥୟ ॥
ଏଥିପାଇଁ ଯେତେ ଆମେ ଦେବତା ଦର୍ଶନେ
ଦିବ୍ୟ ସତ୍ତା ସ୍ପର୍ଶ ପାଉ ନାହୁଁ କଦାଚନେ ॥

ଆକାଶ କଣ ପଡ଼ିଯାଉ ନାହିଁ

ଧର ତମେ ଯାଉଅଛ ଘଟ ଏକ ଧରି,
ସେହି ଘଟେ ନିଅ ଜଳ ଫୁଲ ପତ୍ର ଭରି ॥
ଆଗରୁ ଏ ଘଟେ ମଧ ଘଟାକାଶ ଥିଲା,
ବସ୍ତୁ ପରି ସେ କି ତୁମ ସାଥିରେ ଚାଲିଲା ?
ଘଟ ତୁଟିଗଲେ ସବୁ ବସ୍ତୁ ପଡ଼େ ତଳେ,
ସେପରି ଆକାଶ କଣ ପଡ଼େ ଭୂଇଁ ପରେ ?

Digitized by srujanika@gmail.com

ଆକାଶ ସର୍ବତ୍ର; ଘଟ ବାହାରେ ଭିତରେ,
ଏ ଘଟ ରହିଛି ମଧ୍ୟ ସେହି ଆକାଶରେ ॥
ଆକାଶର କେଉଁଠିକି ଚଳାଚଳ ନାହିଁ,
ସେ ସର୍ବତ୍ର ବିରାଜିତ, ଅଛି ସବୁ ଠାଇଁ ॥
ତାକୁ କିଏ ନେବ ଅବା କା' ସାଥେ ଚାଲିବ ?
କେଉଁଠୁ ବା କାହା ପରେ ସେ ଖସିପଡ଼ିବ ?

ଆମ ଏ ଶରୀର ମାଟି-ଘଟର ସମାନ,
ତହିଁ ମଧ୍ୟେ ଅଛି ନାନାବିଧ ଉପାଦାନ ॥
ଉପାଦାନ ଚଳେ ସିନା ଶରୀର ସାଥିରେ
ମୁଖାକାଶ, ହୃଦାକାଶ କିନ୍ତୁ ରହେ ସ୍ଥିରେ ॥
ଘଟାକାଶ, ମୁଖାକାଶ ହେଲେ ଏହିପରି,
ତେବେ ଭାବ 'ଚିଦାକାଶ' ହୋଇବ କିପରି ?

ଦେହେ ନାହିଁ ସ୍ୱତନ୍ତ୍ର ବା ସୀମିତ ଆକାଶ,
ଏପରି 'ଆକାଶ-ଜ୍ଞାନ' ହେଲେ ପରକାଶ,
ଦେହ ସସୀମତା ତେବେ ଯିବ ଅପସରି,
ଆପେ ଆପେ ଦେହ-ଚିନ୍ତା ମନୁ ଯିବ ମରି ॥

ମନ ଆକାଶଠୁଁ ବଡ଼; ଅହଂ-ତତ୍ତ୍ୱ-ମନ,
ମନ ତେଣୁ ସସୀମତା ଲଭିବା କେସନ ?
ପଞ୍ଚ ଜ୍ଞାନେନ୍ଦ୍ରିୟେ ପଞ୍ଚ ଅନୁଭବ ଧରି
ପଞ୍ଚମହାଭୂତେ ମାନି ନେଇଛେ ଯେପରି
ସେହି ପଞ୍ଚଭୂତେ ପିଣ୍ଡ ଗଠିତ ଜାଣିଚେ,
ଏ ତତ୍ତ୍ୱ ଦୃଷ୍ଟିରୁ କେବେ ଦେହକୁ ଭାବିଚେ ?
ଏକ ଏକ କରି ଯଦି ଭାବୁ ଏହି ତତ୍ତ୍ୱ
ଯିବ ତୁଟି ନିମିଷକେ ଏ ଦେହ-ମହତ୍ତ୍ୱ ॥
ଦେହକୁ ଭାବିବା ଯେବେ 'ମାଟି-ତତ୍ତ୍ୱ' ଧରି
ଆମେ ହେବା ସବୁ ଭୂମି ପର୍ବତ ଯେପରି ॥

Digitized by srujanika@gmail.com

ନିଜକୁ ନ ଦେଖିବାରୁ ତତ୍ତ୍ୱ-ସ୍ୱରୂପରେ
ଶରୀର ଭାବନା ମାତ୍ର ଆସୁଛି ମନରେ ॥

ଆକାଶଠୁଁ ମନ ସୂକ୍ଷ୍ମ, କାରଣ ସ୍ୱପ୍ନରେ
ଏଇ ମନ ପାଲଟଇ ଆକାଶ ରୂପରେ ॥
ସୂକ୍ଷ୍ମ ଆକାଶକୁ ଲୀନ କରି ନିଜଠାରେ
ଏଇ ମନ ଶୋଇପଡ଼େ ସୁଷୁପ୍ତି ବେଳାରେ ॥

ଉଦୟାସ୍ତ ଜାଣିବାରେ ଏ ମନ ସ୍ୱାଧୀନ
ଦେଶ କାଳ ପାତ୍ରେ କେହ୍ନେ ହେବ ପରିଚ୍ଛିନ୍ନ ?

ଏ ଆତ୍ମାଙ୍କୁ ବ୍ରହ୍ମ ବୋଲି ତେଣୁ କୁହାଯାଏ,
ଅନନ୍ତଙ୍କ କଣ ସୀମା ସରହଦ ଥାଏ ?

Digitized by srujanika@gmail.com

ତୃତୀୟ ମନ୍ତ୍ର

ଜାଗରିତସ୍ଥାନୋ ବହିଃପ୍ରଜ୍ଞଃ ସପ୍ତାଙ୍ଗ ଏକୋନବିଂଶତି ମୁଖଃ
ସ୍ଥୂଳଭୁଗ୍ ବୈଶ୍ୱାନରଃ ପ୍ରଥମଃ ପାଦଃ ।।୩।।

ଅନୁବାଦ

ଜାଗ୍ରତ ଅବସ୍ଥା ଅଟେ ଯାହାଙ୍କର ସ୍ଥାନ,
ଯିଏ ବହିଃପ୍ରଜ୍ଞ, ଲଭି ବାହ୍ୟ ବସ୍ତୁ ଜ୍ଞାନ,
ଯାହାଙ୍କର ସାତ ଅଙ୍ଗ, ଉଣିଶଟି ମୁଖ,
ଯେ ସ୍ଥୂଳ ବିଷୟ ଭୋକ୍ତା ବୋଲି 'ସ୍ଥୂଳଭୁକ୍',
ସେହି ବୈଶାନର ଜାଣ ଏହି ଆତ୍ମାଙ୍କର
ଅଟନ୍ତି ପ୍ରଥମ ପାଦ, ଚିତ୍ତେ ଥୟ କର ।।୩।।

ସରଳାର୍ଥ

ସୁଗମ ପଥ

ପରମାତ୍ମା ଈଶ୍ୱରଙ୍କୁ ଖୋଜିବା ନିମନ୍ତେ
ଆମକୁ ଯିବାକୁ ହେବ ଭିନ୍ନ ଏକ ପଥେ ।।
ସେ ନୁହଁଇ ଯାଗଯଜ୍ଞ ସାଧନାର ପଥ,
ନୁହଁଇ ବା ଆରାଧନା, ପୂଜା ହୋମ ବ୍ରତ;
ଆତ୍ମ-ବିଶ୍ଳେଷଣ ପଥ ଏ ପାଇଁ ସୁଗମ,
ଇଯେ ତ ନୁହଁଇ କିଛି ପଥ ଦୁରୁଗମ ।।

ଆତ୍ମାଙ୍କର ଚାରି ପାଦ ଆଗରୁ ବର୍ଣ୍ଣିତ,
ସେହି ଚାରିପାଦେ ଚାହିଁ ଚାଲିବା ଉଚିତ ।।
ଏମନ୍ତେ ତାଙ୍କର ଆଦ୍ୟ ପାଦ ବିଷୟରେ
କିଞ୍ଚିତରେ ଆଲୋଚନା ହୋଇଅଛି ତଳେ ।।

Digitized by srujanika@gmail.com

ସେ ପ୍ରଥମ ପାଦେ ଏବେ ଆମେ ଚାଲି ଯିବା,
ଶରୀରେ ତ ବସିଅଛେ କେସନେ ଚାଲିବା ?
ତେଣୁ ଶରୀରକୁ ଛାଡ଼ି ବିଚାରିବା ମନେ
ସମଗ୍ର ଏ ବିଶ୍ୱ ଆମ ଶରୀର ଯେସନେ ॥

ଶରୀରକୁ ଛାଡ଼ି ଯେବେ ବିଶ୍ୱେ ଅନାଇବା,
ନିଜକୁ ଅଖିଳ ବିଶ୍ୱ ରୂପରେ ଦେଖିବା ॥
ଭୁଲି ସାରା ଜୀବନର ପ୍ରିୟ ଦେହ କଥା,
କେସନେ ବା ବିଶ୍ୱ ସାଥେ ଯୋଡ଼ିବା ମମତା ?
ଏଇଠୁଁ ଆଗକୁ ଯିବା ପାଇଁ କଲେ ମନ,
କ୍ରମେ ତୁଟିଯିବ ଦେହ ଆସକ୍ତି ବନ୍ଧନ ॥

ଅବସ୍ଥାଦିର ବିଚାର

ଯାହାର ରହିବା ସ୍ଥାନ ଜାଗ୍ରତ ଅବସ୍ଥା,
ଆସ ବିଚାରିବା ଆମେ ତାହାଙ୍କର କଥା ॥
ଜାଗ୍ରତ ଅବସ୍ଥା ନୁହେଁ ଦେହର ଅବସ୍ଥା,
ତାକୁ ଜାଣିବାକୁ ହେଲେ ଭାବ ସ୍ୱପ୍ନ କଥା ॥

ସ୍ୱପ୍ନେ ଦେଖାଯାଏ ଯେଉଁ ନଦୀ ଗିରି ବନ,
ପୃଥିବୀ ଆକାଶ ଶଶି ତାରା ଓ ତପନ,
ଯେତେ ଯେତେ ଜୀବଜନ୍ତୁ ପ୍ରାଣୀ ବୃକ୍ଷଲତା,
ବାସ୍ତବ ନୁହଇ କିଛି ସବୁ ଅଳୀକତା ॥
ମାତ୍ର ସ୍ୱପ୍ନ-ଦ୍ରଷ୍ଟା ଅଟେ ତହୁଁ ବିଲକ୍ଷଣ
ସେ ସ୍ଥିର ଶାଶ୍ୱତ ସଦା ନୁହନ୍ତି ସପନ ॥

ସ୍ୱପ୍ନରେ 'ମୁଁ' କଥା ଆଗେ କରିବା ବିଚାର
ଏତେବେଳେ 'ମୁଁ' ଧରେ ତିନି ରୂପ ତାର ॥

Digitized by srujanika@gmail.com

ସ୍ୱପ୍ନ-ଦ୍ରଷ୍ଟା ସ୍ୱପ୍ନ-ନର ସ୍ୱପ୍ନ-ଅଭିମାନୀ
ସ୍ୱପ୍ନ-ମୁଁ ର ତିନି ରୂପ କହିଥାନ୍ତି ଜ୍ଞାନୀ ।
ସ୍ୱପ୍ନେ ମୁଁ ନଦୀକୁ ଯାଏ କରିବାକୁ ସ୍ନାନ,
ଏଠି ଗାଧୋଇବାବାଲା ସ୍ୱପ୍ନ-ନର ଜାଣ ।।

ଶୋଇ ଉଠିଯିବା ପରେ ବିଚାରଇ ମନେ,
ମୋ' ଅହଂ-ସଂସ୍କାର ସବୁ ଦେଖିଲି ସପନେ ।।
ମୋ' ଅହଂ-ସଂସ୍କାର ସବୁ ସ୍ୱପ୍ନ-ଅଭିମାନୀ
ସ୍ୱପ୍ନ-ଦ୍ରଷ୍ଟା ମୁହିଁ, ସବୁ ପାରୁଅଛି ଜାଣି ।।

ଜାଗ୍ରତର ଅଭିମାନୀ ସ୍ୱପ୍ନ-ଅଭିମାନୀ,
ଉଭୟେ ପୃଥକ ବୋଲି କହିଛନ୍ତି ଜ୍ଞାନୀ ।।
ଜାଗ୍ରତର ଦ୍ରଷ୍ଟା ଆଉ ସ୍ୱପ୍ନ-ଦ୍ରଷ୍ଟା ଏକ,
ଦ୍ରଷ୍ଟା ଜଣେ ମାତ୍ର; ନୁହଁ ଦୁଇ ବା ଅନେକ ।।

ସ୍ୱପ୍ନେ ମୁଁ ଯେପରି ଥିଲି ସ୍ୱପ୍ନର ନିର୍ମାତା,
ସେପରି ଜାଗ୍ରତେ ମୁହିଁ ଜାଗ୍ରତ କରତା ।।
ଚନ୍ଦ୍ର ସୂର୍ଯ୍ୟ ଗ୍ରହ ତାରା ପୃଥିବୀ ଆକାଶ
ନର ନାରୀ ପଶୁ ପକ୍ଷୀ ଯେତେ ବା ପ୍ରକାଶ
ଏ ସବୁର କର୍ତ୍ତା ମୁହିଁ, ସବୁ ପ୍ରକାଶକ
ସ୍ୱପ୍ନରେ ରଚଇ ଯାହା ସ୍ୱପ୍ନିଳ ଝଲକ ।।

ଜାଗ୍ରତାଭିମାନୀ ନୁହଁ ସ୍ୱପ୍ନ-ଅଭିମାନୀ
ଉଭୟେ ପୃଥକ ବୋଲି ଆମେ ଅଛେ ଜାଣି ।।
ସ୍ୱପ୍ନାଭିମାନୀର ନାହିଁ ଜାଗ୍ରତର ସ୍ମୃତି
ଜାଗ୍ରତାଭିମାନୀକୁ କିନ୍ତୁ ହୁଏ ସ୍ୱପ୍ନ ସ୍ମୃତି ।।
ଏଥିରୁ ପଡ଼ଇ ଜଣା ଜାଗ୍ରତାଭିମାନୀ
ସ୍ୱପ୍ନେ ସ୍ୱପ୍ନାଭିମାନୀରେତ ବିଲୀନ ହେଲାଣି ।।

Digitized by srujanika@gmail.com

ସେହିପରି ସୁଷୁପ୍ତିରେ ଜାଗ୍ରତ ସ୍ୱପ୍ନର
କିଛି ସ୍ମୃତି ହୁଏ ନାହିଁ ତିଳେକ ମାତର ॥
ତେଣୁ ସୁଷୁପ୍ତିରେ ବିଶ୍ୱ ତୈଜସ ଉଭୟେ
ପ୍ରାଜ୍ଞରେ ହୁଅନ୍ତି ଲୀନ– ଏ କଥା ନିଶ୍ଚୟେ ॥

ଜାଗ୍ରତ-ପୁରୁଷ

ଏକ ଦେହ ଅଭିମାନୀ ଜାଗ୍ରତ-ପୁରୁଷ
ସ୍ୱପ୍ନ-ଅଭିମାନୀ ଯେହ୍ନେ ସ୍ୱପ୍ନର-ପୁରୁଷ ॥
ସେପରି ସମ୍ପୂର୍ଣ୍ଣ ଏଇ ଜାଗ୍ରତାବସ୍ଥାର,
ଅଭିମାନୀ ଚରାଚର ଏ 'ବିଶ୍ୱ' ଅପାର ॥
ଏବେ ଏ ବିଶ୍ୱର ପାଦ ଆରମ୍ଭ କରିବା,
ଜାଗ୍ରତ-ପୁରୁଷ କଥା ତେବେ ତ ଜାଣିବା ॥

ଗୀତାରେ କହିଲେ କୃଷ୍ଣ ପାର୍ଥଙ୍କୁ ଗମ୍ଭୀରେ,
'ଅୟଂ ନ ହନ୍ୟତେ ହନ୍ୟମାନ ଏ ଶରୀରେ' ॥
ହେ ଅର୍ଜୁନ, ଏହି ଆତ୍ମା ନିତ୍ୟ ଅବିନାଶୀ,
ସେ ସ୍ୱୟଂ ପ୍ରକାଶମୟ ଶରୀର ନିବାସୀ ॥
ଦେହ ସବୁ ନାଶ ଯାଏ– ଏହିପରି ଉକ୍ତ
ତେଣୁ ଯୁଦ୍ଧ କର ପାର୍ଥ ହୋଇ ଯୋଗ-ଯୁକ୍ତ ॥

ଶରୀରର ଜନ୍ମ ହୁଏ, ହୁଅଇ ମରଣ,
ଆତ୍ମାଙ୍କର ନାହିଁ ଜନ୍ମ ମୃତ୍ୟୁ କଦାଚନ ॥
ଏଥୁଁ ଜଣାଗଲା ଏହି ଶରୀର ମରଇ
ତହୁଁ ଭିନ୍ନ ବସ୍ତୁ କିଛି ଦେହେ ଅଛି ରହି ॥
ସେ ତ ଆତ୍ମା ନ ମରନ୍ତି ଥାଇ ବି ଦେହରେ
ତାହାଙ୍କୁ ଜାଣିବା କଥା ସବୁ ସମୟରେ ।

ଏବେ ବସିଅଛେ ଆମେ ଜାଣିବା ନିମନ୍ତେ
ଜାଗ୍ରତ ଅବସ୍ଥା କଥା ଆମ ହୃଦଗତେ ॥

Digitized by srujanika@gmail.com

ଏ ଜାଗ୍ରତ ସ୍ଥାନ କଥା ବୁଝିବାର ପାଇଁ,
ନିଜକୁ ନେବାକୁ ହେବ ଶରୀରୁ ହଟାଇ ॥
କେବଳ ଆତ୍ମାଙ୍କ ଦିଗେ ରହୁ ଆମ ଧ୍ୟାନ,
ଆଉ ପୁଣି ହୃଦୟରେ କର ଦୃଢ଼ ଜ୍ଞାନ—
ଏ ଦୃଶ୍ୟ ପ୍ରପଞ୍ଚ ଅଟେ ମୋହରି ନିର୍ମିତ
ମୁଁ ଦେଖୁଛି ସୃଷ୍ଟି— ଯାହା ମୋହରି କଳ୍ପିତ ॥

ଏଥିଁ ଫଳ ହେବ, ଯିବ ଦେହାସକ୍ତି ଦୂରେ
ନ ରହିବ ରାଗ-ଦ୍ୱେଷ ଭୟ ଅନ୍ତଃପୁରେ ॥
ନ ରହିବ କାମ କ୍ରୋଧ, ଲୋଭ ମୋହ କିଛି,
ଜନ୍ମ-ମୃତ୍ୟୁ ସସୀମତା ଯା' ମୋର ରହିଛି ॥
ସବୁ ଦୋଷ ଗୁଣ ତେଜି ଏ ପ୍ରଥମ ପାଦେ
ଏକ ହୋଇଯିବା ସ୍ଥୂଳ-ସମଷ୍ଟିର ସାଥେ ॥

ସେ କାହା ଜଣକ ପାଇଁ

ବିଶ୍ୱ-ଅଭିମାନୀ ସହ ହୋଇ ଏକାକାର,
ଭୁଲିଯିବା ପୂର୍ଣ୍ଣଭାବେ ଶରୀର ବିକାର ॥

ଆକାଶ ପବନ ଅଗ୍ନି ଜଳ ଆଉ ମାଟି,
ସବୁ ସମଷ୍ଟିର ବସ୍ତୁ, କେ ପାରିବ କାଟି ?
ସେ କାହା ଜଣକ ପାଇଁ ଆକାଶୁଁ କିରଣ
ବିକିରଣ କରନ୍ତି କି ସୂର୍ଯ୍ୟ-ନାରାୟଣ ?
ସେ କାହା ଜଣକ ପାଇଁ ଆକାଶ ପବନ
କହ ବଞ୍ଚାଇଛି ପ୍ରାଣ ବହି ଘନ ଘନ ?
ସେ କାହା ଜଣକ ପାଇଁ ବରଷା ଅସରା
ବରଷି କରିଛି ଧରା ସବୁଜ ଶ୍ୟାମଳା ?
ସେ କାହା ଜଣକ ପାଇଁ ମାତା ବସୁମତୀ
ପତାଇଛି ଛାତି ରଚିବାକୁ ତା' ବସତି ?

Digitized by srujanika@gmail.com

ସେ କାହା ଜଣକ ପାଇଁ ସୁନୀଳ ଗଗନ
ମେଲାଇଛି କାୟା କରିବାକୁ ଆଲିଙ୍ଗନ ?

ସମଷ୍ଟିର ଅଟେ ବ୍ୟଷ୍ଟି, ବ୍ୟଷ୍ଟିର ସମଷ୍ଟି
ସମଷ୍ଟି ଓ ବ୍ୟଷ୍ଟି-ଗଡ଼ କେ'ପାରେ କରତି ?

ଜାଣିଲୁ ସମଷ୍ଟି ଦ୍ରବ୍ୟେ ଧରିଛୁ ଜୀବନ ।
ତଥାପି ବ୍ୟଷ୍ଟିରେ କେହ୍ନେ ଲାଖିଯାଏ ମନ ?
କାମ କ୍ରୋଧ ଲୋଭ ମଳ ମୂତ୍ରେ ହେଉ ଘାଣ୍ଟି;
ତଥାପି ଶରୀର ମୋହ ପାରୁ ନାହୁଁ କାଟି ॥

ସମଷ୍ଟି ଶରୀର ମଧ୍ୟେ ଏ ଏକ ଶରୀର;
ମୋ' ଶରୀର ବୋଲି ଭାବି ହେଉ ଦୁଃଖୀ ଚିର ॥

ଆମର କର୍ତ୍ତବ୍ୟ

ଏକ ବ୍ୟକ୍ତି ଅବା ଏକ ଦେହ ସୁଖ ପାଇଁ
ସ୍ୱାର୍ଥ ପରବେଶେ କେବେ ଲାଗିଯିବା ନାହିଁ ॥
ସମାଜ ସେବାରେ, ପ୍ରାଣୀ ମାତ୍ରକ ସେବାରେ
ମନ ପ୍ରାଣ ଦେବା ଢାଳି ଶକ୍ତି ଅନୁସାରେ ॥

ଆମେ ସବୁ କାମ କରୁଁ ଆମ 'ମୁଁ' ପାଇଁ
ଆମେ କି ଜାଣିଛେ ଆମ 'ମୁଁ' ଅଛି କାହିଁ ?

ଆମ 'ମୁଁ' ନୁହେଁ ସାଢ଼େ ତିନି ହାତ ଦିହ,
ସାରା ଜୀବନଟା ହେଲା ଯା' ଆମର ପ୍ରିୟ ॥
ଆମ 'ମୁଁ' ଅଟେ ଏହି ବିଶ୍ୱ ଚରାଚର
ତା' ସୁଖ ସକାଶେ ଆମେ ହେବା ଆଗଭର ॥
ସୀମିତ 'ଅହଂ'କୁ ଛାଡ଼ି ବିଶ୍ୱେ ଦେବା ପାଦ
ବୈଶ୍ୱାନର ଆତ୍ମାଙ୍କର ଏ ପ୍ରଥମ ପାଦ ॥

Digitized by srujanika@gmail.com

ମୁଁ ଓ ମୋର ବିଷୟ

ସଂସାର ପ୍ରପଞ୍ଚ ଜଡ଼, ମୁଁ ମାତ୍ର ଚେତନ,
ମୋ' ପ୍ରଜ୍ଞା ଜଡ଼କୁ ସିନା କରଇ ଦର୍ଶନ ।।
ତେଣୁ 'ବହିଃପ୍ରଜ୍ଞ' ଇଯେ, ବିଷୟ ରୂପରେ
ଜଡ଼ ଜଗତକୁ ପରା ଦେଖେ ନିରନ୍ତରେ ।।

ଜାଗ୍ରତର ବିଶେଷତା ଅଟଇ ଏହି ତ,
ବିଷୟ ରୂପରେ ବିଶ୍ୱ କରିଛି ନିର୍ମିତ ।।
ଦେହକୁ ଛାଡ଼ିଲେ ବିଶ୍ୱ ଅଟେ ମୋ ଶରୀର,
ଏହି ରୂପେ ବିଚାରନ୍ତି ଆତ୍ମଜ୍ଞାନୀ ଧୀର ।।
ବିଶ୍ୱରେ ଯେପରି ଅଛି ଶରୀର ଅନେକ
ସେପରି ଶରୀର ମୋର ଅଟେ ଦେହ ଏକ ।।

ଚମଡ଼ା ଖୋଳରୁ ଆଣି ନିଜକୁ ଓଟାରି
ଦେଖେ ମୁଁ ନୁହଁଇ ଅସ୍ଥି ମାଂସ ଦେହଧାରୀ ।।
କାମୀ କ୍ରୋଧୀ ଲୋଭୀ ନୁହଁ ଗୃହସ୍ଥ ପଣ୍ଡିତ,
ନୁହଁଇ ଦରିଦ୍ର ଧନୀ ସନ୍ନ୍ୟାସୀ କେହି ତ ।।
ମୁହିଁ ତ ବିଶ୍ୱାତ୍ମା ମୋର ପ୍ରତି ଲୋମକୂପେ
ଅନନ୍ତ ବ୍ରହ୍ମାଣ୍ଡମାଳ ମୁହୂର୍ତ୍ତକେ ଉଠେ ।।

ଏତେ ଭିନ୍ନ ପ୍ରକାର ଦିଶେ କାହିଁକି

ଅନନ୍ତ ସ୍ୱଭାବ, ପୂର୍ଣ୍ଣ ଦେଖା ନ ପଡ଼ିବା,
ଜ୍ଞାନର ସ୍ୱଭାବ, ତେହ୍ନେ, ସଂପୂର୍ଣ୍ଣ ଜାଣିବା ।।
ମୁଁ ଚେତନ– ଚେତନର 'ଅନନ୍ତ' ପ୍ରକୃତି
ମୁଁ ଚେତନ 'ଜ୍ଞାନ-ରୂପ' ଅଟଇ ସବୁଠି ।।
ପ୍ରକାଶ୍ୟ ଓ ପ୍ରକାଶକ ବିରୁଦ୍ଧ ଏଠାରେ,
ତେଣୁ ମୁଁ ଦେଖଇ ସବୁ ଭିନ୍ନ ପରକାରେ ।।

Digitized by srujanika@gmail.com

ଯେଣୁ ମୁଁ ନିଜକୁ ନିଜେ ଦେଖି ନ ପାରଇ,
ସେଥିପାଇଁ ଜଡ଼ ରୂପେ ଜଗତ ଦେଖଇ ।
ସଂପୂର୍ଣ୍ଣ ଆକାଶ ଦେଖି ନ ହେବା କାରଣେ,
କେବଳ ନୀଳିମା ଦେଖୁଁ ଏ ଆମ ନୟନେ ॥

ନୀଳିମା ଦେଖିବା କେବେ ନୁହେଁ ଦୋଷାବହ,
ମାତ୍ର ତହିଁ ସତ୍ୟବୋଧ – ଏ ଭ୍ରାନ୍ତି ନିଶ୍ଚୟ ॥

ସପ୍ତାଙ୍ଗ ଓ ସପ୍ତାଙ୍ଗ ସାଧନା

ଜାଗ୍ରତ ଅବସ୍ଥା ଜାଣ ସପ୍ତାଙ୍ଗ ଅଟଇ,
ଏ ପୃଥିବୀ ପାଦ, ଜଳ ମୂତ୍ର ସ୍ଥାନ ତହିଁ ॥
ଅଗ୍ନି ମୁଖ, ବାୟୁ ପ୍ରାଣ, ଆକାଶ ମସ୍ତକ
ଜାଗ୍ରତାବସ୍ଥାର ଏହିମାନେ ପ୍ରକାଶକ ॥

ଏ କଥା ଭାବିବ ତୁମେ ଶୋଇବା କାଳରେ
ଶରୀର ବିଭକ୍ତ ତୁମ ସାତୋଟି ଭାଗରେ ॥
ତୁମ ପାଦ ଠାରୁ ଗୁହ୍ୟଦ୍ୱାର ପରିଯନ୍ତ
ଏ ଭାଗଟି ଅଟେ ତୁମ ଦେହ ପୃଥୀ-ତତ୍ତ୍ୱ ॥
ଗୁହ୍ୟଦ୍ୱାର ଠାରୁ ତୁମ ମୂତ୍ରେନ୍ଦ୍ରିୟ ଯାଏଁ
ଏ ଭାଗ ଶରୀର ଜଳ ତତ୍ତ୍ୱକୁ ବୁଝାଏ ॥
ମୂତ୍ରେନ୍ଦ୍ରିୟ ଠାରୁ ନାଭିକେନ୍ଦ୍ର ପରିଯନ୍ତ
ତୁମ ଶରୀରର ଏହି ଭାଗ ଅଗ୍ନି-ତତ୍ତ୍ୱ ॥
ନାଭିକେନ୍ଦ୍ରଠାରୁ ତୁମ ହୃଦସ୍ଥଳ ଯାଏଁ
ଏହାଁ ବାୟୁ-ତତ୍ତ୍ୱ ସ୍ଥାନ ବୋଲି କୁହାଯାଏ ॥
ହୃଦୟଠୁଁ କଣ୍ଠଯାଏ ଆକାଶ ଅଟଇ
କଣ୍ଠଠୁଁ ଭ୍ରୂ ମଧ୍ୟ ଯାଏଁ ମନ ବୋଲି କହି ॥
ଭ୍ରୂମଧ୍ୟଠୁଁ ଆଉ ଯେତେ ରହିଲା ଉପରେ
ତାହାକୁ ତ ପରମାତ୍ମା ବିଚାର ମନରେ ॥

Digitized by srujanika@gmail.com

ଏବେ ଶରୀରର ପୃଥୀ-ତତ୍ତ୍ୱକୁ ଜଳରେ,
ଜଳକୁ ଅଗ୍ନିରେ ଆଉ ଅଗ୍ନିକୁ ବାୟୁରେ,
ବାୟୁକୁ ଆକାଶେ ପୁଣି ଆକାଶକୁ ମନେ
ମନ ରଖ ଶେଷେ ପରମାତ୍ମାଙ୍କ ଗହଣେ ॥
ଏହା ଭାବି ଶୋଇଯାଅ, ଉଠିବା ସମୟେ
ମନକୁ ଆଣିବ କ୍ରମେ ପୃଥିବୀ ବଳୟେ ॥

ନିରତେ ଅଭ୍ୟାସ କଲେ ଛ'ମାସ ଏପରି,
ଲାଗିବ ଜାଗ୍ରତାବସ୍ଥା ସତେ ସ୍ୱପ୍ନପରି ॥
ଜାଗ୍ରତର କାମ କ୍ରୋଧ ଆଦି ସବୁ ଦୋଷ
ତୁଟି ସ୍ୱପ୍ନ ସମ ହେବ, ଚିତ୍ତେ ପରିତୋଷ ॥

ଏବେ ତୁମ ଆତ୍ମା ଅଟେ ଏହି ବୈଶ୍ୱାନର
ତେଜୋମୟ ଏ ଦ୍ୟୁଲୋକ ମସ୍ତକ ତୁମର ॥
ବିଶ୍ୱ-ପ୍ରକାଶକ ସୂର୍ଯ୍ୟ ତୁମରି ନୟନ
ଏହିପରି ଭାବେ କର ବିଶ୍ୱାତ୍ମା ଚିନ୍ତନ ॥

ବିଜୁଳି ଶକତି ଯେମନ୍ତେ ଏକକ ଶକତି,
ଭିନ୍ନ ଯନ୍ତ୍ରେ କରିଥାଏ ଭିନ୍ନ କରାମତି,
ସେହିପରି ଜ୍ଞାନ ଏକ, ଭିନ୍ନ ଇନ୍ଦ୍ରିୟରେ
ବିଭିନ୍ନ ପ୍ରକାର ହୋଇ ଆସଇ ମନରେ ॥
ନେତ୍ରରେ ମିଳିବା ଜ୍ଞାନ 'ରୂପ' ସେ ଅଟଇ
କାନେ ପ୍ରାପ୍ତ ସେହି ଜ୍ଞାନ 'ଶବ୍ଦ' ପାଲଟଇ ॥
ନାସା ପଥେ ସେହି ଜ୍ଞାନେ 'ଗନ୍ଧ' କୁହାଯାଇ
ଏହି ରୂପେ ଏହି ଜ୍ଞାନ ଭିନ୍ନ ହୋଇଥାଇ ॥

ଊନବିଂଶ ମୁଖ

ସପ୍ତାଙ୍ଗ ସମାନ ଊନବିଂଶ ମୁଖ ଜାଣ,
ଜ୍ଞାନେନ୍ଦ୍ରିୟ କର୍ମେନ୍ଦ୍ରିୟ ପଞ୍ଚ ପଞ୍ଚ ପ୍ରାଣ ।

Digitized by srujanika@gmail.com

ପ୍ରାଣ ସବୁ ଇନ୍ଦ୍ରିୟର ପୂରକ ଅଟନ୍ତି,
ପ୍ରାଣ ବିନା ନ ଥାଏ ତ କାହାର ଶକତି ॥

ତାଙ୍କ ସଙ୍ଗେ ମନ ବୁଦ୍ଧି ଚିତ୍ତ ଅହଂକାର,
ସକଳେ ତ ଜ୍ଞାନ କର୍ମ ଚେତନାର ଦ୍ୱାର ॥
ପଞ୍ଚୀକୃତ ପଞ୍ଚମହାଭୂତେ ଏ ଶରୀର,
ନିର୍ମିତ ହେବାର ଜାଣିଥା'ନ୍ତି ଜ୍ଞାନୀ ଧୀର ॥
ପଞ୍ଚ ମହାଭୂତେ ତେହ୍ନେ ଇନ୍ଦ୍ରିୟଙ୍କ ସ୍ଥାନ
ନିର୍ମିତ ହୋଇଛି-ଏହା ବିଧିର ବିଧାନ ॥
ମନ ଯାଏ ଯେତେବେଳେ ସେ ଇନ୍ଦ୍ରିୟ ସ୍ଥାନେ,
ସେତେବେଳେ ସେହି ନାମ ଧରନ୍ତି ସେମାନେ ॥
ପଞ୍ଚ ମହାଭୂତ ଯଦି ନ ରହନ୍ତା ମନେ,
ଇନ୍ଦ୍ରିୟେ ବିଷୟ ଘେନି ପାରନ୍ତେ କେସନେ ?

ସ୍ୱରୂପକୁ ଜାଣିଗଲେ ହେବ ଏହି ଜ୍ଞାନ,
ଦେହେ କର୍ତ୍ତା ଭୋକ୍ତା ଜ୍ଞାତା କେହି ନାହିଁ ଆନ ॥
ଏ ଦେହର ଜ୍ଞାନ କେବେ ନୁହେଁ ମୋର ଜ୍ଞାନ,
ଦେହ-କର୍ମ କେବେ ନୁହେଁ ମୋର କର୍ମମାନ ॥
ଦେହ-ଭୋଗ କଦାପି ତ ମୋ ଭୋଗ ନୁହଁଇ,
ମୁଁ କେବଳ ଅଛି ମାତ୍ର ଏହି ଦେହେ ରହି ॥
ନିଜର ଭାବନା ମାତ୍ର ଯେଉଁଠି ହୁଅଇ,
ତହିଁ କର୍ତ୍ତା ଜ୍ଞାତା ଭୋକ୍ତା ଭାବ ଉପୁଜଇ ॥
ନିଜର ଭାବିବ କର୍ମେନ୍ଦ୍ରିୟକୁ ଯେଉଁଠି
ସେଇଠି କେବଳ ଥାଏ କର୍ତ୍ତା ଭାବ ଉଠି ॥
ନିଜର ଭାବିବ ଏହି ଜ୍ଞାନେନ୍ଦ୍ରିୟେ ଯହିଁ,
ନିଜେ ଜ୍ଞାତା ଏ ଭାବନା ଉପୁଜିବ ତହିଁ ॥
ଅନ୍ତରିନ୍ଦ୍ରିୟକୁ ଯହିଁ କର ଆପଣାର
ସେଇଠି ହୋଇବ ମାତ୍ର ଭୋକ୍ତାର ବିଚାର ॥

Digitized by srujanika@gmail.com

ସବୁଠାରୁ ଅନ୍ତରଙ୍ଗ ହେଉଛି ଏ 'ଅହଂ',
ସୁଖ ଦୁଃଖ ଅନୁଭୂତି 'ଅହଂ'ର ନିଶ୍ଚୟ ।।

ଅଦ୍ୱୈତତତ୍ତ୍ୱ ଓ ବ୍ୟବହାର

ଅଦ୍ୱୈତ ତତ୍ତ୍ୱକୁ କରି ଆଧାର ଜୀବନେ,
ବ୍ୟବହାର ନ କରିବ କେବେ ମୂର୍ଖ ପଣେ ।।

—"ଈଶ୍ୱର ବା ପରମାତ୍ମା ଅଛନ୍ତି ସବୁଠି
ତେଣୁ ସମ ବ୍ୟବହାର କରିବା ସବୁଠି—"
ଏପରି ବିଚାର କରି ସଂସାରେ ଚଳିବା,
ମରୀଚିକା ଜଳ ଭାବି ଯେହ୍ନେ ପହଁରିବା ।।

ଶରୀରରେ ଥିବା ନେତ୍ର କର୍ଣ୍ଣାଦି ସହିତ,
ସମ ବ୍ୟବହାର କଣ କରିବା ଉଚିତ ?
ଭେଦ ଜ୍ଞାନ ଧରି କରାଯାଏ ବ୍ୟବହାର,
ନିର୍ବିଶେଷ ନିର୍ଗୁଣରେ କାହିଁ ବ୍ୟବହାର ?
ସଗୁଣ ସହିତେ ବ୍ୟବହାର ହୁଏ ଯାହା,
ସାମାଜିକ ମର୍ଯ୍ୟାଦାରେ ହୋଇଥାଏ ତାହା ।।

ପାପ ପୁଣ୍ୟ ହୁଏ ଶାସ୍ତ୍ର ବିଧି ଅନୁସାରେ
ତତ୍ତ୍ୱରେ ତ ନାହିଁ ଦୋଷ ଗୁଣ କେଉଁଠାରେ ।।

ଯେଉଁ ଅବସ୍ଥାରେ ହୁଏ ଯେ କର୍ମ ବିହିତ,
ତାହା ପୁଣ୍ୟ, ପାପ ହୁଏ ଯାହା ଅବିହିତ ।।
ସ୍ତ୍ରୀ' ସହବାସ ନୁହେଁ ପାପ ଗୃହସ୍ଥର
କିନ୍ତୁ ତାହା ଅଟେ ପାପ ସନ୍ୟାସୀ ଜନର ।।

ବୈଶ୍ୱାନର

ଯେତେ ପିଣ୍ଡ ଶରୀରରେ ଜାଣ ଆତ୍ମା ଏକ;
ଭିନ୍ନ ଘଟେ ଥିଲେ ମଧ୍ୟ ନୁହନ୍ତି ଅନେକ ।।

Digitized by srujanika@gmail.com

ଯେହ୍ନେ ମହାକାଶ ଏକ ସବୁ ଘଟାକାଶ,
ଭିନ୍ନ ଘଟେ ଦିଶେ ଯେହ୍ନେ ସୂର୍ଯ୍ୟଙ୍କ ପ୍ରକାଶ ॥
ସେପରି ଏ ଆତ୍ମା ଏକ, ସକଳ ଶରୀରେ,
ସେ ଲିପ୍ତ ହୁଅନ୍ତି ନାହିଁ କେବେ କେଉଁଥିରେ ॥

ସବୁ ନର ବୈଶ୍ୱାନର ଯେସନେ ଅଟନ୍ତି,
ସେ ତେସନେ ବିଶ୍ୱାତ୍ମାଙ୍କ ଭିତରେ ଅଛନ୍ତି ॥
ଆତ୍ମାଙ୍କ ପ୍ରଥମ ପାଦ ଏହି ବୈଶ୍ୱାନର
ଦେହ ଛାଡ଼ି ବିଶ୍ୱାତ୍ମାରେ ମିଶିବା ଅସଲ ॥

ସମ୍ପୂର୍ଣ୍ଣ ସଂକଳ୍ପ ଆଉ ବୁଦ୍ଧିକୁ ଚିତ୍ତରେ,
ସ୍ଥିର କରି କାହିଁ ଯଦି ବସିଯାଅ ଥରେ,
ଦେଖିବ ନିଜକୁ ନିଜେ ବିଶାଳ କେସନେ,
କେବେ ଭାବି ନ ଥିବ ତ ତୁମ ହୃଦେ ମନେ ॥

ଏ ଈଶ୍ୱର, ଏହି ଜୀବ, ଜଗତ ଯେ କହେ,
ସେହି ତ କେବଳ ଏହି 'ମୁଁ' ସୁନିଶ୍ଚୟେ ॥
ଈଶ୍ୱର ଅଛନ୍ତି ଅବା ନାହାନ୍ତି ଜଗତେ,
ଏ ନିର୍ଣ୍ଣୟ କରେ ସେହି 'ମୁଁ' ହୃଦଗତେ ॥
ଏହି ଯୋଗ୍ୟ ଗୁରୁ ବୋଲି ଗୁରୁଙ୍କ ଯୋଗ୍ୟତା,
କେବଳ ଏ 'ମୁଁ' ମାତ୍ର କହେ ଏହି କଥା ॥

ତେଣୁ ମୁଁ ଅଟଇ ନିଶ୍ଚେ ଗୁରୁ ମହେଶ୍ୱର,
'ମୁଁ' ଆତ୍ମା, ସର୍ବବ୍ୟାପୀ ସାକ୍ଷାତେ ଈଶ୍ୱର ॥

ଯେବେ ମୋ' ମୁଁକୁ ଚର୍ମ ଖୋଳରେ ଛନ୍ଦଇ,
ତେବେ ଦେହ ଅଭିମାନ ପଶୁତ୍ୱ ଜାଗଇ ॥

ତେଣୁ ଏ ଦ୍ୟୁଲୋକ ଶିର, ପୃଥିବୀ ପୟର
ଅଗ୍ନି ମୁଖ, ବାୟୁ ଶ୍ୱାସ, ମୂତ୍ର ସ୍ଥାନ ଜଳ ॥

Digitized by srujanika@gmail.com

ଏ ଆକାଶ ମଧ୍ୟ ଦେହ, ନୁହେଁ ଦୋଷାବହ,
ଯେଣୁ ବିଶ୍ୱକୁ ମୋ' ଦେହ କରିଛି ନିଶ୍ଚୟ ॥
ଆତ୍ମା ଚତୁଷ୍ପାଦ ନୁହେଁ ଗୋଟିଏ ଶରୀରେ
ସେ ତ ଚତୁଷ୍ପାଦ ବୈଶ୍ୱାନର ସହିତରେ ॥

ଏକତ୍ୱ ସିଦ୍ଧାନ୍ତ

ଗୀତା ମନୁସ୍ମୃତି ଈଶାବାସ୍ୟୋପନିଷଦେ,
ଏକତ୍ୱ ସିଦ୍ଧାନ୍ତ କୁହା ଯାଇଛି ବିଶଦେ ॥
ଶରୀରେ ରହିଛି ଯେଉଁ କେଶ ନଖ ମଳ
ଶରୀରରେ ଥିବାଯାଏଁ ଅଟଇ ନିର୍ମଳ ॥
କିଛି ଘୃଣା ଭାବ ମନେ ତେଣୁ ନ ରହଇ
କିନ୍ତୁ ଦେହୁଁ ହେଲେ ଭିନ୍ନ ଘୃଣା ଉପୁଜଇ ॥

ତୁମଠୁଁ ଯେ ହେଲା ଭିନ୍ନ ତାଆଠୁ କେବଳ
ମିଳଇ କ୍ରୂରତା ଦ୍ୱେଷ ଶତ୍ରୁତାର ଫଳ ॥
ଲୋଭ ମୋହ କାମ କ୍ରୋଧ ଦ୍ୱେଷ ଅପର୍ଯ୍ୟାପ୍ତ
ସବୁ ଭେଦ ଦର୍ଶନରୁ ହୋଇଥାଏ ଜାତ ॥

ହେଲେ ଆତ୍ମ-ବୋଧ ଏହି ଦୃଶ୍ୟ ଜଗତରେ,
ମୋହ ଶୋକ କିଆଁ ଆଉ ରହିବ ମନରେ ?
ଶରୀରର ସବୁ ତତ୍ତ୍ୱ, ସମଷ୍ଟିର ତତ୍ତ୍ୱ,
ବେଦାନ୍ତ କହଇ ତେଣୁ ଆତ୍ମାର ଏକତ୍ୱ ॥

ବସ୍ତୁ ଏଠି ଅଛି, ମାତ୍ର ପରିଚୟ ବିନା,
ତାହାକୁ କିଛିତେ ଜାଣି ପାରୁ ନାହୁଁ ସିନା ॥
ଅନ୍ତର୍ଯ୍ୟାମୀ ରୂପେ ଦେହେ ଅଛନ୍ତି ଈଶ୍ୱର
ଯେଉଁଠାରେ ଦେହ, ତହିଁ ବିଶ୍ୱ ନିରନ୍ତର ॥
ଯେଉଁଠାରେ ବିଶ୍ୱ ତହିଁ ବିରାଟ ରହିଛି,
ସମଷ୍ଟିରୁ ବ୍ୟଷ୍ଟି କେବେ ଭିନ୍ନ ନୁହେଁ କିଛି ॥

Digitized by srujanika@gmail.com

ପଞ୍ଚଭୂତ ଅଛି ଛୋଟ ବଡ଼ ପ୍ରାଣୀଠାରେ;
କେ ଭର୍ତ୍ତି କରନ୍ତା ଦେହ ଗଠନ ଉତ୍ତାରେ ?
ଶରୀର ତ ପଞ୍ଚଭୂତେ ହୋଇଅଛି ଗଢ଼ା,
ଏ ପିଣ୍ଡ ବ୍ରହ୍ମାଣ୍ଡ ତେଣୁ କୁହାଯାଏ ପରା ॥

ଭୂତର ଆକୃତି ମାତ୍ର ଶରୀର ଅଟଇ,
ତେଣୁ ଏ ମନକୁ ନେଇ ସ୍ଥିର କର ତହିଁ ॥
ଏ ପାଞ୍ଚ ଭୌତିକ ହେତୁ ପଞ୍ଚଭୂତ ଠାରେ
ଶରୀରକୁ କର ଏକ ଏହି ଅନୁସାରେ ॥

ବୈଶ୍ୱାନର ଆତ୍ମାଙ୍କର ଏ ପ୍ରଥମ ପାଦ,
ଏ ପାଦେ ହୁଅଇ ଲାଭ ଅପୂର୍ବ ଆହ୍ଲାଦ ॥

Digitized by srujanika@gmail.com

ଚତୁର୍ଥ ମନ୍ତ୍ର

ସ୍ୱପ୍ନସ୍ଥାନୋଽନ୍ତଃପ୍ରଜ୍ଞଃ ସପ୍ତାଙ୍ଗ ଏକୋନବିଂଶତିମୁଖଃ
ପ୍ରବିବିକ୍ତଭୁକ୍ ତୈଜସୋ ଦ୍ୱିତୀୟ ପାଦଃ ।।୪।।

ଅନୁବାଦ

ଏ ସ୍ୱପ୍ନ ଅବସ୍ଥା ଅଟେ ଯାହାଙ୍କର ସ୍ଥାନ,
ଯିଏ ଅନ୍ତଃପ୍ରଜ୍ଞ, ଲଭି ଅନ୍ତଃ ସୂକ୍ଷ୍ମ ଜ୍ଞାନ,
ଯାହାଙ୍କର ସାତ ଅଙ୍ଗ, ମୁଖ ଊଣିଶଟି,
ଯେ କେବଳ ସଂସ୍କାରକୁ ଭୋଗ ହିଁ କରନ୍ତି,
ଏ ତୈଜସ, ଆତ୍ମାଙ୍କର ଦ୍ୱିତୀୟ ଚରଣ,
ଏ ପାଦେ ଲଗାଅ ଏବେ ତୁମ ସ୍ଥିର ମନ ।। ୪ ।।

ସରଳାର୍ଥ

ଆତ୍ମାଙ୍କ ସମଷ୍ଟି ରୂପ ସୂକ୍ଷ୍ମ ମନ ସ୍ତରେ,
ବୋଲାଏ ହିରଣ୍ୟଗର୍ଭ ବିଶେଷ ନାମରେ ।।
ବିରାଟ ହିରଣ୍ୟଗର୍ଭ ଯାହା ସମଷ୍ଟିରେ
ତାହା ବ୍ୟଷ୍ଟି 'ତଇଜସ' ନାମିତ ଏଥିରେ ।।
ସମଷ୍ଟି ହିରଣ୍ୟଗର୍ଭେ ରହିଛି ଏକତା
ଜାଣିପାରିଛନ୍ତି ଆତ୍ମ-ଜ୍ଞାନୀ ସେହି କଥା ।।

ଆମେ ଦେହ ନୁହଁ, ନୁହଁ ବ୍ୟଷ୍ଟି କେବେ ଆଉ,
ଏ ବିଶ୍ୱ-ଶରୀର ଆମେ, ବିରାଟ ବୋଲାଉ ।।
ପରମାତ୍ମା ପ୍ରାପ୍ତି ପାଇଁ ଏ ପ୍ରଥମ ପାଦ,
ଟେକିବାକୁ ହେବ ଏବେ ଆମ ଅନ୍ୟ ପାଦ ।।
ସ୍ଥୂଳ ଛାଡ଼ି ଆସ ଏବେ ସୂକ୍ଷ୍ମରେ ପଶିବା,
ଏ ଦ୍ୱିତୀୟ ପାଦେ ଆମେ ସେ କଥା ଜାଣିବା ।।

Digitized by srujanika@gmail.com

ସ୍ଥୂଳ ଯଦି ବ୍ୟଷ୍ଟି ନୁହଁ, ସୂକ୍ଷ୍ମ କେମ°ପରି,
ବ୍ୟଷ୍ଟି ହେବ, ବ୍ୟଷ୍ଟିରେ ତ ଭେଦ ଥାଏ ଭରି ॥

ସ୍ୱପ୍ନରେ ଆକାଶ ସୃଷ୍ଟି ହୁଅଇ ଯେସନେ
ଜାଗ୍ରତେ ଆକାଶ ହୁଏ ନିର୍ମିତ ତେସନେ ॥
ସେଥିପାଇଁ ଏ ଆକାଶ ରହିଥାଏ ମନେ,
ଏ ମନ, ଆକାଶେ ରହି ନ ଥାଏ ତେସନେ ॥
ସ୍ୱପ୍ନରେ ଦେଖଉ ଆମେ ଯେ ସାରା ସଂସାର
ଜାଗ୍ରତେ ଦେଖୁଛେ ଆମେ ତାକୁ ବାରବାର ॥

ଜାଗ୍ରତରେ ଦେହ ଆଉ ଏ ଦୃଶ୍ୟ ସଂସାର,
ଜାଣିଲେ କେବଳ ଏହି ମନ କାରବାର ॥
ଶରୀରରେ ଯେଉଁ ମନ ପ୍ରତୀତ ହୁଅଇ,
ତାହା ଅନ୍ତଃକରଣର ଆଭାସ ଅଟଇ ॥
ଏ ଦେହରେ ଯେଉଁ ଜୀବ କରଇ ନିବାସ,
ତାହା ତ କେବଳ ଅଟେ ମାତ୍ର ଜୀବାଭାସ ॥

ପୂର୍ଣ୍ଣ ସୂକ୍ଷ୍ମ ସମଷ୍ଟି ତ ମୋ ସ୍ୱପ୍ନ-ଶରୀର
ତାର ଅଭିମାନୀ ଏହି ତୈଜସଟି ସ୍ଥିର ॥
ଏହି ତୈଜସଟି ପରା 'ମୁଁ' ହିଁ ଅଟଇ
ଏହି ସୂକ୍ଷ୍ମ-ଶରୀରକୁ ଯେ ଭୋଗ କରଇ ॥

ତିନି କାର୍ଯ୍ୟାଳୟ

ଜାଗରଣ, ସ୍ୱପ୍ନ ଆଉ ସୁଷୁପ୍ତି ବଳୟ,
ଏହି ମୁଁଙ୍କର ଜାଣ ତିନି କାର୍ଯ୍ୟାଳୟ ॥
ଜାଗ୍ରତ ଅବସ୍ଥା ଗୋଟି ଦୋକାନ ଯେପରି,
କର୍ମ କରି କର୍ମ ଫଳ ମିଳେ ସେହିପରି ॥

Digitized by srujanika@gmail.com

ଅଟଇ ପ୍ରୟୋଗଶାଳା ସ୍ୱପ୍ନାବସ୍ଥା ଗୋଟି
କେତେ କଥା ଗଢ଼ି କରେ ଅନୁଭବ କୋଟି ॥

ଆମେ ଯାହା କରୁଁ, ଦେଖୁଁ ଜାଗ୍ରତ କାଳରେ
ତାହାରି ସଂସ୍କାର ପଡ଼େ ଏ ମନ ଉପରେ ॥
ସେହି ଅନୁସାରେ ଆମେ ଦେଖଉ ସପନ,
ସ୍ୱପ୍ନହିଁ କେବଳ ଆସେ ସଂସ୍କାର କାରଣ ॥
ସଂସ୍କାର ଜନିତ ମଧ୍ୟ ଜାଗ୍ରତେ ସେପରି ।
ପୂର୍ବ ଜନ୍ମ ସଂସ୍କାରକୁ ଦେଖୁଁ ଏକାପରି ॥
ଉଭୟେ ବାସନାତ୍ମକ ସ୍ୱପ୍ନ ଓ ଜାଗ୍ରତ
ତୈଜସର ସ୍ଥାନ ଅଟେ ଏ ସ୍ୱପ୍ନ ମୂଳକ ॥
ସୁଷୁପ୍ତି ଅଟଇ ଆମ ଶେଷ କାର୍ଯ୍ୟାଳୟ;
ବିଶ୍ରାମ ପାଇଁକି ଯହିଁ ନିଅଉ ଆଶ୍ରୟ ॥

ଜାଗ୍ରତରେ ହେବା ପାଇଁ ଆମର ବିବେକ,
ଅଛି କର୍ଣ୍ଣ ଚକ୍ଷୁ ଆଦି ଇନ୍ଦ୍ରିୟ ଅନେକ ॥
ଏହି ସବୁ ସାଧନ ବା କରଣ ଅଟନ୍ତି;
ବାହ୍ୟ ବିଷୟକୁ ଇୟେ ପ୍ରକାଶ କରନ୍ତି ॥

ବାହ୍ୟପ୍ରଜ୍ଞା, ଏ ମନର ସ୍ପନ୍ଦନ ସ୍ୱରୂପ,
ବାହ୍ୟ ବିଷୟର ନାହିଁ କିଛି ଆନ ରୂପ ॥
ଏହି ତ ସ୍ଫୁରଣା ମାତ୍ର ଅଟଇ ମନର
ଜାଗ୍ରତର ଜ୍ଞାନ ତେଣୁ ସ୍ଫୁରଣା କେବଳ ॥

ପ୍ରଜ୍ଞା ବା ଜ୍ଞାନର ଯେଉଁ ସଂସ୍କାର ଜନ୍ମଇ,
ଏ ମନ ଉପରେ ତାର ପ୍ରଭାବ ପଡ଼ଇ ॥
ସେ ପାଇଁ ଜାଗ୍ରତ ମଧ୍ୟ ସ୍ୱପନ ସମାନେ
ଯେଉଁ ଜାଗ୍ରତକୁ 'ସତ୍ୟ' ଭାବୁ ଆମ୍ଭେମାନେ ॥

Digitized by srujanika@gmail.com

ଜାଗ୍ରତରେ ଯେଉଁ କର୍ମ ଆମ୍ଭେମାନେ କରେଁ
ତାହାର ସଂସ୍କାର ପଡ଼େ ଆମ ମନ ପରେ ॥

ଲୁଗା ରଙ୍ଗ ହେବା ପରି ମନ-ସଂସ୍କାରରେ,
ରଙ୍ଗ ହୋଇ ଆସିଥାଏ ଆମ ସ୍ୱପନରେ ॥
ସଂସ୍କାର କେବଳ ଏହି ଜନ୍ମର ନୁହଁଇ,
ପୂର୍ବ ଜନ୍ମ ସଂସ୍କାର ବି ମନରେ ପଡ଼ଇ ॥

ଯେଉଁ ଦେଶ କାଳେ ଯେଉଁ ରୂପରେ ସପନ
ଦେଖାଯାଏ, ତାହା ସତ୍ୟ ନୁହେଁ କଦାଚନ ॥

ସ୍ୱପ୍ନର ମାଠିଆ ଗଢ଼ା ନୁହେଁ ମୃତ୍ତିକାରେ,
ସ୍ୱପ୍ନର ଅଗ୍ନିକୁ ପାଣି ନିଭାଇ ନ ପାରେ ॥

ଅବିଦ୍ୟା ଓ କାମ କର୍ମ

ଅବିଦ୍ୟା ଓ କାମ କର୍ମ;– ଏ ସଂସାର-ଚକ୍ର,
ସବୁରି ମୂଳରେ ଥାଏ ଅବିଦ୍ୟା ସର୍ବତ୍ର ॥
କାମନାରୁ କର୍ମ ଆଉ କର୍ମରୁ କାମନା,
ଏ ସଂସାର-ଚକ୍ର ବୋଲି କର କଳପନା ॥

ଚିତ୍ତ ଶୁଦ୍ଧ ହେଲେ କର୍ମ ହୁଏ ନିରିମଳ,
କହିଛନ୍ତି ସାଧୁ ସନ୍ଥ ଶାସ୍ତ୍ରାଦି ସକଳ ॥
ଅବିଦ୍ୟା ନିବୃତ୍ତି ନୋହି ପାରିଲେ ଜୀବନେ,
ସଂସାର-ଚକ୍ରରୁ ମୁକ୍ତି ମିଳିବ କେସନେ ?
ଯେ ଯାଏଁ ହୋଇନି ଆମ ସ୍ୱରୂପର ଜ୍ଞାନ,
ଅବିଦ୍ୟାର ଅବସାନ ହେବ ନାହିଁ ଜାଣ ॥

ବିବର୍ତ୍ତ ଅଟଇ ସ୍ୱପ୍ନ

ବିବର୍ତ୍ତ ଅଟଇ ସ୍ୱପ୍ନ ଅର୍ଥାତ୍ ନ ଥାଏ,
ମନର ସଂସ୍କାର ସବୁ ସ୍ୱପ୍ନେ ଜଣାଯାଏ ॥

Digitized by srujanika@gmail.com

ବିବର୍ତ୍ତ ଅଟଇ ଏହି ଜାଗ୍ରତ ଯେପରି
ଅଦ୍ୱୟ-ସଂସ୍କାର ବଶେ ଦିଶେ ଏହିପରି ॥
ତେଣୁ ସ୍ୱପ୍ନ ଜଣାଯାଏ ଜାଗ୍ରତ ସମାନ
ବାସନା-ସଉଧ ଶୂନ୍ୟେ ହୁଏ ଭାସମାନ ॥

ନେତ୍ରାଦି କରଣ ଯୁକ୍ତ ଆମ ଏ ଶରୀର
ସବୁ ମାତ୍ରା ଭୁଲି ସ୍ୱପ୍ନେ ହୋଇଯାଏ ସ୍ଥିର ॥
ଇନ୍ଦ୍ରିୟେ ବିଷୟେ, ସବୁ ଇନ୍ଦ୍ରିୟେ ମନରେ
ଧୀରେ ଧୀରେ ଲୀନ ହୋଇ ଯାଆନ୍ତି ସ୍ୱପ୍ନରେ ॥

ବିନା ଦେଶ କାଳ ବସ୍ତୁ ଅଥବା କରଣେ,
ଆତ୍ମଦେବ ସ୍ୱମହିମା ଦେଖନ୍ତି ସପନେ ॥
ଅର୍ଥାତ୍ ଏ ସବୁ କିଛି ବିନା ସାହାଯ୍ୟରେ
ଦେଶ କାଳ ପୂରା ବିଶ୍ୱ ସୃଜନ୍ତି ସ୍ୱପ୍ନରେ ॥

ସଂସାରର ଆବରଣ ପଦାର୍ଥେ ଆସଇ,
ଯେପରି ରଜ୍ଜୁରେ ସର୍ପ ପ୍ରତୀତ ହୁଅଇ ॥
ରଜ୍ଜୁ ଆଉ ସର୍ପ ମଧ୍ୟେ ସର୍ପର ପ୍ରତୀତି,
ବିଚାର ବଳରେ ଦୂର ହୁଅଇ ଯେମିତି,
ସେପରି ବିଚାର କରି ମାୟା-ସଂସାରକୁ
କାଟିଲେ ସ୍ୱରୂପ ଜଣା ପଡ଼ିବ ଆମକୁ ॥
ରଜ୍ଜୁରେ ତ ପ୍ରକୃତରେ ନାହିଁ ଆବରଣ;
ଦ୍ରଷ୍ଟା ଭୁଲି ତେହ୍ନେ କରୁ ସଂସାର ଦର୍ଶନ ॥
ଏହି ସଂସ୍କାରହିଁ ଜାଣ ଆମରି ପରଦା
ନତୁବା ସ୍ୱରୂପ ଜ୍ଞାନ ହେଉଥାନ୍ତା ସଦା ॥

କାର୍ଯ୍ୟ ଅଭିମାନୀ ଏହି ବିଶ୍ୱ ଯେଉଁପରି,
ସୂକ୍ଷ୍ମ-କାରଣାଭିମାନୀ ତୈଜସ ସେପରି ॥

Digitized by srujanika@gmail.com

ଜାଗ୍ରତରେ ଯେଉଁ କର୍ମ ଆମ୍ଭେମାନେ କରେଁ
ତାହାର ସଂସ୍କାର ପଡ଼େ ଆମ ମନ ପରେ ॥

ଲୁଗା ରଙ୍ଗ ହେବା ପରି ମନ-ସଂସ୍କାରରେ,
ରଙ୍ଗ ହୋଇ ଆସିଥାଏ ଆମ ସ୍ୱପନରେ ॥
ସଂସ୍କାର କେବଳ ଏହି ଜନ୍ମର ନୁହଁଇ,
ପୂର୍ବ ଜନ୍ମ ସଂସ୍କାର ବି ମନରେ ପଡ଼ଇ ॥

ଯେଉଁ ଦେଶ କାଳେ ଯେଉଁ ରୂପରେ ସପନ
ଦେଖାଯାଏ, ତାହା ସତ୍ୟ ନୁହେଁ କଦାଚନ ॥

ସ୍ୱପ୍ନର ମାଠିଆ ଗଢ଼ା ନୁହେଁ ମୃତ୍ତିକାରେ,
ସ୍ୱପ୍ନର ଅଗ୍ନିକୁ ପାଣି ନିଭାଇ ନ ପାରେ ॥

ଅବିଦ୍ୟା ଓ କାମ କର୍ମ

ଅବିଦ୍ୟା ଓ କାମ କର୍ମ;– ଏ ସଂସାର-ଚକ୍ର,
ସବୁରି ମୂଳରେ ଥାଏ ଅବିଦ୍ୟା ସର୍ବତ୍ର ॥
କାମନାରୁ କର୍ମ ଆଉ କର୍ମରୁ କାମନା,
ଏ ସଂସାର-ଚକ୍ର ବୋଲି କର କଳପନା ॥

ଚିତ୍ତ ଶୁଦ୍ଧ ହେଲେ କର୍ମ ହୁଏ ନିରିମଳ,
କହିଛନ୍ତି ସାଧୁ ସନ୍ଥ ଶାସ୍ତ୍ରାଦି ସକଳ ॥
ଅବିଦ୍ୟା ନିବୃତ୍ତି ନୋହି ପାରିଲେ ଜୀବନେ,
ସଂସାର-ଚକ୍ରରୁ ମୁକ୍ତି ମିଳିବ କେସନେ ?
ଯେ ଯାଏଁ ହୋଇନି ଆମ ସ୍ୱରୂପର ଜ୍ଞାନ,
ଅବିଦ୍ୟାର ଅବସାନ ହେବ ନାହିଁ ଜାଣ ॥

ବିବର୍ତ୍ତ ଅଟଇ ସ୍ୱପ୍ନ

ବିବର୍ତ୍ତ ଅଟଇ ସ୍ୱପ୍ନ ଅର୍ଥାତ୍ ନ ଥାଏ,
ମନର ସଂସ୍କାର ସବୁ ସ୍ୱପ୍ନେ ଜଣାଯାଏ ॥

Digitized by srujanika@gmail.com

ବିବର୍ତ୍ତ ଅଟଇ ଏହି ଜାଗ୍ରତ ଯେପରି
ଅଦୃଷ୍ଟ-ସଂସ୍କାର ବଶେ ଦିଶେ ଏହିପରି ॥
ତେଣୁ ସ୍ୱପ୍ନ ଜଣାଯାଏ ଜାଗ୍ରତ ସମାନ
ବାସନା-ସଉଧ ଶୂନ୍ୟେ ହୁଏ ଭାସମାନ ॥

ନେତ୍ରାଦି କରଣ ଯୁକ୍ତ ଆମ ଏ ଶରୀର
ସବୁ ମାତ୍ରା ଭୁଲି ସ୍ୱପ୍ନେ ହୋଇଯାଏ ସ୍ଥିର ॥
ଇନ୍ଦ୍ରିୟେ ବିଷୟେ, ସବୁ ଇନ୍ଦ୍ରିୟେ ମନରେ
ଧୀରେ ଧୀରେ ଲୀନ ହୋଇ ଯାଆନ୍ତି ସ୍ୱପ୍ନରେ ॥

ବିନା ଦେଶ କାଳ ବସ୍ତୁ ଅଥବା କରଣେ,
ଆତ୍ମଦେବ ସ୍ୱମହିମା ଦେଖନ୍ତି ସପନେ ॥
ଅର୍ଥାତ୍ ଏ ସବୁ କିଛି ବିନା ସାହାଯ୍ୟରେ
ଦେଶ କାଳ ପୂରା ବିଶ୍ୱ ସୃଜନ୍ତି ସ୍ୱପ୍ନରେ ॥

ସଂସାରର ଆବରଣ ପଦାର୍ଥେ ଆସଇ,
ଯେପରି ରଜ୍ଜୁରେ ସର୍ପ ପ୍ରତୀତ ହୁଅଇ ॥
ରଜ୍ଜୁ ଆଉ ସର୍ପ ମଧ୍ୟେ ସର୍ପର ପ୍ରତୀତି,
ବିଚାର ବଳରେ ଦୂର ହୁଅଇ ଯେମିତି,
ସେପରି ବିଚାର କରି ମାୟା-ସଂସାରକୁ
କାଟିଲେ ସ୍ୱରୂପ ଜଣା ପଡ଼ିବ ଆମକୁ ॥
ରଜ୍ଜୁରେ ତ ପ୍ରକୃତରେ ନାହିଁ ଆବରଣ;
ଦ୍ରଷ୍ଟା ଭୁଲି ତେହ୍ନେ କରୁ ସଂସାର ଦର୍ଶନ ॥
ଏହି ସଂସ୍କାରହିଁ ଜାଣ ଆମରି ପରଦା
ନତୁବା ସ୍ୱରୂପ ଜ୍ଞାନ ହେଉଥାନ୍ତା ସଦା ॥

କାର୍ଯ୍ୟ ଅଭିମାନୀ ଏହି ବିଶ୍ୱ ଯେଉଁପରି,
ସୂକ୍ଷ୍ମ-କାରଣାଭିମାନୀ ତୈଜସ ସେପରି ॥

Digitized by srujanika@gmail.com

ପଞ୍ଚମ ମନ୍ତ୍ର

ଯତ୍ର ସୁପ୍ତୋ ନ କଞ୍ଚନ କାମଂ କାମୟତେ,
ନ କଞ୍ଚନ ସ୍ୱପ୍ନଂ ପଶ୍ୟତି,
ତଦ୍ ସୁଷୁପ୍ତମ । ସୁଷୁପ୍ତସ୍ଥାନ ଏକୀଭୂତଃ
ପ୍ରଜ୍ଞାନଘନ ଏବାନନ୍ଦମୟୋ
ହ୍ୟାନନ୍ଦଭୁକ୍ ଚେତୋମୁଖଃ ପ୍ରାଜ୍ଞ ସ୍ତୃତୀୟଃ ପାଦଃ ॥୫॥

ଅନୁବାଦ

ଶୋଇଥିବା ପୁରୁଷଟି ଯେଉଁ ଅବସ୍ଥାରେ,
କାମନା କରେନା ଭୋଗ କୌଣସି ପ୍ରକାରେ,
ଅବା ନ ଦେଖଇ ସିଏ ସ୍ୱପ୍ନ କଦାଚନ
ସୁଷୁପ୍ତି ଅବସ୍ଥା ସେହି ବିଦିତ ଭୁବନ ॥

ସୁଷୁପ୍ତି ଅବସ୍ଥା ଅଟେ ଯାହାଙ୍କର ସ୍ଥାନ,
ପୁଣି ଏକୀଭୂତ, ଜ୍ଞାନ ସ୍ୱରୂପ ପ୍ରମାଣ,
ସେହି ତ ଆନନ୍ଦମୟ, ଭୋକ୍ତା ଆନନ୍ଦର,
ଆଉ ଚେତୋମୁଖ—ଏହି ପ୍ରାଜ୍ଞ ଆତ୍ମାଙ୍କର,
ଅଟଇ ତୃତୀୟ ପାଦ ଶ୍ରୁତିର ମତରେ
ତାହାରି ବିଚାର ହୋଇ ଅଛି ଏ ମନ୍ତ୍ରରେ ॥ ୫ ॥

ସରଳାର୍ଥ

ସୁଷୁପ୍ତିରେ ଚେତନାର ସ୍ତର କି ପ୍ରକାର
ଏ ପଞ୍ଚମ ମନ୍ତ୍ରେ ତାର ହୋଇଛି ବିଚାର ॥
ଜ୍ଞାନେନ୍ଦ୍ରିୟେ କର୍ମଠ ତ ନ ଥାନ୍ତି ଏଠାରେ,
କେଉଁ ଅନୁଭବ ହୁଏ ଏଇ ଅବସ୍ଥାରେ ?

Digitized by srujanika@gmail.com

ଆତ୍ମାଙ୍କ ତୃତୀୟ ପାଦ : ପ୍ରାଜ୍ଞ

ଏ ଆତ୍ମା ଅଟନ୍ତି ପରିବ୍ରାଜକ ସମାନ
ଜାଗ୍ରତ ସୁଷୁପ୍ତି ସ୍ୱପ୍ନ, ତାଙ୍କ ତିନି ସ୍ଥାନ ॥
କିନ୍ତୁ କେଉଁ ସ୍ଥାନେ ସେତ ଅଟକନ୍ତି ନାହିଁ,
କାହା ସାଥେ ମିତ୍ର ଭାବ ବଢ଼ାଇବା ପାଇଁ ॥

ସ୍ୱପ୍ନ ଓ ଜାଗ୍ରତ ବେନି ମନର ସ୍ପନ୍ଦନ,
ଚହଲୁ ଥାଏ ତ ଏହି ଅବସ୍ଥାରେ ମନ ॥
ସମାହିତ ଚିତ୍ତେ ରହି ନ ପାରେ ପ୍ରପଞ୍ଚ,
ପ୍ରପଞ୍ଚ ଆସଇ ଯେବେ ମନ ଘଞ୍ଚ ପଞ୍ଚ ॥
ସଂସାର ବିକ୍ଷିପ୍ତ ଚିତ୍ତେ ନୁହଁଇ ଅସଲ,
ଅସଲ ତ ସେହି ଯାହା ସମାଧିର ଫଳ ॥

ନ ହୋଇଲେ ଅଜ୍ଞାନର ନିବୃତ୍ତି ଜୀବନେ,
ମନର ସ୍ଫୁରଣା ବନ୍ଦ ହୋଇବ କେସନେ ?

ଉଆଁସ ରଜନୀ ଘନ ଅନ୍ଧାର ଭିତରେ,
ଯେତେ ବୃକ୍ଷ ଭବନାଦି ଆସଇ ମନରେ,
ସବୁ ବୃକ୍ଷ ଭବନାଦି ଥାଏ ତ ନିଶ୍ଚିତ,
ପୃଥକ ଭାବରେ କିନ୍ତୁ ନ ହୁଏ ପ୍ରତୀତ ॥

ସେହିପରି ସୁଷୁପ୍ତିର ଅଜ୍ଞାନାବରଣେ,
ପ୍ରପଞ୍ଚ ପ୍ରତୀତି ଅବା ହୋଇବ କେସନେ ?
ଯେପରି ସେପରି ଭାବେ ଏ ପ୍ରପଞ୍ଚ ଥାଏ,
ଅଜ୍ଞାନର ଆବରଣେ ଦେଖା ତ ନ ଯାଏ ॥

ସୁଷୁପ୍ତିର ଅନୁଭୂତି

ଅଟନ୍ତି ଆନନ୍ଦମୟ ପ୍ରାଜ୍ଞ ସୁଷୁପ୍ତିରେ,
ସେ କିନ୍ତୁ ଆନନ୍ଦ-ପ୍ରାୟ ଅବିଦ୍ୟା ସାଥିରେ ॥

Digitized by srujanika@gmail.com

'ମୁଁ', ଆତ୍ମ-ସ୍ୱରୂପ ବୋଲି ଇୟେ ନ ଜାଣଇ
ଅବିଦ୍ୟା ଅଜ୍ଞାନ ଯେଣୁ ତା' ସାଥେ ରହଇ ॥

ସୁଷୁପ୍ତିରେ ଥିଲା ଯେଉଁ ଆନନ୍ଦ ଅପାର,
ଉଠନ୍ତେ ତା' ନିମିଷକେ ହେଲା ଛାରଖାର ॥
ମୁଁ ଥିଲି ଆନନ୍ଦ, ଅଛି, ରହିବି ଆଗକୁ
ଜାଣିହେବ ଥିଲେ ଜାଣି, ନିଜ ସ୍ୱରୂପକୁ ॥

ଇନ୍ଦ୍ରିୟରେ ଅସାମର୍ଥ୍ୟ, ବିଷୟେ ନଶ୍ୱର ;
ଏଥିରେ ରହିବ କେହ୍ନେ ଭୋଗ ନିରନ୍ତର ?
କୌଣସି ଇନ୍ଦ୍ରିୟ ଭୋଗେ ଆମରି ଏ ମନ,
ସଦା ଯୁକ୍ତ ହୋଇ ରହେ ନାହିଁ କଦାଚନ ॥

ସେ ଲାଗି ଜାଗ୍ରତ ସ୍ୱପ୍ନ ସୁଷୁପ୍ତିକୁ ନେଇ
ଜୀବନରେ ସଚ୍ଚା ସୁଖ ନ ପାଆନ୍ତି କେହି ॥
ସବୁ ସୁଖ ନିତ୍ୟ ଅବିନାଶୀ ହେବାପାଇଁ,
ଏ ସଂସାର ମଧ୍ୟେ ଅବା କେ' ଚାହାନ୍ତି ନାହିଁ ?

ସୁଷୁପ୍ତି ଅଜ୍ଞାନ ଆଉ ଜ୍ଞାନ ପ୍ରକାଶିତ,
ସବୁ ଦେଶ କାଳ, ନାମ-ରୂପହିଁ ଅନିତ୍ୟ ॥
ତେଣୁ ତାର ସବୁ ସୁଖ ଅନିତ୍ୟ ଅଟଇ,
ଅପାର ଅଚିନ୍ତ୍ୟ ସୁଖ ମାତ୍ର 'ମୁଁ' ତହିଁ ॥

ସୁଷୁପ୍ତି : ଚେତୋମୁଖ

ସୁଷୁପ୍ତିକୁ 'ଚେତୋମୁଖ' ବୋଲି କୁହାଯାଏ,
ଜାଗ୍ରତେ ସ୍ୱପନେ ସେଠି ଚିତ୍ତ ରହିଥାଏ ॥

ତା' ନୋହିଲେ ଏ ଜାଗ୍ରତ ଅଥବା ସପନେ
ସବୁ କଥା ଅନୁଭବ ହୁଅନ୍ତା କେସନେ ?

Digitized by srujanika@gmail.com

ଚିତ୍ତ ନ ଥିଲେ ବି ଏଠି ଖୋଲିଦିଏ ଦ୍ୱାର
ତେଣୁ ଚେତୋମୁଖ ବୋଲି ନାମଟି ତାହାର ॥
ସ୍ୱପ୍ନ ଜାଗ୍ରତକୁ ଆସେ ଯେତେକ ଚେତନା,
ପ୍ରାଜ୍ଞରେ ତା' ବୀଜ ଥାଏ, କର କଳ୍ପନା ॥

ଛୋଟ ବୀଜେ ଏତେ ବଡ଼ ବୃକ୍ଷ ଥାଏ କାହିଁ,
ବୀଜଟି ଦେଖିଲେ କିଛି ଜଣା ପଡ଼େ ନାହିଁ ॥
ଯେସନେ ଚେତନା ଜଣା ନ ପଡ଼େ ବୀଜରେ
ତେସନେ ଚେତନା ଥାଏ ସୁଷୁପ୍ତି କୋଳରେ ॥
ଏ ଚେତ୍‌ର ଦ୍ୱାର ଦେଇ ଜାଗ୍ରତ ସପନ
ଆସେ ବୋଲି 'ଚେତୋମୁଖ' ନାମଟି ଏସନ ॥

ପ୍ରାଜ୍ଞ

ଯେ ପ୍ରକୃଷ୍ଟ ଜ୍ଞାନବାନ, ସେ ପ୍ରାଜ୍ଞ ଅଟନ୍ତି,
ସ୍ୱପ୍ନ ଜାଗ୍ରତର କଥା ସେ ସବୁ ଜାଣନ୍ତି ॥
ଭୂତ ଭବିଷ୍ୟତ ଆଉ ବର୍ତ୍ତମାନ କାଳ
ସବୁ ବିଷୟର ଜ୍ଞାନ ଏହାର ଆଧାର ॥
ତେଣୁ ପ୍ରାଜ୍ଞ ବୋଲି ତାକୁ କହନ୍ତି ସମସ୍ତେ,
ତେଣୁ ସେ କରଇ ଅନୁଭବ ହୃଦଗତେ–
'ମୁଁ ସୁଖରେ ଶୋଇଥିଲି, କିଛି ଜାଣି ନାହିଁ–'
ବୁଦ୍ଧିରେ ତଦାତ୍ମ୍ୟ କରି କହେ, 'ଜାଣି ନାହିଁ' ।

ଈଶ୍ୱରୀୟ ଜ୍ଞାନ ଓ ତୁମ ଜ୍ଞାନ

ଈଶ୍ୱରଙ୍କ ଜ୍ଞାନ ସଙ୍ଗେ ତୁମ ନିଜ ଜ୍ଞାନ
ମିଳିତ ନ ହେବା ଯାଏ ରହିବ ଅଜ୍ଞାନ ॥
ବର୍ଷ ମାସ ଦିନ ଦଣ୍ଡେ ଆମେ ମାପୁଁ କାଳ,
ଈଶ୍ୱର ତ କିନ୍ତୁ ସଦା ସର୍ବଦା ଅକାଳ ॥
ପୃଥିବୀ ସୂର୍ଯ୍ୟଙ୍କୁ ନେଇ ଆମ ଦିନ ରାତି
ତହିଁରେ ମାପଉ ଆମେ ମହାକାଳ ଛାତି ॥

Digitized by srujanika@gmail.com

ଈଶ୍ୱର ତ କୋଟି କୋଟି ବ୍ରହ୍ମାଣ୍ଡର ସାକ୍ଷୀ,
ନ ଥାଏ ତାଙ୍କର ତେଣୁ କିଛି ଦିନ ରାତି ॥
ଆମ ପାଶେ ଏହି କାଳ କେବଳ କଳ୍ପିତ,
ଦେଶ କାଳ ତାଙ୍କ ପାଇଁ ନ ଥାଏ କିଞ୍ଚିତ ॥

ଆମ ପାଇଁ ସିନା ପୂର୍ବ ପଶ୍ଚିମ ଉତ୍ତର,
ଦିଗରେ କି ପ୍ରୟୋଜନ ସର୍ବବ୍ୟାପୀଙ୍କର ?

ସୃଷ୍ଟିର ମୂଳରେ ଜାଣ ଏ ଏକ ଚେତନା,
ତାହାରି ସଂକଳ୍ପ ଫଳେ ଏ ସୃଷ୍ଟି ରଚନା ॥
ଯାଦୁକର ଖେଳ ପରି ଏ ସୃଷ୍ଟି ଆମର
ସବୁ କଥା ସତ ଲାଗେ-ନୁହଁଇ ନକଲ ॥

ସେପରି ଇନ୍ଦ୍ରିୟ ଭେଦେ ଜ୍ଞାନ ଭେଦ ନାହିଁ,
ଜ୍ଞାନ କାଳାତୀତ, ଜ୍ଞାନ ଅନନ୍ତ ସେ ପାଇଁ ॥
ଯେସନେ ବିଦ୍ୟୁତ୍ ଶକ୍ତି ଏକକ ଶକତି,
ଭିନ୍ନ ଯନ୍ତ୍ରେ ତାର ଭିନ୍ନ ଭିନ୍ନ କରାମତି ॥
ବଲ୍‌ବେ 'ପ୍ରକାଶ' ସିଏ, ତାତି ହିଟରରେ
ବିଜୁଳି ପଙ୍ଖାରେ ଗତି, ଶବ୍ଦ ରେଡ଼ିଓରେ ॥

ଦେଶ କାଳ ବୃତ୍ତି ଭେଦ ନ ଥାଏ ଜ୍ଞାନରେ,
ଇନ୍ଦ୍ରିୟ, ବିଷୟ, ଅବା ଧ୍ୟାନ ବିକ୍ଷେପରେ;
ଜ୍ଞାନ ତ କେବଳ ଜ୍ଞାନ, ଏ ଅଖଣ୍ଡ ଜ୍ଞାନ,
ତୁମରି ସ୍ୱରୂପ ବୋଲି ଭଲ କରି ଜାଣ ॥
ଜନ୍ମ ମୃତ୍ୟୁ ଶଇଶବ ତାରୁଣ୍ୟ ବାର୍ଦ୍ଧକ୍ୟ
କିଛି ନାହିଁ ଭେଦ, ଏ ତ ସଦା ଅଭେଦକ ॥
ଅଥବା ଜ୍ଞାନର ନାହିଁ ନାଶ କେବେ ଜାଣ
ନାଶକୁ କେବଳ ମାତ୍ର ଜାଣିପାରେ ଜ୍ଞାନ ॥

Digitized by srujanika@gmail.com

ବିଶେଷଣ ଯଦି କିଛି ଲାଗଇ ଜ୍ଞାନରେ,
ସେ ବିଶିଷ୍ଟ ଜ୍ଞାନ ହୋଇଯାଏ ଅକ୍ଳେଶରେ ॥
ଏ ବିଶିଷ୍ଟ ଜ୍ଞାନ ହୁଏ ଜାଗ୍ରତେ ସପନେ,
ସୁଷୁପ୍ତିରେ ତାହା କିନ୍ତୁ ଉଭାଏ ଯେସନେ ॥

ଏହାହିଁ ପ୍ରଜ୍ଞାନ, ପ୍ରାଜ୍ଞ ତୃତୀୟ ଚରଣ
ଯହିଁ ଆତ୍ମଦେବ କରିଥାନ୍ତି ବିଚରଣ ॥

Digitized by srujanika@gmail.com

ଷଷ୍ଠ ମନ୍ତ୍ର

ଏଷ ସର୍ବେଶ୍ୱର ଏଷ ସର୍ବଜ୍ଞ ଏଷୋଽନ୍ତର୍ଯ୍ୟାମ୍ୟେଷ
ଯୋନିଃ ସର୍ବସ୍ୟ, ପ୍ରଭବାପ୍ୟୟୌ ହି ଭୂତାନାମ୍ ॥୬॥

ଅନୁବାଦ

ସଭିଙ୍କ ଈଶ୍ୱର ଏହି ସର୍ବଜ୍ଞ ଅଟନ୍ତି,
ଅନ୍ତର୍ଯ୍ୟାମୀ ବୋଲି ସିଏ କଥିତ ହୁଅନ୍ତି ॥
ପ୍ରାଣୀଙ୍କ ଉତ୍ପତ୍ତି ଆଉ ଲୟ ସ୍ଥାନ ଯେଣୁ,
ସଭିଙ୍କ କାରଣ ବୋଲି କୁହାଯାଏ ତେଣୁ ॥ ୬ ॥

ସରଳାର୍ଥ

ପ୍ରାଜ୍ଞର ବୈଶିଷ୍ଟ୍ୟ

କଅଣ ସ୍ୱରୂପାବସ୍ଥା କି ତାହା ବୁଝାଏ
ଦେହ ଛାଡ଼ି ଯେବେ ଚୈତନ୍ୟକୁ ଦେଖାଯାଏ ॥

ଏକଇ ଆକାଶ ଅଛି ସକଳ ଦେହରେ,
ସବୁ ଦେହେ ଏକ ବାୟୁ ବହେ ନିରନ୍ତରେ ॥
ଏହିପରି ପଞ୍ଚତତ୍ତ୍ୱ ଦୃଷ୍ଟିରୁ ଦେଖିଲେ
ସକଳ ଶରୀର ଏକ ଏହି ପୃଥିବୀରେ ॥
ତତ୍ତ୍ୱରେ ଉପାଧି ସବୁ ଅଟେ ଏକାପରି,
ସ୍ୱପ୍ନେ ସାଧୁ ଚୋର ଖଣ୍ଡ ଅଟନ୍ତି ଯେପରି ॥

ଦ୍ରଷ୍ଟାର ଏ ଦୃଷ୍ଟି ମାତ୍ର କିଛି ଭେଦ ନାହିଁ,
ଭେଦ ଯେତେ ସବୁ 'କାର୍ଯ୍ୟପର' ଦୃଷ୍ଟି ପାଇଁ ॥
ପକାଇ 'କାରଣ-ପର' ଦୃଷ୍ଟି ସବୁଠାରେ
କିଛି ମାତ୍ର ଭେଦ ରଖ ନାହିଁ ଏ ସଂସାରେ ॥

Digitized by srujanika@gmail.com

ଭେଦ ପ୍ରପଞ୍ଚ ଏ ସବୁ ସୂକ୍ଷ୍ମ ଆଉ ସ୍ଥୂଳ
ସବୁ ସଞ୍ଚାଳକ ପ୍ରାଜ୍ଞ, ସବୁର ତ ମୂଳ ॥

ଜୀବ ଅନ୍ତଃକରଣରେ କାର୍ଯ୍ୟ ହୋଇଥାଇ,
କାର୍ଯ୍ୟର ଉପାଧିବାଲା ଏ ଜୀବ ବୋଲାଇ ॥
କାରଣ ଉପାଧିବାଲା ଈଶ୍ୱର ସେପରି,
ସେଠି ଭେଦ ଜ୍ଞାନ ଅବା ରହିବ କିପରି ?

ଏହି ପ୍ରାଜ୍ଞ, ଭେଦ ଭରା ବିଶ୍ୱ ପ୍ରପଞ୍ଚର
ଅଟନ୍ତି ଶାସକ ତେଣୁ ସେହି ସର୍ବେଶ୍ୱର ॥
ସମଷ୍ଟି ଚେତନା ଏହି ବିଶ୍ୱ ନିୟାମକ,
ତେଣୁ ପ୍ରାଜ୍ଞ ସକଳର ଅଟନ୍ତି ଶାସକ ॥

ପ୍ରାଜ୍ଞ ଅନ୍ତର୍ଯ୍ୟାମୀ

ଜାଗ୍ରତ ସୁଷୁପ୍ତି ସ୍ୱପ୍ନ-ତିନିଙ୍କର ଜ୍ଞାତା,
ସେ ପାଇଁ ସର୍ବଜ୍ଞ ପ୍ରାଜ୍ଞ, ସେ ତ ସର୍ବଜ୍ଞାତା ॥
ସୁଷୁପ୍ତିରେ ପ୍ରାଣାଦିର କ୍ରିୟା କରି ସବୁ,
ସ୍ୱପ୍ନ ଓ ଜାଗ୍ରତ କ୍ରିୟା ନିୟାମକ ପ୍ରଭୁ ॥
ତେଣୁ ତ ସେ ସର୍ବେଶ୍ୱର, ସଭିଙ୍କ ଭିତରେ
ଥାଇ ନିୟନ୍ତ୍ରଣ କରି ଥାଆନ୍ତି ବିଶ୍ୱରେ ॥
ସ୍ରଷ୍ଟା ନିୟନ୍ତ୍ରଣ ସବୁ ଭିତରୁ ହୁଅଇ
ଯେସନେ ଏ ବ୍ୟଷ୍ଟି ଜୀବ ସପନ ଦେଖଇ ॥

ଯାହା କିଛି ଦେଖ ତୁମେ ସପନେ ତୁମରି,
ବୃକ୍ଷ ମନୁଷ୍ୟାଦି ରୂପ ତୁମେ ଅଛ ଧରି ॥
ସବୁରେ ପ୍ରବିଷ୍ଟ ହୋଇ ସର୍ବ ସଞ୍ଚାଳକ
ତେଣୁ ଅନ୍ତର୍ଯ୍ୟାମୀ ବୋଲି ବିଦିତ ମୂଳକ ॥

Digitized by srujanika@gmail.com

ବିଶ୍ୱବୋଧ ରହସ୍ୟ

ଶରୀରେ କହୁଛେ ଆମେ ଯାହାକୁ ନିଜର;
ସେ କେବେ କି ସମଷ୍ଟିରୁ ହୁଅଇ ଅନ୍ତର ?
ଆକାଶ ଓ ତେଜ ବାୟୁ ପାଣି ଆଉ ମାଟି,
ସମଷ୍ଟିରେ ଏ ସକଳେ ଏକ ହୋଇଥାନ୍ତି ॥
ଏ ସବୁକୁ ଛାଡ଼ି ଆଉ ଅଛି ବା କଅଣ ?
ଏଥିରେ ହିଁ ଏଇ ଆମ ଶରୀର ଗଠନ ॥

ସବୁଥିରେ 'ମୁଁ'କୁ ମୁଁ କଲେ ନିରୀକ୍ଷଣ
ବିଶ୍ୱକୁ ମୁଁ, 'ମୁଁ' ରୂପେ କରିବି ଦର୍ଶନ ॥
ହୋଇଗଲେ ମୋ' ସ୍ୱରୂପ ଏ ବିଶ୍ୱଭୁବନ
ବାହାର ଭିତର ଆଉ ରହିବ କଅଣ ?

'ମୁଁ' ଅଛି, ଅନ୍ୟ ସବୁ ପ୍ରତୀତି ଜଗତେ,
ପ୍ରତୀତିର ସତ୍ତା କାହିଁ ରହିବ କେମନ୍ତେ ?
ଦେହ-ଅଭିମାନ ଏହିପରି ଗଲେ କଟି,
ସମଗ୍ର ଏ ବିଶ୍ୱ ହେବ ବିଲୀନ ମୋ'ଅଠି ॥

ମୁଁ ହୋଇଗଲେ ଏହି ସମଗ୍ର ଭୁବନ
ବାହାର ଭିତର ଆଉ ରହିବ କେସନ ?
ସକଳ ପଦାର୍ଥ ହେବ କେବଳ ପ୍ରତୀତି,
ତତ୍ତ୍ୱରେ, କାହାରି କିଛି ନ ରହିବ ଭିତ୍ତି ॥

ସର୍ବବ୍ୟାପୀଙ୍କୁ ଆମେ ଅଶୁଦ୍ଧ କରୁଛୁ ?

ଗୁରୁଙ୍କୁ ଜିଜ୍ଞାସୁ ଜଣେ ପଚାରିଲା ଥରେ,
ଆମେ ମଳମୂତ୍ର ତେଜୁ ବିଶ୍ୱାତ୍ମାଙ୍କ ପରେ ॥
ଏଥିରେ କି ସର୍ବବ୍ୟାପୀ ଅଶୁଦ୍ଧ ହୁଅନ୍ତି ?
ଏ ପ୍ରଶ୍ନେ ଗୁରୁଜୀ ତାଙ୍କୁ ଉତ୍ତର ଦିଅନ୍ତି –

Digitized by srujanika@gmail.com

''ମଳ ମୂତ୍ର ଅଛି ଜାଣ ଆମରି ପେଟରେ,
ଆମେ ଅପବିତ୍ର ହେଉ ନାହୁଁ ତାହା ଫଳେ ।।
ମଳମୂତ୍ର କେଶ ନଖ ଅଙ୍ଗେ ଥିବା ଯାଏଁ,
ଶରୀରର ଅଙ୍ଗ ସମ ସେ ସବୁ ବୁଝାଏ ।।

ବାହାରକୁ ଗଲେ ସବୁ ଅଶୁଦ୍ଧ ହୁଅଇ,
ଥିବାଯାଏଁ ଶରୀରରେ ସେ ଅଙ୍ଗ ଅଟଇ ।।
ଆମ ପେଟେ କୃମି କୀଟ ଅନେକ ଅଛନ୍ତି,
ଖାଇ ପିଇ ସେମାନେ ବି ମଳ ତିଆଗନ୍ତି ।।
ଆମେ କେବେ ଅପବିତ୍ର ହେଉ କି ଏଥିରେ ?
ଈଶ୍ୱରଙ୍କ କଥା ଏବେ ଭାବ ଏ ରୀତିରେ ।।

କୃମି କୀଟ ପରି କୋଟି କୋଟି ବିଶ୍ୱ-ଜୀବେ,
ଈଶ୍ୱରଙ୍କ ପେଟେ ପରା ଭରପୂର ଥିବେ ।।
ସେମାନେ ବି ମଳ ମୂତ୍ର ତ୍ୟାଗ କରୁଥିବେ;
ଏଥିରେ ଈଶ୍ୱର କେହ୍ନେ ଅଶୁଦ୍ଧ ହୋଇବେ ?
ଈଶ୍ୱର ଦୃଷ୍ଟିରେ ନାହିଁ ବ୍ୟଷ୍ଟି ବା ସମଷ୍ଟି,
ଆମ ଏ ମଣିଷେ ଯାହା କଳ୍ପନା କରନ୍ତି ।।
ଈଶ୍ୱର ଦୃଷ୍ଟିରେ ବ୍ୟଷ୍ଟି ସତ୍ତା କିଛି ନାହିଁ,
ସମଷ୍ଟି ସତ୍ତାରେ ମାତ୍ର ଖେଳନ୍ତି ଗୋସାଇଁ ।।

ପଞ୍ଚଭୂତ ପଞ୍ଚକୋଷ

ପଞ୍ଚଭୂତ ପଞ୍ଚକୋଷ କରିବା ବିଚାର
ବ୍ୟଷ୍ଟିରେ ତ ପଞ୍ଚକୋଷ ହୁଏ କାରବାର ।।
ପଞ୍ଚଭୂତ କଳପନା ତେହ୍ନେ ସମଷ୍ଟିରେ
କାରଣ ଉପାଧି ଥାଏ ଦେବତ୍ୱ ଭିତ୍ତିରେ ।।

ଏ ବ୍ୟଷ୍ଟି ଦେହକୁ କର ଏକ ସମଷ୍ଟିରେ
ସ୍ଥୂଳ ଦେହ ହେବ ବିଶ୍ୱ ଏହି ପ୍ରଣାଳୀରେ ।।

Digitized by srujanika@gmail.com

ମାଟି ବିନା ମାଟି ପାତ୍ର ସମ୍ଭବ ନୁହଁଇ
ତେଣୁ ପାତ୍ର ମାଟି ସଦା ଅଭିନ୍ନ ଅଟଇ ॥
ସମଷ୍ଟି ବାୟୁର ଶ୍ୱାସ, ସମଷ୍ଟିର ଜଳ,
ସମଷ୍ଟି ଆକାଶ ଅଗ୍ନି ସମଷ୍ଟି ଫସଲ,
ବିନା ଯେବେ ଦଣ୍ଡେ ମାତ୍ର ପ୍ରାଣ ନ ରହିବ,
ସମଷ୍ଟିରୁ ଭିନ୍ନ ବ୍ୟଷ୍ଟି କେସନେ ହୋଇବ ?
ସମଷ୍ଟିର ଜ୍ଞାନ-ଶକ୍ତି ବିନା କାର ଜ୍ଞାନ,
ନ ହୁଅଇ କେବେ ଏହା ନିଶ୍ଚିତ ପ୍ରମାଣ ॥

ପ୍ରାଜ୍ଞ ସର୍ବେଶ୍ୱର

ଆମର ଯେ ଅହଂକାର, ''ମୁଁ ସ୍ୱତନ୍ତ୍ର କର୍ତ୍ତା,
ମୁଁ ସ୍ୱତନ୍ତ୍ର ଭୋକ୍ତା ପୁଣି ମୁଁ ସ୍ୱତନ୍ତ୍ର ସତ୍ତା ॥
ମୋ ଜ୍ଞାନ ସ୍ୱତନ୍ତ୍ର, ମୋର ଆନନ୍ଦ ପୃଥକ''
ଏପରି ଭାବନା ସତେ କେତେ ଅମୂଳକ ?

ଯେତେ ରାଗ-ଦ୍ୱେଷ, ଲୋଭ-ମୋହ, ଦୁଃଖ କଷ୍ଟ,
ବ୍ୟଷ୍ଟି ଦେହେ ମାତ୍ର ବାନ୍ଧିବାକୁ ଏ ସମସ୍ତ ॥
ସୂକ୍ଷ୍ମ-ରୂପ ନୁହେଁ ଭିନ୍ନ ସୂକ୍ଷ୍ମ-ସମଷ୍ଟିରୁ,
ଏ କାରଣ-ରୂପ ତେହ୍ନେ ତା'ର ସମଷ୍ଟିରୁ ॥
ଏ କାରଣ-ସମଷ୍ଟିରେ ଯେ ଚେତନ ସ୍ଥିତ,
'ପ୍ରାଜ୍ଞ' ନାମେ ସେ କେବଳ ହୁଅନ୍ତି କଥିତ ॥

ଏହି ପ୍ରାଜ୍ଞ ସର୍ବେଶ୍ୱର, ସକଳ-ନିୟନ୍ତା
ଅନ୍ତର୍ଯ୍ୟାମୀ, ସର୍ବଯୋନି, ସକଳ କରତା ॥

ଅନେକେ କହନ୍ତି ତାଙ୍କୁ କେବଳ 'ତଟସ୍ଥ',
ତଟ ସ୍ଥିତ ଲୋକ ପରି ସେ ଦ୍ରଷ୍ଟା ନିରତ ॥

Digitized by srujanika@gmail.com

ଯେଉଁପରି ଗଙ୍ଗା ନଦୀ ବହେ ତା ଗତିରେ,
କେତେ ଫୁଲ କେତେ ଶବ ବହି ତା' ଛାତିରେ ॥
କୂଳ ଲୋକ ସବୁ ଦେଖି ରହଇ ଯେସନେ
ତାହାକୁ 'ତଟସ୍ଥ' କହିଥାନ୍ତି ଜ୍ଞାନୀ ଜନେ ॥

ତଟସ୍ଥ ଚେତନଙ୍କର ସଂସାର କର୍ମରେ,
କିଛି ଯାଏ ଆସେ ନାହିଁ କିଞ୍ଚିତ ଭାବରେ ॥

ଗୀତାରେ କହିଲେ ତେଣୁ କୃଷ୍ଣ ଭଗବାନ,
ସଦାସଦ ମୁଁ ମୃତ୍ୟୁ ଅମୃତ ସମାନ ॥

ସକଳର ଉପାଦାନ କାରଣ ସେ ଯେଣୁ,
ପ୍ରାଣୀଗଣଙ୍କର ସର୍ବଯୋନି 'ପ୍ରାଜ୍ଞ' ତେଣୁ ॥

ସିଏ ଏକ ହୋଇ ମଧ୍ୟ ଅନେକ ବୋଲାନ୍ତି
ତାଙ୍କ ସଂକଳ୍ପରେ ସିଏ ବହୁ ହୋଇଥାନ୍ତି ॥
ସେ 'ଏକୋଽହଂ ବହୁ ସ୍ୟାମ' ଶ୍ରୁତିମତେ,
ଦେଖନ୍ତି ନିଜକୁ ବହୁରୂପେ ଏ ଜଗତେ ॥

ସମସ୍ତ ପ୍ରପଞ୍ଚ ଶବ୍ଦ ସ୍ପର୍ଶ ରୂପ ରସ,
ଗନ୍ଧରେ ଗଠିତ, ଏହା ଜାଣିବେ ଅବଶ୍ୟ ॥
ଏ ସବୁ ଇନ୍ଦ୍ରିୟ ସତ୍ତା, ମନର ଅଧୀନ
ମନର ସଂକଳ୍ପ ନୁହେଁ ମନ ଠାରୁ ଭିନ୍ନ ॥

ଭାଗବତ ମତେ 'ମନ ମୂଳେ ଏ ଜଗତ'
ହୁଅନ୍ତି ପ୍ରାଣୀଏ କେତେ ମତେ ଆତଯାତ ॥
ନାମ-ରୂପାତ୍ମକ ସ୍ଥୂଳ ସୂକ୍ଷ୍ମ ଏ ଜଗତ
'ମନର ସଂକଳ୍ପ', 'ଜ୍ଞାନମାତ୍ର' – ଏହା ସତ ।

Digitized by srujanika@gmail.com

ବିଶ୍ରାମ-ବିଚାର

ଆମ୍ଭାଙ୍କ ଦିଗରେ ଆମେ ତିନି ପାଦ ଆସି,
ବସିଯିବା ଏବେ ହୋଇ ଟିକିଏ ଉଦାସୀ ॥
ବିଶ୍ରାମ ମିଳିବ, ବସି କେବଳ ଭାବିବା,
ପଥ-ଅନୁଭୂତିମାନ ମନେ ପକାଇବା ॥

ଗୌଡ଼ପାଦାଚାର୍ଯ୍ୟଙ୍କ କାରିକା

ପାଦ ଅଭିପ୍ରାୟ ସବୁ ବୁଝିବା ନିମନ୍ତେ,
ଗୌଡ଼ପାଦାଚାର୍ଯ୍ୟଙ୍କର କାରିକା ଜଗତେ ॥
ବିଶ୍ୱ ଓ ତୈଜସ ପ୍ରାଜ୍ଞ ନୁହନ୍ତି ପୃଥକ
ତିନି ରୂପେ କୁହା ଯାଇ ଅଛି ଏକତତ୍ତ୍ୱ ॥

ଯେଉଁପରି ଜଣେ ବ୍ୟକ୍ତି ପତ୍ନୀ ପାଶେ ପତି,
ସେହି ବ୍ୟକ୍ତି ପୁତ୍ର ପାଶେ ପିତା ଯେ ଅଟନ୍ତି ॥

ଇନ୍ଦ୍ରିୟ ବୃତ୍ତିକୁ ଧରି ଯିଏ ଜାଗ୍ରତରେ,
ବାହାର ବିଷୟ ସବୁ ଅନୁଭବ କରେ,
ନିଜ ସ୍ଫୁରଣାକୁ ଯିଏ ନାନାଦି ରୂପରେ,
ଶୟନରେ ଶୋଇ ସ୍ୱପ୍ନେ ଅନୁଭବ କରେ ॥
ବୃତ୍ତି ନ ରହିବା କାଳେ ସେହି ସୁଷୁପ୍ତିରେ,
ସାକ୍ଷୀ ରୂପେ ଥାଏ ରହି ନିଜ ପ୍ରକୃତିରେ ॥

ଜାଗ୍ରତ ସୁଷୁପ୍ତି ସ୍ୱପ୍ନ-ଏ ତିନି ସ୍ଥାନର
ରହିବାବାଲାଟି ଜାଣ 'ମୁଁ'ହିଁ କେବଳ ॥
ପୃଥକ ରହିଚି ମୁଁ ଏ ତିନି ସ୍ଥାନରେ
ନିଜ ସ୍ୱରୂପରୁ କେବେ ଖସି ନାହିଁ ତଳେ ॥

Digitized by srujanika@gmail.com

ମୁଁ ଆତ୍ମା, ଏକ, ଶୁଦ୍ଧ, ଅସଙ୍ଗ ଅଟଇ
ଦୃଶ୍ୟ ଓ ଅଦୃଶ୍ୟ ପ୍ରତ୍ୟେକରେ ବିହରଇ ॥

ତମେ ନିଜକୁ ଦେହ ବୋଲି ଭାବିଛ ?

ସଂସାରେ ମଣିଷ ରହେ ଆବଦ୍ଧ ଦେହରେ,
ନିଜକୁ ସେ 'ଦେହ' ଭାବି କେତେ ଗର୍ବ କରେ ॥
ପୁଣି ନିଜ ଦେହ ସାଥେ ଯେଉଁମାନଙ୍କର
ଥାଆଇ ସମ୍ବନ୍ଧ ତାଙ୍କୁ ଭାବଇ ନିଜର ॥
ପରିଣାମେ କେବଳ ତ ହୁଅଇ ଏତିକି
ଦେହ, ଦେହ-ସମ୍ବନ୍ଧୀଙ୍କ ସଙ୍ଗେ ହୁଏ ପ୍ରୀତି ॥
ଅନୁକୂଳତାରେ ରାଗ, ଦ୍ୱେଷ ପ୍ରତିକୂଳେ,
ଉତ୍ପନ୍ନ ହୁଅଇ ଯାହା ପ୍ରତ୍ୟେକଙ୍କ ତୁଲେ ॥
ତହୁଁ ତିରସ୍କାର ସ୍ପର୍ଦ୍ଧା, କ୍ରୋଧ ହିଂସା ଆଦି
ଉତ୍ପନ୍ନ ହୁଅଇ ଯେହ୍ନେ ବାଦୀ ପ୍ରତିବାଦୀ ॥

ତୁମେ ଦେହ ବୋଲି ଯେତେ ଭାବିବ ମନରେ,
ସେତେ ରାଗ ଦ୍ୱେଷ ହେବ ତୁମ ଜୀବନରେ ॥

ଏକ ପ୍ରଶ୍ନ

ଜାଣିବା ଇଚ୍ଛାରେ ଥରେ କେହି ଶିଷ୍ୟ ଜଣେ,
ଗୁରୁଜୀଙ୍କୁ ପଚାରିଲା ବିନୟ ବଚନେ—
''ଗୁରୁଜୀ, କେ' ଦେହ ନୁହଁ ବୋଲି ତମେ କହ ॥
ଦେହ ମନ ପାଡ଼ାରେ ତ ସମସ୍ତେ ଅଥୟ ॥''

ଉତ୍ତରେ କହିଲେ ଗୁରୁ ''ଶୁଣ ବାବୁ ଏବେ,
ନର୍ଦ୍ଦମା ନାଳରେ ବସି ଥାଏ କିଏ ଯେବେ,
ଆଉ କିଏ, ଉପରେ ତା ବିଷ୍ଠା ପକାଇଲା,
କହ ତ ଏଥିରେ ଭଲା କା' ଦୋଷ ହୋଇଲା ?

Digitized by srujanika@gmail.com

ଯେପରି ଜାଗାରେ ଯିଏ ବସିବ ଯେପରି,
ବ୍ୟବହାର ଅନୁରୂପ ପାଇବ ସେପରି ॥

ମଳ ମୂତ୍ର ହାଡ଼ ଚର୍ମ କଫ ପୀତ ରକ୍ତ—
ମାଂସର ଦୁର୍ଗନ୍ଧ ଦେହେ କେ' ହୋଇ ଆସକ୍ତ,
'ଅହଂ' ଭାବ କରି ଯଦି ବସି ରହିଥିବ,
ତେବେ ଦୁଃଖ ପୀଡ଼ା ସେ ତ ଅବଶ୍ୟ ପାଇବ ॥''

ପାଦତ୍ରୟର ବିଚାର

ଜାଗ୍ରତ ସୁଷୁପ୍ତି ସ୍ୱପ୍ନ – ଏଇ ଅବସ୍ଥାର,
ବିଚାର କରିଲେ ପରା ହୁଏ ଏଇ ସାର,
ତୁମେ ଦେହ ନୁହଁ, ଦେହୁଁ ଭିନ୍ନ କିଛି ଆନ,
ତୁମେ ବିଶ୍ୱ, ବୈଶ୍ୱାନର ପୁରୁଷ ମହାନ ॥

ଏ ବିଶ୍ୱ ସ୍ୱରୂପ ତୁମ – ଏ ପ୍ରଥମ ପାଦ,
ଏଠିଁ ନାହିଁ ଅଭିମାନ ଦୁଃଖ ଅବସାଦ ॥
ଦେହ ନେଇ ହୁଏ ଯେତେ ମାନ ଅଭିମାନ,
ବିଶ୍ୱ-ସ୍ୱରୂପରେ ସବୁ ହୁଏ ଅବସାନ ॥

ଦେହକୁ ଛାଡ଼ିଲେ ମଧ ନାନା ମନୋବୃତ୍ତି,
ଦେଇଥାଏ ନାନା ଚିନ୍ତା ଦୁଃଖ ଅନୁଭୂତି ॥
ତୁମେ ନୁହଁ ଏକ ଦେହ-ପରିଚ୍ଛିନ୍ନ ମନ,
ବିଶ୍ୱର ସ୍ଫୁରଣ ସବୁ ତୁମର ସ୍ଫୁରଣ ॥

ସଭିଙ୍କ ସଂକଳ୍ପ, ମତ, ସଭିଙ୍କ ବିଚାର
ତୁମରି ସେ ମତ ବୋଲି ଚିତ୍ତେ କର ସାର ॥
ଏଥିଁ ମତଭେଦ-ଗତ ଦୁଃଖ ଯେତେ ଯାଏ;
ତୈଜସ-ବିଭୁଙ୍କ ଏହି ବୈଶିଷ୍ଟ୍ୟ ବୋଲାଏ ॥

Digitized by srujanika@gmail.com

ତୃତୀୟ ପାଦର ପ୍ରାଜ୍ଞ ବିଭୁ ବି ହୁଅନ୍ତି
ଏ ସମଷ୍ଟି-ସୁଖ ଆଉ ବିଶ୍ରାମ ଅଟନ୍ତି ॥
ଏ ସମାଧି, ଇୟେ ତୁମେ ସ୍ୱରୂପ ଜାଣିବ
ଏଥିଁ ଅନ୍ତଃକରଣର ବ୍ୟଥା ନ ରହିବ ॥
ଯେଉଁ ଭାବେ ରହୁ ପଛେ ଏ ଅନ୍ତଃକରଣ
ତହିଁ ତିଳେ ବିଚଳିତ ହୁଏ ନାହିଁ ମନ ॥

ଜାଗ୍ରତରେ ଆତ୍ମା

ଏ ଆତ୍ମାକୁ ଦେଖାଯାଉ ଏବେ ଜାଗ୍ରତରେ
ଯେ ଦେଖେ, ଯେ ଶୁଣେ କହେ, ସେ ଆତ୍ମା ସତରେ ॥
ଏ ଆତ୍ମା ରହନ୍ତି ମଧ ସ୍ୱପ୍ନ ସୁଷୁପ୍ତିରେ,
ସେ ସତତ ଥା'ନ୍ତି ଏଇ ଅବସ୍ଥା ତ୍ରୟୀରେ ॥

ଜାଗ୍ରତ ସୁଷୁପ୍ତି ସ୍ୱପ୍ନ ତିନି ଅବସ୍ଥାରେ,
ଆତ୍ମା ବା ତୁମର 'ମୁଁ'ଥାନ୍ତି ସବୁଠାରେ ॥
ନ ଥାନ୍ତି ତୁମଠିଁ ଏକ ସଙ୍ଗେ ଅବସ୍ଥାଏ,
ଗୋଟାଏ ଗୋଟାକ ପରେ ଅବସ୍ଥା ପଳାଏ ॥
ତେଣୁ ତିନି ଅବସ୍ଥାରେ ଯେ ରହିଥାଆନ୍ତି,
ସେହି 'ମୁଁ' ତୁମ ଆତ୍ମା, ତୁରୀୟ ବୋଲାନ୍ତି ॥

ସତ୍ତ୍ୱ ରଜ ତମ ପରି ପ୍ରତି ତ୍ରିପୁଟୀରେ
ଏ ଆତ୍ମା ରହନ୍ତି ଅତି ବିଚିତ୍ର ରୀତିରେ ॥
ଥାଆନ୍ତି ନ ଥାନ୍ତି ପୁଣି, ଏ କିଛି ନୁହନ୍ତି,
ଶ୍ରୁତି ତାଙ୍କ ପାଇଁ ଏକ ଦୃଷ୍ଟାନ୍ତ ଦିଅନ୍ତି ॥

ନଦୀର ଏକ ବଡ଼ ମାଛ

ଏକ ବଡ଼ ନଦୀରେ ତ ବଡ଼ମାଛ ଏକ,
କୂଳେ ଥାଇ ତାର ଗତିବିଧିକୁ ନିରେଖ ॥

Digitized by srujanika@gmail.com

କେବେ ଥାଏ ମଝି ସ୍ରୋତେ କେବେ କୂଳେ ଏକ,
ଆଉ କେବେ ଅନ୍ୟ କୂଳେ ରହୁଥାଏ ଦେଖ ॥

ଜଳ ଭିନ୍ନ, ସ୍ରୋତ ଭିନ୍ନ, ମାଛ ଭିନ୍ନ ଥାଏ,
ତିନିଠି ରହିଲେ ସେ କି ତିନି ହୋଇଯାଏ ?
ପାଣିରୁ ଅଲଗା ମାଛ ସେ ପାଣି ନୁହଁଇ,
ତେଣୁ କୂଳ ସ୍ରୋତଠୁଁ ସେ ଅସଙ୍ଗ ରହଇ ॥

ଏକହିଁ ଚେତନ ତେହ୍ନେ ତିନି ଅବସ୍ଥାରେ
ରହେ ଭିନ୍ନ, ଯେଣୁ ରହେ ଅସଙ୍ଗ ପ୍ରକାରେ ॥

ଜାଗ୍ରତେ ସ୍ମରଣ ହୁଏ ସୁଷୁପ୍ତି ସ୍ୱପନ,
'ମୁଁ' ସ୍ୱପ୍ନ ସୁଷୁପ୍ତି ତେଣୁ ନୁହେଁ କଦାଚନ ॥
ଜାଗ୍ରତ ଛାଡ଼ି ମୁଁ ସ୍ୱପ୍ନ ସୁଷୁପ୍ତିକୁ ଯାଏ,
ତେଣୁ ତାହା ସଙ୍ଗେ ମୋର ଅସଙ୍ଗତା ଥାଏ ॥
ତିନି ଅବସ୍ଥାର ସ୍ମୃତି ହୁଏ ମୋର ଯେଣୁ
ଏ ତିନି ଅବସ୍ଥା ସାଥେ ଏକ ମୁହିଁ ତେଣୁ ॥
ଏପରି ବିଚାରେ ଆତ୍ମାଙ୍କର ଅସଙ୍ଗତା,
ପ୍ରମାଣିତ ହୋଇଥାଏ ଜାଣ ଏହି କଥା ॥

ପରମ ସମ୍ପତ୍ତି

ପରମ ସମ୍ପତ୍ତି ଜାଣ ଅଟେ ଏହି ଜ୍ଞାନ,
ଏହାଠୁଁ ଅଧିକ କିଛି ନାହିଁତ ମହାନ ॥
ସୁଖର ସାଧନ ଯାହା ତା' ଅଟେ ସମ୍ପତ୍ତି
ମକାନ ମଟର ମଣି ତୁଚ୍ଛ ଅଟେ ଅତି ॥
ମଣିଷ ନୁହଁଇ ସୁଖୀ ଏହି ସବୁ ଥାଇ,
ଏ ସବୁ ନ ଥାଇ ମଧ୍ୟ ଦୁଃଖ ତାର ନାହିଁ ॥
ଏହି ସବୁ ସମ୍ପତ୍ତିରେ ସୁଖ ଭରପୂର—
ଏପରି ଭାବିବା ଆହା କେତେ ବଡ଼ ଭୁଲ ॥

Digitized by srujanika@gmail.com

ସୁଖର ସମ୍ବନ୍ଧ ତେବେ କେଉଁ ସମ୍ପତ୍ତିରେ ?
'ଅସଙ୍ଗତା' 'ଏକତା' ଓ 'ସମତା' ସାଥିରେ ॥
ତତ୍ତ୍ୱରେ ଏକତା, ଚିତ୍ତ ଭୂମିରେ ସମତା
ଯେତେ ଯେଉଁ ବ୍ୟବହାରେ ଥିବା ଅସଙ୍ଗତା ॥
ଯେତେ ଯହିଁ ବ୍ୟବହାର କରୁ ଏ ମଣିଷ,
ନ ଉଠୁ କେଉଁଥିରେ ଆସକ୍ତିର ବିଷ ॥
ବ୍ୟବହାରେ ଯେ ବିଷୟ କରୁ ଆଚରଣ
ଚିତ୍ତରେ ସମତା ରହୁଥିବା ପ୍ରୟୋଜନ ॥
ଆତ୍ମ-ପର, ସୁଖ-ଦୁଃଖ, ମାନ-ଅପମାନ
ବିଚାରେ ଜାଣିବ ସବୁ ଅଟଇ ସମାନ ॥
ଯଦି ଭେଦ ଦେଖ, ଭାବ ଏ ସବୁ ପ୍ରତୀତି,
ଏପରି ଭାବିଲେ ଦୁଃଖ ରହିବ କେମିତି ?

ଗଙ୍ଗାର ପ୍ରବାହ ଆଉ ବାୟୁର ଚଳନ
ଯେପରି ପୃଥିବୀ କାଟେ ଅସଙ୍ଗ ଜୀବନ ॥
ଜନ୍ମନ୍ତି ମରନ୍ତି କେତେ ଲୋକ ପୃଥିବୀରେ;
ମିଶଇ ଦୁର୍ଗନ୍ଧ ବାସ ଏ ବାୟୁ ସାଥିରେ;
କେତେ ଫୁଲ, ଶବ ଗଙ୍ଗା ଜଳେ ନ ଭାସନ୍ତି
କିନ୍ତୁ ପୃଥ୍ୱୀ, ବାୟୁ, ଗଙ୍ଗା ଅସଙ୍ଗ ରହନ୍ତି ॥

ରାଗ-ଦ୍ୱେଷ ସ୍ଥାୟୀ ନୁହେଁ, ସମୟେ ବଦଳେ,
ସୁଷୁପ୍ତିରେ ରାଗ-ଦ୍ୱେଷ ଛିଟିକା ନ ପଡ଼େ ॥
ପ୍ରବାହୀ ଭାବକୁ ମାତ୍ର ନିଜର ଉପରେ,
ଆରୋପିତ କରି ଆମେ ସୁଖ-ଦୁଃଖ କରେ ॥
ଯଦି କେତେବେଳେ ଦୁଃଖ ଆସେ ଜୀବନରେ
ଭାବ, ଏ ରହିବ ନାହିଁ କିଛି କାଳ ପରେ ॥
ଦି'ଘଣ୍ଟା ପରେ ବି ଏହା ପଡ଼ିବ ମଉଳି
ଦୁଃଖହିଁ ହାଲକା ଅତି, କାହିଁ ଯିବ ଉଡ଼ି ॥

Digitized by srujanika@gmail.com

ସୁଖର ବିକାଶ ତହୁଁ ହେବ ଏହା ପରେ
ଏହି ତ ନିୟମ ଅଟେ ପ୍ରତି ଜୀବନରେ ।।

ବାହାରରୁ ଆସେ ଦୁଃଖ, କ୍ଷୀଣ ହୋଇଯାଏ,
ଅମୃତ ସ୍ୱରୂପ ତୁମେ ଆନନ୍ଦ ପରାୟେ ।।

ବ୍ୟବହାରେ ଅସଙ୍ଗତା ସୁଖର ସାଧନ
ଏହାକୁ ଜାଣନ୍ତି ମାତ୍ର ଆତ୍ମ-ଜ୍ଞାନୀ ଜନ ।।

ପ୍ରତି ପ୍ରାଣୀ ହୃଦେ ଗୋଟିଏ ଦେବତା

ଏବେ ଜାଗ୍ରତକୁ ଘେନି ବିଚାରିବା କଥା,
ଏଥି ଅଛି ବିଶ୍ୱ ଆଦି ତିନୋଟି ଅବସ୍ଥା ।।
'ମୁଁ' ଅଟେ ତୁରୀୟ ତତ୍ତ୍ୱ ଏଥିରୁ ପୃଥକ,
ଅନିତ୍ୟରେ ନିତ୍ୟ ମୁହିଁ ସର୍ବ ପ୍ରକାଶକ ।।

କଫଂ ସ୍ନାୟୁ ରକ୍ତ ହାଡ଼ ମାଉଁସ ଚମଡ଼ା
ସବୁ ସମାହାରେ ଏହି ଦେହ ଗୋଟି ଗଢ଼ା ।।
ଯେପରି ଇଞ୍ଜିନ, ଚକ, କଳ-କବ୍ଜା ଥାଇ
ଏ ବୋହିବା ଯାନ ଗୋଟି ମୋଟର ବୋଲାଇ ।।

ସାଢ଼େ ତିନି ହାତର ଏ ବିମାନ ଉପରେ,
ବସି ରହିଛନ୍ତି ପରମାତ୍ମା ଆନନ୍ଦରେ ।।
ତେଣୁ ଖୋଜିବାକୁ ହେବ ତାଙ୍କୁ ଏହିଠାରେ,
ନୁହଇ ମନ୍ଦିର ଗିର୍ଜା ଅବା ଗୁରୁଦ୍ୱାରେ ।।

ଡାହାଣ ନେତ୍ରକୁ ଯାଇ ଆମେ ଜାଗ୍ରତରେ,
ସୃଷ୍ଟି ଅନୁଭବ କରୁଁ ଏ ବିଶ୍ୱ ରୂପରେ ।।
ଯେତେକ ସଂସ୍କାର ପଡ଼େ କେବଳ ଦର୍ଶନେ
ସେତେଟା ପଡ଼ଇ ନାହିଁ ନାସାରେ ବା କର୍ଣ୍ଣେ ।।

Digitized by srujanika@gmail.com

ଇନ୍ଦ୍ରିୟେ ପ୍ରଧାନ ତେଣୁ ଏଥିଁ ଏ ନୟନ
ଧରାଯାଏ ଇନ୍ଦ୍ରିୟଙ୍କ ଏ ଉପଲକ୍ଷଣ ॥

ସୂର୍ଯ୍ୟ ଚନ୍ଦ୍ର ଆଦି ଆଧିଦୈବଙ୍କ ପ୍ରକାଶେ,
ଏ ସକଳ ସୃଷ୍ଟି ଯେବେ ଦୃଷ୍ଟି ପଥେ ଆସେ,
ସେତେବେଳେ 'ବିଶ୍ୱ' ନାମ ହୁଅଇ ଆମର,
ଯେ' ପ୍ରଥମ ପାଦ ଏହି ଆତ୍ମଦେବଙ୍କର ॥

ବାହାର ପ୍ରକାଶ ବିନା ଯେତେବେଳେ ଆମେ,
ଭିତରେ ବିଷୟ ଦେଖୁଁ ସେ 'ତୈଜସ' ନାମେ ॥
ଏ ମନର କଳ୍ପନାରେ କାଶୀ ବୃନ୍ଦାବନ
ବାହାର ପ୍ରକାଶେ କଣ କରୁ ଦରଶନ ?

ସବୁ ଦୃଶ୍ୟ ଆମେ ସ୍ୱୟଂ କରୁ ପରକାଶ,
କିଛି ବାହ୍ୟ ପ୍ରକାଶର ନ ଥାଏ ଆଭାସ ॥

ଯେବେଟି ବାହାର ଆଉ ଭିତର ପ୍ରକାଶ,
ବିନା କିଛି ଦୃଶ୍ୟ ଆମ ନୁହେଁ ପରକାଶ,
ସେତେବେଳେ ଆମ ନାମ 'ପ୍ରାଜ୍ଞ' ହୋଇଯାଏ,
ଆତ୍ମାଙ୍କ ତୃତୀୟ ପାଦ ଏହି ତ ବୋଲାଏ ॥

ନେତ୍ରେ ବସି ଦ୍ରଷ୍ଟା ଯିଏ ସର୍ବ ପ୍ରକାଶକ,
ସେ ତ ସଦାବେଳେ ଏକ, ନୁହନ୍ତି ପୃଥକ ॥
ଚୈତନ୍ୟ ସ୍ୱରୂପେ ଯେଣୁ ନ ଥାଏ ଭିନ୍ନତା,
ପ୍ରତି ପ୍ରାଣୀ ହୃଦେ ତେଣୁ ଗୋଟିଏ ଦେବତା ॥

ପ୍ରାଣୀ ଭିନ୍ନ, କିନ୍ତୁ ତହିଁ ପ୍ରକାଶାତ୍ମା ଏକ,
ଚେତନାରେ ଆମେ କେହି ନୁହଁଉ ଅନେକ ॥

Digitized by srujanika@gmail.com

ବିଶ୍ୱ ବି ତୈଜସ ଓ ପ୍ରାଜ୍ଞ

ନୟନେ ଦେଖଇ ବାହ୍ୟ ରୂପକୁ ଏ ବିଶ୍ୱ
ଭିତରେ ମନରେ ଦେଖେ ସବୁକୁ ତୈଜସ ॥
ସେ ପାଇଁ ତୈଜସ ମଧ୍ୟ ଏ ବିଶ୍ୱ ଅଟଇ
ସ୍ୱପ୍ନ ସାଥେ ତେଣୁ ବିଶ୍ୱ ସମାନ ହୁଅଇ ॥

ଯେହ୍ନେ ବାହ୍ୟ ରୂପ ଦେଖେ ଦକ୍ଷିଣ ନୟନ
ନେତ୍ରକୁ ବୁଜିଲେ ସବୁ ହୁଅଇ ସ୍ଫୁରଣ ॥
ଦୃଶ୍ୟ ବା ଅବସ୍ଥା ଭେଦେ ଦ୍ରଷ୍ଟା ଭେଦ ନାହିଁ,
ଇନ୍ଦ୍ରିୟେ କେବଳ ଭିନ୍ନ ଅନୁଭବ ପାଇଁ ॥

ବିଷୟ ତ ଆଜି ଅଛି କାଲିକି ନ ଥାଏ
ମୁଁ ଅନୁଭବୀ ମାତ୍ର ବଦଳି ନ ଯାଏ ॥
ମୁଁର ଯେ ହେତୁ କାଳକୃତ ଭେଦ ନାହିଁ,
ମୁଁ ନିତ୍ୟ ସନାତନ ବୋଲାଏ ସେ ପାଇଁ ॥

କର୍ତ୍ତା ଭୋକ୍ତା ପଣିଆର ମହତ୍ତ୍ୱ ବଢ଼ାଇ,
ଏଥିରେ କେବଳ ଆମେ ବାନ୍ଧି ହୋଇଥାଇ ॥
ନ ବୁଝି ତା ନଶ୍ୱରତା, ତାକୁ ଛାଡୁ ନାହିଁ
ବରଂ ସେହି ସବୁ ଘେନି କରୁଛୁ ବଢ଼ାଇ ॥
ତେଣୁ ଭୁଲି ନିତ୍ୟ ଶୁଦ୍ଧ ସ୍ୱରୂପ ଆମର
ବୃଥା ଅଭିମାନ କରି ହେଉଛୁ ପାଗଳ ॥
ଯେତେ ଦେଲେ ମଧ୍ୟ ଆମେ ସାଧନାରେ ମନ,
ତୁଟାଇ ପାରୁନୁ ତଳେ ଶରୀର ବନ୍ଧନ ॥

ଯେସନେ ସଜାଏ ଧନୀ ଦେହକୁ ଭୂଷଣେ,
ଏ ଅନ୍ତଃକରଣ ଆମ ସଜାଉ ତେସନେ ॥
ନ ହୋଇଲେ ସ୍ଥୂଳ ସୂକ୍ଷ୍ମ ଦେହେ ବଇରାଗ
ଦେହ-ଅଭିମାନ କେହ୍ନେ ହୋଇ ପାରେ ତ୍ୟାଗ ?

Digitized by srujanika@gmail.com

ସମସ୍ତ ବେପାର ବନ୍ଦ ହେଲେ ସୁଷୁପ୍ତିରେ,
ଘନ ପ୍ରଜ୍ଞ ଅବା ପ୍ରାଜ୍ଞ ରହଇ ଏଥିରେ ॥
ଇନ୍ଦ୍ରିୟର କର୍ମ ଯେତେ ନ ହେଲେ ଜାଗ୍ରତେ
ଚିନ୍ତନ ନ ହେଲେ କିଛି ଆମ ଚିତ୍ତ-ପଟେ,
ଏଠାରେ ବେପାର କିଛି ନ ରହିବ ଆନ,
ତେବେ ଏ ଜାଗ୍ରତ ହେବ ସୁଷୁପ୍ତି ସମାନ ॥

ତେଣୁ ପ୍ରାଜ୍ଞ ଠାରୁ ବିଶ୍ୱ ଅଭିନ୍ନ ଅଟଇ,
ଏଠାରେ ବିଶ୍ୱର ନାମ ପ୍ରାଜ୍ଞ ଯେ ହୁଅଇ ॥

ପ୍ରପଞ୍ଚ ପ୍ରତୀତି ହୁଏ କେମିତି ?

ମନ ଚଞ୍ଚଳତା ନେଇ ଅଖଣ୍ଡିତ ସତ୍ତା,
ଭିନ୍ନ ରୂପ ଧରି ଦେଖା ଦିଅଇ ସର୍ବଦା ॥
ଏ ଭେଦ ଦୃଷ୍ଟିରୁ ରାଗ ପ୍ରେମ ପ୍ରକଟଇ
ଜୀବନରେ ବହୁ ଦୁଃଖ ସୁଖ ଉପୁଜଇ ॥

ତେଣୁ ବୁଦ୍ଧି ସାଥେ ହୁଏ ଭେଦର ଉଦୟ,
ବୁଦ୍ଧି ଶାନ୍ତ ହେଲେ ଭେଦ ରହେନା ନିଶ୍ଚୟ ॥
ଇଏତ ଆମର ପ୍ରତିଦିନ ଅନୁଭୂତି
ଏଥିରୁ ଉଦୟ ହୁଏ ଆମ 'ଅହଂ ବୃତ୍ତି' ॥
ଏ ଅହଂବୃତ୍ତିରୁ ହୁଏ ପ୍ରପଞ୍ଚ ପ୍ରତୀତି
ପ୍ରପଞ୍ଚରେ ପରମାତ୍ମା ମିଳିବେ କେମିତି ?

ଜୀବ ବନ୍ଧା ପଡ଼ିଛି

ଜଗତ-ଉପାଧି ସବୁ କରି ସୀଉକାର,
ଲୀନ କରି ନିଜ ଠେଇଁ ହେଲେ ନିରାକାର
ଯେ ଈଶ୍ୱର, ପ୍ରାଣ ବୋଲି ସେ ଜଣା ସଂସାରେ,
ଜୀବ ବନ୍ଧା ପଡ଼ିଛି ଏ ଈଶ୍ୱରଙ୍କ ଠାରେ ॥

Digitized by srujanika@gmail.com

ତେହ୍ନେ ଅନ୍ତଃକରଣର ଉପାଧି ସକଳ
ସ୍ୱୀକାର କରିବାବାଲା ଏ ଜୀବ କେବଳ ॥

ସୂତା ଖିଏ ବାନ୍ଧି ଏକ ପକ୍ଷୀକୁ ଯେସନେ,
ଖିଅ ଆର ପାଖ ବନ୍ଧାଯାଏ ସଯତନେ
ଏକ ବୃକ୍ଷ ଡାଳେ; ତେବେ ପକ୍ଷୀଟି କେବଳ
ଉଡ଼ିବ ଏଠିକି ସେଠି କରି ଫଡ଼ ଫଡ଼ ॥
ଉଡୁଥିବା ଯାଏଁ ସିଏ ଶାନ୍ତି ନ ପାଇବ,
ଶାନ୍ତ ହେବ ଯେବେ ବନ୍ଧା ଡାଳରେ ବସିବ ॥

ସେପରି ଏ ଜୀବ ବନ୍ଧା ଈଶ୍ୱରଙ୍କ ଠାରେ,
ତାଙ୍କୁ ଭୁଲି ବୁଲୁଥିଲେ କେବଳ ବାହାରେ
କାମନାର ପିଛା ଧରି, ତେବେ ଏହି ଜୀବ
ନିରତେ ଅଶାନ୍ତି ଦୁଃଖ ଯାତନା ଭୋଗିବ ॥

ସୁଖ ପାଇଁ ସଂସାରର ବିଷୟ ଭୋଗରେ
ବୁଡ଼ିଥିବା ଲୋକ ବୁଡ଼ି ମରନ୍ତି ଶେଷରେ ॥

ଦେହେ ବିଶ୍ୱ ତୈଜସ ଓ ପ୍ରାଜ୍ଞ – ଏ ରୂପରେ
ଏକ ତତ୍ତ୍ୱ ସ୍ଥିତ ବୋଲି ଜାଣିଲେ ଅନ୍ତରେ,
ଜନ୍ମିବ ପ୍ରକୃତ ସୁଖ ଅମୂଲ୍ୟ ରତନ,
ଆମେ କି କରିବା ନାହିଁ ତା' ପାଇଁ ଯତନ ?

ଆନନ୍ଦ ସ୍ୱରୂପ ସେହି

ନିର୍ବିଶେଷ କାରଣରୁ ଆତ୍ମା କଦାଚନ,
ପ୍ରାପ୍ତବ୍ୟ ହୁଅନ୍ତି ନାହିଁ ଯେତେ କଲେ ମନ ॥

ସଦ୍ ଚିଦ୍ ଆନନ୍ଦ ରୂପେ ଶୁଦ୍ଧାନ୍ତକରଣେ
ଉପଲବ୍ଧ ହୋଇଥାନ୍ତି ମାତ୍ର ହୃଦାସନେ ॥

Digitized by srujanika@gmail.com

ତୁରୀୟ ବସ୍ତୁ ଏ ଆତ୍ମା ପ୍ରାଜ୍ଞ ନାମ ଧରି
ସୁଷୁପ୍ତିକୁ କରିଥାନ୍ତି ଭୋଗ ପ୍ରାଣ ଭରି ।।
ସ୍ୱପ୍ନ ଭୋଗ କରନ୍ତି ସେ ତୈଜସ ରୂପରେ
ସେପରି ବିଶ୍ୱକୁ ପରା ଏଇ ଜାଗ୍ରତରେ ।।

ଭୋଗ କରି ମଧ୍ୟ କେବେ ଲିପ୍ତ ନ ହୁଅନ୍ତି,
ଆନନ୍ଦ-ସ୍ୱରୂପ ସେହି ପ୍ରକୃତ ଅଟନ୍ତି ।।

ଏ ସଂସାର-ମାୟାଜାଲ

ସଂସାରରେ ଏତେ ଭେଦ କାହିଁକି ଦିଶଇ ?
ଇନ୍ଦ୍ରିୟର ଉପାଧିରେ ଯେଣୁ ନିରେଖଇଁ ।।
ଏ ଉପାଧି ମାୟା ଯେଣୁ, ମାୟା କାର୍ଯ୍ୟ ମାୟା,
ମାୟାର କାରଣ ଅଟେ ମୂଳ ଭୂତ ମାୟା ।।

ମାୟା ଶବ୍ଦ ଅର୍ଥ ଯାଦୁ, ଯାହା ମାୟା-ଜାଲ,
ମାୟାବୀ ଓ ଯାଦୁଗର, ଯାଦୁ ଖେଳ ତାର ।।
ଏକ ରଜ୍ଜୁ ଆକାଶକୁ ଟେକି ଯାଦୁଗର
ଖଣ୍ଡା ହାତେ ସେ ରଜ୍ଜୁରେ ଉଠିଲା ଉପର ।।
ଆକାଶେ ଅଦୃଶ୍ୟ ହେଲା କ୍ଷଣକ ଭିତରେ,
କାହିଁ ଯୁଦ୍ଧ ହେଲା ଶଙ୍କା ଦର୍ଶକ ମନରେ ।।
ଯାଦୁଗର କଟା ଅଙ୍ଗ ସବୁ କିଛି ପରେ,
ଖଣ୍ଡା ସହ ରକ୍ତଧାର ଲୋଟିଲା ଭୂତଳେ ।।

ପିଲାଏ କାନ୍ଦିଲେ ଦେଖି ଯାଦୁଗର ଦଶା,
ବିଚରାଟି ଗଲା ମରି କେମିତି ସହସା !!

କିଛି କାଳ ପରେ ତାକୁ ତଳେ ଠିଆ ଦେଖି
ଦର୍ଶକେ ଚକିତ ହେଲେ ଏ ଯାଦୁ ନିରେଖି ।।

Digitized by srujanika@gmail.com

ପିଲାଏ କାନ୍ଦିଲେ ସିନା, ଯେ ବୁଝିବା ଜନ,
ଜାଣିଲେ ଏ ମାୟାବୀର ଅଦ୍ଭୁତ ରଚନ ॥
କିଛି ସତ ନୁହେଁ, ସତ ଅଟଇ କେବଳ,
ପେଣ୍ଡାଲ ଉପରେ ଠିଆ ଯେଉଁ ଯାଦୁଗର ॥

ସେପରି ଜାଗ୍ରତ ସ୍ୱପ୍ନ ସୁଷୁପ୍ତି ଏ ତ୍ରୟୀ,
ଜୀବ ଚିଦାକାଶେ ରଜ୍ଜୁ ସମାନ ଅଟଇ ॥
ଅବସ୍ଥାର ଅଭିମାନୀ ବିଶ୍ୱ ଓ‐ତୈଜସ,
ପୁଣି ପ୍ରାଜ୍ଞ, ରଜ୍ଜୁ ଚଢ଼ା ମାୟାବୀ ଅବଶ୍ୟ ॥
ଜାଗ୍ରତେ ସ୍ୱପନେ ପୁଣି ସ୍ୱପ୍ନ ସୁଷୁପ୍ତିରେ,
ଲୀନ ହେବା ପୁଣି ତହୁଁ ଫେରିବା ରୀତିରେ,
କହିବା ତ କଟାକଟି ହେଲା ଯା'ସମରେ
ସବୁ ମାୟା, ସତ ନୁହଁ କିଛି ଏ ଖେଳରେ ॥
ଏକମାତ୍ର ସତ୍ୟ ସିନା ଅଟେ ଯାଦୁଗର,
ମାୟା ରୂପେ ଦେଖାଉଛି ନିଜକୁ କେବଳ ॥

ଖେଳରେ ଯେପରି କିଛି ବସ୍ତୁ ଦେଖାଯାଏ,
ପୁଣି ନଷ୍ଟ ହୁଏ ପାଣି ଫୋଟକା ପରାୟେ,
ସେପରି ସ୍ୱପ୍ନରେ ଆସି କେତେ ଦୃଶ୍ୟରାଜି,
କ୍ଷଣକ ମଧ୍ୟରେ ସବୁ କାହିଁ ଯାଏ ଭାଜି;
ଆଉ ନ ଲେଉଟେ କିଛି ତେସନେ ସଂସାର
ସବୁ କଥା ନିମିଷକେ ହୁଏ ନାରଖାର ॥
କିଛି ନ ଲେଉଟେ ଧନ ସମ୍ପତ୍ତି ସ୍ୱଜନ,
ସବୁ ନଷ୍ଟ ହୋଇଯାଏ ଯେସନେ ସ୍ୱପନ ॥

ଏ ଖେଳ ଦରବେ କରି ମମତା ଆଦର
ସୁଖୀ ଦୁଃଖୀ ହୁଏ ସିନା ଏ ସଂସାରୀ ନର ॥

Digitized by srujanika@gmail.com

ସତରେ ଏ ମଣିଷର କିଛି ଦୁଃଖ ନାହିଁ,
ଦୁଃଖ ତାର ମାୟା ଦ୍ରବ୍ୟେ ରାଗ-ଦ୍ୱେଷ ପାଇଁ ॥
ଅଳୀକ ଦରବେ କରି ଅହଂତା ମମତା
ଅବିଚାରେ ଅରଜଇ ସିନା ଦୁଃଖ ବ୍ୟଥା ॥

ହଁ, ତମକୁ ଦେଖିନେଲି

ଶ୍ରୁତି କହେ– ମିତ୍ର ଦୁହେଁ ଜୀବ ଓ ଈଶ୍ୱର,
ଜଗତରେ କରନ୍ତି ଏ ଖେଳ ପରସ୍ପର ॥
ଜୀବଟି ଅଜ୍ଞ ବୋଲି ସଂସାରକୁ ଆସି
ସଂସାର ଦରବେ ଭୁଲି ଭୋଗେ ଗଲା ଭାସି ॥
ତା'ପରେ ସେ ତା'ର ସେହି ମିତ୍ରକୁ ଖୋଜଇ
ଆଉ ଏ ସଂସାର ରୂପ ରସେ ନ ମଜଇ ॥

ବହୁ ବାଟ ଅଛି ତାଙ୍କୁ ଖୋଜିବା ନିମନ୍ତେ,
କିଏ ନାମ ନେଇ ଡାକେ,କେ କାନ୍ଦେ ନିରତେ ॥
କାନ୍ଦିବା ଲୋକକୁ ସିଏ ସାକାର ରୂପରେ
ଦେଖା ଦେଇଥିବା ଜାଣୁ ପୁରାଣ ଶାସ୍ତ୍ରରେ ॥
ଖୋଜି ଖୋଜି ଥକିଯାଇ କିଏ ସେ ନୟନ
ବନ୍ଦ କରି ସମାଧିରେ ହୁଏ ନିମଗନ ॥
ନେତି ନେତି ବୋଲି କହି କିଏ ବା ଖୋଜଇ
କେ' ଚତୁର ବ୍ୟକ୍ତି ତାର ମନରେ ଭାବଇ–

ସେ ତ ଅଦ୍ୱିତୀୟ ତାଙ୍କୁ ଛାଡ଼ି ବସ୍ତୁ ନାହିଁ,
ମୋ ପରମ ମିତ୍ର, ମୋତେ ଭୁଲାଇବା ପାଇଁ,
ଅନ୍ୟ କିଛି ରୂପ ଧରି ନାହାନ୍ତି ତ ଆଉ ?–
ତହୁଁ ସଂସାରକୁ ଦେଖି କହେ, ''ଥାଉ ଥାଉ,
ଦେଖି ନେଲି, ଦେଖି ନେଲି, କେତେ ଯେ ରୂପରେ,
ଲୀଳା କରୁଅଛ ତୁମେ ମୋହରି ଆଗରେ ॥''

Digitized by srujanika@gmail.com

ଅବସ୍ତୁର ଅର୍ଥ ସ୍ୱପ୍ନ, ମାୟା, ମାୟାଜାଲ,
ତହିଁରେ ନ ଥାଏ କେବେ କିଛି ସତ୍ୟ ସାର ॥
ସୃଷ୍ଟିର ସକଳ ବସ୍ତୁ ସାପେକ୍ଷ ପ୍ରମାଣ,
ଯେପରି ନାସିକା ଗନ୍ଧ ଉଭୟେ ତ ଜାଣ ॥

ଗନ୍ଧର କି ପ୍ରୟୋଜନ ନାସିକା ନ ଥିଲେ,
ନାସା ବା କରିବ କଣ ଗନ୍ଧ ନ ରହିଲେ ?
ଏପରି ସକଳ ଦୃଷ୍ଟି ସାପେକ୍ଷ ଅଟଇ
ସାପେକ୍ଷ ପ୍ରକାଶ କଲାବାଲା ଯିଏ ତହିଁ,
ସେହି ନିରପେକ୍ଷ ସତ୍ତା, ସର୍ବ ଅଧିଷ୍ଠାନ,
ସେ ତୁମର ଆତ୍ମା ବୋଲି ଭଲ କରି ଜାଣ ॥

ସ୍ୱଭାବ ବଶତଃ ଆତ୍ମଦେବଙ୍କ ଏ ସୃଷ୍ଟି,
ଆପ୍ତକାମ ବୋଲି ସ୍ପୃହା ନ ଥାଏ କେଉଁଠି ॥
ପ୍ରକାଶିତ କରିବା ତ ସ୍ୱଭାବ ତାଙ୍କରି
ନିଜକୁ ଦେଖନ୍ତି ତେଣୁ ବହୁରୂପ ଧରି ॥
ପୂର୍ଣ୍ଣ ଦେଖା ନ ଯିବାରୁ ଅପୂର୍ଣ୍ଣ ରୂପରେ
ଦେଖାଯାଏ ତାଙ୍କୁ ସୃଷ୍ଟି ଅଦ୍ଭୁତ ଢଙ୍ଗରେ ॥

ଯେହ୍ନେ ପୂର୍ଣ୍ଣ ନ ଦେଖି ଏ ଆକାଶର ସୀମା,
ଆମ ସମସ୍ତଙ୍କୁ ଦିଶେ କେବଳ ନୀଳିମା ॥

ଆତ୍ମାଙ୍କ ସ୍ୱଭାବ ପୁଣି ଅଟେ ମାତ୍ର 'ଜ୍ଞାନ',
ଜ୍ଞାନ ନ ହୁଅନ୍ତି 'ଜ୍ଞେୟ' କର ଅନୁମାନ ॥

ତେଣୁ ନିଜେ ଆତ୍ମଦେବ ବିବର୍ତ୍ତ ରୂପରେ
ନିଜକୁ ଦେଖନ୍ତି ଅହରହ ଚରାଚରେ ॥

Digitized by srujanika@gmail.com

କଅଣ ସେ ତୁରୀୟ ତତ୍ତ୍ୱ

ପରମାତ୍ମା ହେଉଛନ୍ତି ଜଗତ ଆଧାର,
ସେ ତ ଅନିର୍ବଚନୀୟ ନିତ୍ୟ ନିରାକାର ॥
ରଜ୍ଜୁରେ ଯେପରି ସର୍ପ ଭ୍ରମ ହୋଇ ଥାଏ,
ସେପରି ବିକଳ୍ପ କିଛି ଏ ତତ୍ତ୍ୱେ ନ ଥାଏ ॥

ଆତ୍ମା ପରିପୂର୍ଣ୍ଣ ଚିଦ୍‌ବସ୍ତୁ ଯେ ଅଟନ୍ତି
ବୁଝିବା ପାଇଁକି ତାଙ୍କୁ ବ୍ରହ୍ମ ଯେ କହନ୍ତି ॥
ତୁରୀୟ ବସ୍ତୁକୁ ଯଦି କେଉଁ ପଦ୍ଧତିରେ,
ବୁଝାଇ ହୁଅଇ ନାହିଁ ବା କେଉଁ ରୀତିରେ;
ତେବେ ଶଶ ଶୃଙ୍ଗ ପରି ସେ କି ନିରର୍ଥକ ?
ତେଣୁ ତୁରୀୟକୁ ବୁଝି ନେବା ଆବଶ୍ୟକ ॥

ଯେପରି ରଜ୍ଜୁରେ ସର୍ପ ଭ୍ରାନ୍ତି ନୟନରେ,
କ୍ଷଣେ ତୁଟେ ରଜ୍ଜୁଜ୍ଞାନ ହୋଇଗଲା ପରେ;
ନିଜକୁ ତୁରୀୟ ବୋଲି ତେହ୍ନେ ଜାଣିଗଲେ,
ସଂସାରର ଦୁଃଖ କଷ୍ଟ କ୍ଷଣେ ଅପସରେ ॥

ତୁରୀୟ କୌଣସି ଏକ ଅବସ୍ଥା ନୁହଁଇ
ଏହାପରେ ଅବସ୍ଥାର ପ୍ରତୀତି ହୁଅଇ ॥
ବ୍ୟାପକ ତୁରୀୟ ଯେହ୍ନେ ପ୍ରତି ଅବସ୍ଥାରେ,
ତେହ୍ନେ ଭିନ୍ନ, ଲିପ୍ତ ନୁହେଁ କେବେ କାହାଠାରେ ॥

ବ୍ୟକ୍ତି ବସ୍ତୁ ପରିସ୍ଥିତି ହୁଅଇ ଯେପରି,
ଆମ ରାଗ ବା ଆସକ୍ତି ହୁଏ ସେହିପରି ॥
ତହୁଁ ଜାତ ସୁଖଦୁଃଖ ଏ ସାରା ସଂସାରେ
ଏଇ ଅନୁଭୂତି ନାହିଁ କହ କାହାଠାରେ ?

Digitized by srujanika@gmail.com

ସେଥିପାଇଁ ତୁମ ରାଗ ଆସକ୍ତିକୁ ନେଇ
ଦିଅ ହୃଦ ସ୍ଥିତ ଇଷ୍ଟ ପାଖରେ ଲଗେଇ ॥
ସେ ପରମ ପ୍ରିୟ'ଛନ୍ତି ତୁମରି ହୃଦୟେ,
ଦୁଃଖ କଷ୍ଟ ତେବେ କିଆଁ ଅନ୍ତଃପୁର ଦହେ ?

ତତ୍ତ୍ୱମସି

'ସତ୍ୟଂ ଜ୍ଞାନମନନ୍ତଂ ବ୍ରହ୍ମଂ'
ଜାଣିରଖ ଏହା ଏକ ବାକ୍ୟ ଯେ ପରମ ॥

କିନ୍ତୁ 'ତତ୍ତ୍ୱମସି' ମହାବାକ୍ୟ ଯେ ବୋଲାଇ
ଖଣ୍ଡିତେ ତା 'ତତ୍ ତ୍ୱଂ ଅସି' ହୋଇଥାଇ ॥

ସତ୍ୟ ମାନେ ଯେଉଁ ସତ୍ତା ଏକ ରୂପେ ଥାଏ,
ଥିଲା ଅଛି ଥିବ ରହି ଭବିଷ୍ୟତ ଯାଏଁ ॥
ସବୁ ବଦଳିଲେ ମଧ୍ୟ ସିଏ ନ ବଦଳେ,
ଏକା ପରି ଏ ଅନନ୍ତ କାଳ ବକ୍ଷେ ଝଳେ ॥

ଜଡ଼ ନୁହେଁ, ଏଇ ସତ୍ତା ଅଟଇ ଚେତନ,
ସେଥିପାଇଁ 'ଜ୍ଞାନ' ବୋଲି ହୁଅଇ ଗଣନ ॥
ଏ ସତ୍ତା କ୍ଷଣିକ ନୁହେଁ, ନୁହଁଇ ସୀମିତ
ଦେଶ କାଳ ପରିଧିର ଅଟଇ ଅତୀତ ॥
ଅଦ୍ୱିତୀୟ ଜ୍ଞାନ ରୂପ ବ୍ରହ୍ମ ଏ କଥିତ
ହୁଅନ୍ତି ଅନନ୍ତ ନାମେ ସଦା ଅଭିହିତ ॥
ଏ ସତ୍ତାରେ ସବୁ ଭେଦ ହୁଅଇ ବିଦିତ
ସବୁର ମୂଳରେ ଏକ ସତ୍ୟ ଅବସ୍ଥିତ ॥

ସବୁ ଭେଦ ଯହିଁ ଲୀନ ହୁଅନ୍ତି ସେ ସତ୍ୟ,
ସତ୍ୟ ଏକ ସବୁ କାଳେ, ରାମ ନାମ ସତ୍ୟ ॥

Digitized by srujanika@gmail.com

ଏ ଚେତନ ସତ୍ତା ଗୋଟି ଆତ୍ମା ଯେ ତୁମର,
ତୁମେ ଅଟ 'ତତ୍ତ୍ୱମସି', ତୁରୀୟ ନିକର ॥
ତୁମେ ମହେଶ୍ୱର ତୁମେ ଏ ସୃଷ୍ଟି କରତା,
ତୁମେ ହିଁ ପ୍ରଳୟ ରୂପ, ସଂହାର କରତା ॥
ତୁମେ ସତ୍ୟ, ତୁମେ ଜ୍ଞାନ, ତୁମେ ହିଁ ଅନନ୍ତ,
ତୁମରି ବାଞ୍ଛିତ ଏହି ସେ ତୁରୀୟ ତତ୍ତ୍ୱ ॥

ଲକ୍ଷଣାରୁ ହୋଇଥାଏ ମହାବାକ୍ୟ ଅର୍ଥ;
ସଙ୍କେତ ଦିଅନ୍ତି ଏଇ ଲକ୍ଷଣା ସମସ୍ତ ॥
ଯେ ପର ଚଷମା ପିନ୍ଧା ଲୋକକୁ ଡାକିଲେ,
'ହେ ଚଷମା', 'ହେ ଚଷମା', କହୁ ଯେ ରୀତିରେ ॥

ଥିଲା ନାହିଁ ଯେବେ ନାମ ରୂପାତ୍ମକ ସୃଷ୍ଟି,
ତେବେ ଥିଲା ଏହି ସତ୍ ସ୍ୱରୂପ ସବୁଠି ॥
ଯେଣୁ ଅସତ୍‌ରୁ ସୃଷ୍ଟି କେବେ ହୋଇ ନାହିଁ,
ସୃଷ୍ଟି ସଦାବେଳେ ତେଣୁ ସତ୍ ଯେ ବୋଲାଇ ॥

ଶୂନ୍ୟ ବା ଅସତ୍ ନୁହେଁ ଜଗତ କାରଣ,
ତେଣୁ ଏହା ସତ୍ ସଦା, ସଦାହିଁ ଚେତନ ॥

ଅନ୍ନ ମୂଳ ଜଳ, ଆଉ ଜଳ ମୂଳ ତେଜ
ଅନ୍ନରୁ ଏ ମନ ସୃଷ୍ଟି, ତେଜୁ ବୁଦ୍ଧି ହେଜ ॥
ସୃଷ୍ଟି ତତ୍ତ୍ୱ ଏକ, ତେଣୁ ଏ ସୃଷ୍ଟି ଚେତନ,
ସୁନା ଗହଣାରୁ ଯେହ୍ନେ ସୁନା ଉତପନ୍ନ ॥

ଚେତନାରୁ ହୋଇ ନାହିଁ ଏ ଜଡ଼ ଜଗତ,
ଭିନ୍ନ ରୂପେ ଆଭାସିତ, ବୋଲାଏ ବିବର୍ତ୍ତ ॥
ସବୁ ତ ଚେତନ ଶୁଦ୍ଧ ଏଇ ଜଗତରେ
'ତତ୍ତ୍ୱମସି' ମହାବାକ୍ୟୁଁ ଏହା ଜଣା ପଡ଼େ ॥

Digitized by srujanika@gmail.com

ସପ୍ତମ ମନ୍ତ୍ର

ନାନ୍ତଃପ୍ରଜ୍ଞଂ ନ ବହିଃପ୍ରଜ୍ଞଂ ନୋଭୟତଃ ପ୍ରଜ୍ଞଂ
ନ ପ୍ରଜ୍ଞାନ ଘନଂ ନ ପ୍ରଜ୍ଞଂ ନା ପ୍ରଜ୍ଞମ୍ ॥
ଅଦୃଶ୍ୟମଂ, ଅବ୍ୟବହାର୍ଯ୍ୟମଂ ଅଗ୍ରାହ୍ୟମଂ
ଅଲକ୍ଷଣମଂ ଅଚିନ୍ତ୍ୟମଂ ଅବ୍ୟପଦେଶ୍ୟମ୍
ଏକାତ୍ମପ୍ରତ୍ୟୟସାରଂ ପ୍ରପଞ୍ଚୋପଶମଂ
ଶାନ୍ତଂ ଶିବମଦ୍ୱୈତଂ ଚତୁର୍ଥଂ ମନ୍ୟନ୍ତେ ॥
ସ ଆତ୍ମା ॥ ସ ବିଜ୍ଞେୟଃ ॥୭॥

ଅନୁବାଦ

ସେହି ଯେ ନୁହନ୍ତି ବହିର୍ବିଷୟର ଜ୍ଞାତା,
ଯେ ପୁଣି ନୁହନ୍ତି ଅନ୍ତର୍ବିଷୟ-ଜାଣନ୍ତା,
ଜାଗ୍ରତ ଓ ସ୍ୱପ୍ନାବସ୍ଥା ମଧ୍ୟସ୍ଥ ନୁହନ୍ତି,
ସୁଷୁପ୍ତିର ପ୍ରାଜ୍ଞ ବୋଲି ତାଙ୍କୁ ନ କୁହନ୍ତି,
ସର୍ବଜ୍ଞ ନୁହନ୍ତି ପୁଣି ନୁହନ୍ତି ସେ ଜଡ଼,
ଯେ ଅଟନ୍ତି ସବୁ ମନ୍ତେ ଦୃଷ୍ଟି ଅଗୋଚର,
ଇନ୍ଦ୍ରିୟ ଅଗ୍ରାହ୍ୟ, ବ୍ୟବହାର ବହିର୍ଭୂତ,
ଯିଏ ପୁଣି ଅନୁମାନ ଅଯୋଗ୍ୟ, ଅଦ୍ଭୁତ;
ସେ ମନର ଅଗୋଚର, ପ୍ରମାଣ ଅତୀତ
ମାତ୍ର ଅନୁଭବେ ଆତ୍ମା ରୂପରେ ବିଦିତ,
ଚରାଚର ଜଗତରୁ ଭିନ୍ନ, ଶାନ୍ତ, ଶିବ,
କେବଳ ତ ତାଙ୍କୁ ଏକ ଅଦ୍ୱୈତ କହିବ, ॥
ଏହି ତ ଚତୁର୍ଥ, ଜ୍ଞାନୀ ବିବେକୀଙ୍କ ମତେ,
ଏ ଆତ୍ମା; ଜାଣିବା ତାଙ୍କୁ ଉଚିତ ଜଗତେ ॥୭॥

Digitized by srujanika@gmail.com

ସରଳାର୍ଥ ଓ ବ୍ୟାଖ୍ୟା

ପାଠକ ମନରେ ଏବେ ଏ ସଂଶୟ ଜାତ,
କୁହା ଯାଇଥିଲା ଆତ୍ମାଙ୍କର ଚାରିପାଦ ।।
ଏ ଯାବତ ତିନି ପାଦ ହେଲା ନିରୂପିତ,
ଚତୁର୍ଥ ପାଦଟି ଆତ୍ମା ହୋଇବା ଉଚିତ ।।
କିନ୍ତୁ 'ନାନ୍ତଃପ୍ରଜ୍ଞ' କହି ଆଦ୍ୟରୁ ନିଷେଧ,
କରିବାରେ ରହିଅଛି ଅବା କେଉଁ ଭେଦ ?
ଏହାର କାରଣ, ଯେହ୍ନେ ସର୍ପାଦି ବିକୃତ
ପ୍ରତିଷେଧ କଲେ ରହେ ସେ ରଜ୍ଜୁ ପ୍ରକୃତ ।।

ବିଶ୍ୱ ତୈଜସ ଓ ପ୍ରାଜ୍ଞ – ତିନି ଅଭିମାନୀ,
ଆତ୍ମା ପରେ ଆରୋପିତ ମାତ୍ର ଜାଣି ଜାଣି ।।
ସେପରି ଜାଗ୍ରତ ସ୍ୱପ୍ନ ସୁଷୁପ୍ତି ଅବସ୍ଥା,
ଆତ୍ମା ପରେ ଆରୋପିତ ହୁଅଇ ଅଯଥା ।।

ସର୍ପ ହାର ଅନ୍ତେ ଯେହ୍ନେ ରଜ୍ଜୁ ରହିଥାଏ,
ବିକଳ୍ପ ହଟିଲେ ତେହ୍ନେ ସତ୍ୟ ରହିଯାଏ ।।
'ତତ୍ତ୍ୱମସି' ମହାବାକ୍ୟ ଅଟଇ ଯେପରି,
ତିନି ଅବସ୍ଥାରେ ସ୍ଥିତ ଏ ଆତ୍ମା ସେପରି ।।
ଏହି ତୁରୀୟତ୍ୱ ପ୍ରତିପାଦନ ନିମନ୍ତେ
ନେତି ନେତି କହି ମନ୍ତ୍ର ରଚିତ ଜଗତେ ।।

ଏ ଯେଉଁ ଚତୁର୍ଥ ପାଦ ଅବା ତୁରୀୟତା,
ନୁହେଁ ତାହା ତିନି ଭିନ୍ନ ଅଲଗା ଅବସ୍ଥା ।।
ଏ ଜାଗ୍ରତ ସ୍ୱପ୍ନ ତଥା ସୁଷୁପ୍ତି ଭବନ,
ଅଭିମାନୀ ବିଶ୍ୱ ତୈଜସ ବା ପ୍ରାଜ୍ଞ ପଣ,
ଏ ସବୁକୁ ଛାଡ଼ି କିଛି ଅନ୍ୟ ବା ସ୍ୱତନ୍ତ୍ର
ଅବସ୍ଥା ନୁହନ୍ତି ଆତ୍ମା ଜାଣିବ ଏମନ୍ତ ।।

Digitized by srujanika@gmail.com

ସୁଉକି ଚାରୋଟି ନେଇ ଟଙ୍କାଟି ଯେସନେ,
ସବୁଥିରେ ରହିଥାନ୍ତି ଏ ଆତ୍ମା ତେସନେ ॥
ସତ୍ୟ ମିଥ୍ୟା କୋଳାକୋଳି ହୋଇ ରହିଥିବେ,
ମିଥ୍ୟା ଅନ୍ତେ ସତ୍ୟ ପୂର୍ଣ୍ଣ ଦୀପ୍ତିରେ ଶୋଭିବେ ॥

ଜଡ଼ ଓ ଚେତନ

ପଙ୍ଖାକୁ ଚଳାଏ ଯେଉଁ ଅଦୃଶ୍ୟ ଶକତି,
ବଲବେ 'ପ୍ରକାଶ' ରୂପେ ତାର ପରିଣତି ॥
ହିଟରରେ ଉତ୍ତାପ ସେ ରେଡିଓରେ ଶବ୍ଦ
ସବୁଠି ଶକତି ଏକ ଦୃଶ୍ୟ ଅଭିନବ ॥

ସେପରି ସବୁରି ଦେହେ ଯେଉଁ ଶକ୍ତି ଜାଣ,
ପୁଣି ଏ ଶକ୍ତିର ଅଛି ଯେଉଁ ଅଧିଷ୍ଠାନ,
ସେହି ତ ଚେତନ, ଜ୍ଞାନ ସ୍ୱରୂପ, ଅନନ୍ତ,
ସେହି ତମେ ଚେତନର କଣିକା ଯେମନ୍ତ ॥

ଭିନ୍ନ ଭିନ୍ନ ମେସିନକୁ ଯେ ଶକ୍ତି ଚଳାଏ,
ସେ ଶକ୍ତି ବିଦ୍ୟୁତ କ'ଣ ଭିନ୍ନ ହୋଇଥାଏ ?

ଶକ୍ତି ଯେହ୍ନେ ଏକ, ସବୁ ମେସିନ ତେସନେ,
ଭିନ୍ନ ନୁହଁ– କହିଲେଣି ବୈଜ୍ଞାନିକ ଗଣେ ॥
ଏଥିରୁ ପଡ଼ଇ ଜଣା ପଦାର୍ଥ ସକଳ,
ଶକ୍ତିର ତ ସ୍ଥୂଳ ରୂପ ଅଟଇ କେବଳ ॥
ମେସିନ ଚଳାଉ ଅଛି ସେ ଯେଉଁ ଶକତି,
ତାର ସ୍ଥୂଳ ରୂପେ ସେହି ଯନ୍ତ୍ର ପରିଣତି ॥
ବିଜ୍ଞାନ ମତରେ ଯେତେ ପଦାର୍ଥ ବିଦିତ,
ପରମାଣୁ କଣାରେ ସେ ମାତ୍ର ସଂଗଠିତ ॥
ପରମାଣୁ ସନ୍ଧାନର ଶେଷ ପରିଣତି,
ଶେଷକୁ ତହିଁରୁ ମିଳେ କେବଳ ଶକତି ॥

Digitized by srujanika@gmail.com

ପଦାର୍ଥର ଶେଷ ବିନ୍ଦୁ ଶକତି ଯେସନେ,
ଶକତିର ସ୍ଥୂଳ ରୂପ ପଦାର୍ଥ ତେସନେ ॥
ଯେ ଶକ୍ତି ବିଦ୍ୟୁତ ହୋଇ ମେସିନ ଚଳାଏ,
ତାର ସ୍ଥୂଳ ରୂପେ ସେହି ଯନ୍ତ୍ର ହୋଇଥାଏ ॥
କୋଇଲାରୁ ଯେହ୍ନେ ହୁଏ ଶକ୍ତି ଉତପନ୍ନ,
ଶକ୍ତି ପରିଣତ ହୁଏ ପଦାର୍ଥେ ତେସନ ॥

ଏହା ପରିଣାମ ବାଦ – ଜଡ଼ରେ, ହୁଅଇ
ମାତ୍ରକ ଚେତନେ ଏହା କେବେ ନ ଘଟଇ ॥
କହ ଯଦି ଏ ଚେତନ ଦିଶେ ଜଡ଼ ପରି,
ସେ ଜଡ଼ 'ବିବର୍ତ୍ତ' ନାମ ଏଠି ଥାଏ ଧରି ॥

ସର୍ପ ହାର ଠେଙ୍ଗା ଭ୍ରମ ରଜ୍ଜୁରେ ହୁଅଇ,
ସବୁ ଭ୍ରାନ୍ତି ଅନ୍ତେ ରଜ୍ଜୁ ସ୍ୱରୂପ ଦିଶଇ ॥
ସେପରି ଜାଗ୍ରତ ସ୍ୱପ୍ନ ସୁଷୁପ୍ତି ବେଳରେ
ତୁମେ ହିଁ ତ ବ୍ରହ୍ମ ଅଟ ଜାଣ ନିରନ୍ତରେ ॥

ଧ୍ୟାନ ଗୃହେ ବସି କେହି ବୁଜି ଆକ୍ଷି କାନ,
କଳ୍ପନାରେ ଅନନ୍ତଙ୍କୁ କରି 'ବ୍ରହ୍ମ' ଜ୍ଞାନ,
କରିଥାନ୍ତି ନିର୍ବିଶେଷଙ୍କର ଆରାଧନା,
ଏପରି ଏ ମନେ ଉଠେ ସବୁ କଳପନା ॥
କିନ୍ତୁ ଜାଣ ଯେତେ ସବୁ ଏହି କଳ୍ପନାର
'ମୁହିଁ' ଅଟେ ସାକ୍ଷୀ ପୁଣି ସବୁର ଆଧାର ॥
ତେଣୁ ତମେ ଥାଅ ଯେବେ ଯହିଁ ଓ ଯେପରି,
ଏଠି ସେଠି ଅଟ 'ବ୍ରହ୍ମ' ସବୁଠିଁ ସେପରି ॥
'ବ୍ରହ୍ମ' ତିନି ଅବସ୍ଥାରେ ରହିଛନ୍ତି ଜାଣ,
ସେ ଯେଣୁ ଅଟନ୍ତି ସକଳର ଅଧିଷ୍ଠାନ ॥

Digitized by srujanika@gmail.com

ତମ 'ମୁଁ' କୁ ତମେ ଚିହ୍ନ

ଏବେ ଜାଣି ରଖ ତୁମେ, 'ମୁଁ'କୁ ତୁମରି,
ଯେଉଁପରି ଥିଲ ଜାଣି ସେ ନୁହଁ ସେପରି ॥
ନୁହଁ ଏକ ଦେହଧାରୀ କର୍ତ୍ତା ବା ଭୋକତା,
ନୁହଁ ସ୍ୱର୍ଗ-ନର୍କ ଯିବାଲୋକ, କେଉଁକଥା ॥
ସେ ଅପରିଚ୍ଛିନ୍ନ, ଜ୍ଞାନ-ସ୍ୱରୂପ ସେହି ତ,
ସେହି ଶୁଦ୍ଧ ବୁଦ୍ଧ ସିଏ ପରିପୂର୍ଣ୍ଣ ନିତ୍ୟ ॥
ସେ ନିରତେ ରହିଥାନ୍ତି ତିନି ଅବସ୍ଥାରେ,
ନ ଥାନ୍ତି ଅବସ୍ଥା କିନ୍ତୁ କେହି ତାଙ୍କଠାରେ ॥
ହେଲେ ବି ଶରୀର ଠାରୁ ଆତ୍ମା ବିଲକ୍ଷଣ,
ଆତ୍ମା ନୁହେଁ ଦେହ ଭିନ୍ନ ବସ୍ତୁ କିଛି ଅନ୍ୟ ॥

ଆମରି ଜାଗ୍ରତ ସ୍ୱପ୍ନ ସୁଷୁପ୍ତି କାଳରେ
ଆମେ ଯାହା ଦେଖୁଁ, ଶୁଣୁ, ଅନୁଭବ କରେ,
ସବୁ ଦେଖା ଶୁଣା ଅନୁଭବ ଆତ୍ମାଙ୍କର,
କେ' କହିପାରିବ ସବୁ ଅଟଇ ଆମର ?
ଆତ୍ମ-ତତ୍ତ୍ୱ ପରା ସବୁ ଅବସ୍ଥାରେ ସ୍ଥିତ,
ସେ ସ୍ରଷ୍ଟା, ସେ ସୃଷ୍ଟି, ଦୃଶ୍ୟ ଭେଦରୁ ରହିତ ॥

ସର୍ପ ହାର ରୂପେ ଏକ ରଜ୍ଜୁ ଯେଉଁପରି,
ପ୍ରତୀତ ହୁଅଇ, ଏହି ଆତ୍ମା ସେହିପରି,
ଜାଗ୍ରତ ସ୍ୱପନ ଆଉ ସୁଷୁପ୍ତି ଦଶାରେ,
ପ୍ରତୀତ ହୁଅନ୍ତି ଭିନ୍ନ ଭିନ୍ନ ପରକାରେ ॥
କରଣ ଓ ଇନ୍ଦ୍ରିୟର ଭିନ୍ନତା କାରଣେ,
ସଂସାର ଦିଶଇ ଭିନ୍ନ ଭିନ୍ନ ଏ ନୟନେ ॥
ନିଜକୁ ବିଚାରୁ ଥିଲେ ଶରୀର ଇନ୍ଦ୍ରିୟ,
ଦେଖିବା ଭିନ୍ନତା ସବୁ — ପ୍ରିୟ ଓ ଅପ୍ରିୟ ॥

Digitized by srujanika@gmail.com

ନିଜ ଠାରୁ ଯେଉଁ ବସ୍ତୁ ଅଟଇ ପୃଥକ
ତା'ପାଇଁ ସାଧନା ଶ୍ରମ ବେଳା ଆବଶ୍ୟକ ॥
କିନ୍ତୁ ଯେଉଁ ବସ୍ତୁ ତୁମ ସ୍ୱରୂପ ଅଟଇ
ସେ ତ ନିତ୍ୟ ପ୍ରାପ୍ତ; ତୁମ ଅପ୍ରାପ୍ତ ନୁହଇ ॥
ତା'ପାଇଁ କି ଲୋଡ଼ା ଶ୍ରମ ସାଧନା ସମୟ,—
ତୁରୀୟ-ସ୍ୱରୂପ ତାହା ଜାଣିବ ନିଶ୍ଚୟ ॥

'ମୁଁ ଅଛି'— ଏହା ନୁହେଁ ପ୍ରମାଣ ବିଷୟ,
ନିଜ ସତ୍ତା ସ୍ୱତଃସିଦ୍ଧ— ଅଟଇ ତ ଥୟ ॥
'ମୁଁ ଅଛି', 'ମୁଁ ନିଜକୁ ଜାଣୁଛି' ତ ସତ୍ୟ,
ପୁଣି 'ମୁଁ' ମୋତେ ଭଲ ପାଉଛି ନିରତ ॥
ଏ ତିନି କଥାରୁ ଆମେ ନୁହଁଉ ବଞ୍ଚିତ,
'ଆମେ ସତ୍ ଚିଦାନନ୍ଦ'— ଆମେ ହିଁ ତ ନିତ୍ୟ ॥

ନିଜକୁ ଶରୀର ମାନି ଆମେ ତ କେବଳ,
ବଳ ଆୟୁ ବସ୍ତୁ ଭେଦ କରୁଁ ନିରନ୍ତର ॥
ଦେଶ ଦେହ ବସ୍ତୁ କାଳ ଭେଦର ପ୍ରତୀତି,
ବୁଦ୍ଧି ଉପାଧିରେ ଜଣା ପଡ଼ଇ ଯେମିତି ॥
ନୀଳ ଚଷମାରେ ନୀଳ ଦିଶଇ କେବଳ,
ଚଷମା ଉତ୍ତାରି ଦେଲେ ସବୁ ନିରିମଳ ॥
ତେହ୍ନେ ଅନ୍ତଃକରଣର ଉପାଧି ଅନ୍ତରେ
ଦେଶ କାଳ ବସ୍ତୁ ଭେଦ ନ ରହେ ମନରେ ॥

ନିଜକୁ ମଣିଷ ମାନିଅଛୁ ଆମେ ଏବେ,
ନିଜକୁ ଈଶ୍ୱର ବୋଲି ଭାବିନାହୁଁ କେବେ ॥
ଥରେ କଳ୍ପନାରେ ଭଲା ନିଜକୁ ଈଶ୍ୱର,
ଅବା 'ବ୍ରହ୍ମ' ବୋଲି ଯଦି ତମେ ମନେ କର,
ସଂସାରର ସବୁ ଦୃଶ୍ୟ ଯିବ ତ ବଦଳି
କିଛି ସୃଷ୍ଟି ନ ରହିବ ଅନ୍ତରେ ତୁମରି ॥

Digitized by srujanika@gmail.com

ତେଣୁ ଦେଶକାଳ ବସ୍ତୁ ଭେଦ ଥିବ କାହିଁ ?
ଯେଣୁ ଈଶ୍ୱରଙ୍କ ଅନ୍ତଃକରଣ ଯେ ନାହିଁ ॥

ସୃଷ୍ଟି ବିଷୟରେ ଦୃଷ୍ଟି କେମିତି କାହାର,
ଏ କଥାର ଆମେ କେବେ କରିଛେ ବିଚାର ?
ମଣିଷର ଦୃଷ୍ଟି ଅବା ଈଶ୍ୱରଙ୍କ ଦୃଷ୍ଟି,
ଉଭୟ ଦୃଷ୍ଟିରେ ହେବ ଠିକକି କେଉଁଟି ?
ଅସ୍ଥିର ମଣିଷ ମନ ସର୍ବଦା ଚଞ୍ଚଳ,
ଏଥିରେ ତା ଦୃଷ୍ଟି ହୋଇ ପାରେ କି ନିର୍ମଳ ?
ଈଶ୍ୱରୀୟ ଜ୍ଞାନ ଅଟେ ସତ୍ୟ ସେଥିପାଇଁ,
ତାଙ୍କ ଛଡ଼ା ସଂସାରରେ କିଛି ସତ୍ୟ ନାହିଁ ॥

ପରମାତ୍ମା ପ୍ରାପ୍ତି ପାଇଁ ତେଣୁ ଦରକାର
ନିଜର ସ୍ୱରୂପ ଜ୍ଞାନ କରିବା ବିଚାର ॥
ଏହା ଛଡ଼ା ନାହିଁ ଆନ ସାଧନର ପନ୍ଥା,
ଜ୍ଞାନୀ ଜନେ ହୃଦେ ଧରି ରଖନ୍ତି ଏ କଥା ॥।

ଜ୍ଞାନ କଥଣ

ଶ୍ରଦ୍ଧାଯୁକ୍ତ ପ୍ରବୃତ୍ତିର ନାମହିଁ ସାଧନ ।
କ୍ରିୟା କର୍ମ ବା ଭାବନା ଆବୃତ୍ତି କରଣ ॥
କିନ୍ତୁ ଜ୍ଞାନ ଭିନ୍ନ କଥା – ଏ ଅପୌରୁଷେୟ ।
ମଣିଷ ଅଧୀନ ନୁହେଁ– ଏହା ନିଃସନ୍ଦେହ ॥
ବସ୍ତୁ ଯେଉଁପରି ତାକୁ ସେପରି ଜାଣିବା,
ଅବିମିଶ୍ର ଶୁଦ୍ଧ ଜ୍ଞାନ, ତାହାକୁ କହିବା ॥
ଅଜ୍ଞାନ ନିବୃତ୍ତି ଛଡ଼ା ଏ ଶୁଦ୍ଧ ଜ୍ଞାନର
ନାହିଁ ଆଉ ଅନ୍ୟ କିଛି ପାଇବାର ଫଳ ॥
ଯେତିକି ଅଧିକ ହେବ ମଣିଷର ଜ୍ଞାନ,
ସେତେ ଚିତ୍ତ ବିଶୁଦ୍ଧତା ହୋଇବଟି ଜାଣ ॥

Digitized by srujanika@gmail.com

ତେଣୁ ଜ୍ଞାନପ୍ରାପ୍ତି ପାଇଁ ନିରତ ଯତନ,
ସାଧକ ମଣିଷ ପାଶେ ଅତି ପ୍ରୟୋଜନ ॥
ତତ୍ତ୍ୱଜ୍ଞାନ ପ୍ରାପ୍ତି ପାଇଁ ଅଜ୍ଞାନ ନିବୃତ୍ତି,
ଏ ସଂସାରେ ପ୍ରୟୋଜନ ହୁଅଇ ସବୁଠିଁ ॥

ସମତ୍ୱ ଭାବନା କ'ଣ ସମ୍ଭବ ?

ସେ ତ ଠିକ୍ କଥା– ତେବେ ଏ ମାୟା ସଂସାରେ,
କେସନେ 'ସମତ୍ୱ ଭାବ' ଜାତ ହୋଇପାରେ ?
'ଏହା ମୋର'– କହିବାର ରହିଛି କାରଣ,
ମୋର ଅଧିକାର କେହ୍ନେ ହେବ ଅକାରଣ ?
କାରଣ ମୋ ଶ୍ରମେ, ମୋର ବଳରେ, ବୁଦ୍ଧିରେ,
ଅବା ନ୍ୟାଯ୍ୟ ଉତ୍ତରାଧିକାର ପଦ୍ଧତିରେ,
'ବସ୍ତୁ ମୋର'– କିଏ ନେବ ଛଡ଼ାଇ କିପରି ?
ଏଥିରେ 'ସମତ୍ୱ ଭାବ'– ହେବ କେଉଁପରି ?

ତତ୍ତ୍ୱରୁ ବିଚାର କଲେ କିନ୍ତୁ ଜଣା ପଡ଼େ,
'ମୁଁ', 'ମୋର' ପଣ ସବୁ ମିଥ୍ୟା ଜଗତରେ ॥
'ବସ୍ତୁ ମୋର ନୁହେଁ, ନୁହେଁ 'ତୁମର ବା କା'ର',
'ବସ୍ତୁ ମୋର' ମାନି ନେଲେ ଭୟ ହେବ ସାର ॥
ବସ୍ତୁ ନଷ୍ଟ ହେବ ଅବା କିଏ ନେଇଯିବ,
ଅଯଥାରେ ସିନା ରାଗଦ୍ୱେଷ ଉପୁଜିବ ॥
ଧନ କେବେ ରହିବନି ମୋଅରି ପାଖରେ,
ମୁଁ ରହିବି କେହ୍ନେ ଧନ ପାଶେ ନିରନ୍ତରେ ?
ବସ୍ତୁ ମୋର ମାନି ନେଲେ ଦୁଃଖ ହେବ ଜାତ,
'ଆନନ୍ଦ ସ୍ୱରୂପ ଆମେ'– ହୋଇ ପାରିବା ତ ?

ଆଲୋକ ଯେପରି ଅନ୍ଧକାରକୁ ହଟାଏ,
ଆଉ ଆଲୋକର କିଛି କର୍ତ୍ତବ୍ୟ ନ ଥାଏ ॥

Digitized by srujanika@gmail.com

ଅନ୍ଧକାର ଅନ୍ତେ ଗୃହେ ଯାହା ଦ୍ରବ୍ୟ ଥାଏ,
ଆପେ ଆପେ ସବୁ ଦ୍ରବ୍ୟ ଜଣା ପଡ଼ିଯାଏ ।।
ଅଜ୍ଞାନ ନିବୃତ୍ତି ଛଡ଼ା ଏ ଜ୍ଞାନ ସେପରି,
ଅଧିକ କର୍ତ୍ତବ୍ୟ କିଛି ନ ପାରଇ କରି ।।

ଅଜ୍ଞାନ ନିବୃତ୍ତି ଅନ୍ତେ ଯେଉଁ ଶୁଦ୍ଧ-ତତ୍ତ୍ୱ
ରହେ, ସେହି ତୁମ ସ୍ୱତଃସିଦ୍ଧ ସ୍ୱରୂପ ତ ।।
ସେହି ତମେ, ସେହି ତୁମ ସ୍ୱରୂପ ବୁଝିଲେ
ଆଉ ଭେଦ ଭାବ ଅବା ରହିବ କାହିଁରେ ?

'ମୁଁ' ବିଶ୍ୱ ତୈଜସ ଓ ପ୍ରାଜ୍ଞ ନୁହଁ

ମୁଁ ବିଶ୍ୱ ତୈଜସ ଅବା ପ୍ରାଜ୍ଞ ତ ନୁହଇ,
ଏ ତିନି ତ ମୋ ସ୍ୱରୂପେ ଆରୋପ ହୁଅଇ ।।
ଏହି ତିନି ଅଭିମାନୀ ତିନି ଅବସ୍ଥାର,
ଏମାନଙ୍କ ସଙ୍ଗେ ମୋର ହୁଏ କାରବାର ।।
ଯେଉଁପରି ଜଣେ ବ୍ୟକ୍ତି ତିନୋଟି ସ୍ଥାନରେ,
ପ୍ରତିଦିନ ଭିନ୍ନ କାଳେ ଭିନ୍ନ କାମ କରେ ।।
ରାତିରେ ଶୁଅଇ ଘରେ, ଦୋକାନେ ବେପାର,
ଖେଳ ପଡ଼ିଆରେ ଖେଳେ ନାନା ପରକାର ।।
ସେପରି ଜାଗ୍ରତ ସ୍ୱପ୍ନ ଆଦି ଅବସ୍ଥାରେ
ମୁହିଁ ଏକ ଥାଏ ସିନା ଜାଣ ସବୁଠାରେ ।।
ତିନି ଅବସ୍ଥାର ଭେଦ ଦୂର ହେବା ଜ୍ଞାନ,
ତୁରୀୟ ତତ୍ତ୍ୱଟି ଏହି ନିଶ୍ଚିତ ପ୍ରମାଣ ।।

ଦେହ ବା ବିରାଟେ ରଖି ନିଜକୁ ଏପରି
ଆତ୍ମଦେବ ଅନୁଭବ କରଇ ଯେପରି ।।
ଏହି ସବୁ ଦୃଶ୍ୟ ଯେଣୁ ଦେଖଇ ବାହାରେ
ବାହାର ଭିତର ତେଣୁ ଉଠେ ସେହିଠାରେ ।।

Digitized by srujanika@gmail.com

ମୁଁ ଯଦି ଭାବିବି ମନେ ମୁଁ ନୁହେଁ ଶରୀର
ତେବେ ଦୁଃଖ କଷ୍ଟେ କିପାଁ ହୋଇବି ଅଧୀର ?
ମୁହିଁ ତ ନୁହଇ ସ୍ଥୂଳ ଦେହ ଅଭିମାନୀ,
ବିଶ୍ୱ ଅଭିମାନୀ, ବିଶ୍ୱ ମୋର ପାଦ ପାଣି ।।
ସମଗ୍ର ଜଗତ ମୋର, ଜଗତର କ୍ରିୟା
ମୋର କ୍ରିୟା ବୋଲି ମନେ ନ ଭାବିବି କିଆଁ ?
ଜଗତ ସମ୍ପତ୍ତି ମୋର, ମୁହିଁ ଭୋଗ କରେ,
ଅଳପ ଭୋଗକୁ କିଆଁ ଆଣିବି ମନରେ ?
ଏପରି କଟିଲେ କ୍ଷୁଦ୍ର ଦେହ ଅଭିମାନ,
ତେବେ ସିନା ହେବ ବିଶ୍ୱରୂପତାର ଜ୍ଞାନ ।।
'ମୁଁ' 'ମୋର' ହୋଇ ଆଉ କିଛି ନ ରହିବ,
ବ୍ୟଷ୍ଟି ଦେହ ଭୟ ଶୋକ ମୋହାଦି କଟିବ ।।
'ମୁଉଁ ସ୍ଥୂଳ ନୁହେଁ ସୂକ୍ଷ୍ମ'– ଏ ଦୃଢ଼ ବିଚାରେ
ଆଉ ମୃତ୍ୟୁ ଭୟ କାହିଁ ଅବା ରହିପାରେ ?

ବିଶ୍ୱ ତୈଜସ ଓ ପ୍ରାଜ୍ଞ ଏ ତିନି ମୋହର
ସ୍ୱରୂପ ନୁହଇ ବୋଲି ଚିତ୍ତେ ଥୟ କର ।।
ମୁଁ ଜାଗ୍ରତ ଅବସ୍ଥାର ନୁହେଁ ଅଭିମାନୀ,
କାରଣ ମୁଁ ସ୍ୱପ୍ନେ ଯାଏ ବେଳ କାଳ ଜାଣି ।।
ନୁହଁ ଅଭିମାନୀ ସ୍ୱପ୍ନାବସ୍ଥାର ସେପରି
କାରଣ ମୁଁ ସୁଷୁପ୍ତିକୁ ଚଳେ ପୂର୍ବ ପରି ।।

ଅବସ୍ଥା ଓ ଅଭିମାନ ନିଇତି ବଦଳେ,
ଗୋଟିକରୁ ଅନ୍ୟଟିକୁ ମୁଁ କେବଳ ଚଳେ ।।
ଅବସ୍ଥାର ଅଭିମାନ ସବୁ ବସ୍ତ୍ର ପ୍ରାୟେ,
ଯାହାକୁ ମୁଁ ପିନ୍ଧି ପୁଣି ପାଲଟି ପକାଏ ।।
ତେଣୁ ବିଶ୍ୱ ତୈଜସ ବା ପ୍ରାଜ୍ଞ ମୁଁ ନୁହଇ ।
ଏହି ସବୁ ମୋ' ଉପରେ ଆରୋପ ହୁଅଇ ।।

Digitized by srujanika@gmail.com

ଏଥିରୁ ପଡ଼ଇ ଜଣା ସୁଷୁପ୍ତି ଆମର,
ଅଟଇ ତ ପ୍ରକୃତିର ଅବସ୍ଥା କେବଳ ॥
ଏଥିରେ ଯା'ହୁଏ ଚେତନାର ଜାଗରଣ,
ତାହା ମହାତତ୍ତ୍ୱ ବୋଲି ହୁଏ ବିବେଚନ ॥
ସୁଷୁପ୍ତି ଜାଗ୍ରତ ମଧ୍ୟେ ଏ ଯେଉଁ ଚେତନା,
ବୁଦ୍ଧି ଆଦି ଏ ମନର ଯେତେ କଳପନା,
ମହାତତ୍ତ୍ୱ; ଯାକୁ କ୍ଲୋରୋଫର୍ମ ଔଷଧରେ,
ସହଜେ ମୂର୍ଚ୍ଛିତ କରା ହୁଅଇ ବେଳରେ ॥
ଏହି ସବୁ ପ୍ରକୃତିର ବିକାରୀ ଚେତନା,
କିନ୍ତୁ ଏ ନୁହନ୍ତି କେହି ସେ ଆତ୍ମ-ଚେତନା ॥

'ଚେତନା' ଏପରି ବସ୍ତୁ କେଉଁ ଅବସ୍ଥାରେ,
ପ୍ରଭାବିତ ନ ହୁଅଇ କୌଣସି ପ୍ରକାରେ ॥
ବୈଜ୍ଞାନିକଗଣେ ତାକୁ ନ ପାରନ୍ତି ଧରି,
ଏହି 'ଅହଂ', ଏହି 'ମୁଁ' ଅଟଇ ତୁମରି ॥

ଅହଂ (ମୁଁ) ସବୁ ସିଏ... ସବୁ ତାଙ୍କର

ସବୁରି ଆଧାର ବ୍ରହ୍ମ ସର୍ବ ଉପାଦାନ
ବିବର୍ତ୍ତ ରୂପରେ ସିଏ ସବୁ ଦୃଶ୍ୟମାନ ॥
ସବୁ ସିଏ, ଆଉ କିଛି ନୁହେଁ ସତ୍ତାବାନ
ମିଛେ କରୁ ଆମେ ଅହଂକାର ଅଭିମାନ ॥
ସଂସାର-ବେପାର ଆମ ମିଛରେ କେବଳ,
ସବୁ ସିଏ.. ସବୁ କିଛି ଅଟଇ ତାଙ୍କର ॥
ତାଙ୍କର ଦରବ ବୋଲି ବିଶ୍ୱାସ ନ କରି
ଦେହ ମନ ବୁଦ୍ଧି ନେଇ ଯାଉଥାଇଁ ମରି ॥
ସେ ଦିବ୍ୟ-ସତ୍ତାର ଆମେ ମାତ୍ରକ କଣିକା,
ନ ଲାଗିବା କଥା ଦେହେ ମାୟାର ଛିଟିକା ॥

Digitized by srujanika@gmail.com

ମାତ୍ର ନିଜେ ମାୟା-ପଙ୍କ ବୋଲି ଏ ଶରୀରେ
ନିତି ଉପଗତ ହେଉ ମରଣର ତୀରେ ॥

ତେବେ 'ମୁଁ' କିଏ ?

ଯେବେ ସବୁ ସିଏ, ସବୁ ତାଙ୍କରି ତ କିଛି,
ତେବେ ମୁଁ କିଏ ସେ, ଆଉ କି ମୋର ରହିଛି ?

ତୁମେ ନୁହଁ ଧନୀ ମାନୀ ମୂର୍ଖ କି ପଣ୍ଡିତ
ନୁହଁ ଦୁଃଖୀ, ରୋଗୀ ଅବା ଦୀନ ଅରକ୍ଷିତ ॥
ନୁହଁ ଶଠ ସଇତାନ କି ବାଟମାରଣା...
ତୁମେ ବ୍ରହ୍ମ-ଚେତନାର ମାତ୍ର ଏକ କଣା ॥

ଲହଡ଼ି ନିଜକୁ ଯଦି ଜାଣିଯାଏ ଥରେ
ତେବେ ସେ ପାରିବ ବୁଝି ଅନନ୍ତ ସାଗରେ ॥
ସମୁଦ୍ର ଓ ତା' ମଧ୍ୟରେ କେତେ ବ୍ୟବଧାନ
ସହଜେ ତା' ସ୍ଥିତି କରି ପାରେ ଅନୁମାନ ॥
ତା'ପରେ ସେ ଭେଦ ଭାବ ଭୁଲି ହସି ଖେଳି
ଅନନ୍ତ ସାଗର ବୁକେ ବିରଚିବ କେଳି ॥

ତୁମେ 'ମୁଁ', ସଂସ୍କୃତରେ ଅହଂକୁ ବୁଝାଏ,
ଅହଂରେ ଅ ଠୁଁ ହ ସବୁ ବର୍ଣ୍ଣ ଥାଏ ॥
ଜଗତର ଯେତେ ଶବ୍ଦ ଏଥିରୁ ସୂଚିତ
ଅ-ହ ବର୍ଣ୍ଣ ମଧ୍ୟେ ସବୁ ଉଚ୍ଚାରିତ ॥
ଯେଉଁ ପଦାର୍ଥକୁ ତମେ ଲକ୍ଷ୍ୟ କରି କହ,
ନିଜକୁ ବୁଝାଏ ସବୁ, ସବୁହିଁ ତ ଅ-ହ ॥
ତେଣୁ ବସ୍ତୁ ପରିଚ୍ଛିନ୍ନ ନୁହଇ ଏ ଅହଂ,
ସକଳ ବସ୍ତୁକୁ ନେଇ ସେ ତ ସର୍ବମୟ ॥

Digitized by srujanika@gmail.com

ଯେ 'ନ ହନ୍ୟତେ ଇତି' ଅହଂ – ସେ ବୋଲାଏ,
ସେଥିପାଇଁ ଅହଂ ଅବିନାଶୀକୁ ବୁଝାଏ ॥
ତୁମେ ଅବିନାଶୀ, ଅଜ, ଅମର ନିର୍ଜର,
ତେଣୁ ମୃତ୍ୟୁ ଡର ନାହିଁ ଅହଂକୁ ତୁମର ॥
କାଳାତୀତ ବୋଲି ଅହଂ ସେ ପାଇଁ ବିଦିତ,
ତେଣୁ ଅହଂ ନୁହେଁ ଜଡ଼, ଏଥିରୁ ସୂଚିତ ॥

'ନ ଜହାତି' ବୋଲି ଅହଂ ଶାସ୍ତ୍ରରେ କଥିତ,
ପ୍ରତି ଦ୍ରବ୍ୟେ ଅନୁସ୍ୟୂତ ହୋଇ ସେ ଅଛି ତ ॥
ଛାଡ଼ି ନ ପାରଇ ଯେଣୁ କାହାକୁ କେଉଁଠି,
ତେଣୁ ସର୍ବବ୍ୟାପୀ ହୋଇ ରହଇ ସବୁଠି ॥

ଆକାଶ ତତ୍ତ୍ୱର ବୀଜ 'ହଂ' ଅଟେ ଯେଣୁ,
ସବୁ ଦେଶ ସ୍ଥାନାତୀତ ଅଟଇ ସେ ତେଣୁ ॥

ଦେଶ କାଳ ପାତ୍ରେ ଆମ ଦୁନିଆ ସୀମିତ,
ଏହି ଅହଂ ଗୋଟି କିନ୍ତୁ ଅଟେ ସୀମାତୀତ ॥
ଦେଶ କାଳ ପାତ୍ରେ ଏହା ନୁହଇ ସୀମିତ,
'ମୁଁ' ପରା ଦେଶ କାଳ ପାତ୍ରର ଅତୀତ ॥

ଅହଂ ସର୍ବବ୍ୟାପୀ ସର୍ବମୟ ସର୍ବାତୀତ,
ଅହଂରୁ 'ମୁଁ'କୁ ତୁମ ବୁଝିବା ଉଚିତ ॥
ଏଥିରୁ ନିଜକୁ ନିଜେ ବୁଝିଗଲା ପରେ
ଆଉ ଦୁଃଖ ଗ୍ଲାନି ଶୋକ ହେବନି ମନରେ ॥

ବ୍ରହ୍ମ-ଚେତନାର ତୁମେ ମାତ୍ର ଏକ କଣା
ଏଥିରୁ 'ମୁଁ'କୁ ତୁମେ କରିବ କଳନା ॥

Digitized by srujanika@gmail.com

ଏକାତ୍ମ-ପ୍ରତ୍ୟୟ-ସାର

ଜାଗ୍ରତ ସୁଷୁପ୍ତି ସ୍ୱପ୍ନ – ସବୁ ଅବସ୍ଥାରେ,
ରହି ମଧ୍ୟ ଯେ ଅଟନ୍ତି ସବୁରି ବାହାରେ;
ଯେ ସବୁର ଅଭିମାନୀ କେଉଁଠି ନୁହନ୍ତି;
ଜ୍ଞାନେନ୍ଦ୍ରିୟେ ଯେ କଦାପି ଜଣା ନ ପଡ଼ନ୍ତି ।
ମାତ୍ରକ ଦର୍ଶନ ଅଦର୍ଶନେ ବିଦ୍ୟମାନ;
ବ୍ୟବହାରେ ନ ଆସନ୍ତି କେବେ ଯେ ମହାନ୍;
ବ୍ୟବହାର କାଳେ କିନ୍ତୁ ଥାନ୍ତି ଉପସ୍ଥିତ;
କର୍ମେନ୍ଦ୍ରିୟ ଦ୍ୱାରା ଯିଏ ନୁହନ୍ତି ଗୃହୀତ;
ମାତ୍ର କର୍ମେନ୍ଦ୍ରିୟଙ୍କର ସକଳ ବ୍ୟାପାରେ
ଯିଏ ଉପସ୍ଥିତ ରହିଥାନ୍ତି ସବୁଠାରେ;
ଯେଉଁଥିରେ ନାହିଁ କାର୍ଯ୍ୟ କାରଣ ସମ୍ବନ୍ଧ,
କିନ୍ତୁ ସବୁ ସମ୍ବନ୍ଧେ ଯେ ଥାଆନ୍ତି ଆବଦ୍ଧ;
ଯେଉଁଠିକି ବୁଦ୍ଧି କେବେ ପହଞ୍ଚି ନ ପାରେ,
କିନ୍ତୁ ଥାନ୍ତି ପହଞ୍ଚିବା ନ ପହଞ୍ଚିବାରେ,
ଶବ୍ଦରେ ଯାହାଙ୍କୁ କରି ହୁଏନା ବର୍ଣ୍ଣନ,
ବର୍ଣ୍ଣନ ବା ଅବର୍ଣ୍ଣନେ ଯାହାର ସ୍ମରଣ;

ଏ ଥାଆନ୍ତି ସବୁ ସ୍ଥାନେ ପ୍ରତି ଅବସ୍ଥାରେ,
ପ୍ରତ୍ୟେକ ବସ୍ତୁରେ ସେହି ମାତ୍ର ଅଜଣାରେ;
'ଏକାତ୍ମ-ପ୍ରତ୍ୟୟ ସାର' ଏହି ଯେ ଅଟନ୍ତି,
ସେହି ତୁମ 'ମୁଁ' ବୋଲି ଜ୍ଞାନୀଏ କହନ୍ତି ॥

ପଞ୍ଚର ଆଖଡ଼ା ପ୍ରପଞ୍ଚ;

ପାଞ୍ଚର ବିଳାସ ଯହିଁ ଚାଲେ ନିତି ନିତି
ଯାହାଙ୍କ ସକାଶେ ହୁଏ ସଂସାର ପ୍ରତୀତି,
ସେହି ପାଞ୍ଚ ଜ୍ଞାନେନ୍ଦ୍ରିୟ କର୍ମେନ୍ଦ୍ରିୟ ପାଞ୍ଚ
ଅନ୍ତଃକରଣର ଚାରି ବୃତ୍ତି, ସ୍ଥିତି ପାଞ୍ଚ ॥

Digitized by srujanika@gmail.com

ପାଞ୍ଚ ମନ ପ୍ରାଣ ପାଞ୍ଚ ପ୍ରକୃତି ଆବର
ପ୍ରପଞ୍ଚଏ ପାଞ୍ଚ ସମୂହର ଖେଳ ଘର ॥

ପ୍ରପଞ୍ଚ ଯେ ନ ରହଇ ଜ୍ଞାନ ହେବା ପରେ
ଏପରି ଭାବନା ବୃଥା ହୁଅଇ ମନରେ ॥
କେବଳ ଏ ପ୍ରପଞ୍ଚର ଅଳୀକ ସତ୍ୟତ୍ୱ,
ରହେନି ମନରେ ଯାହା ଲାଗୁଥିଲା ସତ ॥
ଭାନ ବା ଦୀପ୍ତିର ଜ୍ଞାନ ବିରୋଧୀ ନୁହଁଇ
ଭ୍ରାନ୍ତିର ବିରୋଧୀ ଜ୍ଞାନ କେବଳ ଅଟଇ ॥

ତେଣୁ ଏ ପ୍ରପଞ୍ଚ ଜ୍ଞାନୀ ଅଜ୍ଞାନୀଙ୍କ ପାଶେ
ସବୁବେଳ ପାଇଁ ଏକାପରି ପରକାଶେ ॥

ପ୍ରପଞ୍ଚର ଅନ୍ୟ ଏକ ଅର୍ଥ ତ ଆଖଡ଼ା
ଯାଦୁକର ଯାଦୁ ପରି ମିଥ୍ୟା ଖେଳ ପରା ॥
ନିଜ ସ୍ୱରୂପରେ ରହି ଯେ ଦେଖେ ଏହାକୁ
ସବୁ ବଦଳିବା ଦୃଶ୍ୟ ଦିଶଇ ତାହାକୁ ॥
ବଦଳିବା ଦୃଶ୍ୟ ପଟେ ସ୍ୱରୂପହିଁ ସ୍ଥିର,
ଏ କୂଟସ୍ଥ; କୂଟ ପ୍ରାୟେ ନୁହଇ ଅସ୍ଥିର ॥

ଶୀତ ଆସୁ, ଆସୁ ଖରା ଅଥବା ବରଷା
ପର୍ବତ ରହଇ ସଦା ସ୍ଥିର, ଏକା ଦଶା ॥
ସବୁ ପରିବର୍ତ୍ତନରେ ସ୍ୱରୂପ ନିଜର
ଏହି ଆତ୍ମା ସଦା ଏକରସ ଓ ନିଶ୍ଚଳ ॥

ପୁଣି କୂଟ ଅର୍ଥ ଏକ ମିଥ୍ୟା ବା ଛଳନା,
ଏ ପ୍ରପଞ୍ଚ ସବୁ ମିଥ୍ୟା କର ବିବେଚନା ॥
ନ ଥାଇ ବି ଥିଲା ପରି ସବୁ ଜଣା ପଡ଼େ,
ସତ୍ୟରୂପ ଆତ୍ମା ମାତ୍ର ଏ ମିଥ୍ୟା ଭିତରେ ॥

Digitized by srujanika@gmail.com

ଯୋଗୀ ସମାଧିରେ ମନ୍ତ୍ର ଯୋଗୀ ତ ଜପରେ
ଭକ୍ତ ଭୁଲେ ଏ ପ୍ରପଞ୍ଚ ଇଷ୍ଟ ସ୍ମରଣରେ ।।
ଏଥିରେ ନ ଥାଏ କିନ୍ତୁ ସତ୍ୟ ବସ୍ତୁ ଜ୍ଞାନ,
ଆକାଶର ନୀଳିମା ତ ପ୍ରତୀତି, ଅଜ୍ଞାନ ।।

ଆକାଶ ନୀଳିମା ମିଥ୍ୟା ବୋଲି ଜାଣିଗଲେ,
ଆଗ୍ରହ ନ ରହେ ଆଉ ତହିଁ କିଞ୍ଚିତରେ ।।

ତୁମେ ନୁହଁ ଅବସ୍ଥା କି ଅବସ୍ଥାଭିମାନୀ,
ଏହାକୁ ତ ଭଲ ଭାବେ ପାରିଲଣି ଜାଣି; ।।
ଅନ୍ଧାର ବାଦଲ ବର୍ଷା ହେବା ନ ହେବାରେ
ଆକାଶ ନିର୍ଲିପ୍ତ ଶାନ୍ତ ଥାଏ ସବୁକାଳେ ।।
ସେପରି ହେଲେ ବି ଏହି ପ୍ରପଞ୍ଚ ପ୍ରତୀତି
ତମେ ସଦା ଶାନ୍ତ ଶିବ ଅଦ୍ୱୈତ ସେମିତି ।।
ବିକ୍ଷେପ, କାରଣ ଭାବ ରହିତତ ଥାଅ,
ଚିତ୍ତରେ ସର୍ବଦା ଶାନ୍ତି ପ୍ରସନ୍ନତା ପାଅ ।।

ଜନକ ନୃପତି ଦିନେ ଦେଖିଲେ ସପନ,
ସେ ଭିକାରି ହୋଇ ଯେବେ କରନ୍ତି ଭୋଜନ,
ଏ କାଳେ ଷଣ୍ଢେକ ଆସି ଖାଇଯାଏ ଅନ୍ନ,
ତା' ଦେଖି ଦୁଃଖରେ ରାଜା କରନ୍ତି କ୍ରନ୍ଦନ ।।
ନିଦ୍ରା ଗଲା ଭାଙ୍ଗି ରାଜା ଭାବନ୍ତି ମନରେ,
ଏ କି କ'ଣ ସତ୍ୟ ଆଉ ? ପଡ଼ିଲେ ଦ୍ୱନ୍ଦ୍ୱରେ ।।

ଏ ସମୟେ ଅଷ୍ଟାବକ୍ର ପହଞ୍ଚି ସେଠାରେ
ଜନକଙ୍କୁ ବୁଝାଇଲେ ନାନା ପରକାରେ ।।
କହିଲେ ସେ, 'ରାଜା ସତ୍ୟ ନୁହେଁକି ଭିକାରି,
ସତ୍ୟ ନୁହେଁ ରାଜଭୋଗ ଯେତେ ଅସୁମାରି ।।

Digitized by srujanika@gmail.com

ଏ ରାଜ ଅବସ୍ଥା ଅବା ଭିକାରି ଅବସ୍ଥା,
ନୁହେଁ ତୁମ ଅବସ୍ଥା ତ ଜାଣ ଏଇ କଥା ॥
ସ୍ୱପ୍ନରୁ ଜାଗ୍ରତ ଆଉ ଜାଗ୍ରତରୁ ସ୍ୱପ୍ନ–
ଅବସ୍ଥା ଆସିବା ଯିବା ଅଟଇ କାରଣ ॥
ତେଣୁ ଅବସ୍ଥାକୁ କେହି ନିଜର ବିଚାରି
ତାର ଦୃଶ୍ୟେ ରାଗ-ଦ୍ୱେଷ ନ ହେଉ କାହାରି ॥

ଈଶ୍ୱରଙ୍କୁ ଜାଣିବାର ଉପାୟ

ତୁମର ଇନ୍ଦ୍ରିୟ ବୁଦ୍ଧି ଆଉ ତୁମ ମନ,
ଈଶ୍ୱରଙ୍କୁ ଜାଣିବାକୁ ନୁହନ୍ତି ଭାଜନ ॥
ତେଣୁ ସେ ସବୁକୁ ଦିଅ ହଟେଇ ସତ୍ୱର,
କେବଳ 'ମୁଁ' ଏକ, ଆତ୍ମ-ପ୍ରତ୍ୟୟ ସେ ସାର ॥
ଏବେ କି ରହିଲା ଆଉ ପାଖରେ ତୁମର ?
ଏ ତୁରୀୟ ତତ୍ତ୍ୱ ବୋଲି ମନରେ ବିଚାର ॥
ଜାଗ୍ରତାଦି ଅବସ୍ଥା ତ ଆସେ ଏବଂ ଯାଏ,
ତିନି ଅବସ୍ଥାରେ ମାତ୍ର ମୁଁ ରହିଥାଏ ॥

ଏହି ଆତ୍ମା, ଯାହା ବିନା ଜାଗ୍ରତ ସ୍ୱପନ–
ସୁଷୁପ୍ତି ଅବସ୍ଥା ରହେ ନାହିଁ କଦାଚନ ॥
ଏ ତିନିରେ ବା ଏ ତିନି ବିନା ମୁଁ ରହଇ,
ଏହି ଆତ୍ମା, ଏ ତୁରୀୟ ତତ୍ତ୍ୱ ଯେ ଅଟଇ ॥
ଜ୍ଞାନୀ ଜନେ କରି ଅନୁସରଣ ଏହାରି,
ଈଶ୍ୱରଙ୍କୁ ଖୋଜିବାକୁ ଯାଆନ୍ତି ବାହାରି ॥

ଶ୍ରୁତି କହେ– ପରମାତ୍ମା ଅନ୍ୟ କେହି ନାହିଁ,
ନିଜର ଆତ୍ମାହିଁ ସିଏ; ଖୋଜ ତାଙ୍କୁ ଯାଇ ॥
ମୁଁ ବିନା ହୁଏନା କିଛି ସଂସାର ବେପାର,
ଏହି ତ ହେଉଛି ଆତ୍ମ-ପ୍ରତ୍ୟୟଟି ସାର ॥

Digitized by srujanika@gmail.com

'ସେହି', 'ଏହି' ରୂପେ ପରମାତ୍ମାଙ୍କ ଦର୍ଶନ,
ସମ୍ଭବ ନୁହଇ କଲେ ଯେତେ ବି ଯତନ ॥
ଯେଣୁ ଦୃଶ୍ୟ ଜଡ଼, ଅଚେତନ ଓ ବିକାରୀ
ଆତ୍ମାହିଁ ଚେତନ, ସକଳର ଅଧିକାରୀ ॥
ଏହି 'ଇୟେ' ବିନା ମଧ୍ୟ ମୁହିଁ ରହିପାରେ,
'ଇୟେ' ତ ଅନିତ୍ୟ, ନିତ୍ୟ ମୁଁ ସବୁକାଳେ ॥
ଯିଏ ନିତ୍ୟ ସେହି ପରମାତ୍ମା ତ ଜାଣିବ,
କେବଳ 'ମୁଁ' ରୂପେ ତାଙ୍କୁ ଯେ କେହି ପାଇବ ॥

ପରିଶେଷେ ଏ ମନ୍ତ୍ରରୁ ମିଳେ ଏ ସୂଚନା –
ହେଲା ତିନି ଅବସ୍ଥାର ଅଭିମାନୀ ମନା;
ତିନି ଅବସ୍ଥାର ସାକ୍ଷୀ ଏ ତୁରୀୟ ତତ୍ତ୍ୱ
ସବୁ ଅବସ୍ଥାର ଅଧିଷ୍ଠାନ ଏ ନିରତ ॥
ଏ ସବୁର ପ୍ରକାଶକ; ତହିଁରେ ନିଶ୍ଚିତ
ଏ ତିନି ଅବସ୍ଥା ମାତ୍ର ହୁଅଇ କଳ୍ପିତ ॥

ଆତ୍ମା ନୁହେଁ କେଉଁ ସ୍ଥାନ ବା ସ୍ଥାନୀ ନୁହଇ ।
ନୁହଇ ବିଷୟ ଅବା ନୁହଇ ବିଷୟୀ ॥
ଇୟେ ସେଇ ମୁଁ', ନିଜ ସ୍ୱରୂପେ ମୁଁ ସ୍ଥିତ,
ମୋ ସ୍ୱରୂପ ପରେ ବିଶ୍ୱ ଜଗତ କଳ୍ପିତ ॥
'ମୁଁ' ଏକରସ, ପରିପୂର୍ଣ୍ଣ, ମୁଁ ଅନନ୍ତ
ଶାନ୍ତ ଅବିକାରୀ ଭେଦହୀନ ମୁଁ ସମସ୍ତ ॥
ଏହାକୁ ଚତୁର୍ଥ ଅବା ତୁରୀୟ କହନ୍ତି
ଏ କେବଳ ସଭିଙ୍କର ଜ୍ଞାତବ୍ୟ ଅଟନ୍ତି ॥
ପ୍ରତୀତି-ସର୍ପଠୁଁ ଭିନ୍ନ ରଜ୍ଜୁ ଯେଉଁପରି,
ସବୁ ଅବସ୍ଥାଠୁଁ ଭିନ୍ନ ଏ ଆତ୍ମା ସେପରି ॥

'ମୁଁ' ଯଦି ପ୍ରକୃତରେ ଦୁଃଖୀ ହୋଇଥାନ୍ତି
ଦୁଃଖ ଯିବା ପରେ ଆଉ 'ମୁଁ' ତ ନ ଥାନ୍ତି ॥

Digitized by srujanika@gmail.com

ସୁଖ ଦୁଃଖ ପରି କିନ୍ତୁ ମୁଁ ସବୁ ଅଭାବେ,
ସୁଖେ ରହି ପାରୁଅଛି ମୋ' ନିଜର ଠାବେ ॥

ଆତ୍ମା ଦୁଃଖୀ ହେଉଥିଲେ ଦୁଃଖ ପଣ ସାକ୍ଷୀ
କିଏ ବା ହୁଅନ୍ତା ଆମେ କହି ପାରିବାକି ?
ସୁଖ ଦୁଃଖ ଚିତ୍ତର ତ ଏକରୂପ ରୋଗ,
ଏ ସବୁ ସହଜ ସ୍ଥିତି ନ କରନ୍ତି ଭୋଗ ।
ନିଜ ଆତ୍ମା ଏ ସବୁର ସାକ୍ଷୀ ଯେ ଅଟନ୍ତି,
ଯେ ହୁଅନ୍ତି ସାକ୍ଷୀ ସେ କି ବିକାରୀ ହୁଅନ୍ତି ?

ତୁମ ବୁଦ୍ଧିର ତ ଥାଏ ହଜାରେ ବିକାର
ସବୁର ଦ୍ରଷ୍ଟା ତ ତୁମ ଆତ୍ମା, ନିର୍ବିକାର ॥
ଆତ୍ମାଙ୍କ ସ୍ୱରୂପ ଜ୍ଞାନ ଥରେ ହୋଇଗଲେ
ଆଉ କି ଅଶାନ୍ତି ରହି ପାରିବ ଅନ୍ତରେ ?

ବହୁ 'ମୁଁ', ଶବ୍ଦ ଆମେ କହୁ ନିତି ନିତି,
'ମୁଁ' ମୋର, ମୋପାଇଁ, ଇତ୍ୟାଦି ଏମିତି ॥
ଆମେ ଜାଣିନାହୁଁ କିନ୍ତୁ ମୁଁ ମାନେ କଅଣ
ଏସନ ପ୍ରକାରେ କରୁଁ ଜୀବନ ଯାପନ ॥

ଏ ଶରୀର, ଯହୁଁ ଦେଲେ ଚମଡ଼ା ହଟାଇ,
ଶ୍ୱାନ ଓ ଶୃଗାଳ ଶାରଗୁଣା ଯିବେ ଖାଇ,
ସେ ଆମର 'ମୁଁ' ନୁହେଁ ଜାଣ ଭଲ କରି
ନୁହେଁ ମୁଁ ଇନ୍ଦ୍ରିୟ ମନ ବୁଦ୍ଧି ସେହିପରି ॥
ଏଥି ଅଭିମାନ କରି ଥିବା ଜୀବାଭାସ,
ସିଏ ବି ନୁହଁଇ 'ମୁଁ' କରିବ ବିଶ୍ୱାସ ॥

'ମୁଁ'ମାନେ ଅପରିଚ୍ଛିନ୍ନ ଅଖଣ୍ଡ ଏ ଆତ୍ମା
ସେ ତ ସର୍ବେଶ୍ୱର ଜାଣ ସେ ତ ପରମାତ୍ମା ॥

Digitized by srujanika@gmail.com

ଆତ୍ମା ତିନି ଅବସ୍ଥାରେ ଥା'ନ୍ତି ଏକରସ,
ଆମ ଦୃଷ୍ଟି କିନ୍ତୁ ତାଙ୍କୁ ନ କରେ ପରଶ ॥
ନିଜକୁ ନ ଦେଖି ଆମେ ଅପରକୁ ଚାହିଁ
ନିରନ୍ତର ସୁଖେ ଦୁଃଖେ ଘାରି ହେଉଥାଇଁ ॥
କେବେ ଆମେ ଅପରକୁ ଭଲ ପାଉ ନାହିଁ,
ସେମାନଙ୍କୁ ଛାଡ଼ି ଯେଣୁ ନିଦେ ଶୋଉ ଯାଇ ॥
ଦ୍ରଷ୍ଟା ଯେ କେବଳ ଜାଣ ଆମ ପ୍ରିୟତମ
ତାଙ୍କୁ ଦଣ୍ଡେ ଛାଡ଼ିବାକୁ କେ ନୁହନ୍ତି କ୍ଷମ ॥

ତୁମେ ଜଣେ ମଣିଷ ଯେମିତି

ତୁମେ କି ଭାବିଚ ମନେ ତୁମର କି ସ୍ଥିତି,
ତୁମେ ଜାଣ, ତୁମେ ଜଣେ ମଣିଷ ଯେମିତି ॥
ବ୍ରାହ୍ମଣ କ୍ଷତ୍ରିୟ ବୈଶ୍ୟ କି ଶୂଦ୍ର ବର୍ଣ୍ଣର
ପଠାଣ ଖ୍ରୀଷ୍ଟାନ ଅବା କି ଶିଖ କୁଳର ॥

ଅର୍ଥାତ୍ ନିଜକୁ ସୂକ୍ଷ୍ମ ଶରୀର ତ ନୁହଁ
ହାଡ଼ ଚମ ମେଦ ରକ୍ତ ସ୍ଥୂଳ ଦିହ କୁହ ॥
ତୁମ ନିଜ କଥା ତମେ ଅଳପ ଭାବିଛ,
ଏଥିରେ ବି ତୁମେ ଜ୍ଞାନୀ ବିଜ୍ଞ ବୋଲାଇଛ ॥

ଜନ୍ମ-ଜାତକ

ନାମ-ରୂପେ ଦେଇ ତୁମ ନିଜ ପରିଚୟ,
ଏ ସଂସାରେ କରାଇଛ ନିଜ ସ୍ଥିତି ଥୟ ॥
ତୁମ ଜନ୍ମ ହୋଇଥିଲା ଏତେ ମସିହାରେ
ବୟସ ତୁମର ତେଣୁ ଏତେ ହୋଇପାରେ ॥
ଜ୍ୟୋତିଷଙ୍କ ଦ୍ୱାରା ଜନ୍ମ-ଜାତକ କରାଇ
ଗ୍ରହାଦି ଚଳନ ରାଶି-ଚକ୍ର ଜାଣିଥାଇ ॥

Digitized by srujanika@gmail.com

ଏଇଠି ହୋଇଲା ଭୁଲ ତିଥି ଓ ବାରରେ,
କିଏ ଜନମିଲା ଭଲା ସେ କେଉଁ ସାଲରେ ?
କିଏ ଜନ୍ମ ହେଲା ? ତୁମେ, ନା ତୁମ ଶରୀର ?
ଏଇ କଥାଟିକି କ'ଣ କରିଲଣି ସ୍ଥିର ?
ମାତା ଗର୍ଭୁ ଯେବେ ଦେହ ଭୂଇଁରେ ଖସିଲା,
ତହୁଁ ତମ ଦେହ ଜନ୍ମ-ଜାତକ ହୋଇଲା ॥

ମାତାର ଗର୍ଭକୁ ତମେ କେବେଠୁଁ ଆସିଲ,
ପୂର୍ବରୁ ତ ତୁମେ ପିତା ବୀର୍ଯ୍ୟେ ରହିଥିଲ !!
ପିତାଙ୍କ ପିତାଙ୍କ ଠାରୁ ତୁମେ ଥିଲ ଆସି,
ପ୍ରପିତାମହ ବା ମହର୍ଲୋକର ନିବାସୀ ॥
ଏହି କ୍ରମ ଧରି ଅବା କେ କହି ପାରିବ
ତୁମ ମୂଳ ସତ୍ତା ଗୋଟି କାହିଁ ରହିଥିବ !!
କେ' କହି ନାହାନ୍ତି ତାହା, କହି ନ ପାରିବେ,
ତୁମ ମୂଳ-ସତ୍ତା-ସୂତ୍ର କେଉଁଠୁ ପାଇବେ ?
ତୁମର ଜନ୍ମ ତ ନାହିଁ, ତୁମେ ଅବିନାଶୀ
ତୁମର ସତ୍ତାକୁ ଅବା କେ ପାରେ ପ୍ରକାଶି ?

ଜନ୍ମି ବା ଜାତକ ଧରି ହେଲ ଜଗତର,
ଜାଣି ତ ପାରିଲ ନାହିଁ ଠିକଣା ତୁମର ॥
ଏହି ଭୁଲ ବାଟେ ତୁମେ ପଶିଲ ସଂସାରେ,
ପିଠି ପରେ ଲଦି ଦୁଃଖ ବହୁତ ପ୍ରକାରେ ॥
କେଉଁଠିକି ଚାଲିଅଛ ତାହା ବି ଜାଣିନ,
ଲକ୍ଷ୍ୟହୀନ ହୋଇ ଚାଲିଅଛ ରାତ୍ର ଦିନ ॥

ଅମୃତର ପୁତ୍ର ହୋଇ ଏତେ ଅସହାୟ
ଜୀବନକୁ ଜାଳି ଦେଲ କରି ହାୟ ହାୟ ॥
ଏବେ ଭଲ କରି ଜାଣ ନିଜର ଠିକଣା
ଭବାରଣ୍ୟେ ହେବ ନାହିଁ ଆଉ ବାଟବଣା ॥

Digitized by srujanika@gmail.com

ଆତ୍ମା ଦେଖିବା ଯୋଗ୍ୟ

'ଏ ଆତ୍ମା ଦେଖିବା ଯୋଗ୍ୟ' ବୋଲି ଶ୍ରୁତି କହେ,
କେଉଁ ଲାଭ ଅନାତ୍ମାକୁ ଦେଖି ଦେଖି ସହେ ?
ନିଜକୁ ତ ଦେଖି ନାହିଁ ତୁମେ ଏ ଯାବତ,
ଏବେ ଦେଖିବାକୁ ଯତ୍ନ କର ଅବିରତ ॥

ଶ୍ରେଷ୍ଠ ପୁରୁଷଙ୍କ ପାଖୁଁ କରିବ ଶ୍ରବଣ
ଶୁଣିଥିବା ଜ୍ଞାନ ବସି କରିବ ମନନ ॥
ତା'ପରେ କରିବ ପୁଣି ଏକାନ୍ତେ ବିଚାର
ଆତ୍ମାଙ୍କୁ ଦେଖିବା ଏହି ବାଟ ଅଟେ ସାର ॥

ଜୀବନେ ତ ଦେଖିଲଣି ଦୃଶ୍ୟ ବହୁରୂପ,
ସ୍ୱପ୍ନୁ ଉଠି ଏବେ ଦେଖ ନିଜର ସ୍ୱରୂପ ॥
ଏ ପର୍ଯ୍ୟନ୍ତ ଯାହା କିଛି ଜାଣିଚ ଜୀବନେ,
ନିଜଠୁଁ ପୃଥକ କର ସବୁକୁ ଏ କ୍ଷଣେ ॥
ଶେଷେ ରହିଗଲା ଯାହା ସେହି ଆତ୍ମା ଜାଣ
ଯେ ଅଖଣ୍ଡ, ଏକରସ, ସର୍ବ ଅଧିଷ୍ଠାନ ॥

ନରସିଂହ ଓ ପ୍ରହ୍ଲାଦ

ଆମ ବୁଦ୍ଧି ସାଂସାରିକ ଭୋଗ ପଦାର୍ଥରେ
ମଜ୍ଜି ରହି ବସିଅଛି ଅଚିନ୍ତା ଭାବରେ ॥
ଏଥିରେ କେସନେ ହେବ କହ ଆତ୍ମଜ୍ଞାନ,
ଶୁଣ ଯା' କହିଲେ ନରସିଂହ ଭଗବାନ ॥

ଭକ୍ତ ପ୍ରହ୍ଲାଦକୁ ଥରେ କହିଲେ ନୃସିଂହ,
"ମୋର ପ୍ରିୟ ପୁତ୍ର, ମୋଠୁଁ ବର ମାଗନିଅ ।"

ଉତ୍ତରେ କହିଲେ ତାଙ୍କୁ ଭକତ-ରତନ,
"ହେ ପ୍ରଭୁ ମୋ ପାଇଁ ନାହିଁ ବର ପ୍ରୟୋଜନ ॥

Digitized by srujanika@gmail.com

ମାତ୍ରକ ତ୍ରିତାପ-ତପ୍ତ ସଂସାରର ଜନ,
ଦୀନ, ଦୁଃଖୀ, ରଙ୍କୀ ମୁକ୍ତି ଲଭିବେ କେସନ ?
ସେହି ଅନୁଗ୍ରହ କର, ନାହିଁ କିଛି ଆନ,
ହେ ଆର୍ତ୍ତତାରଣ ନରସିଂହ ଭଗବାନ ।।''

ନୃସିଂହ କହିଲେ, ''ଶୁଣ ରେ ପ୍ରିୟ ନନ୍ଦନ,
ବଳେ ବଳେ ଯାଚି ମୁକ୍ତି ଦେବି ମୁଁ କେସନ ?
ପଚାରି ବୁଝରେ ଯାଇ କେ ଚାହେଁ ମୁକତି,
ତେବେ ମୁଁ ପାରିବି ଦେଇ ନ କରି ଆପତ୍ତି ।।''

ପ୍ରହଲାଦ ତହୁଁ ଯାଇ ପଚାରି ବୁଝିଲେ;
କିନ୍ତୁ କେହି ଜଣେ ହେଲେ ମୁକ୍ତି ନ ଚାହିଁଲେ ।।
ସମସ୍ତେ ସଂସାର ଭୋଗେ ଅଛନ୍ତି ନିମଜ୍ଜି,
କେ' ମୁକ୍ତି ଚାହିଁବ ଅବା ଏ ଭୋଗ ବରଜି ?
ଶେଷେ ଭକ୍ତ ଏକ ଗ୍ରାମ୍ୟ ଶୂକରକୁ ଯାଇ
ପଚାରନ୍ତି ଯେବେ ''ଆରେ ରେ ଶୂକର ଭାଇ
ତୁ'କି ଚାହୁଁ ପାଇବାକୁ ଏ ଜନ୍ମୁ ମୁକତି ?''
ଶୂକର କହିଲା ''ତହୁଁ, ନାହିଁ ମୋ ଆପତ୍ତି ।
କିନ୍ତୁ ମୁକ୍ତି ପରେ କହ ମିଳିବ କି ତହିଁ,
ଏ ଖାଦ୍ୟ, ଶୂକରୀ, ଯାହା ଏଠି ମୁଁ ଲଭଇ ?''
× × × ×
ଲେଉଟିଲେ ପ୍ରହଲାଦ କି କହିବେ କଥା ।
ଏହି ତ ହେଉଛି ଆଜି ମଣିଷ ଅବସ୍ଥା ।।

ଆତ୍ମଦେବ ମିଳିବେ କେମିତି

ଏ ଆତ୍ମ-ଦେବଙ୍କୁ ଆମେ ପାଇବା କିପରି ?
କି ସାଧନା କରି ତାଙ୍କୁ କେ' ପାରିବ ଧରି ?
ଆମେ ଜାଣୁ ଏଥିପାଇଁ ହୁଏ ପ୍ରୟୋଜନ,
ଯୋଗ ତପ ନିଷ୍ଠା ବ୍ରତ ଧ୍ୟାନ ସାଧନ ।।

Digitized by srujanika@gmail.com

ଏ ସାଧନା ପଥ କେବେ ନୁହଁ ଆମ ପାଇଁ
ସେଥିପାଇଁ ତେଣେ ଆମେ ମନ ଦେଇ ନାହିଁ ।।
ଆମେ ଜାଣୁ କଲେ ଯେତେ ଚେଷ୍ଟା ବା ଯତନ,
ପାଉ ନାହିଁ ସଂସାରର ଦେଖିବା ରତନ ।।
ସେଥିରେ ଅଦେଖା ଧନ ମିଳିବ ଆମକୁ
ଏପରି ଭାବନା କେବେ ଆସେନା ମନକୁ ।।
ସେଥିପାଇଁ ଆମେ ଯେତେ ସାଧାରଣ ଜନ
ସେ ବାଟରେ ଚାଲିବାକୁ ନ ଲଗାଉ ମନ ।।
କେବଳ ସଂସାର ଭୋଗେ ନିତି ହୋଇ ବାଇ,
ଆମ ଏ ଜୀବନ କାଳ ଦେଉଛୁ କଟାଇ ।।

ଏହି ତ ଅଜ୍ଞାନ – ଜୀବ ଅଜ୍ଞାନ ନିଦ୍ରାରେ
ଶୋଇ ସ୍ୱପ୍ନ ଦେଖୁଅଛି ନିଜ କଳ୍ପନାରେ ।।
ଏ ଜୀବ ଜାଣେନି ସିଏ ଯାଏ କେଉଁଠିକି
ଜୀବର କି ପରମାର୍ଥ, କେବେ ଭାବିଛି କି ?
ପ୍ରାଣୀମାତ୍ରେ କି ଖୋଜଇ ପାଇବା ପାଇଁକି
ଯାହା ପାଇଁ ଦେଇଥାଏଁ ମନ ପ୍ରାଣ ବିକି ।।
ଆମେ ଆମ ପାଇଁ ଚାହୁଁ କଅଣ ଜୀବନେ ?
ଏ କଥାଟି କେବେ କ'ଣ ଉଠିଛି ଏ ମନେ ?

ଆମେହିଁ ଆନନ୍ଦ ଚାହୁଁ, ସେ ଆନନ୍ଦ ମାତ୍ର
ଆନନ୍ଦ କେବଳ ଆମ ଶ୍ରେଷ୍ଠ ପରମାର୍ଥ ।।
ସେ ଆନନ୍ଦ ନୁହେଁ ଦେଶ କାଳ ପରିଚ୍ଛିନ୍ନ,
ସେହିତ ପରମାନନ୍ଦ ହୃଦୟେ ଆସୀନ ।।
ସେ ତ ପରମାତ୍ମା ତାଙ୍କୁ ଚାହୁଁଛେ ସରବେ,
ଅସଲ ନ ଖୋଜି ଆମେ ଭୁଲିଛେ ଦରବେ ।।

ବଡ଼ଦାଣ୍ଡ ପଥେ ଆମେ ଚାଲୁ ସବୁ ଦିନ,
ବଡ଼ଦାଣ୍ଡ-ସ୍ୱାମୀ ପ୍ରତି ରହି ଉଦାସୀନ ।।

Digitized by srujanika@gmail.com

ଏହିତ ଅଜ୍ଞାନ ଆମ, ଅଜ୍ଞାନ ଅନ୍ଧାରେ
ବୁଲୁଥିବା ଆଉ କେତେ କାଳ ତୁଚ୍ଛାଟାରେ ?

ଚାଲ ଖୋଜିବା ସହଜ ମୁକ୍ତି-ପଥ

ଭଗବାନଙ୍କର ଲୀଳା ଏ ବିଶ୍ୱ ଜଗତ,
ଜଗତରେ ଅବା ସିଏ ସ୍ୱୟଂ ମୂର୍ତ୍ତିମନ୍ତ ॥
ବ୍ରହ୍ମ ସତ୍ୟ, ସତ୍ୟ ମଧ୍ୟ ଜଗତ ବୋଲାଏ,
ଯେ ଯାଏଁ ଜଗତ ବ୍ରହ୍ମ ମଧ୍ୟେ ଭେଦ ଥାଏ ॥
ଭେଦ ଅନ୍ତେ ଏ ଜଗତ ଲାଗେ ବ୍ରହ୍ମପରି,
ଲାଗେ ଏକମାତ୍ର ବ୍ରହ୍ମ ଅଛନ୍ତି ଯେପରି ॥
ଏକ ବ୍ରହ୍ମ ବିଦ୍ୟମାନ, ଅଦ୍ୱିତୀୟ ସେହି,
ତାଙ୍କୁ ଛାଡ଼ି ଏ ଜଗତେ ସତ୍ୟ ନୁହଁ କେହି ॥

କିଛିହିଁ ଅସ୍ତିତ୍ୱ ନାହିଁ ବହୁରୂପତାର,
ସବୁ କିଛି ଏକ ଜାଣ – ଏ ସିଦ୍ଧାନ୍ତ ସାର ॥
ଏକ ସଦାବେଳେ ଏକ ରୂପେ ବିଦ୍ୟମାନ,
ଅଦ୍ୱିତୀୟତାର ନାହିଁ ଦ୍ୱିତୀୟ ପ୍ରମାଣ ॥

ଆମେ ବହୁ ବୋଲି କହୁ ଏକକୁ ଭ୍ରମରେ,
ଭ୍ରମଟି କେବଳ ଜାଣ ଆମ ନୟନରେ ॥
ପ୍ରକୃତିରେ ନ ହୁଅନ୍ତି ବ୍ରହ୍ମ ପରିଣତ,
ସର୍ପ ହୋଇ ନ ପାରଇ ରଜ୍ଜୁଟି ଯେମନ୍ତ ॥
ବ୍ରହ୍ମ ସବୁକାଳେ ବ୍ରହ୍ମ ଜାଣି ଭଲ କରି
ବ୍ରହ୍ମଙ୍କୁ ପ୍ରକୃତି ରୂପେ ଦେଖୁଛୁ କିପରି ?

ମାୟାର ଗୋଟିଏ ଗୋଡ଼େ ଠିଆ ଏ ସଂସାର
ମାୟା-ଗୋଡ଼ ଦେଲେ କାଟି କି ହେବ ବିଚାର ॥
ସଂସାର କାମୁଡ଼ି ମାଟି ଯିବ ପଡ଼ି ତଳେ,
କେବଳ ରହିବେ ବ୍ରହ୍ମ ଏ ଆକ୍ଷି ଆଗରେ ॥

Digitized by srujanika@gmail.com

ମାୟାର ସଂସାର ଯାଏ ବଦଳି କେମିତି
ଏ ପରିବର୍ତ୍ତନ ଆମେ ଦେଖୁଁ ନିତି ନିତି ॥
ତେବେ ଅନୁଭୂତି କିଛି ଧରି ରଖୁ ନାହିଁ,
ଜୀବନରେ କରୁ ଭୋଗ ଦୁର୍ଦ୍ଦଶା ସେ ପାଇଁ ॥

ଗଭୀର ନିଦ୍ରାରେ ଆମେ ଶୋଇଥିବା କାଳେ,
ଆମ ଏ ସଂସାର ଥାଏ କେଉଁଠି ସେଠାରେ ?
ଯାଏ କେଉଁଆଡ଼େ ଅବା ଏ ବହୁରୂପତା,
କେତେବେଳେ କ'ଣ ଆମେ ଭାବୁ ଏହି କଥା ?

ଆମେ ଯେବେ ଯାଉଁ ଶୋଇ ଗଭୀର ନିଦରେ,
ସେତେବେଳେ କ'ଣ ପଡ଼େ ଆମରି ମନରେ –
ଟଙ୍କା ସୁନା ରୁପା ଦାରା ସୁତ ଜମି ବାଡ଼ି ?
ପ୍ରିୟ ବନ୍ଧୁ ପରିଜନ, କୋଠା ଅବା ଗାଡ଼ି ?
ଟିକିଏ କରିବା ଚିନ୍ତା ଏ କଥା ମନରେ,
ଏ ସଭିଙ୍କ ଅନୁଭୂତି କଥା ଜୀବନରେ ॥

ପ୍ରାଣୀ ବା ପଦାର୍ଥ କିଛି ମନରେ ନ ଥାଇ,
ସୁଖ ବା ଆନନ୍ଦ କେତେ ଆମେ ପାଉ ଥାଇଁ ॥

ଜାଗ୍ରତ ବେଳର ବସ୍ତୁ ନ ଥାଏ ସ୍ୱପ୍ନରେ,
ସ୍ୱପ୍ନ-ବସ୍ତୁ ଥାଏ ନାହିଁ ସୁଷୁପ୍ତି କାଳରେ,
ଅବସ୍ଥାର ବସ୍ତୁ ବିନା ଆମେ ଯେବେ ରହୁ,
'ବସ୍ତୁ ସୁଖ ଦିଏ' ବୋଲି କିଆଁ ତେବେ କହୁ ?

ବସ୍ତୁ ବିନା ସୁଖେ ଶୋଇ ଥାଉଁ ସୁଷୁପ୍ତିରେ
ବେଶୀ ଶକ୍ତି ସଞ୍ଚୁ ତେବେ ଆମ ଏ ଶରୀରେ ॥
ସ୍ୱାସ୍ଥ୍ୟ ଭଲ ରହେ, ଫୂର୍ତ୍ତି ଅଧିକ ଲାଗଇ,
ନିଦ୍ରା ବିନା କି ଯନ୍ତ୍ରଣା ମଣିଷ ଭୋଗଇ ?

Digitized by srujanika@gmail.com

ବସ୍ତୁ ବିନା ସୁଖେ ଆମେ ରହୁ ସୁଷୁପ୍ତିରେ;
ସଂସାର-ସମ୍ବନ୍ଧେ ଶକ୍ତି କ୍ଷୟ ତିଳେ ତିଳେ ॥
ପ୍ରାଣୀ ବା ପଦାର୍ଥ ବିନା ଯେବେ ଜାଗ୍ରତରେ,
ଆମେ ରହିଯିବା, ତେବେ ଭାବିବା ମନରେ,
ଜୀବନ୍ମୁକ୍ତ ହେବା ହେବ ସହଜ ଆମର,
ସମ୍ବନ୍ଧ-ହୀନତା ମୁକ୍ତି ଆନନ୍ଦ କେବଳ ॥
ଶରୀର ସଂସାର ଏକ, ଅଲଗା ନୁହନ୍ତି,
ଶରୀରଠୁଁ ଆତ୍ମା ସଦା ପୃଥକ ରହନ୍ତି ॥
ସୃଷ୍ଟିର ଆଗରୁ, ଏବେ, ଅବା ସୃଷ୍ଟି ପରେ
ଆତ୍ମା ରହିଥାନ୍ତି ପରା ନିଶ୍ଚିତ ଭାବରେ ॥
ଶରୀର-ସମ୍ବନ୍ଧ ଯେବେ ନାହିଁ ସୁଷୁପ୍ତିରେ
ତେବେ ଆତ୍ମା ରହିଥାନ୍ତି ଆମରି ସାଥିରେ ॥

ଏ ମାୟା-ସଂସାରୁ ହେଲେ ସମ୍ବନ୍ଧ ରହିତ
ଠିକ ରହିବା ଆମେ ସଂସାର ସହିତ ॥
କେବଳ ତୁଟାଇ ଦେଲେ ଶରୀର ଗୋଲାମି
ଆନନ୍ଦ ମିଳିବ ଆମେ ହେବା ମୁକ୍ତିଗାମୀ ॥

ରହୁ ଧନ ଦଉଲତ ଶରୀର ସ୍ୱଜନେ
ତାଙ୍କର ଗୋଲାମି ରଖିବାନି କଦାଚନେ ॥
ଜଡ଼ର ଗୋଲାମି ସଦା ଜଡ଼ ଠାରୁ ହୀନ,
ଆମେ ତ ଚେତନ ଆତ୍ମା, ସର୍ବଦା ସ୍ୱାଧୀନ ॥

ଜାଗ୍ରତାଦି ଅବସ୍ଥା ତ ବଦଳେ ନିଇତି,
ଆମେ କିନ୍ତୁ ସଦାବେଳେ ଥାଉଁ ସେଇମିତି ॥
ଏ ଅବସ୍ଥା ଆସେ ଯାଏ, ଆମେ ସ୍ଥିର ସଦା
ଅବସ୍ଥାଦି ଠାରୁ ପୁଣି ଏ ଆତ୍ମା ଅଲଗା ॥

Digitized by srujanika@gmail.com

ବସ୍ତୁ ଅବସ୍ଥାଦି ସବୁ ଆମ ଠାରୁ ଭିନ୍ନ –
ଜାଣିଲେ ମୁକତି ହେବ ଆମରି ଅଧୀନ ॥

ଆନନ୍ଦ ସ୍ୱରୂପ ଆତ୍ମା

ଜ୍ଞାନ ସ୍ୱରୂପ ତ ଏହି ଆନନ୍ଦ ଆମର,
ନିତ୍ୟ ପ୍ରାପ୍ତ; ସେହି ଆମ ଆତ୍ମାହିଁ କେବଳ ॥
ସାଧନ ପ୍ରଣାଳୀ ତା'ର ଅଟଇ କିପରି ॥
ସବୁ ଧର୍ମରେ ତ ଏହା ଅଟେ ଏକାପରି ॥
ଆସ୍ତିକ ନାସ୍ତିକ ଯେତେ ଅଛନ୍ତି ସଂସାରେ
ସମସ୍ତେ ଚାଲନ୍ତି ଏହି ଗୋଟିଏ ରାସ୍ତାରେ ॥
ଭୋଗରେ ସଂଯମ ଆଉ ଇଚ୍ଛାରେ ସଂଯମ,
ପ୍ରତି କାର୍ଯ୍ୟ ବା କ୍ରିୟାରେ ଆଚରି ନିୟମ ॥

ରସଗୋଲା ଭଲ ଲାଗେ ବୋଲି କ'ଣ କିଏ,
ଖାଇବସେ ତାହା ଏକାଥରକେ ହାଣ୍ଡିଏ ?
କେହି ଚାହେଁ ନାହିଁ ଏତେ ଏପରି ଖାଇବି
ଯାହାଫଳେ ଖାଇସାରି ବେମାର ପଡ଼ିବି ॥
କେ ଚାହେଁନା କରିବାକୁ ଏତେ ପରିଶ୍ରମ,
ଯା'ଫଳେ ଶୋଇବି ଶେଯେ ରୋଗୀଟିଏ ସମ ॥

ଆନନ୍ଦ ମିଳଇ ସଦା ଦୁଇଟି ପ୍ରକାରେ
ଇଚ୍ଛା ପୂର୍ଣ୍ଣେ ଅବା ଇଚ୍ଛା ହଟାଇ ଦେବାରେ ॥
ଖୋଜିଲା ଦରବ ପାଇ ହେଲେ ଇଚ୍ଛା ପୂର୍ତ୍ତି,
ଅଥବା ଇଚ୍ଛାକୁ କରି ପାରିଲେ ନିବୃତ୍ତି ॥

ପ୍ରେମହିଁ ଆନନ୍ଦ, ତାହା କିଏ ସେ ନ ଜାଣେ,
ନିଜଠିଁ ଅଧିକ ପ୍ରେମ; ନୁହଁଇ ତ ଆନେ ॥

Digitized by srujanika@gmail.com

ଯାହାକୁ କହଉ ଆମେ 'ମୁଁ'ଶରଧାରେ
ସେ ତ ନିଜେ ରହିଥାଏ ସଦା ନିଜ ଠାରେ ॥
ସେ ସ୍ୱତନ୍ତ୍ର ପରିପୂର୍ଣ୍ଣ ସେ ଅପରିଚ୍ଛିନ୍ନ,
ନୁହଇ କଦାପି ଦେଶ କାଳର ଅଧୀନ ॥
ସେ ଜ୍ଞାନ ସ୍ୱରୂପ ନିତ୍ୟ, ସେ ଆନନ୍ଦମୟ,
ଅହରହ ଖୋଜୁଁ ଆମେ ଯାହାଙ୍କୁ ନିଶ୍ଚୟ ॥
ଏହି ତ 'ତୁରୀୟ ତତ୍ତ୍ୱ' ଏହା ଗଲେ ଜାଣି,
ଆମ ଦୁଃଖ ସବୁ ହେବ ନିମିଷକେ ପାଣି ॥

ମୁଁ'ପାଇଁ ଆକାଶେ ଉଠେ ସୂରୁଜ ଦେବତା,
ଧରିତ୍ରୀ ସଜାଇ ହୁଏ ରଚି ବୃକ୍ଷଲତା ॥
ମୁଁ ପାଇଁ ସହସ୍ର ବାରି ଧାରା ନଭୁଁ ଖସେ,
ମୋ ସକାଶେ ନୀଳାକାଶେ ଶଶି ତାରା ହସେ ॥
ମୁଁ ପାଇଁ ବହଇ ବାୟୁ ଶୀତଳତା ଭରି,
ଦେବତାଏ ମୋ' ସେବାରେ ଥାଆନ୍ତି ଯେପରି ॥
ମୁଁ ପାଇଁ ଆକାଶ ମୋତେ ରଖୁଛି ଘୋଡ଼ାଇ,
ଆମ ଏ ମୁଁ କୁ କେହ୍ନେ ଆମେ ଖୋଜୁ ନାହିଁ ?

ଦୃଶ୍ୟ ପ୍ରପଞ୍ଚ

ଏ ଦୃଶ୍ୟ ପ୍ରପଞ୍ଚ ଯେବେ ନୁହଇଟି ସତ,
ପ୍ରଶ୍ନ ଉଠେ ତେବେ କିଆଁ ଦିଶଇ ସତତ ॥
ଏପରି ଦିଶଇ ପୁଣି ଗୁରୁଙ୍କୁ ନୟନେ,
ଏଥିରେ ବା ବ୍ରହ୍ମଜ୍ଞାନ ହୋଇବ କେସନେ ?

ବେଦାନ୍ତ କହଇ, ଥରେ ହୋଇ ଗଲେ ଜ୍ଞାନ,
କିଆଁ ନ ଦିଶିବ ପ୍ରପଞ୍ଚର ଦୃଶ୍ୟମାନ ?
ଜ୍ଞାନ ତ ନୁହଇ କେବେ ଭାନର ବିରୋଧୀ,
ପ୍ରପଞ୍ଚ ଦର୍ଶନ ତେଣୁ କେ' ପାରିବ ରୋଧୀ ?

Digitized by srujanika@gmail.com

ଯଦି ଏ ପ୍ରପଞ୍ଚ ସତ୍ୟ ହୋଇବ କେଉଁଠି,
ତେବେ ତ ଏଥିରୁ ହୋଇ ପାରିବ ନିବୃତ୍ତି ॥
ପ୍ରପଞ୍ଚ ତ ନାହିଁ, ହେବ ନିବୃତ୍ତି କିପରି ?
ଜ୍ଞାନ ହେବ, ବେଦାନ୍ତକୁ ବୁଝିଲେ ଏପରି ॥

ଆକାଶ ନୀଳିମା ଦେଖା ପଡ଼ଇ ନୟନେ,
ତାକୁ କିଏ ପୋଛି ଦେଇ ପାରିବ କେସନେ ?
ଆକାଶ ନୀଳିମା ସତ୍ୟ ହୋଇଥାନ୍ତା ଯେବେ,
ଯତ୍ନେ ବୈଜ୍ଞାନିକ ପୋଛି ପାରୁଥାନ୍ତେ ତେବେ ।
ବସ୍ତୁ ନ ରହିଲେ ତାକୁ କିଏ ସେ ପୋଛିବ ?
ପ୍ରପଞ୍ଚକୁ ତେହ୍ନେ ମାତ୍ର ପ୍ରତୀତି ମଣିବ ॥

ମାୟାର ପସରା

ପ୍ରପଞ୍ଚହିଁ ମାୟା ମାତ୍ର ମାୟାର ପସରା,
ଜ୍ଞାନୀଏ ଏପରି ଭାବେ ବୁଝିଥାନ୍ତି ପରା ॥
ମାୟା ବା ଛଳକୁ ସଦା ଛଳ ବୁଝିନିଅ
ସତ୍ୟକୁ ତ ସତ୍ୟ ରୂପେ ରହିବାକୁ ଦିଅ ॥

ଯାଦୁକର ଖେଳ ସବୁ ଛଳନା ଜାଣିବା,
ମାତ୍ର ଯାଦୁକରକୁ ହିଁ ସତ୍ୟ ବିଚାରିବା;
ଏହି ଜ୍ଞାନ, ଅନ୍ୟ ମନୋରଞ୍ଜନ ଅଟଇ,
ସେପରି ପ୍ରପଞ୍ଚ ନାନା ରୂପେ ବିଭାସଇ ॥

Digitized by srujanika@gmail.com

ଅଷ୍ଟମ ମନ୍ତ୍ର

ସୋଽୟମାତ୍ମାଽଧ୍ୟକ୍ଷରମ୍ ଓଙ୍କାରୋଽଧିମାତ୍ରଂ,
ପାଦ ମାତ୍ରାଃ, ମାତ୍ରାଶ୍ଚ ପାଦାଃ,
ଅକାର ଉକାରୋ ମକାର ଇତି ॥୮॥

ଅନୁବାଦ

ଅକ୍ଷର ଦୃଷ୍ଟିରୁ ଏହି ଆତ୍ମାଙ୍କ ବର୍ଣ୍ଣନା,
ଓଁ'କାର ବୋଲି କରା ହୁଅଇ କଳ୍ପନା ॥
ମାତ୍ରା ରୂପେ ଓଁ'କାର ନିତ୍ୟ ବର୍ତ୍ତମାନ,
ଆତ୍ମାଠୁଁ ଅଭିନ୍ନ ସେହି ଆତ୍ମାଙ୍କ ସମାନ ॥
ପାଦ ମାତ୍ରା ଅଟେ ଆଉ ପାଦ ମାତ୍ରା ସାର,
ଏ ମାତ୍ରା ଅକାର ଆଉ ଉ କାର ମ କାର ॥ ୮ ॥

ଭାବାର୍ଥ

ଅଦ୍ୱିତୀୟ ତତ୍ତ୍ୱକୁ ଯେ ନ ବୁଝି ପାରିବ,
ସିଏ ତେବେ ଆଉ ପୁଣି କଅଣ କରିବ ?
ସଂଶୟୀ ଜନଙ୍କ ପାଇଁ କିଛି ବାଟ ନାହିଁ,
ନିଶ୍ଚିତ ବିନାଶ ରହିଥାଏ ତାଙ୍କ ପାଇଁ ॥
ମାର୍ଗ ଦୁଇ ଗୋଟି–ତାହା, 'ବୁଝ' ଅବା 'ମାନ' ।
ବିଚାର କର ବା କର ବିଶ୍ୱାସ ପ୍ରମାଣ ॥
ବିଚାର ପାଇଁକି ଯିଏ ହୁଏ ଅସମର୍ଥ
ପ୍ରଣବରେ ସେ କେବଳ ବୁଝିବ ଏ ତତ୍ତ୍ୱ ॥

ଏ ବେଦାନ୍ତ ଶାସ୍ତ୍ର ତୁମ ସ୍ୱରୂପ ବୁଝାଏ,
ନୂଆ ବିଧାନ ବା ନୂଆ ଶାସନ ନ ଥାଏ ॥
ବେଦାନ୍ତ ବୁଝାଏ, ତୁମେ ସୁଖ କି ଖୋଜୁଛ ?

Digitized by srujanika@gmail.com

ଯଦି ଖୋଜ, ତେବେ କିଆଁ ଅବାଟେ ଭ୍ରମୁଛ ?
ଯେଉଁ ବସ୍ତୁ ଯେଉଁ ସ୍ଥିତି ପଛେ ଅଛ ରହି,
ତାହା ଯେ ପ୍ରମାଦ ପୂର୍ଣ୍ଣ ନିଶ୍ଚିତ ଅଟଇ ।।

ବିନାଶୀ ପାର୍ଥିବ ଦ୍ରବ୍ୟେ ମିଳଇ ତ ଦୁଃଖ;
ତୁମେ ଖୋଜ ନିତ୍ୟ ଅବିନାଶୀ ପୂର୍ଣ୍ଣ ସୁଖ ।
ତେଣୁ କେଉଁ ପଥେ ତମେ ଚାଲିବ ଆଗକୁ,
ବେଦାନ୍ତ କହ୍ନାଏ ସେହି ପଥରେ ତୁମକୁ ।।
ଜାଗ୍ରତ ସ୍ୱପନ ଆଉ ସୁଷୁପ୍ତିର ପଥ
ଧରିବାକୁ ତୁମେ ଯଦି ହୁଅ ଅସମର୍ଥ;
ତେବେ ତ ଓଁକାର ପଥେ ଚାଲ ଅବିରତେ,
ମାଣ୍ଡୂକ୍ୟ କହଇ ତାହା ଏ ଉପନିଷଦେ ।।

ଅକ୍ଷର ଦୃଷ୍ଟିରୁ ଏହି ଆତ୍ମାକୁ ନିରତେ,
ଓଁ' କାର ବୋଲି ମାନି ନିଅ ହୃଦଗତେ ।।
ଗଣିତରେ କ..ଖ..ଗ.. ଯେଉଁପରି
ମାନି ନିଆ ଯାଇଥାଏ, ଇଯେ ତ ସେପରି ।।
ବୁଦ୍ଧିରେ ତତ୍ତ୍ୱକୁ ପରା ଚଢ଼ାଇବା ପାଇଁ
ଓଁ'ରେ ତୈଜସ ବିଶ୍ୱ ପ୍ରାଜ୍ଞାଦି ସେପାଇଁ ।।
ଅ.ଉ.ମ.କାର ମାତ୍ରା ନେଲେ ମାନି,
ତେବେ ଓଁ' ବ୍ରହ୍ମ ବୋଲି ତମେ ଯିବ ଜାଣି ।।

କରିବାକୁ ସଂସାରର ବସ୍ତୁକୁ ସ୍ମରଣ,
ଆମେ କରୁଁ ଭିନ୍ନ ଭିନ୍ନ ନାମ ଉଚ୍ଚାରଣ ।।
ସେହିପରି ଏ ବିଶ୍ୱର ସ୍ମରଣ ନିମନ୍ତେ
କର ଉଚ୍ଚାରଣ ଅ' ନିଜ ହୃଦଗତେ ।।
ତୈଜସ ନିମନ୍ତେ ଉ' ପ୍ରାଜ୍ଞକୁ ସେପରି
କର ସୁମରଣ ତମେ 'ମ' ଲିପି ଧରି ।।

Digitized by srujanika@gmail.com

ଏହି ତିନି ଗୋଟି ମାୟା; କେବଳ ଅମାତ୍ର
ତୁରୀୟ ତତ୍ତ୍ୱଟି ବୋଲି ବୁଝି ନେବ ମାତ୍ର ॥
ଧ୍ୟାନ ପାଇଁ କେବଳ ତ ପ୍ରଣବ କଳ୍ପନା
ଭିନ୍ନ ଯହିଁ ପରମାତ୍ମା ତହିଁ ଉପାସନା ॥

ଓଁ ଧ୍ୟାନ କେମିତି କରିବ

ହେବାକୁ ଅଦ୍ୱୈତ ଜ୍ଞାନ ଓଁ' ଜପ କର,
ଏଥୁଁ ବିଶ୍ୱ ତୈଜସାଦି ଧ୍ୟାନହିଁ କେବଳ ॥
ଅ' ଉଚ୍ଚାରଣ ସାଥେ ଛାଡ଼ି ବୈଶ୍ୱାନର,
ନିଜକୁ ତୈଜସ ଉ' ସାଥେ ଏକ କର ॥
ଉ' ଉଚ୍ଚାରଣ ସାଥେ ତୈଜସକୁ ତେଜି
ପ୍ରାଜ୍ଞର ସ୍ୱରୂପ ସବୁ ହୃଦେ ନିଅ ହେଜି ॥
ମ'କାର ଅନୁସ୍ୱାର ଧ୍ୱନି ହେଲେ ଅନ୍ତ
ତୁରୀୟରେ ମିଶି ଛାଡ଼ ପ୍ରାଜ୍ଞକୁ ତୁରନ୍ତ ॥
ଓଁକାର ଚିନ୍ତନ ଧ୍ୟାନ ହୁଅଇ ଏପରି,
'ତ୍ୱଂ' ପଦକୁ ଖୋଜ ତୁମେ ଏହି ପଥ ଧରି ॥
ସୁଗମ ନ ହେଲା ଯଦି ଏ ପ୍ରକାର ରୀତି
ଓଁ' କାର ଦ୍ୱାରା ଚିନ୍ତା କରିବ ଇମିତି ॥

ଅ' ଯେ ବିଶ୍ୱାତ୍ମା ସେହି ବିରାଟ ଅଟନ୍ତି,
ଉ ତୈଜସ ସେ ହିରଣ୍ୟଗର୍ଭ ହେଉଛନ୍ତି ॥
ମ' କାର, ଈଶ୍ୱର ଯେ ଅମାତ୍ର ଶେଷରେ
ସେ ତୁରୀୟ, ଶୁଦ୍ଧ ବ୍ରହ୍ମ ଜାଣ ସହଜରେ ॥

ପ୍ରଣବର ଉଚ୍ଚାରଣ କିଏ କରେ

ପ୍ରଣବର ଉଚ୍ଚାରଣ କରିବା ନିମନ୍ତେ
ବୈଦିକ ଲୌକିକ ଦୁଇ ରୂପ ଏ ଜଗତେ ॥

Digitized by srujanika@gmail.com

ଲୌକିକ ପ୍ରଣବେ ଥାଏ ସର୍ବି ଅଧିକାର
ଗୀତା ପୁରାଣରେ ଆସେ ଏହା ବାରମ୍ବାର ॥
ନିର୍ଦ୍ଦିଷ୍ଟ ସ୍ୱରରେ ଅବା ନିର୍ଦ୍ଦିଷ୍ଟ ଢଙ୍ଗରେ
ସବୁ ବେଦ ମନ୍ତ୍ର ବୋଲାଯାଏ ଜଗତରେ ॥
ଏଥିରେ ଦେବତ୍ୱ ରହେ ଏ ବେଦ ପ୍ରସିଦ୍ଧି,
ବେଦ ମନ୍ତ୍ର ହୁଏ ଗାନ ମାନି ନାନା ବିଧି ॥

ଘଣ୍ଟାର ନିନାଦବତ୍ ପ୍ରଣବର ଧ୍ୱନି,
ଏ ନାଦରେ ଉଠେ ଭରି ଆକାଶ ଅବନୀ ॥
ସ୍ୱପ୍ନାଦି ଅବସ୍ଥା ତିନି ତିନି ଅଭିମାନୀ
ସବୁରି ମୂଳରେ ଶବ୍ଦ ମୂଳ ରଖ ଜାଣି ॥
ତିନି ଶବ୍ଦ ମିଶି କରି ହେଲା ଏକ ରୂପ,
ତାହା ଯେ ଅଟଇ ମାତ୍ର ଓଁକାର ସ୍ୱରୂପ ॥
ସ୍ଥୂଳ ଦୃଷ୍ଟି ବିଶ୍ୱ, ସୂକ୍ଷ୍ମ ସମଷ୍ଟି ତୈଜସ
ପ୍ରାଜ୍ଞ ଯେ କାରଣାବସ୍ଥା, ସେ ଓଁ’ ଅନନ୍ତ ॥
ଅଟଇ ସଗୁଣ ବ୍ରହ୍ମ ଓଁକାର ବାଚାର୍ଥ,
ପୁଣି ନିର୍ଗୁଣ ବ୍ରହ୍ମ ତାହାରି ଲକ୍ଷାର୍ଥ ॥

Digitized by srujanika@gmail.com

ନବମ ମନ୍ତ୍ର

ଜାଗରିତ ସ୍ଥାନୋ ବୈଶ୍ୱାନରୋଽକାରଃ ପ୍ରଥମା
ମାତ୍ରାପ୍ତେରାଦି – ମତ୍ତ୍ୱାଦ୍‌ବା, ଆପ୍ନୋତି ହ ବୈ ସର୍ବାନଂ
କାମନାଦିଶ୍ଚ ଭବତି, ସ ଏବଂ ବେଦ ।।୯।।

ଅନୁବାଦ

ଜାଗ୍ରତ ବେଳାର ଅଧିଷ୍ଠାତା ବୈଶ୍ୱାନର,
ଓଁକାର ପ୍ରଥମ ମାତ୍ରା 'ଅ' ଏ ଅକ୍ଷର ।।
ଉଭୟେ ବ୍ୟାପକ ପୁଣି ଉଭୟେ ପ୍ରଥମ
ଏହାକୁ ସାଧକ ଯିଏ କଲେ ହୃଦଙ୍ଗମ,
କାମନା ଦରବ ସିଏ ସହଜେ ଲଭନ୍ତି
ମହାପୁରୁଷଙ୍କ ମେଳେ ପ୍ରଥମ ହୁଅନ୍ତି ।। ୯ ।।

ସରଳାର୍ଥ

ଓଁକାର ପ୍ରଥମ ମାତ୍ରା ଯେଉଁ ଅ ଅକ୍ଷର,
ସେ ତ ଜାଗରିତ ସ୍ଥାନବାଲା ବୈଶ୍ୱାନର ।।
'ଅ'କାର କାହିଁକି ହେଲା ନ ହୋଇଣ ଆନ,
ତାହାରି କାରଣ ଏହି ମନ୍ତ୍ରେ ବିଦ୍ୟମାନ ।।
କାରଣ ତ ଆପ୍ତି, ଆପ୍ତି ମାନେ ବ୍ୟାପକତା,
'ଅ'ରୁ ସମସ୍ତ ବାଣୀ ବ୍ୟାପ୍ତ ହୁଏ ଯଥା ।।
ତେହ୍ନେ ବୈଶ୍ୱାନର ଆମ୍ଭାଙ୍କର ଶିର ଗୋଟି,
ସମସ୍ତ ଦ୍ୟୁଲୋକ ସାରା ରହିଥାଏ ଘୋଟି ।।
ବୈଶ୍ୱାନରଙ୍କଠୁଁ ବ୍ୟାପ୍ତ ସମସ୍ତ ଜଗତ,
ବିଶ୍ୱକୁ ଛାଡ଼ି ବା ଅଛି କଅଣ କହତ !!

ଯାହାର ତ ଆଦି ଅବା ପ୍ରଥମତା ଥାଏ,
'ଆଦିମତ୍' ବୋଲି ସେହି କେବଳ ବୋଲାଏ ।।

Digitized by srujanika@gmail.com

'ଅ' ଅକ୍ଷର ଗୋଟି ଆଦିମାନ ଯେଉଁପରି
ଏହି ବୈଶ୍ୱାନର ମଧ୍ୟ ଅଟନ୍ତି ସେପରି ॥
'ଅ' କାର ରୂପତା ତେଣୁ ବୈଶ୍ୱାନର ଜାଣ,
ବ୍ୟାପ୍ତି ଆଉ ଆଦିମତା ଏହାର କାରଣ ॥

ପ୍ରଣବର ଆଦି ମାତ୍ରା 'ଅ'କାର ଯେସନେ,
ସମସ୍ତ ବାଣୀରେ ବ୍ୟାପ୍ତ ରୂପ ଆଉ ବର୍ଣ୍ଣେ,
ତେସନେ ତ ବିଶ୍ୱ ବିନା ସୃଷ୍ଟି ନାହିଁ ଆନ,
ତେଣୁ ଅ'କାର ବିଶ୍ୱ ଏକ ରୂପ ଜାଣ ॥

ମୁଁ ଓ ବିଶ୍ୱର ହୁଏ ବିଚାର କାହିଁକି ?
ବିଶ୍ୱକୁ ନିଜର ସବୁ କରିବା ପାଇଁକି ॥
ବିଶ୍ୱ ହେବ ତୁମ ଦେହ ଘର ପରିବାର,
ତହିଁରେ ରଚିବ ତୁମ ସୁନେଲି ସଂସାର ॥
ଏକ ଦେହ ବୋଲି ତମେ ଭାବିଥିଲ ମନେ,
ତେଣୁ ନାନା ଦୁଃଖ କ୍ଳେଶ ଭୋଗିଲ ଜୀବନେ ॥
ଭାବି ନେଇଥିବା ହେତୁ ତୁମେ ଦେହ ଏକ,
ରାଗ ଦ୍ୱେଷ ଲୋଭ ମୋହ ଅର୍ଜିଲ ଅନେକ ॥
କେତେ କାମ କ୍ରୋଧେ ତମେ ହେଲ ଜର୍ଜରିତ
ଆନନ୍ଦ ପାଇଲ ନାହିଁ ଜୀବନେ କିଞ୍ଚିତ ॥

ତୁମର ସମଗ୍ର ବିଶ୍ୱ ଏବେ ତୁମେ ପୂର୍ଣ୍ଣ,
ଆଉ କି ଦରବ ପାଇଁ ହୋଇବ ବା କ୍ଷୁଣ୍ଣ ?
ବିଶ୍ୱ ଅଭିମାନୀ ହୋଇ ବିରାଟ ରୂପରେ
ନିଜକୁ ନିରେଖି ହୁଅ ପୂର୍ଣ୍ଣକାମ ଥରେ ॥

କେଉଁ ଧର୍ମ ସମ୍ପ୍ରଦାୟ ବା କେଉଁ ଦର୍ଶନ,
ଦେହକୁ ତ ଆତ୍ମା ନ କହନ୍ତି କଦାଚନ ॥
ଦେହରୁ ହୁଅଇ ସିନା ଦୁଃଖ ଉତପନ୍ନ ?

Digitized by srujanika@gmail.com

ଦେହ ନ ଭାବିଲେ ଦୁଃଖ କରିବ କଅଣ ?
ନିଜକୁ ବିରାଟ ବୈଶ୍ୱାନର ନେଲେ ମାନି,
ହେବ ମହାପୁରୁଷଙ୍କ ମଧ୍ୟେ ଶ୍ରେଷ୍ଠ ଜ୍ଞାନୀ ॥
ଧର୍ମ କହିଲେ ତ ତୁମେ ସବୁ ଧର୍ମ କଥା
ବିଚାରିବ; ଦେଶ ସବୁ ଦେଶର ଅବସ୍ଥା ॥
ବିଶ୍ୱାତ୍ମା ରୂପରେ ଯିଏ ହୁଅନ୍ତି ଗଣନ,
ସେ ଅଟନ୍ତି ସବୁକାଳେ ପ୍ରଥମରେ ଗଣ୍ୟ ॥

Digitized by srujanika@gmail.com

ଦଶମ ମନ୍ତ୍ର

ସ୍ୱପ୍ନସ୍ଥାନ ତୈଜସ ଉକାରୋ ଦ୍ୱିତୀୟା ମାତ୍ରୋତ୍କର୍ଷାଦୁଭୟ – ତ୍ୱାଦ୍ୱା ଉତ୍କର୍ଷତି ହ ବୈ ଜ୍ଞାନସନ୍ତତିଂ ସମାନଶ୍ଚଭବତି, ସ ଏବଂ ବେଦ ॥୧୦॥

ଅନୁବାଦ

ସ୍ୱପ୍ନ ଅବସ୍ଥାର ଅଧିଷ୍ଠାତା ଯେ ତୈଜସ
ଉତ୍କର୍ଷତା ଆଉ ମଧ୍ୟବର୍ତ୍ତିତା ସକାଶ,
ଓଁକାରର ମଝି ମାତ୍ରା ଉ'କାର ଅଟଇ,
ଏହି ରହସ୍ୟକୁ ଯେଉଁ ସାଧକ ଜାଣଇ,
ଓଁ କାର ଉ' ମାତ୍ରା ସହ ବେନିର ଏକତା,
ଯେଉଁ ଉପାସକ ଜାଣି ଥାଆନ୍ତି ଏ କଥା,
ଶତ୍ରୁ ମିତ୍ର ପାଶେ ସିଏ ହୁଅନ୍ତି ସମାନ
କୁଳେ ତାଙ୍କ ନ ଜନ୍ମନ୍ତି ଅଜ୍ଞାନୀ ସନ୍ତାନ ॥ ୧୦ ॥

ଭାବାର୍ଥ

ସ୍ୱପ୍ନାବସ୍ଥା ଅଭିମାନୀ ତୈଜସ ସ୍ୱଭାବେ
ଅନ୍ତଃପ୍ରଜ୍ଞ ସୂକ୍ଷ୍ମଭୋଗୀ ଅଟେ ନାନାଭାବେ ॥
ସାତ ଅଙ୍ଗ ଯୁକ୍ତ, ଉନବିଂଶ ମୁଖବାଲା
ବିହରନ୍ତି ସେ ତ ସୂକ୍ଷ୍ମ ଜଗତଟା ସାରା ॥
ବୈଶ୍ୱାନର ବିରାଟକୁ ଏବେ ଛାଡ଼ି ଦେଇ
ତୈଜସ ସହିତେ ଦିଅ ନିଜକୁ ମିଶେଇ ॥
ଭାବ, ନିଜେ ସୂକ୍ଷ୍ମ ସମଷ୍ଟିର ଅଭିମାନୀ,
ଜାଣୁଛ ଯେତେକ ସୂକ୍ଷ୍ମ-ସମଷ୍ଟି କାହାଣୀ ॥

ଏକ ଅନ୍ତଃକରଣକୁ ଥିଲା ଯା' ଆଚ୍ଛାଦି,
ରାଗ ଦ୍ୱେଷ, ଲୋଭ ମୋହ, କାମ କ୍ରୋଧ ଆଦି,

Digitized by srujanika@gmail.com

ଅଜ୍ଞତା ଅସ୍ମିତା ଅଭିନିବେଶକୁ ନେଇ
ଜ୍ଞାନାଗ୍ନି-କୁଣ୍ଡରେ ଦିଅ ଆହୁତି ପକେଇ ॥

ଖୋସା କାଟି ପ୍ରଜାପତି ଯେହ୍ନେ ଯାଏ ଉଡ଼ି
ଦେହ-ଖୋସା କାଟି ଆସ ବିଶ୍ୱକୁ ବାହୁଡ଼ି ॥
ସ୍ଥୂଳକୁ ସୂକ୍ଷ୍ମରେ କଲେ ନିରତ ହବନ,
ତେବେ ଶୁଦ୍ଧ ହେବ ଅନ୍ତଃକରଣ ଓ ମନ ॥

ଏ ସୂକ୍ଷ୍ମ-ସମଷ୍ଟି ଅଟେ ତୈଜସ ଉକାର,
ଏ ସ୍ଥୂଳ ସୃଷ୍ଟିରେ ଶ୍ରେଷ୍ଠ, ଏହି ଅଟେ ସାର ॥
ମନରେ ପ୍ରଥମେ ଯେଣୁ ହୁଏ ଇଚ୍ଛା ଜାତ
ତା'ପରେ ସକଳ କ୍ରିୟା ଘଟିଥାଏ ମାତ୍ର ॥
ସଂକଳ୍ପ ତ ଥାଏ ରହି ପ୍ରତିକ୍ରିୟା ମୂଳେ,
ସଂକଳ୍ପ ମୂଳରେ ଥାଏ ବୁଦ୍ଧି ସମ ତୁଲେ ॥
ତେଣୁ ବୁଦ୍ଧି ଶୁଦ୍ଧ ହେବା ଅତି ପ୍ରୟୋଜନ,
ଶୁଦ୍ଧ ବୁଦ୍ଧିରେ ତ ଶୁଦ୍ଧ ଇଚ୍ଛା ଉତପନ୍ନ ॥

ଇଚ୍ଛା ଶୁଦ୍ଧ ହେଲେ ଶୁଦ୍ଧ ହୋଇଥାଏ କ୍ରିୟା,
କ୍ରିୟା ବନ୍ଦ କଲେ ତାହା ଶୁଦ୍ଧ ହେବ କିଆଁ ?

ଘୂରନ୍ତା ପଙ୍ଖାକୁ ଯେହ୍ନେ ହାତେ ଦେଲେ ଧରି,
ପଙ୍ଖା ଅବା ବନ୍ଦ ହୋଇ ପାରିବ କିପରି ?
ହାତ ଛାଡ଼ି ଦେଲେ ପଙ୍ଖା ପୁଣି ବୁଲିବ ।
ତେଣୁ ପଙ୍ଖା ସ୍ୱିଚ ଟିପ, ତାହା ଯହିଁ ଥିବ ॥
ଆଇନ କାନୁନେ ଚୋରି ବନ୍ଦ ନ ହୁଅଇ,
ଛପି କରି ମଣିଷର ମନେ ସେ ରହଇ ॥
ଦୁଷ୍କର୍ମ ରୋକିବା ପାଇଁ କେ କଲେ ଯତନ,
ବୁଦ୍ଧି ଶୁଦ୍ଧ ହେବା ତେଣୁ ଅତି ପ୍ରୟୋଜନ ॥

Digitized by srujanika@gmail.com

ଜାଗ୍ରତ ସୁଷୁପ୍ତି ମଧ୍ୟେ ସମ୍ବନ୍ଧ ସ୍ଥାପନ,
ସ୍ୱପ୍ନାବସ୍ଥା ଉ କାର ହିଁ କରଇ ଯତନ ॥
ଯେ ପାଇଁ ହିରଣ୍ୟଗର୍ଭ ତୈଜସ ପ୍ରମାଣ,
ସୂକ୍ଷ୍ମ-ସମଷ୍ଟିର ଅଭିମାନୀ ବୋଲି ଜାଣ ॥

ଏ ଜ୍ଞାନ ହୋଇଲେ ବୁଦ୍ଧି ଶୁଦ୍ଧ ହୋଇଯାଏ ।
ଏକତ୍ୱ ସକାଶେ ସ୍ଥୂଳ ରାଗ ଦ୍ୱେଷ ଯାଏ ॥
ଚିତ୍ତେ ଜାତ କାମ-କ୍ରୋଧ ବୃତ୍ତି ଦେହ ପରେ
ପ୍ରଭାବ ପକାଇ ଥାଏ ଜ୍ଞାନୀଙ୍କ ମତରେ ॥
ତେଣୁ ଚିତ୍ତେ ଜ୍ଞାନ ହେଲେ ଘୁଞ୍ଚେ ରାଗ ଦ୍ୱେଷ,
ଏ ପ୍ରଭାବ ପଡ଼େ ବଂଶ ଉପରେ ଅଶେଷ ॥
ତେଣୁ ଜ୍ଞାନ ପ୍ରୟୋଜନ, ଜ୍ଞାନ ହିଁ ଉତ୍ତମ
ଜ୍ଞାନେ ବ୍ରହ୍ମବେତ୍ତା ଲଭେ ତାର ବଂଶକ୍ରମ ॥

Digitized by srujanika@gmail.com

ଏକାଦଶ ମନ୍ତ୍ର

ସୁଷୁପ୍ତ ସ୍ଥାନଃ ପ୍ରାଜ୍ଞୋ ମକାରସ୍ତୃତୀୟା ମାତ୍ରା
ମିତେରପୀତେର୍ବା, ମିନୋତି ହ ବା ଇଦଂ
ସର୍ବମପୀତିଶ୍ଚ ଭବତି, ଯ ଏବଂ ବେଦ ॥୧୧॥

ଅନୁବାଦ

ସୁଷୁପ୍ତିର ଅଧିଷ୍ଠାତା ପ୍ରାଜ୍ଞ ଅନୁରୂପ,
ଓଁ କାର ତୃତୀୟ ମାତ୍ରା ମ'କାର ସ୍ୱରୂପ ॥
ଏ ବିଶ୍ୱ ତୈଜସ ପରିମାପକ ଅଟନ୍ତି
ପୁଣି ବିଲୟ ସ୍ଥଳୀ ତାଙ୍କରି ହୁଅନ୍ତି ॥
ଯେଉଁ ଉପାସକେ ଜାଣି ପାରନ୍ତି ଏ ରୂପ,
ସେ ଜାଣନ୍ତି ଜଗତର ପ୍ରକୃତ ସ୍ୱରୂପ ॥
'ସଭିଙ୍କ ଆଶ୍ରୟ ସ୍ଥଳ' ବୋଲି ଏ ସାଧକେ
ଗଣା ହୋଇଥାନ୍ତି ଜାଣ ଏ ବିଶ୍ୱ ମୂଳକେ ॥ ୧୧ ॥

ସରଳାର୍ଥ

ଓଁ' କାର ତୃତୀୟ ମାତ୍ରା ମ' କାର ଅଟଇ,
ସେ ସୁଷୁପ୍ତି ସ୍ଥାନବାଲା; ତାଙ୍କୁ ପ୍ରାଜ୍ଞ କହି ॥
ମ କାର ଓ ପ୍ରାଜ୍ଞ ମଧ୍ୟେ କେହ୍ନେ ସମାନତା ?
ଏକାଦଶ ମନ୍ତ୍ରେ ଆମେ ଜାଣିବା ସେ କଥା ॥

ଗଉଣୀରେ ଆମେ ମାପୁଁ ଧାନ ବା ଗହମ,
ସେପରି ଅଟଇ ଜାଣ ବେନିଙ୍କ କରମ ॥
'ମିତି' ଅବା ମାପ କାରଣରୁ ସମାନତା
ସୁଷୁପ୍ତି ମ' କାର ମଧ୍ୟେ ସେ ପାଇଁ ଏକତା ॥

Digitized by srujanika@gmail.com

ପ୍ରଳୟ ଉତ୍ପତ୍ତି କାଳେ ପଶି ବାହାରିବା–
କର୍ମକୁ ଏଠାରେ ଆମେ ବିଚାର କରିବା ॥
ସେପରି ପ୍ରାଜ୍ଞରୁ ବିଶ୍ୱ ତୈଜସକୁ ଯାଇ,
ସୃଷ୍ଟିର ଅନାଦି କ୍ରିୟା ମାପ କରିଥାଇଁ ॥

ଓଁ' କାର କରି ପୁନଃ ଉଚ୍ଚାରଣ ପରେ,
ଅ ଉ କାର ମିଶେ ଯେସନେ ମ'ରେ,
ପୁଉଣି ବାହାରି ଆସି ପୁଉଣି ପଶଇ,
ପ୍ରଳୟ ଉତ୍ପତ୍ତି ଲୀଳା ଏପରି ଅଟଇ ॥

ଯେସନେ ଅ.ଉ ଶେଷେ ମ'ରେ ଏକାକାର,
ବିଶ୍ୱ ଓ ତୈଜସ ମିଶେ ପ୍ରାଜ୍ଞେ ସେ ପ୍ରକାର ॥
ଏକୀଭୂତତା ଏ ପାଇଁ ପ୍ରାଜ୍ଞ ଓ ମ'କାର,
ସମାନ ଅଟଇ ବୋଲି ମନରେ ବିଚାର ॥

ଏହା ଯେ ଜାଣନ୍ତି ସିଏ ଜଗତ ମାପନ୍ତି
ଜଗତର ସ୍ୱରୂପକୁ ସହଜେ ଜାଣନ୍ତି ॥
ସେ ହୁଅନ୍ତି ଜଗତର କାରଣ ସ୍ୱରୂପ,
ପୂର୍ବରୁ ବର୍ଣ୍ଣିତ ଷଷ୍ଠ ମନ୍ତ୍ରେ ଏହି ରୂପ ॥

ନାମ ବସ୍ତୁ ଭେଦ ଜ୍ଞାନ ରହେ ବ୍ୟବହାରେ,
ସମାଧିରେ ନ ଥାଏ ତ କିଞ୍ଚିତ ପ୍ରକାରେ ॥
ବ୍ୟବହାରେ ପୃଷ୍ଟ ବସ୍ତୁ, ପୃଷ୍ଟ ନାମ ଭିନ୍ନ,
ସମାଧିରେ ନାମ ବସ୍ତୁ ଅଟଇ ଅଭିନ୍ନ ॥
ଏଥିରୁ ପଡ଼ଇ ଜଣା ମନ ଚଞ୍ଚଳତା
ଦେଖାଏ ଆମକୁ ଯେତେ ଜଗତେ-ଭିନ୍ନତା ॥
ସୁଷୁପ୍ତି ବା ସମାଧିରେ ଏ ମନ କେବଳ,
ଆନନ୍ଦରେ ରହିଥାଏ ମଜ୍ଜି, ଅଚଞ୍ଚଳ ॥

Digitized by srujanika@gmail.com

ପରମାର୍ଥେ ବାଚ୍ୟ ବାଚକର ଭେଦ ନାହିଁ
ସୁଷୁପ୍ତି ମ' କାର ବେନି ଅଭେଦ ସେ ପାଇଁ ॥

ସୁଷୁପ୍ତି ହିଁ ଜୀବନର ସତ୍ୟ

ସୁଷୁପ୍ତି ଅଟଇ ଆମ ଜୀବନର ସତ୍ୟ,
ସତ୍ୟ ନୁହେଁ କଦାଚନ ସ୍ୱପ୍ନ ବା ଜାଗ୍ରତ ॥
ଜାଗ୍ରତକୁ ଦେଖି କଲେ ସତ୍ୟର ବିଚାର,
ଆମକୁ ଘାରିବ ସିନା ମାୟାର ସଂସାର ॥
ମାୟା ସଂସାରର ଏହି ମାୟା ଦେହ ଗୋଟି,
ଯାହାକୁ ଦିଅଉ ଆମେ ମୂଲ୍ୟ ଶତ କୋଟି,
ତାକୁ ନେଇ ଭୋଗୁଁ ଦୁଃଖ ରୋଗ ଓ କଷଣ
ନ ଜାଣି ଜାଗ୍ରତ ସ୍ୱପ୍ନ ଅସତ୍ୟ ଭୁବନ ॥
ଆମେ ନୋହୁଁ ପୁଣି ଏହି ସୁଷୁପ୍ତି; କାରଣ
ଯେଣୁ ଏ ଅବସ୍ଥା ଯାଏ ରହି ଅଳ୍ପ କ୍ଷଣ ॥
କରିବାକୁ ପ୍ରାଜ୍ଞ ଘନୀଭାବର ବିଚାର,
ଓଁ' କାରର ଏହି ମାତ୍ରା ଗୋଟିତ, ମ' କାର ॥

ଏ ପ୍ରାଜ୍ଞ, ଜାଗ୍ରତ ସ୍ୱପ୍ନ ସବୁ ପଦାର୍ଥକୁ
ମାପି, ଟାଣି ନିଏ ପୁଣି ନିଜ ଭିତରକୁ ॥
ଏଇଥିରୁ ସବୁ କିଛି ଉତ୍ପନ୍ନ ହୁଅଇ
ପୁଉଣି ଏଥିରେ ଶେଷେ ବିଲୟ ଘଟଇ ॥
ଏ ସବୁ କାରଣୁ ପ୍ରାଜ୍ଞ ଆଉ ମ' କାର
ଏକୀଭୂତ ବୋଲି ସଦା ହୁଅଇ ବିଚାର ॥

ଜାଗ୍ରତ ଓ ସ୍ୱପ୍ନ ପରି ପ୍ରତି ଶରୀରରେ
ସୁଷୁପ୍ତି ଅବସ୍ଥା ଭିନ୍ନ ନୁହଁ କିଞ୍ଚିତରେ ॥
ଏଥୁଁ ଜଣା ପଡ଼େ ଏଇ କଥା ସହଜରେ,
ଭେଦ ରହିତ ଏ ଭୂତାକାଶ ପ୍ରତି ସ୍ଥଳେ ॥

Digitized by srujanika@gmail.com

ଶରୀର ଭିତର ଆଉ ବାହାର ଆକାଶ
କେବେ ଦୁଇ ନୁହେଁ କର ମନରେ ବିଶ୍ୱାସ ॥
ସ୍ୱପ୍ନରେ ପୃଥିବୀ ପ୍ରାଣୀ ଯେତେ ଯା' ପଦାର୍ଥ,
ଗ୍ରହ ନକ୍ଷତ୍ରାଦି ସବୁ ଏ ମନରୁ ଜାତ ॥

ସେହିପରି ଜାଗ୍ରତର ଏ ଦୃଶ୍ୟ ସଂସାର,
କେବଳ ମନରୁ ସବୁ ହୋଇଛି ବାହାର ॥

ନିଜ ଭିତରକୁ ନେଇ ଆକାଶାଦି ସହ
ମନ ଶୁଏ ସୁଷୁପ୍ତିରେ ହୋଇ ନିରିଭୟ ॥
ଚିଦାକାଶ ସେହି ମନ ଭିତର ଆକାଶ
ଏ କେସନେ ହେବ ଦୁଇ ରୂପରେ ପ୍ରକାଶ ?

ଏହି ଚିଦାକାଶ ଯେଣୁ ସ୍ୱରୂପ ତୁମରି,
ତହିଁ ସଂସାରର ଭେଦ ହେବ କେଉଁପରି ?

ପ୍ରଣବ ଆଶ୍ରୟ

ଜାଗ୍ରତ ସୁଷୁପ୍ତି ସ୍ୱପ୍ନ-ଆଦିର ବିଷୟ,
ବୁଝିବାକୁ ନିଅ ତମେ ପ୍ରଣବ ଆଶ୍ରୟ ॥
ବୁଝି ନୋହୁଚି ତ ବସି ଭାବ ମନେ ମନେ,
ଭାବନାର ଦୁଇ ଧାରା ରହିଚି କେସନେ ॥
ଏକ 'ତତ୍' ପଦାର୍ଥ ଯେ 'ତ୍ୱଂ' ପଦାର୍ଥ ଆନ,
ଏ ଦୁଇ ଶବ୍ଦରୁ ହୁଏ ଦୁଇ ତତ୍ତ୍ୱ ଜ୍ଞାନ ॥
ତତ୍ ପଦାର୍ଥ ରୂପେ ଜାଗ୍ରତାଦି ଅବସ୍ଥାର
ନିରାକାର ଚେତନାହିଁ ଅଧିଷ୍ଠାନ ତାର ॥

ଅଦ୍ୱିତୀୟ ପରଂବ୍ରହ୍ମ ସେହି ରାମହରି,
ଡାଳିବ ଯାହାରି ପଦେ ଭକତି ତୁମରି ॥

Digitized by srujanika@gmail.com

ଅନ୍ୟ ଗୋଟି ତ୍ୱଂ ପଦାର୍ଥ ରୂପେ ସୁବିଦିତ,
ସବୁ ଅବସ୍ଥାର ଦ୍ରଷ୍ଟା କେବଳ ସେହିତ ॥
ସେ ତୁମର 'ମୁଁ' ଅଟେ ଅଖଣ୍ଡ ଚେତନ
ଏ ରୂପେ ହୁଅଇ 'ତ୍ୱଂ' ପଦାର୍ଥ ଚିନ୍ତନ ॥

ପ୍ରକୃତରେ ଜାଣିବାକୁ ସ୍ୱରୂପ ତୁମର,
ଏ ଯାବତ୍ ଯେତେ ଯେତେ ତମେ ଯତ୍ନ କଲ,
ସବୁରୁ ପଡ଼ଇ ଜଣା 'ମୁଁ'ଟି ତୁମରି,
ନୁହଁ ତମ ଦିହ ମନ ବୁଦ୍ଧି କେଉଁପରି ॥
ଯେ ସବୁଙ୍କୁ ଧରି କଲ ଜୀବନେ ବଡ଼େଇ,
ସେ ସକଳ 'ତୁମେ' ବୋଲି, ନୁହନ୍ତି ତ କେହି ॥
ସେ ଯାହାଙ୍କୁ ଧରି କଲ ଶତ କଳପନା,
ପାଇଲ ଯାହାଙ୍କ ଲାଗି ଅଶେଷ ଯାତନା,
ସେ ତୁମର 'ମୁଁ' ନୁହଁ, ସେ ଦିହ-ଉପାଧି,
ଯେ ଚଳନ୍ତି ସଙ୍ଗେ ଧରି ଶତ ଆଧି ବ୍ୟାଧି ॥
ଗୋଡ଼ାଇ ତାଙ୍କରି ପଛେ ସରିଗଲା ଆୟୁ,
ତୁମର 'ମୁଁ'କୁ କିନ୍ତୁ ନ ପାଇଲ ଆଉ ॥

ଏବେ ଏହି ଗ୍ରନ୍ଥ ପଢ଼ି ପାରିଲଣି ଜାଣି,
ତୁମେ ନୁହଁ କେଉଁ ଅବସ୍ଥାର ଅଭିମାନୀ ॥
ସତ୍-ଚିତ୍-ଆନନ୍ଦ ଘନ 'ମୁଁ' ଟି ତୁମରି,
ଏ 'ମୁଁ'କୁ ଆମେ କ'ଣ ପାରିଲୁଣି ଧରି ?
ମୁଁ ହୋଇଲେ ସତ୍, ହେବେ ଅପରେ ଅସତ୍
ମୁଁ ହେଲେ ଚେତନ, ଅନ୍ୟେ ହେବେ ଜଡ଼ବତ୍ ॥
ମୁଁ ହେଲେ ଆନନ୍ଦ, ଅନ୍ୟେ ଦୁଃଖ ରୂପ ହେବେ,
ନୋହିଲେ ସଚ୍ଚିଦାନନ୍ଦ କେହ୍ନେ ହେବି ତେବେ ॥

ଜଗତକୁ ନ ଭାବିଲେ ମିଥ୍ୟା ଅଚେତନ,
ମୁଁ ହୋଇବି କେଉଁପରି ଅସୀମ ଚେତନ ?

Digitized by srujanika@gmail.com

ଭୋକ୍ତା ଭୋଗ୍ୟ କିଏ ?

ଭୋକ୍ତା ଭୋଗ୍ୟ ବସ୍ତୁକୁ ଯେ ଜାଣଇ ଜୀବନେ,
ସିଏ ଥିଲେ ରହି ମଧ ସଂସାର ବନ୍ଧନେ,
ଅବା ଭୋଗ କରୁଥିଲେ ସଂସାର ପଦାର୍ଥ
ଲିପ୍ତ ନ ହୁଅନ୍ତି କେଉଁଥିରେ ତିଳେ ମାତ୍ର ।।
ଭେଦ ବା ସଂସାର ହଟିଯିବା ନୁହଁ ଜ୍ଞାନ
ସତ୍ୟତ୍ୱର ଭ୍ରାନ୍ତି କରେ ସେ ତ ଅବସାନ ।।
ବ୍ରହ୍ମ-ଜ୍ଞାନୀ ପରା ଦୃଢ଼ ରହିଥାନ୍ତି ମନେ
ଭଙ୍ଗୁର ଶରୀର ସେହି ନୁହଁ କଦାଚନେ ।।
ଅନନ୍ତ ଚିନ୍ମାତ୍ର ଆତ୍ମା ଅଟନ୍ତି ସେହି ତ,
ତାଙ୍କୁ ଛାଡ଼ି ଭିନ୍ନ କିଛି ନ ଥାଏ କାହିଁ ତ ।।
ଏହି ଅନନ୍ତରେ ଦେଶ କାଳ ବସ୍ତୁ ଭେଦ
କିଛି ହିଁ ନ ଥାଏ କହିଥାନ୍ତି ସବୁ ବେଦ ।।
'ମୁଁ' ଏ ଅନନ୍ତ ବୋଲି ବୋଧ ହେବାପରେ,
ପରିଚ୍ଛିନ୍ନତାର ଭାବ ନ ରହେ ଅନ୍ତରେ ।।

ଏ ବୋଧର ଅର୍ଥ ନୁହେଁ ଦେହ ନ ରହିବ;
ବ୍ୟବହାରେ ଦେହ, ଦେହ କ୍ରିୟା ସବୁ ଥିବ ।।
ନିଃଶ୍ୱାସ ପ୍ରଶ୍ୱାସ ନେବା, ଖାଇବା ଶୋଇବା,
ହସିବା କାନ୍ଦିବା ଆଉ ଜୀଇବା ମରିବା ।।
ସବୁ ତ ରହିବ, ଯଥା ରୀତି ବ୍ୟବହାରେ
ହଟିବନି କିଛି କାହିଁ ଜ୍ଞାନ ହୋଇବାରେ ।।
'ନିଜେ ଦେହ ନୁହଁ', ଯେବେ ମଣିଷ ଜାଣନ୍ତା,
ଯେତେ ଦେହ କ୍ରିୟାଦିର ସେ ନୁହଁ କରତା,
ପୁଣି ଭୋଗ୍ୟ ବସ୍ତୁ ଭୋଗ ନ କରଇ ତିଳେ
ଆସକ୍ତି ମମତା କିଆଁ ରଖନ୍ତା ତହିଁରେ ?

ଯେତେ ହସ କାନ୍ଦ, ସୁଖ ଦୁଃଖ ଜ୍ଞାନୀ ପାଇଁ,
ଜୀଇବା ମରିବା ଯୋଡ଼ି କିଛି ଅର୍ଥ ନାହିଁ ।।

Digitized by srujanika@gmail.com

ତାଙ୍କର ଆଗ୍ରହ ଥାଏ ନାହିଁ କେଉଁଥିରେ,
ସେ ସମ ରହନ୍ତି ତିନି ଅବସ୍ଥା ସାଥିରେ ॥
ଜାଗ୍ରତାଦି ଭେଦ ସବୁ ମିଥ୍ୟାହିଁ କେବଳ
ଏଥୁଁ ସମ ଭାବେ ଏକ ରହନ୍ତି ଈଶ୍ୱର ॥
ସେ ସଚ୍ଚିଦାନନ୍ଦ ଆତ୍ମା, ବିଶ୍ୱ ଅଧିପତି,
ସେ ତ 'ମୁଁ', ରୂପେ ତୁମ ଶରୀରେ ଅଛନ୍ତି ॥

ଅ'କାର ବିଶ୍ୱକୁ ଉ'କାର ତୈଜସକୁ
ମ'କାର ପ୍ରାଜ୍ଞକୁ ପ୍ରାପ୍ତ କରାଏ ଶେଷକୁ ॥
ଏ ବିଶ୍ୱାତ୍ମା, ତୈଜସାତ୍ମା, ପ୍ରାଜ୍ଞାତ୍ମା ତୁମକୁ
ଈଶ୍ୱରଙ୍କ ଠାରେ ଯୁକ୍ତ କରିବେ ଶେଷକୁ ॥
ଜାଗ୍ରତର ସ୍ଥୂଳ ସୃଷ୍ଟି ବିରାଟେ ମିଶିବ,
ହିରଣ୍ୟଗର୍ଭରେ ସ୍ୱପ୍ନ ସୂକ୍ଷ୍ମ ହଜିଯିବ,
ସୁଷୁପ୍ତି, କାରଣ ସୃଷ୍ଟି ଆଉ ଯେ ଈଶ୍ୱର
ଶେଷକୁ ଉଭୟେ ଏକ ହେବେ ପରସ୍ପର ॥

ଅ'କାର ଉ'କାରେ ଆଉ ଉ'କାର ମ'କାରେ
ଏକ ଏକେ ମିଶି ଏକ ହୋଇବେ ଓଁକାରେ ॥
ଶେଷେ ଅମାତ୍ରାରେ ନାହିଁ ଓଁ କାରର ଗତି,
ସାଧନାରେ ସେ ଅମାତ୍ର କେହି ନ ଲଭନ୍ତି ॥
ଏ ତ ସ୍ୱତଃ ସିଦ୍ଧ ଆତ୍ମା ଅଟଇ ତୁମରି
ଭାବିବା ଏଥର ପ୍ରାପ୍ତ ହେବେ ସେ କିପରି ?

Digitized by srujanika@gmail.com

ଦ୍ୱାଦଶ ମନ୍ତ୍ର

ଅମାତ୍ର ଚତୁର୍ଥୋଽବ୍ୟବହାର୍ଯ୍ୟଃ ପ୍ରପଞ୍ଚୋପଶମଃ ଶିବୋଽଦ୍ୱୈତ ଏବମୋଙ୍କାର ଆତ୍ମୈବ ।। ସଂବିଶତ୍ୟାତ୍ମନାତ୍ମାନଂ ସ ଏବଂ ବେଦ, ସ ଏବଂ ବେଦ ।।୧୨।।

ଅନୁବାଦ

ଆଉ ପୁଣି ଓଁ' କାର ଯେ ମାତ୍ରା ରହିତ,
ସେ ତୁରୀୟ ଆତ୍ମା ଜାଣ ଶାସ୍ତ୍ରରେ କଥିତ ।।
ଏହି ତ ଅବ୍ୟବହାର୍ଯ୍ୟ, ପ୍ରପଞ୍ଚୋପଶମ,
ସେ ଶିବ, ଅଦ୍ୱୈତ ସେହି ପରା ଶ୍ରେଷ୍ଠୋତ୍ତମ ।।
ଏ ପ୍ରକାର ଓଁ' ହିଁ ତ ଆତ୍ମା ସବୁକାଳେ,
ଜାଣନ୍ତି ତାହାଙ୍କୁ ଯିଏ ଏସନ ପ୍ରକାରେ,
ଆପେ ସ୍ୱ ଆତ୍ମାରେ ସିଏ କରନ୍ତି ପ୍ରବେଶ
ଏଥିରେ ସଂଶୟ ତୁମେ ରଖ ନାହିଁ ଲେଶ ।। ୧୨ ।।

ସରଳାର୍ଥ

ଅମାତ୍ର ତ ସେହି ଯାର କିଛି ମାତ୍ରା ନାହିଁ,
ସେ ଓଁକାର ଚତୁର୍ଥ ବା ତୁରୀୟ ବୋଲାଇ ।।
କେବଳ ସେହି ତ ଆତ୍ମା, ଭଲ ଭାବେ ଜାଣ,
ବାଣୀ ନାହିଁ ମନ ନାହିଁ, ଏ ତାର ପ୍ରମାଣ ।।
ସେ ପାଇଁ ଅବ୍ୟବହାର୍ଯ୍ୟ – ଶାସ୍ତ୍ରରେ କଥିତ,
କି ହୋଇବ, ବାଣୀ ମନ ଯେଉଁଠି ନାହିଁ ତ ।।
ପ୍ରପଞ୍ଚ ନିବୃତ୍ତି ଯେଣୁ କରି ପାରେ ଏହି,
ତେଣୁ ଏ ମଙ୍ଗଳମୟ, ଅଦ୍ୱୈତ ତ ସେହି ।।

ତିନି ମାତ୍ରା ଯୁକ୍ତ ଏହି ପ୍ରଣବ ଓଁକାର,
ତିନି ପାଦ ଯୁକ୍ତ ଆତ୍ମା କରିବ ବିଚାର ।।

Digitized by srujanika@gmail.com

ଜାଣନ୍ତି ତାହାଙ୍କୁ ଯିଏ ଏସନ ପ୍ରକାରେ
ସେ ସ୍ୱତଃ ପଶନ୍ତି ନିଜ ନିଜର ଆତ୍ମାରେ ॥

ରଜ୍ଜୁ ଓ ସର୍ପର ଜ୍ଞାନ ହୋଇଗଲା ପରେ,
ରଜ୍ଜୁରେ ଏ ସର୍ପ ଲୀନ ହୁଅଇ ଶେଷରେ ॥
ଥରେ ଜ୍ଞାନ ହୋଇଗଲେ ହୃଦରେ ଏମିତି,
ବୁଦ୍ଧିରେ ଆସଇ ନାହିଁ ଆଉତ ପ୍ରତୀତି ॥

ମାତ୍ରା ଓ ପାଦକୁ ଜାଣି ସାମାନ୍ୟ ଭାବରେ
ମଧ୍ୟମ ସାଧକ ଯେବେ ଉପାସନା କରେ,
ବ୍ରହ୍ମ ପ୍ରାପ୍ତି ହେବାପାଇଁ ଏ ଓଁକାର ତହିଁ
ସାଧକ ଜନର ଆଶ୍ରା ସ୍ୱରୂପ ହୁଅଇ ॥

ଅଭିମାନୀ ବିରାଟର ଏ ସ୍ଥୂଳ ଜଗତ,
ଯେତେ ସବୁ ମୂର୍ତ୍ତି ପୂଜା ତାର ଅନ୍ତର୍ଗତ ॥
ଯୋଗ ଓ ଭକ୍ତିରୁ ନେଇ ବ୍ରହ୍ମଲୋକ ଯାଏଁ
ଜଗତର ସବୁ ସୂକ୍ଷ୍ମ ସମଷ୍ଟିରେ ଥାଏ ॥
କାରଣାବସ୍ଥାରୁ ସିନା ଯିଏ ନିରାକାର
ସେ ଈଶ୍ୱର, ଏ ଜଗତ ତାଙ୍କ କାରବାର ॥

ପ୍ରସବ ଚିନ୍ତନେ ଆମେ ବିଶ୍ୱରୁ ତୈଜସେ,
ତୈଜସରୁ ପ୍ରାଜ୍ଞେ ଚଢ଼ି ଥାଆଉ ରଭସେ ॥
ପୁଣି ପ୍ରାଜ୍ଞୁ ତୈଜସକୁ, ତୈଜସୁ ବିଶ୍ୱକୁ
ଓହ୍ଲାଇ ଆସଉ ଆମେ ଶେଷରେ ତଳକୁ ॥
ଏହି ଆରୋହଣ ଅବରୋହଣ ପ୍ରକ୍ରିୟା,
ଓଁ ଆରାଧନା ପାଇଁ ବିଦିତ ଦୁନିଆ ॥

ପରମାର୍ଥେ ମାତ୍ରା ନାହିଁ ଅବା ପାଦ ନାହିଁ,
ଅବା ଆରୋହଣ ଅବରୋହଣ ନ ଥାଇ ॥

Digitized by srujanika@gmail.com

ଆରୋହଣ ଅବା ଅବରୋହଣ ଯା' ସ୍ଥିତ
ପରମାର୍ଥେ ସେ କେବଳ ହୁଅଇ ପ୍ରତୀତ ॥
ଏ ତୁରୀୟ ବସ୍ତୁ ତିନି ଅବସ୍ଥାରେ ଥାଏ
କିନ୍ତୁ ଏମାନଙ୍କ ଠାରୁ ପୃଥକ ବୋଲାଏ ॥
ଦେଶ କାଳ ପରିଚ୍ଛିନ୍ନ ଅବସ୍ଥା ସକଳ,
ତୁରୀୟ ଅପରିଚ୍ଛିନ୍ନ ଅଟନ୍ତି କେବଳ ॥

ଓଁ ଉଚ୍ଚାରଣ

ଚତୁର୍ଥ ଯେ ସେ ତୁରୀୟ ନାମରେ ବିଦିତ,
ଅମାତ୍ର ପୁରୁଷ ସେ ତ ଯେ ମାତ୍ରା ରହିତ ॥
ମନେ ମନେ କରୁ କରୁ ଓଁ' ଉଚ୍ଚାରଣ,
ଏପରି ସ୍ଥାନକୁ ତୁମେ କରିବ ଗମନ,
ଯାହା ପରେ ହୁଏ ନାହିଁ ଆଉ ପ୍ରାଣ ଗତି,
ଏବେ ଧ୍ୟାନ ଦିଅ ତମେ ଏହି ସ୍ଥାନ ପ୍ରତି ॥
ମନେ ରଖ ସଦା ଏହି ଓଁ' ଉଚ୍ଚାରଣ,
ବାୟସର ରାବ ସମ ଅଟଇ ଯେସନ ॥
କାକ ଯେତେବେଳେ ରାବ କରେ ଘନ ଘନ,
ତେବେ ମଳଦ୍ୱାର ଯାଏଁ ହୁଅଇ କମ୍ପନ ॥
ଦୀର୍ଘ ଘଣ୍ଟା ନାଦ ପରି ପ୍ରଣବ ସ୍ପନ୍ଦନ
ମୂଳାଧାର ଚକ୍ର ଠାରୁ ହେବା ପ୍ରୟୋଜନ ॥
ଉପଯୁକ୍ତ ଗୁରୁ କରି ଯେ କେହି ସାଧକ,
ଓଁ' ଉଚ୍ଚାରଣ ଶିଖି ନେବା ଆବଶ୍ୟକ ॥

ଉଚ୍ଚାରଣ କାଳେ ମକାରର ଅନୁସ୍ୱାର,
ସମାପ୍ତ ହୋଇଲେ ଗତି ରହେ ନାହିଁ ତାର ॥
ଏଠାରେ ସମ୍ପୂର୍ଣ୍ଣ ବୃତ୍ତି ବନ୍ଦ ହୋଇଯାଏ
ତହୁଁ ଆସି ଶରୀରରେ ବ୍ୟାପ୍ତ ହୋଇଥାଏ ॥

Digitized by srujanika@gmail.com

ଅ.ଉ.ମ. ଉଚ୍ଚାରଣ କାଳ ଶେଷ ପରେ,
କେବଳ 'ଅକାଳ' ରହି ଥାଆଇ ଶେଷରେ ॥
ଏହି ଯେ 'ଅକାଳ' ସେହି ଅଟଇ ପ୍ରଣବ,
ସାଧକେ କରନ୍ତି ପରା ତାହା ଅନୁଭବ ॥
ଅ କାର ଉ କାର ବାହ୍ୟ ଦେଶେ ଯେଉଁପରି
ମ' ସ୍ୱର ଉଠେ ଅନ୍ତର୍ଦେଶରେ ସେପରି ॥
ବାହାର ଭିତର ଯହିଁ ହୁଏ ସମାପତ,
କେବଳ 'ଅଦେଶ' ତହିଁ ରହେ ରୀତିମତ ॥
ଏହି ଯେ 'ଅଦେଶ' ତାହା ପ୍ରସବ ଜାଣିବ,
ଅଦେଶରେ ପହଞ୍ଚିଲେ ଆଉ କି ରହିବ ?

ଉଚ୍ଚାରଣ କର୍ମ ଆଉ ତାହାରି ଯେ କର୍ତ୍ତା,
କର୍ତ୍ତା କର୍ମ ସମାପତେ ରହଇ 'ଅକର୍ତ୍ତା' ॥
ଓଁ ଉଚ୍ଚାରଣେ ଯେଉଁ ସୁଖ ହୁଏ ଜାତ,
ସେହି ଭୋଗ୍ୟ-ଭୋକ୍ତା ଯେବେ ନ ହୁଅଇ ଜ୍ଞାତ,

ତେବେ ତ କେବଳ ଏଇ ଅଭୋକ୍ତା ରହଇ,
ପ୍ରକୃତ ପକ୍ଷରେ ସେହି ପ୍ରଣବ ଅଟଇ ॥
ପ୍ରଣବ ଶେଷରେ ଯେଉଁ 'ଅଦେଶ' 'ଅକାଳ',
'ଅକର୍ତ୍ତା' 'ଅଭୋକ୍ତା' ସ୍ଥିତି ତାହାକୁ ବିଚାର ॥

ଜାଗ୍ରତାଦି ଦଶା ଯେଉଁ ଅଧିଷ୍ଠାନ ପରେ,
ପ୍ରତୀତ ହୁଅନ୍ତି ଅଭିମାନୀଙ୍କ ସଙ୍ଗରେ,
ସେ ଚେତନ ଆତ୍ମା ବୋଲି ଭଲ ଭାବେ ଜାଣ
ସେ ଚେତନ ଦ୍ରଷ୍ଟା ତୁମ ସ୍ୱରୂପ ପ୍ରମାଣ ॥
ସ୍ମରଣ ମାତ୍ରକେ ସବୁ ଦୃଶ୍ୟ ହୁଏ ଯେଣୁ,
ଅଧିଷ୍ଠାନ ଠାରୁ କିଛି ଭିନ୍ନ ନୁହେଁ ତେଣୁ ॥

Digitized by srujanika@gmail.com

ସେଥିପାଇଁ ଆତ୍ମା ଭିନ୍ନ ପ୍ରପଞ୍ଚ ନୁହଇ
ଆତ୍ମ-ଜ୍ଞାନୀ ଦୃଢ଼ ଭାବେ ଏ କଥା କହଇ ॥

ଅମାତ୍ର ଓଁକାର ଗୋଟି ଆତ୍ମା ସୁନିଶ୍ଚିତ
ସେ ତୁମ ସ୍ୱରୂପ ପୁଣି ତୁରୀୟ ସେହି ତ ॥
ସଦା ଧ୍ୟାନ ରଖ ତୁମେ ଆତ୍ମାଙ୍କ ଉପରେ,
ସବୁ ଦୁଃଖ କ୍ଳେଶ ଯିବ ଉଭେଇ ସତ୍ୱରେ ॥

ଆତ୍ମାରେ ନିବେଶି ଚିତ୍ତ..

ଭଗବାନ କହିଛନ୍ତି ପାର୍ଥଙ୍କୁ ଗୀତାରେ
ଆତ୍ମାରେ ନିବେଶି ଚିତ୍ତ ବସ ଅଚିନ୍ତାରେ ॥
ବେଦାନ୍ତର ସମାଧିର ଅର୍ଥ ଅଚିନ୍ତନ,
ଯହିଁ ଧ୍ୟାତା ଧ୍ୟାନ ଧ୍ୟେୟ ନ ରହେ ଏସନ ॥
ତ୍ରିପୁଟୀରେ ଥାଏ ଭେଦ; ଭେଦ-ଜ୍ଞାନ ପରେ
ତତ୍ତ୍ୱ-ବୁଦ୍ଧି ଆସିଥାଏ କେବଳ ଶେଷରେ ॥
ପ୍ରଣବ ମାତ୍ରାକୁ ତେଣୁ ପାଦ ରୂପେ ଜାଣି,
ନ କର କୌଣସି ଚିନ୍ତା ଦୁଃଖ ହେବ ପାଣି ॥

ସଂକଳ୍ପ ବିକଳ୍ପରେ ଭାସି ଯାଅ ନାହିଁ

ମନର ସଂକଳ୍ପ ଆଉ ବିକଳ୍ପକୁ ଧରି,
କିଛି ଦୁଃଖ ଗ୍ଲାନି ମନେ ନ ହେଉ ତୁମରି ॥

ତରଙ୍ଗର ମାଳ ଯେହ୍ନେ ସମୁଦ୍ରରେ ଉଠେ,
ବାୟୁର ପ୍ରବାହ ଆସେ ଆକାଶର ବୁକେ,
ଅନଳରୁ ଅସୁମାରି ସ୍ଫୁଲିଙ୍ଗ ଛୁଟଇ
ତେସନେ ମନରେ ନାନା ସ୍ଫୁରଣା ଆସଇ ॥
ତଥାପି ସମୁଦ୍ର ନଭ ଅଥବା ଅନଳ
ସର୍ବଦା ରହନ୍ତି ହୋଇ ସ୍ଥିର ଅଚଞ୍ଚଳ ॥

Digitized by srujanika@gmail.com

ମନ ସ୍ଫୁରଣାରେ ତେଣୁ ଦୁଃଖ ହେବ କାହୁଁ ?
ସେ ତାହାର ଯେତେ ଇଛା ସେତେ ଆସୁଥାଉ ॥

କିଏ କାହା ଫାନ୍ଦରେ ପଡ଼ି

ସ୍ଥୂଳ ଦେହ-ପ୍ରେମୀ ସଦା ଦେହ ଫାନ୍ଦେ ପଡ଼ି,
ଭାବଇ ଶରୀରେ ରୋଗ ନ ପଶୁ ଯେପରି;
ଏ ଦାନ୍ତ ନ ପଡୁ, ମୁଣ୍ଡ ବାଳ କଳା ଥାଉ,
ଜରା ବ୍ୟାଧି ଏ ଦେହକୁ କିଞ୍ଚିତେ ନ ଖାଉ ॥
ଏ ଦେହ ହୋଇବ ବୁଢ଼ା, ଦିନେ ତ ମରିବ,
ସଂସାରରେ ଏ ଦେହକୁ କେ' ରଖି ପାରିବ ?
ସୂକ୍ଷ୍ମ-ଦେହାସକ୍ତ ଜନ କରେ କଳପନା,
ମନରେ ମୋ ଆସୁ ସଦା ଏପରି ଭାବନା ॥
ଏ ମନର ଫାନ୍ଦେ ପଡ଼ି ବିଚାରଇ ମନେ,
ଏହା ହେଉ, ତାହା ହୋଇ ନ ପାରୁ କେସନେ ॥

କାରଣ-ଶରୀର-ପ୍ରେମୀ ସମାଧି ଫାନ୍ଦରେ
ପଡ଼ି ଚିନ୍ତା କରିଥାନ୍ତି କେତେ କି ଭାବରେ ॥

ଧନ ରଖିବାକୁ ଚାହେଁ ବିଷୟୀର ମନ,
ଦେହ-ପ୍ରେମୀ ଚାହେଁ ଦେହ ରଖିବ କେସନ ।
ଜ୍ଞାନୀର ନ ଥାଏ କିନ୍ତୁ ଏଥିରେ ଆଗ୍ରହ,
ଦେହ ବିଷୟାଦି ତାଙ୍କୁ ନ କରେ ଅଥୟ ॥
ଦୃଶ୍ୟ ଜଡ଼ ଜଗତ ଏ, ଏକରସ ନୁହେଁ,
'ମୁଁ ସଚ୍ଚିଦାନନ୍ଦ' ସଦା ଏକରସ ରୁହେ ॥
ଦେହ ମନେ କି ହୁଅଇ ଜ୍ଞାନୀ ନ ଜାଣନ୍ତି
ତଟସ୍ଥ ପରାୟେ ସେହି ସଂସାରେ ରହନ୍ତି ॥

ସେ ଜାଣନ୍ତି ଗୁଣ-ଦୋଷ-ଧାରା ଏ ସଂସାର,
ସତ୍ତ୍ୱ ରଜ ତମର ତ ଏହି କାରବାର ॥

Digitized by srujanika@gmail.com

ଗୁଣ ତ ଗୁଣରେ ବ୍ୟବହାର କରିଥାଇ
ଏଥିରେ ସେ ବିଚଳିତ ହୋଇବେ କିପାଇଁ ?

ତତ୍ତ୍ୱଜ୍ଞେ ଜାଣନ୍ତି କର୍ତ୍ତାପଣ ହେଲେ ନାଶ
ଆଉ କାହିଁ ତାହା ଅବା ହୋଇବ ପ୍ରକାଶ ?
କିଛି ଛାଡ଼ିବାର ନାହିଁ, ନାହିଁ ପାଇବାର,
ତେଣୁ କାମନାର ତହିଁ ନ ଚଳେ ବେପାର ॥
ଚିତ୍ତେ ଥିଲେ ରହି ନିଜ ସ୍ୱରୂପ ଅବସ୍ଥା,
ସେଠାରେ ତ ବସା ବାନ୍ଧି ରହେ ନିଷ୍କାମତା ॥

ତତ୍ତ୍ୱଜ୍ଞଙ୍କ ପାଶେ ତତ୍ତ୍ୱ, ତତ୍ତ୍ୱହିଁ ସମସ୍ତ,
ତାଙ୍କ ପାଶେ ନାହିଁ ଜନ୍ମ-ମରଣର ଅର୍ଥ ॥
ପ୍ରଣବ ବୁଝିବା ଲୋକେ ଏ ରୂପେ ଚଳନ୍ତି
ନ ବୁଝିବା ଲୋକେ ଉପାସନା ହିଁ କରନ୍ତି ॥

ପ୍ରଣବେ ଲଗାଅ ମନ, ପ୍ରଣବ ହିଁ ବ୍ରହ୍ମ
ପରମାତ୍ମାଙ୍କ ବାଚକ ଏ ଓଁ' ତେସନ ॥
ଯେତେ 'ରୂପ' ସବୁ ଅଟେ 'ନାମ'ର ଅଧୀନ,
ସ୍ୱାଧୀନ ସର୍ବଦା 'ନାମ'; 'ରୂପ' ପରାଧୀନ ॥

ନାମ ରୂପ ଓ ଓଁ କାର ଚିନ୍ତନ

ଏ 'ରୂପ' ବଦଳି ଥାଏ, 'ନାମ' ନ ବଦଳେ,
ତେଣୁ 'ରୂପ' ନୁହେଁ କିଛି ବସ୍ତୁ ଏ ଶଯଳେ ॥
'ରୂପ' ତ ଅନ୍ୟ ତା ଭ୍ରାନ୍ତି ଥାଏ ଉପୁଜାଇ
'ନାମ'ରେ ଏପରି କେବେ କାହିଁ ହୁଏ ନାହିଁ ॥

ଈଶ୍ୱରଙ୍କ ଯେତେ ନାମ ଅଛି ଏ ଜଗତେ,
ସେ କିଛି ଅନ୍ୟ ତା ଭ୍ରାନ୍ତି ନ ଆଣେ ପୁରତେ ॥

Digitized by srujanika@gmail.com

'ନାମ' ନିରାକାର ଆଉ 'ରୂପ' ତ ସାକାର,
ସାକାର ବସ୍ତୁରେ ରହେ ଭେଦ ଓ ପ୍ରକାର ॥
ନିରାକାରଙ୍କର ଯେତେ ନାମ ପଛେ ଥାଉ
ନିରାକାର କେବେ କ'ଣ ବଦଳନ୍ତି ଆଉ ?

ତେଜର ଗୁଣେ ତ 'ରୂପ' ସବୁ ପ୍ରକଟଇ;
'ନାମ', ଶବ୍ଦ ଆକାଶର ଗୁଣ ଯେ ଅଟଇ ॥
ତେଜଠୁଁ ଆକାଶ ସୂକ୍ଷ୍ମ ଯେଣୁ ଏ ଜଗତେ,
'ରୂପ' ଠାରୁ 'ନାମ' ବେଶୀ ଶକ୍ତିଶାଳୀ ସତେ ॥

ସ୍ୱରୂପର ଉତ୍ସ ବା ମୂଳ କେଉଁଠି ?

ଆମେ ଯେବେ ଭାବୁ, ଶବ୍ଦ ଆସଇ କେଉଁଠୁ ?
ଏହା ଯେ ଆମରି ମନ ସ୍ଫୁରଣା ଯେଉଁଠୁ ॥
ମନରେ ସଂକଳ୍ପ ପୁଣି କେଉଁଠୁ ଆସଇ,
ଏ ରୂପେ ପହଞ୍ଚ ତୁମ ସ୍ୱରୂପଟି ଯହିଁ ॥

ମାଛ ଯେହ୍ନେ ଯାଏ ସ୍ରୋତ ମୂଳ ଧାର ଯାଏଁ,
ସ୍ୱରୂପକୁ ଯିବା ଆମେ ଏ ମାଛ ପରାୟେ ॥
ଶବ୍ଦର ଉଦ୍‌ଗମ ସ୍ଥଳୀ ଆମେ ଚିନ୍ତା କରି
ନିଜ ସ୍ୱରୂପକୁ ଆମେ ପାରିବା ତ ଧରି ॥

ସଂସାରୁ ଆମକୁ ଟାଣି ଆମରି ଏ ମନ,
ପରମାତ୍ମା ସନ୍ନିଧାନେ କରଇ ଗମନ ॥
ସିଏ ତ ଓଁ' କାର ବୋଲି ଜାଣିବ ନିଶ୍ଚିତ
ଈଶ୍ୱରଙ୍କ ବାଚକ ସେ ପ୍ରଣବ ବିଦିତ ॥
ପ୍ରଣବକୁ ଜପି କର ତା' ଅର୍ଥ ସ୍ମରଣ,
ଅ'ସତ୍, ଉ'ଚିତ୍, ମ' ଆନନ୍ଦ ଘନ ॥

ଈଶ୍ୱରଙ୍କୁ ଅନ୍ୟ ବୋଲି ଭାବୁ ଥିବା ଯାଏଁ,
ସଚ୍ଚିଦାନନ୍ଦଙ୍କୁ ଚିନ୍ତ ହୃଦୟେ ସେ ଯାଏଁ ॥

Digitized by srujanika@gmail.com

ଯଦି ଭାବ ସିଏ ନିଜ ସ୍ୱରୂପ ତୁମର
ତେବେ ଆତ୍ମ-ବସ୍ତୁ ରୂପେ ତାଙ୍କୁ ଚିନ୍ତା କର ॥

ଉପଲବ୍ଧି କର ତାଙ୍କୁ କର ଅନୁଭବ,
ଈଶ୍ୱର ଚିନ୍ତନେ ହୁଏ ଆତ୍ମ-ଅନୁଭବ ॥
ଈଶ୍ୱର ନ ହୋଇଥିଲେ ଆତ୍ମା ସଭିଙ୍କର
ଈଶ୍ୱର ଚିନ୍ତନେ କେହ୍ନେ ନାଚନ୍ତା ଅନ୍ତର ?

ଓଁ ପରମାତ୍ମା, ସର୍ବବ୍ୟାପୀ

ପ୍ରଣବ ଈଶ୍ୱର ଏହି ଓଁ' ହିଁ ଈଶ୍ୱର,
ପ୍ରଣବେ ପ୍ରଭୁଙ୍କ ରୂପ ବୁଝି ସ୍ଥିର କର ॥
ହୃଦୟେ ରଖିଲେ ପ୍ରଣବର ଅର୍ଥ ରୂପ,
ସହଜେ ବୁଝିବା ତେବେ ପ୍ରଭୁଙ୍କ ସ୍ୱରୂପ ॥

ସୃଷ୍ଟିର ଉତ୍ପତ୍ତି କଥା କରିଲେ ଚିନ୍ତନ,
ଜଣାଯାଏ ଆଦ୍ୟେ ହେଲା ନାଦ ଉତପନ୍ନ ॥
ସୃଷ୍ଟିର ମୂଳରେ ତେଣୁ ନାଦ ସୁନିଶ୍ଚିତ
କମ୍ପନର ମୂଳେ ପୁଣି ଏ ନାଦ ଅଛି ତ ॥
ସୃଷ୍ଟି ମୂଳ ନାଦ ନାମ ଅଟଇ ଓଁ କାର,
ଓଁ' ରୁ ଚାଲିଲା ଯେତେ ଜଗତ ବେପାର ॥

ଏ ନାଦ ଦ୍ୱିବିଧ – ତାହା ସ୍ଫୋଟ ଓ ସ୍ଫୁରଣ,
'ସ୍ଫୋଟ ବ୍ରହ୍ମ' ନାମେ ତେଣୁ ପ୍ରଣବ ଗଣନ ॥

ଚିତ୍ତ ବୃତ୍ତି ସବୁ ଯେବେ ଦେବା ବନ୍ଦ କରି,
ତେବେ ଜାଣି ପାରିବା ତ ପ୍ରଣବ କିପରି ॥
କାନ ବନ୍ଦ କଲେ ଶୁଭେ ସେ ଯେଉଁ ଶବଦ,
ତା' ମନର ଶବ୍ଦ; କିନ୍ତୁ ମନ କଲେ ବନ୍ଦ,
ଦୀର୍ଘ ଘଣ୍ଟା ନାଦ ସମ ଶବଦ ଶୁଭଇ,
ଅନାହଦ-ଅନାହତ ନାଦ ଏ ଅଟଇ ॥

Digitized by srujanika@gmail.com

ଏହା ସୃଷ୍ଟି ମୂଳେ ଥିବା ପ୍ରଣବର ଧ୍ୱନି
ଏ ଧ୍ୱନି ଶୁଣିଲେ କେହ୍ନେ ମୁକ୍ତି ମିଳିବନି !!
ବାଣୀରେ ପ୍ରଣବ କହ, ମନେ ଶୁଣୁଥାଅ
ଶେଷକୁ ବାସ୍ତବ ତୁମେ ଓଁ' ହୋଇଯାଅ ।
ତୁମେହିଁ ଓଁ' କାର ତୁମେ ଅଟ ସର୍ବବ୍ୟାପୀ,
ନାଦ ରୂପ ହୀନ ଯେଣୁ, ରହିଥାଏ ବ୍ୟାପି ।।

ଅଣୁରେ ଅଣୁରେ ଏହି ଈଶ୍ୱର

ଫୁଲଟିଏ ଆଣି ନିଜ ଟେବୁଲରେ ରଖି,
କିଛି ଦିନ ଅନ୍ତେ ତୁମେ ତାକୁ ଦେଖିଛ କି ?
ସେ ଫୁଲରେ ଛୋଟ ଛୋଟ କୀଟ ଅଗଣନ,
କେସନେ କେଉଁଠୁ ଆସି ହୁଅନ୍ତି ଚଳନ ।।

ପଚାରିଲେ କାହିଁ ଅଛି ହୃଦୟ ତୁମରି,
ହାତ ପାପୁଲିକି ରଖ ଛାତି ପରେ ଧରି ।।

ତେହ୍ନେ ଚଳାଚଳି କରୁଥିବା କୀଟଙ୍କର
ହୃଦୟ ଥିବା ନା ନାହିଁ ମନେ ଚିନ୍ତା କର ।।
ଏକ ବିନ୍ଦୁ ରକ୍ତେ ତୁମ କୀଟାଣୁ କୋଟିଏ
ଥିବା କଥା, ଜାଣି ନାହିଁ କହ ଅବା କିଏ ?
ସେପରି ତାଙ୍କରି ଥିବ କୋଟିଏ ହୃଦୟ,
ଏ କଥାକୁ କିଏ ଭଲା ନ ଜାଣିଚି କହ ?
ସେ ଲାଗି ଈଶ୍ୱର ସର୍ବ ହୃଦୟରେ ସ୍ଥିତ,
ସିଏ ସର୍ବବ୍ୟାପୀ ବୋଲି ଜଗତେ ବିଦିତ ।।

ପ୍ରତି ପ୍ରାଣୀ ପଦାର୍ଥର ଭିତରକୁ ଗଲେ,
ସବୁଠିଁ ଭେଟିବା ତାଙ୍କୁ ଅତଳ ଗହ୍ୱରେ ।।
ଚେତନ ରୂପରେ ସେହି ଥିବେ ସବୁଠାରେ
ଚେତନ ସବୁଠି ସ୍ଥିତ ସମାନ ପ୍ରକାରେ ।।

Digitized by srujanika@gmail.com

ଜଗତର ଅଧିଷ୍ଠାନ ଚେତନ ହିଁ ଜାଣ,
ଚେତନରେ ଏ ଜଗତ ପ୍ରତୀତି ସମାନ ।।
ପ୍ରକାଶ ସ୍ୱରୂପ ରହି ପ୍ରତି ହୃଦୟରେ
ସବୁଠିଁ ଚେତନ ସ୍ଥିତ ଅଦ୍ଭୁତ ଭାବରେ ।।
ଅଣୁରେ ଅଣୁରେ ସେହି ପୂରି ରହିଛନ୍ତି,
ବାସ୍ତବିକ ଈଶ୍ୱର ହିଁ ଈଶ୍ୱର ଅଟନ୍ତି ।।

ସକଳ ପ୍ରତୀତି ତେଣୁ ଅଟଇ ଅଳୀକ,
ଅଟଇ ନଶ୍ୱର ଯାହା କେବଳ କ୍ଷଣିକ ।।
ପ୍ରଣବ ଈଶ୍ୱର ତେଣୁ ସେହି ସର୍ବବ୍ୟାପୀ,
ସର୍ଭିଁ ଦେହେ ସର୍ଭିଁ ହୃଦେ ସେ ତ' ଛନ୍ତି ବ୍ୟାପି ।।
ପ୍ରଣବକୁ ଏ ପ୍ରକାରେ ଜାଣି ପାରି ଧୀର,
ଦୁଃଖେ ଶୋକେ ତିଳେ ହୋଇ ନ ଥାନ୍ତି ଅଧୀର ।।

ଉପାଧିରେ ହିଁ ଦୁଃଖ

ଦେହ ମନ ଇନ୍ଦ୍ରିୟାଦି ବହୁ ଉପାଧିରେ,
ପାଲଟି ଯାଇଛୁ ଆମେ ଜୀବ ପୃଥିବୀରେ ।।
ଆମେ କରୁଁ ଶୋକ ସିନା ଏ ଉପାଧି ପାଇଁ
ଉପାଧି ଛାଡ଼ିଲେ ହେବ ଶୋକ କାହିଁ ପାଇଁ ?

ଦେହ ଜନ୍ମ-ମରଣକୁ ରୋଗାଦି ସବୁକୁ,
ନେଇଛି ନିଜର ମାନି ଏ ଜୀବ ମିଛକୁ ।।
ଦେହର କର୍ମକୁ ଆଉ ମନ ସଂକଳ୍ପକୁ,
ବୁଦ୍ଧି ବିଚାରକୁ ଆଉ ଚିତ୍ତ ବିକ୍ଷେପକୁ
ସବୁକୁ ନିଜର ମାନି ଜୀବ ପାଏ ଦୁଃଖ
ଯେ ନିଜକୁ ଚିହ୍ନେ ତାର ଅକଳନ ସୁଖ ।।

ହୃଦେ ଚିନ୍ତା କର ସର୍ବ ବ୍ୟାପକ ଓଁ କାରେ,
ଓଁ କାରରୁ ଭିନ୍ନ କିଛି ନାହିଁ ଏ ସଂସାରେ ।।

Digitized by srujanika@gmail.com

ମାଟି ଯେହ୍ନେ ଥାଏ ବ୍ୟାପି ଘଡ଼ିରେ ଘଡ଼ିରେ
ତେସନେ ବ୍ୟାପ୍ତ ପରା ବିଶ୍ୱେ ସବୁଥିରେ ॥

ସର୍ବ ବ୍ୟାପକର ପରିଣାମ ହୁଏ ନାହିଁ,
ଅଦ୍ୱୈତ ଅପରିଣାମୀ ସେ ତେଣୁ ବୋଲାଇ ॥
ନିଜର ସ୍ୱରୂପ ଜାଣି ସଦା ଏକରସ
ଧୀର ଜନେ ନ ହୁଅନ୍ତି କଦାପି ବିରସ ॥

ଧୀର ଜନ କିଏ ?

ଗୀତାରେ ଶ୍ରୀ ଭଗବାନ ଅର୍ଜୁନଙ୍କ ଆଗେ,
'ସ୍ଥିତପ୍ରଜ୍ଞ' କଥା କହିଛନ୍ତି ଅନୁରାଗେ ॥
ଆମ ସଭିଙ୍କର ବୁଦ୍ଧି ବୃତ୍ତିର ବିକାଶ,
ନିମନ୍ତେ କେ'କରେ କେତେ ପ୍ରକାରେ ପ୍ରୟାସ ॥
ଆମକୁ ପୁଉଣି ଧୀର ବନାଇବା ଆଶେ
ଗାୟତ୍ରୀ ପ୍ରାର୍ଥନା ହୁଏ ସୂର୍ଯ୍ୟଙ୍କର ପାଶେ ॥

ବିକାର କାରଣ ଥାଏ ଯାହାଙ୍କ ଚିତ୍ତରେ
ବିକାର ନ ହୁଏ ସେହି ଧୀର ପ୍ରକୃତରେ ॥
ଧୀରେ ତେଜି ଇନ୍ଦ୍ରିୟର ପ୍ରିୟ ପଦାର୍ଥକୁ,
ଇଛନ୍ତି କଲ୍ୟାଣକର ସକଳ ଦ୍ରବ୍ୟକୁ ॥

ଯିଏ ପାଇ କରେ ଭୋଗ, ସେ ବୋଲାଏ ଜୀବ,
ଯେ ପାଇ ତିଆଗି ସୁଖୀ, ସେ ତ ସଦାଶିବ ॥

ପିଠି ପରେ ଲଦି ଅଧର୍ମର ଗୁରୁ ଭାର,
ପେଟରୁ କରନ୍ତି କେତେ ଧର୍ମର ପ୍ରଚାର ॥

ଅନ୍ତର ଆତ୍ମାଙ୍କୁ ଦେଖି ପାରିଥାନ୍ତି ଧୀର
ସୁଖେ ଦୁଃଖେ ସେ କଦାପି ନୁହନ୍ତି ଅଧୀର ॥

Digitized by srujanika@gmail.com

ତାଙ୍କ ପାଇଁ ସୁଖ ଦୁଃଖ ସମାନ ଅଟଇ,
ସମାନେ ଘୂରଇ ସୁଖ ଦୁଃଖ-ରଥ ପହି ।।

ସଡ଼କ କେଉଁଠି ପିଚୁ ବା ମାଟି କେଉଁଠି,
ମାଟି ରାସ୍ତା ଦେଖି କ'ଣ କେ' ଆସେ ଲେଉଟି ?
ମାତ୍ରା ସ୍ପର୍ଶ ଦିଏ ନାହିଁ ଦୁଃଖ ଧୀର ଜନେ ।
ସୁଖ ଦୁଃଖ ସହନ୍ତି ସେ ଆନନ୍ଦିତ ମନେ ।।

ସର୍ବଶୋକହାରୀ ଓଁ

ଦୁଃଖ ଦୂରେ ଯିବା ପାଇଁ କରି ବି ଉପାୟ
ତଥାପି ଜୀବନୁ ଦୁଃଖ ନ ନିଏ ବିଦାୟ ।।
ଜନ୍ମ ଜନ୍ମାନ୍ତର ସାଥୀ ସହଚର ପ୍ରାୟେ
ମଣିଷ ପଛରେ ଦୁଃଖ ନିଇତି ଗୋଡ଼ାଏ ।।
ଭୋଗ-ବସ୍ତୁ ପାଇ ମଧ୍ୟ ଦୁଃଖ ଯାଏ ନାହିଁ,
ସେ ପାଇଁ କହନ୍ତି କେତେ ଉପାସନା ପାଇଁ ।।
ତଥାପି ଶରୀର କଷ୍ଟ ମନକୁ ଓଟାରେ
ଏଥିରେ ବା ଉପାସନା କେହ୍ନେ ହୋଇପାରେ ?

ଏଥୁଁ ଜଣାଗଲା ଶୋକ ନିବୃତ୍ତି ନିମନ୍ତେ
ସଫଳ ଉପାୟ କିଛି ନାହିଁ ଏ ଜଗତେ ।।
ରୋଗର ଔଷଧ ଖାଇ ରୋଗୀ ବି ମରଇ
ଭିକାରି ଭୟରେ କିଏ ରନ୍ଧନ ଛାଡ଼ଇ ?

ତେବେ ଶୋକ ଦୂର ହେବା ଉପାୟ କଅଣ ?
କି ଉପାୟ ଦେଉଛନ୍ତି ବେଦ-ନାରାୟଣ ?

ଓଁ କାରର ପ୍ରତିପାଦ୍ୟ ତତ୍ତ୍ୱ ଜାଣିଗଲେ
ତମେ ଧୀର ଶାନ୍ତ ହୋଇ ପାରିବ ଶେଷରେ ।।

Digitized by srujanika@gmail.com

ଭୋଗ ମିଳୁ, ନ ମିଳୁ ବା, ଧନ ଆସୁ ଯାଉ,
ଦୁଃଖ ରହୁ ମେଣ୍ଟୁ, କର୍ମ ଥାଉ ବା ନ ଥାଉ,
ଏକାଗ୍ର ହେଉ ଏ ଚିତ୍ତ ଅଥବା ବିକ୍ଷିପ୍ତ,
ଯେଉଁ ଅବସ୍ଥାରେ ରହ ଲିପ୍ତ ବା ଅଲିପ୍ତ,
ତଥାପି ତୁମକୁ ଛୁଇଁ ନ ପାରିବ ଶୋକ,
ଦେହେ ଥାଇ, ରହି ବ୍ୟବହାରେ ବି ଅଶୋକ ॥

ପରଂବ୍ରହ୍ମ ଯେଉଁପରି ଓଁ କାର ପ୍ରତୀକ,
ସେପରି ଅକ୍ଷର ବ୍ରହ୍ମ, ତହୁଁ ତତୋଽଧିକ ॥
ଜଗତ ପ୍ରପଞ୍ଚ ସବୁ ପ୍ରଣବ ଅଟଇ,
ଇୟେ ତ ଅପରବ୍ରହ୍ମ, ଶ୍ରୁତି' ଛନ୍ତି କହି ॥
ଯେତେ ନାମ-ରୂପାତ୍ମକ ଜଗତ ଓଁ କାର,
ଓଁ କାର ଭିତରେ ସବୁ ଜଗତ ବେପାର ॥
ନାମ ରୂପ ଯେତେ ସବୁ ରହିଛି ଓଁ କାରେ,
ଓଁ କାରକୁ ଛାଡ଼ି କିଛି ନାହିଁ ଏ ସଂସାରେ ॥

ତେଣୁ ପ୍ରତି ବ୍ୟବହାରେ ତୁମର ଯେ ସ୍ଥିତି,
ଜାଣ ସେହି ସେହି ସବୁ ଓଁ କାର ଯେମିତି ॥
ତୁମର ଜାଗ୍ରତାବସ୍ଥା, ସ୍ୱପ୍ନର ଅବସ୍ଥା,
ସୁଷୁପ୍ତି ଅବସ୍ଥା ସବୁ ଓଁ କାର ସର୍ବଥା ॥
ଏଇ ତିନି ଅବସ୍ଥାର ଅଭିମାନୀମାନେ,
ବିଶ୍ୱାଦି ତୈଜସ ପ୍ରାଜ୍ଞ ଓଁ କାର ସମାନେ ॥

ସେ ଯେଉଁ ତୁରୀୟ ବ୍ରହ୍ମ, ଯହିଁ ଦେଶ କାଳ,
ବସ୍ତୁ ନାହିଁ, ତାକୁ ମଧ୍ୟ ଓଁ କାର ବିଚାର ॥
ଏକ ଓ ଅଖଣ୍ଡ, ନାହିଁ ନାମ ନାମୀ ଭେଦ,
ପ୍ରଣବ ଚିନ୍ମାତ୍ର ପରା ଅଟଇ ଅଦ୍ୱୈତ ॥

Digitized by srujanika@gmail.com

ଆଗ ପଛ ଭେଦ ନାହିଁ ଏଇ ପ୍ରଣବରେ,
ଅବା କିଛି ଭେଦ ନାହିଁ ବାହାରେ ଭିତରେ ॥
ଯା’ ଜାତ ହୋଇଛି, ତାର ଆଗୁଁ କିଛି ଥିବ,
ବସ୍ତୁ ନାଶେ ପଛରେ ତା କିଛି ତ ରହିବ ॥
ଯା ଆଗରେ ନାହିଁ କିଛି ଅନାଦି ସେହି ତ,
ଯାର ପଛେ ନାହିଁ, ସେ ତ ଅନନ୍ତ ବିଦିତ ॥
ସେ ଅବ୍ୟୟ ଅବିନାଶୀ ଅଦ୍ୱୈତ ସେହି ତ,
ଏ ପ୍ରଣବୁ ଏ ପ୍ରପଞ୍ଚ ଆସିଛି ନିଶ୍ଚିତ ॥
ପୁଣି ପ୍ରଣବରେ ଏହି ହୋଇ ଯିବ ଲୟ,
ଶେଷକୁ ପ୍ରଣବ ପୁଣି ରହିବ ନିଶ୍ଚୟ ॥

ଏହି ପ୍ରଣବକୁ ଏବେ ବ୍ରହ୍ମଙ୍କ ସହିତ,
ପୂର୍ବର ବିଚାର ମତେ କର ଏକତ୍ରିତ ॥
ଜାଗ୍ରତାବସ୍ଥାକୁ ସତ୍ତ୍ୱ ଗୁଣ ଧରି ନେଇ
ବିରାଟ ବିଶ୍ୱକୁ ଦିଅ ଅ’କାରେ ମିଶେଇ ॥
ସେହିପରି ସ୍ୱପ୍ନାବସ୍ଥା ରଜୋଗୁଣ ପାଇଁ
ବ୍ରହ୍ମା ତୈଜସାଦି ଦିଅ ଉ’କାରେ ମିଶାଇ ॥
ସୁଷୁପ୍ତାବସ୍ଥାକୁ ତମୋଗୁଣ ଧରି ନେଇ
ରୁଦ୍ର ପ୍ରାଜ୍ଞ ଈଶ୍ୱରଙ୍କୁ ମ’କାରେ ମିଶେଇ,
ମ’ର ସମାପ୍ତି ପରେ ଅମାତ୍ର ରହୁଛି,
ଗୁଣ ଅବା ଅଭିମାନୀ ନ ଥାନ୍ତି ଯେଉଁଠି ॥
ଦ୍ରଷ୍ଟା ଓ ଦର୍ଶନ ନାହିଁ, ନାହିଁ କିଛି କେହି,
ଜାଣିବ ତାହାଙ୍କୁ ତୁମ ଆତ୍ମା ବୋଲି ସେହି ॥

ଏହି ତ ପ୍ରଣବ, ତୁମ ଆତ୍ମା ବା ଓଁ କାର,
ଏହିପରି ଆତ୍ମ-ତତ୍ତ୍ୱ କରିବ ବିଚାର ॥

Digitized by srujanika@gmail.com

ଓଁ ସଭିଙ୍କର ଧର୍ମ

ଓଁ କାର ପୂଜାରେ ନାହିଁ ଗୋଷ୍ଠୀ ଜାତି ଧର୍ମ,
ଏ ଅତୁଳ ସାର୍ବଭୌମ ଧର୍ମ ଅନୁପମ ॥
ଧର୍ମର ବିଚାର ହେବା ସୃଷ୍ଟି କ୍ରିୟା ପରେ
କେବଳ ଏ ଥିଲା ମାତ୍ର ଆର୍ଯ୍ୟ ସମାଜରେ ॥

ଆମର ଶରୀର କ୍ରିୟା ହେଉ ଏହିପରି,
କା'ର କିଛି କ୍ଷତି ହାନି ନ ହେବ ଯେପରି ॥
କିନ୍ତୁ କ୍ରିୟା ହୁଏ ଯେଣୁ ଇଚ୍ଛା-ସଞ୍ଚାଳିତ
ତେଣୁ ଆମ ଇଚ୍ଛା ଶୁଦ୍ଧି ହୋଇବା ଉଚିତ ॥

ଦେଖିଲେ ଅନେକତାରେ ସର୍ବତ୍ର ଏକତା,
ଇଚ୍ଛା ଶୁଦ୍ଧି ହୋଇଥାଏ, ସାଧାରଣ କଥା ॥
ଆମରି ଭିତରେ ଜାତି ଧର୍ମ ଓ ଭାଷାରେ
ଅନେକତ୍ୱ ସୃଜେ ରାଗ-ଦ୍ୱେଷ ଅଯଥାରେ ॥
ଏହି ସବୁ ଅନେକତା ଭିତରେ ଏକତା
ସ୍ଥାପନ କରିବା ଅଟେ ଉଚିତ ବ୍ୟବସ୍ଥା ॥
ଏପରି ବସ୍ତୁରେ ତେଣୁ ରଖାଯାଉ ଧ୍ୟାନ,
ବହୁ ଭିତରେ ବି ଯାହା ହୋଇବ ସମାନ ॥

'ଏକତା'ର ଧ୍ୟାନେ ଶୁଦ୍ଧ ହେବ ଆମ ଚିତ୍ତ,
ସେହି ତ ପ୍ରଣବ, ସାର୍ବଭୌମ ଯା' ବିଦିତ ॥

ଉପସଂହାର

ମାଣ୍ଡୂକ୍ୟର ବାର ମନ୍ତ୍ର ହୋଇ ଗଲା ଶେଷ
ବୁଝାଗଲା ଯତ୍‌କିଞ୍ଚିତ୍ ଭାବାର୍ଥ ବିଶେଷ ॥
ତଥାପି ମନରେ ଆମ ରହୁଛି ସଂଶୟ,
ହୋଇ ପାରିବକି ନାହିଁ ଆତ୍ମ-ପରିଚୟ ॥

Digitized by srujanika@gmail.com

ଏହାର ଉତ୍ତର ଅବା କିଏ ଦେବ ଆଣି,
ତେଣୁ ରଖେ ଧୋବାଘର ଗଧର କାହାଣୀ ॥

ଧୋବାଘର ଗଧ

ଗଧକୁ ଖଟାଏ ଧୋବା ସାରାଦିନ ପାଇଁ
ଟିକିଏ ବି ଅବସର ତାକୁ ଦିଏ ନାହିଁ ॥
କାମ ଶେଷେ ନିଜ ଖଟ-ଗୋଡ଼ ପାଶେ ନେଇ
ତାକୁ ସହଜରେ ଦିଏ ସେ ଠିଆ କରେଇ ॥
ତା'ପରେ ଗୋଡ଼କୁ ତାର ଖଟ-ଗୋଡ଼ ସହ
ବାନ୍ଧିବା ପରାୟେ ହାତେ କରେ ଅଭିନୟ ॥
ହାତକୁ ବୁଲାଇ ଆଣି ଧୋବା ତାହାପରେ
ଅନ୍ୟ ଆଡ଼େ ଯାଇଥାଏ ଆଉ କି କାମରେ ॥
ଗଧ ମାନି ନେଇ ଥାଏ, ସେ ବନ୍ଧା ହୋଇଛି ।
ତେଣୁ ଠିଆ ରହେ ସାରା ରାତିଟା ସେଇଠି ॥

ସେପରି ବନ୍ଧନ ଭ୍ରମ ହୋଇଛି ଆମରି,
ଆମେ ନିତ୍ୟ ମୁକ୍ତ ଏହା ବୁଝିବୁ କିପରି ?

ବେଦ କହେ– 'ଚରୈବତି' ଆଗେ ବଢ଼ିଚାଲ,
ଆମେ ଏ କଥାକୁ ଆସ କରିବା ବିଚାର ॥

ଭିନ୍ନ ମତବାଦେ ଆମେ କାହିଁକି ପଶିବା ?
ଆମକୁ ଯା'ଲାଗେ ଭଲ ସେ ବାଟ ଧରିବା ॥
ନଦୀ ପାରି ହେବା ପାଇଁ ଡଙ୍ଗା ପ୍ରୟୋଜନ,
ଡଙ୍ଗା ରୂପ ରଙ୍ଗେ ଆମ ହୋଇବ କଅଣ ?
ଯେଉଁ ପଥେ ଚାଲିଲେ ବି ପ୍ରଭୁ ତ ମିଳିବେ,
ଖୋଜିବା ଭାବକୁ ଆମ ସେ ଯାହା ଦେଖିବେ ॥

Digitized by srujanika@gmail.com

ସେ ଦୁର୍ଲଭ ନୁହନ୍ତି

ଖୋଜିବା ଲଗାଇ ମନ ପ୍ରାଣ ଧ୍ୟାନ ଧନ,
ଖୋଜିଲେ ନ ମିଳେ କାହିଁ କେଉଁଠି ରତନ ?
ଭାବିବାନି ପ୍ରଭୁ ପ୍ରାପ୍ତି ଆମକୁ ଦୁର୍ଲଭ,
ଏପରି ଭାବନା ହୃଦେ ନୋହୁ ଅନୁଭବ ।।

ଆମେ ତ ତାହାର ସିଏ ଅଟଇ ଆମରି ।
ଆମକୁ ସେ ଦରଶନ ନ ଦେବ କିପରି ?

ଭକ୍ତିମୟୀ ହେମଲତା

ଗଲା ଅନେଶତ ସାଲ ମାସ କାର୍ତ୍ତିକରେ
ଖୋରଧା ଜିଲାର ବାଜପୁର; ଏ ଗ୍ରାମରେ,
ଭକ୍ତିମୟୀ ହେମଲତା ଭକ୍ତଙ୍କ ମେଳରେ,
କାର୍ତ୍ତିକର ବ୍ରତ ପାଳୁଥିଲେ ଭକ୍ତିଭରେ ।।
ସହସା ନୟନୁଁ ତାଙ୍କ ଦୁଇ ଧାର ଲୁହ
ଅସମ୍ଭାଳ କୋହ ସହ ଝରି କଲା ସୁଅ ।।

ଭଙ୍ଗା କଣ୍ଠେ କହିଲେ ସେ, ''କାଳିଆରେ ତୋର,
ଦରଶନ ପାଇଁ ମତେ ଲାଗିଲାନି ଡୋର ?
ଅଶୀ ଟପିଲାଣି ଦିହ ରହିବ କି ନାହିଁ ?
ଥରା ଦେହେ ଚାଲିବାକୁ ବଳ ପାଉ ନାହିଁ ।।
ପ୍ରତି ବରଷ ତ ମୋତେ ନେଉଥିଲୁ ଡାକି,
ଏ ସାଲେ କଅଣ ଭାବି ଆରେ ଦେଲୁ ଫାଙ୍କି ?
ଆଜି ବଡ଼ ଏକାଦଶୀ ଭିଡ଼ ତୋର ବେଢ଼ା,
ନେଲୁ ନାହିଁ ଖୋଇଲୁନି ଟିକେ ତୋ' ଅବଢ଼ା ?''

ଲୁହଧାର ବହୁଚି ଲୋ ସହସା ସେଠାରେ,
କାହୁଁ ଆସି ଅଟୋରିକ୍ସା ମିଳିଲା ଦୁଆରେ ।।

Digitized by srujanika@gmail.com

ଆଉ ଦୁଇ ସାଥୀ ମେଳେ ଭକ୍ତ ହେମଲତା
ଅଟୋରେ ଉଠିଲେ କ୍ଷଣେ ନ ଚାହିଁ ଅବସ୍ଥା ।।
ପଚାଶ କୋଶରୁ ଊର୍ଦ୍ଧ୍ୱ ଜଗନ୍ନାଥ ଧାମ,
ବୁଢ଼ୀ ଅଟୋ ଚଢ଼ି ଗଲେ ନ ନେଇ ବିଶ୍ରାମ ।।

ବଡ଼ ଏକାଦଶୀ ବେଢ଼ା ଗହଳି ଗହନ,
କେମିତି ସେ ଚକାଡୋଳା କରିବେ ଦର୍ଶନ ?
କାଳିଆ-ଦର୍ଶନ-ଆଶା ନିଶା ଘାରେ ମନ,
ଆଉ କି ଭାବନା ମନେ ଆସଇ କେସନ ?

କାଳିଆ ନାଟରେ ଭେଣ୍ଡା ପୁତୁରା ତ ଏକା,
ଅପା ହାତ ଧରେ ପାଇ ଗହଳିରେ ଦେଖା ।।
ଧୀରେ ନେଇ କାଳିଆର ଦର୍ଶନ କରାଇ
ପୁଣି ନେଉଟାଣି ଦେଲା ଅଟୋରେ ବସାଇ ।।
ଏଠି ପ୍ରଶ୍ନ ଜାଗେ—ଭକ୍ତ ଖୋଜେ ଭଗବାନ
ଭଗବାନ ନ ଖୋଜେ କି ଭକ୍ତକୁ ତେସନ ?
ଦୁର୍ଲଭ ନୁହନ୍ତି ସେହି ସୁଲଭ ସକଳେ,
ଆମେ ଡାକି ପାରିବାନି ତାହାଙ୍କୁ ବିକଳେ ?

ନିଜକୁ ନ ଚାହିଁ ତାଙ୍କୁ ଚାହଁ

ଆମେ ପୁଣି ନିଜ ପର ଦୋଷ ଦେଖି ଦେଖି
ପ୍ରଭୁ ଦିବ୍ୟ ରୂପ ଗୁଣ ଦେଉଛୁ ଉପେକ୍ଷି ।।
ନିଜ ପର ଦୋଷ ଦେଖି କଅଣ ମିଳିବ,
ଏଥିରେ କଅଣ ପ୍ରଭୁ ଦର୍ଶନ ହୋଇବ ?

ନିଜକୁ ନ ଚାହିଁ ଏବେ ତାହାଙ୍କୁ ଅନାଅ,
ତାଙ୍କ କର୍ମ ଗୁଣ ଯଶ ଶତମୁଖେ ଗାଅ ।।
ସେ ତ ବଳିଆର-ଭୁଜ ପତିତପାବନ,
ସେହି କୃଷ୍ଣ ହରି ରାମ ଅଯୋଧ୍ୟା ରାଜନ ।।

Digitized by srujanika@gmail.com

ସେ ତ କ୍ଷେତ୍ର ଚକାଡୋଳା କାଳିଆ ସାଆନ୍ତ
ସେ କୌଶଲ୍ୟା ହିତକାରୀ ପ୍ରଭୁ ରଘୁନାଥ ॥

ତାଙ୍କୁ ଯେ ବରିବେ, ସେ ତାଙ୍କୁ ମିଳିବେ

ସେ ସାଧନ-ସାଧ୍ୟ ବୋଲି ବିଚାରିବା ମନେ,
ଏହାଠାରୁ ବଳି ଭ୍ରମ ନାହିଁ ତ ଭୁବନେ ॥
ଏତେ ଘଣ୍ଟା ଜପ କର, ଏତେ ମାଳା ଜପ,
ଅବା ସମାଧିରେ ବସି କଳପ କଳପ;
ହେଲେ କେଉଁ କ୍ରିୟା ଅବା କଉଣସି ବ୍ୟକ୍ତି
ସେ ଭାବଗ୍ରାହୀଙ୍କୁ ଧରି ଆଣି ନ ପାରନ୍ତି ॥

କେବଳ ତାଙ୍କୁ ଯେ ନିଜେ କରିବେ ବରଣ,
ତାହାଙ୍କୁ ମିଳିବେ ସିନା ପ୍ରଭୁ ଜନାର୍ଦ୍ଦନ ॥
ସର୍ବଭୂତ ହୃଦେ ସ୍ଥିତ ସେ ହୃଦୟେଶ୍ୱର,
ସେ ହୃଦୟେ ତାଙ୍କୁ ଖୋଜିବାକୁ ଯତ୍ନ କର ॥

Digitized by srujanika@gmail.com

ବିଚାର-ସାର

''ରାମଃ ସତ୍ୟଂ ପରଂବ୍ରହ୍ମ ରାମାଦ୍ କିଞ୍ଚିନ୍ନ ବିଦ୍ୟତେ ।
ତସ୍ମାଦ୍ ରାମ ସ୍ୱରୂପଂ ହି ସତ୍ୟଂ ସତ୍ୟମିଦଂ ଜଗତ୍ ।।''

ଭଗବାନ୍ ଶ୍ରୀ ବ୍ୟାସଦେବ

ରାମ ସତ୍ୟ, ରାମ ପରବ୍ରହ୍ମ

ଅନାଦି ଅନନ୍ତ ତତ୍ତ୍ୱ ଅଟଇ ଓଁକାର
ପ୍ରଭୁ ଅନୁଗ୍ରହ ବିନା କେ ପାଇବ ପାର ?
ଏହି ଆଲମ୍ବନ ଧରି ଜ୍ଞାନୀଏ ଗମନ୍ତି
ପ୍ରଶ୍ନ ଉଠେ, ତହିଁ ଭକ୍ତ ଜନେ କି କରନ୍ତି ?

ରାମଭକ୍ତ ବୃଷକେତୁ ଶିବ ମହେଶ୍ୱର
ରାମ ମନ୍ତ୍ର ଜପି କଲେ ଜଗତ ମଙ୍ଗଳ ।।
ପରଂବ୍ରହ୍ମ ରାମଙ୍କର ମହିମାକୁ ଧ୍ୟାୟି
ଧ୍ୟାନ ରତ ଅହରହ ମହେଶ ଗୋସାଇଁ ।।
ରାମ ସତ୍ୟ ପରଂବ୍ରହ୍ମ, ସବୁହିଁ ତ ରାମ,
ରାମ ବିନା କେ' ଜଗତେ ନ ପାଏ ଆରାମ ।।

ଦଶରଥ ସୁତ ରାମଚନ୍ଦ୍ରଙ୍କ ବିଷୟେ
ସଂଶୟ ତ ଥିଲା ଦକ୍ଷ-ସୁତାଙ୍କ ହୃଦୟେ ।।

ସତୀଙ୍କ ବ୍ରହ୍ମ ଭ୍ରମ

ସତୀଙ୍କ ସାଥିରେ ଥରେ ଘୋର ବନସ୍ତରେ
ପ୍ରଭୁଙ୍କୁ ଦେଖିଲେ ଶମ୍ଭୁ ହୃଦେ ହର୍ଷଭରେ ।।
''ଜୟଶ୍ରୀ ସଚ୍ଚିଦାନନ୍ଦ ଜଗତପାବନ,''
କହି ଏହିପରି ଗଲେ ମନୋଜ-ନାଶନ ।।

Digitized by srujanika@gmail.com

ଯାଉଥିବା କାଳେ ଶିବ ସତୀଙ୍କ ସହିତ,
ବାରମ୍ବାର ହେଉଥିଲା ତନୁ ପୁଲକିତ ।।
ସ୍ୱାମୀଙ୍କର ସେହି ଦଶା ନିରେଖିଲେ ସତୀ
ସନ୍ଦେହ ହୃଦୟ ପୁରେ ଉପୁଜିଲା ଅତି ।।
ଶଙ୍କର ତ ବିଶ୍ୱବନ୍ଦ୍ୟ ଜଗତ ଈଶ୍ୱର
ସକଳେ ନୁଆନ୍ତି ଶିର ସୁର ମୁନି ନର ।।
ସେ ଏକ ରଜାର ପୁତ୍ରେ କରିଲେ ପ୍ରଣାମ
ଉଚ୍ଚାରି 'ସଚ୍ଚିଦାନନ୍ଦ' ପରମ ନିଦାନ ।।

ଛବି ଦେଖି ହେଲେ ଏତେ ପ୍ରେମରେ ଆସକ୍ତ
ଏବେ ବି ରୋକିଲେ ହୃଦେ ନ ରହେ ଗୁପତ ।।
ଯେ ମାୟା ରହିତ ବ୍ରହ୍ମ ଅଜ ଅଗୋଚର,
ଇଚ୍ଛାହୀନ ଭେଦହୀନ ବ୍ୟାପ୍ତ ଚରାଚର;
ଯାହାଙ୍କୁ ନ ଜାଣେ ବେଦ, ସେ ଅବା କିପରି
ଜନମିବେ ଏ ମରତେ ନର ଦେହ ଧରି ?
ଦେବ ହିତ ଲାଗି ଯେଉଁ ବିଷ୍ଣୁ ନର ରୂପ
ମହେଶ ସମାନ ସେ ତ ସର୍ବଜ୍ଞ ସ୍ୱରୂପ ।।
ଜ୍ଞାନ-ଧାମ ଲକ୍ଷ୍ମୀପତି ସେ ତ ଦଇତ୍ୟାରି,
ଅଜ୍ଞାନ ପରାୟେ କିଆଁ ଖୋଜିବେ ସେ ନାରୀ ?

ପ୍ରକାଶ୍ୟେ ଯଦି ବା ସତୀ ନ କଲେ ବ୍ୟକତ
ଅନ୍ତର୍ଯ୍ୟାମୀ ଶିବ ଜାଣି ପାରିଲେ ସମସ୍ତ ।।
କହିଲେ, ''ଗୋ ସତୀ, ନାରୀ ସ୍ୱଭାବ ତୁମର,
ଏପରି ସଂଶୟ ହୃଦେ ପୋଷଣ ନ କର ।।
ଅଗସ୍ତି ଯାହାଙ୍କ କଥା ଶୁଣାଇଲେ ଗାଇ,
ଯାହାଙ୍କ ଭକତି ତାଙ୍କୁ ଥିଲି ମୁଁ ଶୁଣାଇ,
ସେ ଅଟନ୍ତି ମୋର ଇଷ୍ଟଦେବ ରଘୁବୀର,
ସେବନ୍ତି ଯାହାଙ୍କୁ ସଦା ଯେତେ ମୁନି ଧୀର ।।

Digitized by srujanika@gmail.com

ଯେତେ ଧୀର ମୁନି ଋଷି ସିଦ୍ଧ ଯୋଗୀ ବରେ,
ଯାହାଙ୍କୁ କରନ୍ତି ଧ୍ୟାନ ନିର୍ମଳ ଅନ୍ତରେ,
ନେତି ନେତି କହି ବେଦ ପୁରାଣାଦିମାନ
ଯାହାଙ୍କର କୀର୍ତ୍ତି ଉଚ୍ଚେ କରୁଛନ୍ତି ଗାନ,
ବ୍ରହ୍ମାଣ୍ଡର ପତି ପୁଣି ଅଖିଳ ବ୍ୟାପକ,
ବ୍ରହ୍ମ ରୂପ ମାୟାପତି ସ୍ୱତନ୍ତ୍ର ପାଳକ,
ସେହି ଭଗବାନ ରାମ ଭକ୍ତଙ୍କ ନିମନ୍ତେ
ରଘୁ କୁଳେ ଜନ୍ମିଛନ୍ତି ନିଜ ଇଚ୍ଛାମତେ ।।''

ଯେପରି ତ୍ରେତୟା ଯୁଗେ ସତୀଙ୍କ ଅନ୍ତରେ,
ବ୍ରହ୍ମଙ୍କ ସଂଶୟ ଜାତ ହୋଇଥିଲା ଥରେ,
ସେପରି ତ ଆଜି ଅସୁମାରି ନର ନାରୀ
ରାମ ପରଂବ୍ରହ୍ମ ବୋଲି ବିଚାରି ନ ପାରି
ଅନ୍ୟ ଦେବତାଙ୍କ ତୁଲ୍ୟ ତାହାଙ୍କୁ ମଣନ୍ତି
ଅବା ରାଜା ଦଶରଥ ସୁତ ବିଚାରନ୍ତି ।।

ରାମ କାହିଁକି ଆତ୍ମା ବା ବ୍ରହ୍ମ ହେବେ ?

ବ୍ରହ୍ମ ପରା ସତ୍ୟ ସର୍ବଗତ ସର୍ବବ୍ୟାପୀ .
ରାମଙ୍କୁ କାହିଁକି ବ୍ରହ୍ମ କହିବା ତଥାପି ?
ବ୍ରହ୍ମ ନିରାକାର ପୁଣି ଅଟନ୍ତି ସାକାର
ଭେଦ ଗତେ ବ୍ରହ୍ମ ସିନା ଏ ଦୁଇ ପ୍ରକାର ।।
ଜାଣିବାକୁ ବ୍ରହ୍ମଙ୍କର ବିଶେଷ ସ୍ୱରୂପ,
ତ୍ରେତୟାରେ ହୋଇଥିଲା ପରା ରାମରୂପ ।।

ମର୍ତ୍ତ୍ୟ ନର ନାରୀ ଯେଉଁ ସ୍ୱରୂପକୁ ଧରି,
ପରମାତ୍ମା ପାଶେ ମିଳି ପାରିବେ ଯେପରି,
ସେଥିପାଇଁ ପରା ଶେଷେ ଏ ବିଚାର ସାର
ସୁଧୀ ମେଳେ ହେବା ପାଇଁ ଏହାର ବିଚାର ।।

Digitized by srujanika@gmail.com

କ୍ଷମିବେ ସଜ୍ଜନେ ମୋତେ, ମୋର ଏ ଧୃଷ୍ଟତା,
ଛାର ଜୀବ କହେ ଯାହା ବ୍ରହ୍ମଙ୍କର କଥା ॥

ରାମ, ଆତ୍ମା-ରାମ, ପରମାତ୍ମା ଭଗବାନ,
ପଦେ ତାଙ୍କ ଅକିଞ୍ଚନ ଜଣାଏ ପ୍ରଣାମ ॥
ରାମ ପରଂବ୍ରହ୍ମ ବୋଲି ବିଚାରିବା କାମ,
ଦୀନେ ଦେଉଛନ୍ତି ତାର ପ୍ରଭୁ ସୀତାରାମ ॥
ସୂର୍ଯ୍ୟଙ୍କୁ ପ୍ରଦୀପ ଜାଳି ଦେଖାଇବା ପରି,
ଇୟେ ଅନୁରୂପ କଥା ହେଲାଣି ସେପରି ॥
ରାମ ସତ୍ୟ ପରଂବ୍ରହ୍ମ ଜଗତ କରତା
ତାଙ୍କ ବିନା ଜଗତରେ ହୁଏ କେଉଁ କଥା ?
ଯେପରି କରାନ୍ତି ସିଏ ହୁଅଇ ସେପରି,
ମୂଢ଼ତାରେ କର୍ତ୍ତାପଣ ଆମେ ଥାଉଁ ଧରି ॥
ବିସ୍ମୟ ଲାଗଇ ଭାବି ତାଙ୍କ କଳପନା
ପଙ୍କୁ ଯାହା ପଦ୍ମକୁ ସେ କରନ୍ତି ସର୍ଜନା !!

ଜଗତ ପଦ୍ମକୁ ଦେବ-ମସ୍ତକେ ଖୋସୁଛି,
ଜଗତର ଜଣେ କେହି ପଙ୍କେ କି ପଶୁଛି ?
ପଙ୍କ, ପଙ୍କ ହେଉ ପଛେ ପଙ୍କଜ ଫୁଟାଉ,
ଏହି ଗଉରବ ଅବା ସେ ପାଆନ୍ତା କାହୁଁ ?
ଦୀନ ଅକିଞ୍ଚନେ ଦେବା ଉଚ୍ଚ ଗଉରବ,
କେବଳ ମୋ' ସ୍ୱାମୀ ରଘୁପତିଙ୍କୁ ସମ୍ଭବ ॥

ଆତ୍ମାଙ୍କ ସ୍ୱରୂପ

ଆତ୍ମାଙ୍କ ବିଷୟ ଆମେ କରିଲେ ଚିନ୍ତନ,
ଭାବୁ ନାହୁଁ ହୃଦ ସ୍ଥିତ ଶକ୍ତିଟି କଅଣ ॥
ଯିଏ ଜଡ଼ ଅଣୁ ପରମାଣୁ ଠୁଳ କରି,
ଆକୃତି ବିଶେଷ କରି ଗଢ଼ଇ ଯେପରି ॥

Digitized by srujanika@gmail.com

ଖାଦ୍ୟ ପଦାର୍ଥରୁ କରି ରସ ସଞ୍ଚୟନ,
ରକ୍ତ ମାଂସ ପେଶୀ ସବୁ କରାଏ ଉତ୍ପନ୍ନ ॥
ବାହାରର କେହି ଏହା କରି ଦିଏ ନାହିଁ,
ନିଜେ କରିବାକୁ ପଡ଼େ ସବୁ ନିଜ ପାଇଁ ॥

କିଏ ଏହି, ଯେ କରାଏ ସ୍ୱରୂପ ଗଠନ,
ସେ ତ ଆତ୍ମା, ଆତ୍ମାରାମ, ବିଦିତ ଭୁବନ ॥
ଏ ନୁହନ୍ତି ମନ, ସେ ତ ମନର ଊର୍ଦ୍ଧ୍ୱରେ
ମନ ଦେଇ ସେ କରାନ୍ତି କାର୍ଯ୍ୟ ଦେହପରେ ॥
ସୂକ୍ଷ୍ମ-ଦେହୀ ସିଏ, ସୂକ୍ଷ୍ମ-ଦେହ ଜରିଆରେ
ସ୍ଥୂଳ ଦେହ ପରେ କାର୍ଯ୍ୟ କରାନ୍ତି ସଂସାରେ ॥

ଯେ ଦେହ ନୁହନ୍ତି ପୁଣି ନୁହନ୍ତି ଏ ମନ,
ସେ ଆତ୍ମ ସ୍ୱରୂପ ତେବେ ହୋଇବେ କେସନ ?

ଆତ୍ମା ନିରାକାର

ଆତ୍ମାଙ୍କର ଯେଣୁ ନାହିଁ ଆକୃତି ଆକାର,
ତେଣୁ ସେ ହୋଇବେ ସର୍ବବ୍ୟାପୀ ନିରାକାର ॥
ନିରାକାର ନୁହେଁ, ନାହିଁ ଯାହାର ଆକାର,
ସେ ତ ସର୍ବବ୍ୟାପୀ, ସେହି ସର୍ବ ରୂପାକାର ॥
ଜଳର ଆକୃତି ନାହିଁ, ନାହିଁ ପବନର,
ଜଳ ପବନକୁ ରଖ ଯେ ପାତ୍ର ଭିତର,
ସେହି ସେହି ଆକାର୍ ସେ ହୁଅଇ ଯେସନେ
ଆତ୍ମା ସର୍ବରୂପ ବୋଲି ଜାଣିବ ତେସନେ ॥
ଯେତେ ରୂପାକାର ଅଛି ନିଖିଳ ଜଗତେ
ସବୁ ଆତ୍ମ-ରୂପ, ଏହା ଜାଣ ହୃଦଗତେ ॥

ସାକାରରେ ଆତ୍ମା ଆତଯାତ ଏ ସୃଷ୍ଟିରେ,
ନିରାକାରେ ଆତ୍ମା କ'ଣ ଆସନ୍ତି ଦୃଷ୍ଟିରେ ?

Digitized by srujanika@gmail.com

ସାକାରର ସୌମ୍ୟରୂପ ନିରାକାରେ ନାହିଁ,
ସାକାର ପ୍ରସାଦ ପୂର୍ଣ୍ଣ ଅଟଇ ସେ ପାଇଁ ॥
ସବୁ ଦ୍ୱନ୍ଦ୍ୱ ଠାରୁ ଦୂରେ ରହେ ନିରାକାର
ସର୍ବ ଅଧିଷ୍ଠାନ ସେ ତ ନିତ୍ୟ ନିର୍ବିକାର ॥
ସୁନା ଅଳଙ୍କାର ଦେଖି ଆନନ୍ଦ ଜନ୍ମଇ
ସୁନା-ମୁଣ୍ଡା ନିରେଖିଲେ କି ତାହା ମିଳଇ ?

ମନ ତଳେ ଦେଶ, କାଳ କାର୍ଯ୍ୟ ଓ କାରଣ,
ମନର ଉର୍ଦ୍ଧ୍ୱରେ ଥାନ୍ତି ଆତ୍ମା ନାରାୟଣ ॥
ଯେତେ ଦେଶ କାଳ କାର୍ଯ୍ୟ କାରଣାଦିମାନ,
ସମସ୍ତ ଜାଣିବ ଏଇ ମନର ଭିଆଣ ॥
ଦେଶକାଳ ନିମିତ୍ତାଦି ଏ ମନର ସୃଷ୍ଟି,
ମନର ସୃଷ୍ଟିକୁ ଆମେ ଦେଇଥାଉଁ ଦୃଷ୍ଟି ॥
ମଳ ମନ କରେ ସୃଷ୍ଟି ଯେତେ ଭେଦ ଛେଦ,
ନିର୍ମଳ ମନ ତ ଆତ୍ମା, ସ୍ୱଭାବେ ଅଭେଦ ॥
ତେଣୁ ଆତ୍ମା ଦେଶ କାଳ ନିମିତ୍ତ ଅତୀତ
କେବଳ ଏତିକି ନୁହେଁ, ସେ ତ ସର୍ବାତୀତ ॥

ଆତ୍ମା ଯେଣୁ 'ଦେଶ-କାଳ ନିମିତ୍ତ' ଅତୀତ
ତେଣୁ ସେ ଅନନ୍ତ ହେବେ– ଏହା ସୁନିଶ୍ଚିତ ॥
ଯେ ଅନନ୍ତ ତାଙ୍କର ତ ଦୁଇ କେବେ ନାହିଁ,
ଅନନ୍ତ ବା ଆତ୍ମା ସଦା 'ଏକ' ସେଥିପାଇଁ ॥
ଆମ ଦେହ ଭିତରର ସେ ଯେଉଁ ଶକତି,
କ୍ରମେ ଜାଣି ନେଲେ ଆମେ ଯା'ର କରାମତି,
ସେ ସ୍ୱରୂପ ଆତ୍ମା ହେବେ ସର୍ବ ଶକ୍ତିମାନ,
ଯେ ଏକ ଅନନ୍ତ ପୁଣି ଚେତନ ପ୍ରମାଣ ॥

ଆତ୍ମା ଯେଣୁ 'ଦେଶ-କାଳ-ନିମିତ୍ତ' ଅତୀତ
ତେଣୁ ଆତ୍ମା ସଦା ମୁକ୍ତ ସ୍ୱଭାବ ନିଶ୍ଚିତ ॥

Digitized by srujanika@gmail.com

ଆତ୍ମା ବଦ୍ଧ ନ ଥିଲେ ତ କୌଣସି ଭାବରେ,
କିନ୍ତୁ ବଦ୍ଧ ହେଲେ ଦେଶ କାଳ ନିମିତ୍ତରେ ॥
ବନ୍ଧନକୁ ବରି ନେଲେ ଯେତେ ଅଜ୍ଞ ଜନ,
ଯେ ଦେଖିଲେ ଅହରହ ସଂସାର ସପନ ॥
ଏହି ତ ଦୁର୍ଦ୍ଦଶା ଆମ, ଆମରି ଭିଆଣ
ସ୍ୱରୂପକୁ ଭୁଲି ଦୃଶ୍ୟେ ହୋଇଲୁ ଅଜ୍ଞାନ ॥
ଆତ୍ମାହିଁ ଅନନ୍ତ, ତାଙ୍କ ମୃତ୍ୟୁ ପ୍ରଶ୍ନ ନାହିଁ,
ଅଜ୍ଞତାରେ ଅହରହ ଆମେ ମରୁଥାଇଁ ॥

ଆତ୍ମା ଦେହ ମନ ନୁହନ୍ତି

କ୍ଷଣକେ କ୍ଷଣକେ ଦେହ ମନ ବଦଳଇ,
ତେଣୁ ଦେହ ମନ କେବେ ଏ ଆତ୍ମା ନୁହଇ ॥
ଜଡ଼ର ଅତୀତ ଆତ୍ମା ଅନନ୍ତ ଅଟନ୍ତି,
ତେଣୁ ତାଙ୍କ ନ ହୁଅଇ କେବେ ପରିଣତି ॥
ନଦୀ ଜଳ ରାଶି ବହି ଚାଲଇ ନିରତେ,
ଆମେ ତାକୁ ଭାବୁ ସେହି ଏକା ଜଳ ସତେ ॥
ଦେହ ଅଣୁ ପରମାଣୁ ବଦଳେ ତେସନେ
ପ୍ରତି ମୁହୂର୍ତ୍ତର ଦେହ ନ ରହଇ କ୍ଷଣେ ॥
ମନ କ୍ଷଣେ ସୁଖୀ, କ୍ଷଣେ ଦୁଃଖୀ ହେଉଥାଏ
ବଦଳିବା ବହୁରଙ୍ଗୀ ଏଣ୍ଟୁଅ ପରାୟେ ॥
ସସୀମ ବସ୍ତୁର ଥାଏ ବଦଳିବା ଭାବ,
ଅପରିବର୍ତ୍ତନ କିନ୍ତୁ ଅନନ୍ତ ସ୍ୱଭାବ ॥

ସର୍ବବ୍ୟାପୀ ଏ ଅନନ୍ତ କେବଳ ହିଁ ସତ୍ୟ,
ଏହି ସର୍ବ ଅଧିଷ୍ଠାନ, ଏ ପରମ ତତ୍ତ୍ୱ ॥
ଯେତେ ସସୀମରେ କେବେ ଥାଏନି ସତ୍ୟତା,
ସର୍ବଦା ବଦଳେ ତାର ନଶ୍ୱର ଅବସ୍ଥା ॥

Digitized by srujanika@gmail.com

ଶରୀର ଦୃଷ୍ଟିରୁ ତମେ, ମୁଁ ଅନ୍ୟମାନେ,
ଯାଇ ପାରିବା ତ ଏକ ସ୍ଥାନୁ ଅନ୍ୟ ସ୍ଥାନେ ।।
ପ୍ରତି ଅଣୁ ପରମାଣୁ ତେହ୍ନେ ଜଗତର
ସବୁ ଗତିଶୀଳ ସଦା ଚଳ ଓ ଚଞ୍ଚଳ ।।
ସମଷ୍ଟି ରୂପରେ କିନ୍ତୁ ଦେଖିଲେ ଜଗତ
ସେଥିରେ ତ ଅସମ୍ଭବ ଯେତେ ଗତାଗତ ।।
ଏ ଅନନ୍ତ ତେଣୁ ଏକ, ଅଦ୍ୱିତୀୟ, ପୂର୍ଣ୍ଣ,
ଅଚଳ, ଅପରିଣାମୀ, ନୁହେଁ କେବେ କ୍ଷୁଣ୍ଣ ।।
ତେଣୁ ସତ୍ୟ ରହେ ସର୍ବବ୍ୟାପୀ ଅନନ୍ତରେ
ରହେ ନାହିଁ କେବେ ସାନ୍ତ ଅବା ସସୀମରେ ।।

କାହାକୁ କହିଲେ କିଏ – ତୁମେ ତ ଅନନ୍ତ,
ତେବେ କ'ଣ ଚାଲ ତମେ ଧରି ପାଦ ଶତ ?
ଦୁନିଆକୁ ଦେଖ କ'ଣ ଅଯୁତ ନୟନେ,
ଖାଅ ପିଅ ସେହିପରି ସହସ୍ର ବଦନେ ?
ଉତ୍ତର ମିଳିବ ତେବେ ଅତି ସହଜରେ,
ମୋ ଅହଂକୁ କେ' ପାରିବ କାଟି ଜଗତରେ ?

ଅହଂ ବା 'ମୁଁ'ତ୍ୱକୁ କିଏ କ'ଣ ଦେଖିଛି

ଏହି ଅହଂ ଜ୍ଞାନ ଅବା 'ମୁଁ'ତ୍ୱ କଅଣ ?
କେହି କି କେଉଁଠି ତାକୁ କରିଛି ଦର୍ଶନ ?
କାହା ଚକ୍ଷୁ ଅବା କର୍ଣ୍ଣ ନଷ୍ଟ ହୋଇଗଲେ,
ତାହାର 'ମୁଁ'ତ୍ୱ କ'ଣ ତୁଟଇ ଶେଷରେ ?
ଶିଶୁର ତ ନିଶ ଦାଢ଼ୀ କଅଁଳି ନ ଥାଏ;
ବୟସାନୁକ୍ରମେ ଯେବେ ନିଶ ଉଠିଯାଏ,
ଶିଶୁର 'ମୁଁ'ତ୍ୱ କ'ଣ କାହିଁ ଯାଏ ତେବେ ?
ତେଣୁ ଏ 'ମୁଁ'ତ୍ୱ ନୁହେଁ ଶରୀରର କେବେ ।।

Digitized by srujanika@gmail.com

କାହାର 'ମୁଁ'ତ୍ୱ ନାହିଁ ଅନନ୍ତ ବ୍ୟତୀତ,
କେବଳ ଅନନ୍ତ ପରିଣାମର ଅତୀତ ॥
ଅନନ୍ତକୁ ଛାଡ଼ି ଦେଲେ ସବୁ ତ ବଦଳେ,
ବଦଳିବା ଦ୍ରବ୍ୟ ନୁହେଁ ସତ୍ୟ ଧରାତଳେ ॥
'ମୁଁ'ତ୍ୱକୁ ପାଇବାକୁ ଆମରି ଯତନ,
'ମୁଁ'ତ୍ୱ ଖୋଜିବା ଜାଣ ସାର୍ଥକ ଜୀବନ ॥
ଶରୀର ରୂପକ କ୍ଷୁଦ୍ର ସାନ୍ତ ପଦାର୍ଥରେ,
ନିଜକୁ ଆବଦ୍ଧ କରି ରଖି ଦେଲେ ଥରେ,
ତେବେ ମୃତ୍ୟୁ ମୁଖେ ହେଉ ଆମେ ଅଗ୍ରସର,
ଏପରି କଟାଉ ଆମ ଜୀବନ କେବଳ ॥

ଅନନ୍ତ ତ ଖଣ୍ଡ ଖଣ୍ଡ ହୋଇ ପାରେ ନାହିଁ,
ସମଷ୍ଟି ସ୍ୱରୂପ ଯେଉଁ ଆତ୍ମା ରହି ଥାଇ,
ସେହି ହିଁ ଯଥାର୍ଥ 'ମୁଁ' ଅଟେ ମଣିଷର
ତାକୁ ବ୍ୟକ୍ତ କରାଇବା ଉଚିତ ଆମର ॥

ଯେଉଁ ବସ୍ତୁ ଥାଏ ପରଦାର ପଛ ପଟେ
ପରଦା ଛିଦ୍ରରେ ତାର ସ୍ୱରୂପ ପ୍ରକଟେ ॥
ମାୟା-ଯବନିକା ପରା ରଖୁଛି ଲୁଚାଇ,
ଏ ଅନନ୍ତ ଆତ୍ମା ତେଣୁ ଦୃଶ୍ୟ ହୁଏ ନାହିଁ ॥
ଯେତେକ ସତ୍‌କର୍ମ କରେ ଛିଦ୍ରକୁ ବିଶାଳ
ସତ୍‌କର୍ମେ ସେ ପରଦାକୁ ଯେବେ ଅପସାର,
ଏ ଅନନ୍ତ ଆତ୍ମା ତେବେ ଦୃଶ୍ୟ ହେବେ ସିନା
ସେ ଦୃଶ୍ୟ ନୁହନ୍ତି କେବେ ସତ୍ କରମ ବିନା ॥

ଈଶ୍ୱରଙ୍କୁ କେଉଁଠି ଖୋଜିବା ?

ଆମେ ଯିଏ ହେଉ ପଛେ ଯେଉଁ କିସମର,
ସଭିଏଁ ଜୀବନେ ଖୋଜି ବୁଲୁଛେ ଈଶ୍ୱର ॥

Digitized by srujanika@gmail.com

ସେହି ତ ଅଛନ୍ତି ଆମ ଅନ୍ତରେ ଛପିକି,
ଆମେ ତାଙ୍କୁ ଖୋଜି ଖୋଜି ବୁଲୁଛେ କାହିଁକି ?
ଆମେ ଜାଣୁଅଛେ ଆମ ହୃଦ ଧକ୍ ଧକ୍,
ଭାବୁଁ ଶବ୍ଦ ହୁଏ କାହିଁ ଅଜଣା ମୁଲକ ॥

ଅନ୍ତର ଈଶ୍ୱର ତୁମ ଦିଅନ୍ତି ଇସରା–
"ଖୋଜ, ମୁଁ ରହିଛି ତୁମ ହୃଦ ତଳେ ପରା ॥
ମୁହିଁ ତ ରହିଛି ତୁମ ହୃଦୟ ମନ୍ଦିରେ
କିଆଁ ଏଣେ ତେଣେ ମୋତେ ଖୋଜୁଛ ଅଧୀରେ ?
ମୁଁ ତୁମ ପ୍ରାଣର ପ୍ରାଣ, ଅତି ନିକଟର,
ନଖ ମାଂସ ମଧ୍ୟେ ପରା ଯେତିକି ଅନ୍ତର ॥
ସତ୍‌କରମ କରି ପରଦାକୁ ଅପସାର,
ମୁଁ ଆତ୍ମା ଦେଖିବ ତମେ ମତେ ବାର ବାର ॥"

ଏଇ କଥା ଭଗବାନ ଅନେକ ସ୍ଥାନରେ,
ଗୀତାରେ ବୁଝାଇଛନ୍ତି ପାର୍ଥଙ୍କ ଆଗରେ –
"ଅନ୍ତର୍ଯ୍ୟାମୀ ରୂପେ ପାର୍ଥ ଜାଣିବ ନିଶ୍ଚିତ,
ସକଳ ଜୀବଙ୍କ ହୃଦେ ଆମ୍ଭେ ଅବସ୍ଥିତ ॥"

ସକଳ ବସ୍ତୁର ଜ୍ଞାତା ଅଟନ୍ତି ଏ ଆତ୍ମା,
ତମେ ଆତ୍ମା, ମୁଉଁ ଆତ୍ମା, ସଭିଏ ତ ଆତ୍ମା ।
ଏ ଆତ୍ମାଙ୍କୁ ତେବେ କିଏ ଜାଣିବ କେମିତି ?
ସତ୍‌କର୍ମ ଆଚରି ଅବା କିଏ ସେ ଜାଣିଛି ॥

ଏତେ ନୀତି କଥା କାଇଁକି ?

ଲେଖା ନୋହିଥିଲେ ଏତେ ନୀତି ଧର୍ମ କଥା
ଗଦା ଗଦା ଧର୍ମ ଶାସ୍ତ୍ର କେଉଁଠୁ ଆସନ୍ତା ?
ପ୍ରତି ଧର୍ମ ଶାସ୍ତ୍ରେ ଏକ ଭାବର ବିସ୍ତାର
ତାହା, ଜୀବେ ଦୟା ପୁଣି ପର ଉପକାର ॥

Digitized by srujanika@gmail.com

ଏହାର କାରଣ ଏକ – 'ମୁଁ' ହିଁ ଜଗତ,
'ମୁଁ'ହିଁ ସବୁ ପୁଣି ଏଇ ମୋଅର ସମସ୍ତ ॥
ଅଖଣ୍ଡ ସ୍ୱଭାବ ଯୁକ୍ତ ଅଖିଳ ଜଗତ
ସନାତନ ସତ୍ୟର ଏ ପ୍ରମାଣ ସତତ ॥

ତାହା ନୋହିଥିଲେ ତେବେ ଅନ୍ୟ ହିତପାଇଁ
ଏ ଆତ୍ମା ଆତୁର ଅବା ହୁଅନ୍ତା କିପାଇଁ ?
ଏହି ତ ସର୍ବତ୍ର ସମଦର୍ଶନ ସକାଶେ,
ଅନ୍ତରୁ ସହାନୁଭୂତି ଧାରା ବହି ଆସେ ॥
ଭ୍ରମାତ୍ମକ ଅହଂ ପାଇଁ ଯେ ହୁଅନ୍ତି ବାଇ,
ନରାଧମ ନୀଚ ସେ ତ, ମୁକ୍ତି ତାଙ୍କ ନାହିଁ ॥

ଶାସ୍ତ୍ର କହେ, ଆତ୍ମତ୍ୟାଗ ଧରମର ଭିତ୍ତି;
ଏହି ଆତ୍ମ-ତ୍ୟାଗ ତେବେ କଅଣ କେମିତି ?
ଆତ୍ମ-ତ୍ୟାଗ ଅର୍ଥ ଏଠି ଅହଂର ହିଁ ତ୍ୟାଗ,
ସବୁ ରୂପ ସ୍ୱାର୍ଥପରତାର ପରିତ୍ୟାଗ ॥
ସ୍ୱାର୍ଥପରତାକୁ ପାରେ ଯେ ଯେତେ ବରଜି,
ସେତେ ଆତ୍ମ ଉପଲବ୍ଧି ସେ ଥାଏ ଅରଜି ॥
ଅହଂ ଭାବନାକୁ ଯେତେ ଅନ୍ତରୁ ପୋଛିବ,
ଆତ୍ମା ନିତ୍ୟ ସ୍ୱରୂପରେ ପୂର୍ଣ୍ଣ ବିକଶିବ ॥
କିଏ ବାଣୀଦତ୍ତ ପରି ନିଜ ସୁଖ ଛାଡ଼େ ?
ପରପାଇଁ ଜୀବନର-ରସକୁ ନିଗାଡ଼େ ॥
ଭ୍ରମାତ୍ମକ ଅହଂ ଆଉ ସ୍ୱାର୍ଥ କେ ତେଜଇ ?
ଯେ ନିଜ ଅନ୍ତରେ ଏହି ବିଶ୍ୱକୁ ଦେଖଇ ॥
ସେ ବିଶ୍ୱର ହୋଇଯାଏ, ଏ ବିଶ୍ୱ ତାହାର,
ଏ ଦେହୁ ସେ ଉଠି କରେ ବିଶ୍ୱେ କାରବାର ॥

Digitized by srujanika@gmail.com

ଦଶରଥ ସୁତ ରାମ ଚରିତ୍ରର ବୈଶିଷ୍ଟ୍ୟ

ପରଂବ୍ରହ୍ମ ରାମଚନ୍ଦ୍ର ତ୍ରେତୟା ଯୁଗରେ,
ସ୍ୱଇଚ୍ଛାରେ ଜନ୍ମ ଲଭି କୌଶଲ୍ୟା କୋଳରେ,
ଦୁଷ୍ଟ ବିନାଶନ ଭକ୍ତ ଜନ ହିତ ପାଇଁ
ଦେବ ହିତେ ମର୍ତ୍ତ୍ୟେ ଅବତରିଲେ ଗୋସାଇଁ ।।
ରାଜକୁଳେ ଜନ୍ମି ମର୍ଯ୍ୟାଦାର ଉଲଂଘନ
କଲେ ନାହିଁ ନରରୂପୀ ରାମ ନାରାୟଣ ।।

ସତ୍ୟସନ୍ଧ ପିତୃଭକ୍ତ ସ୍ୱଜନ ବତ୍ସଳ,
ପତିତପାବନ ଜନପ୍ରିୟ ଆର୍ତ୍ତହର ।।
ରଣ ରଙ୍ଗଧୀର ବୀର ନୟନାଭିରାମ,
ସତ୍ୟ ଶିବ ଶାନ୍ତିମୟ ଶରଣ୍ୟ ଶ୍ରୀରାମ ।।
ଲକ୍ଷ୍ମଣ ପୂର୍ବଜ ରଘୁବର ସୀତାପତି,
ଦୀନ ଦୁଃଖୀ ଆର୍ତ୍ତହର ଅଗତିର ଗତି ।।
ବନ ପଥଚାରୀ ରକ୍ଷକୁଳ ନାଶକାରୀ
ଶ୍ରମଣା ଶବରୀ କଇବର୍ତ୍ତ ହୃଦହାରୀ ।।

ତ୍ୟାଗ-ଶାସ୍ତ୍ର ରାମାୟଣ ତ୍ୟାଗେ ସୁଶୋଭିତ,
ଆଜି ଜନ ମାନସକୁ କରେ ଆନ୍ଦୋଳିତ ।।
ତ୍ୟାଗ-ମହୋଦଧି ରାମ ଅଥଳ ଅପାର,
ସେ ତ୍ୟାଗ ସୀମାକୁ କିଏ ପାଇ ପାରେ ପାର ?

ପିତୃ ସତ୍ୟ ପାଳି ତେଜି ସିଂହାସନ ପଦ,
ଆଦରିଲେ ଗିରି କଣ୍ଟା କାନନ ଆସ୍ପଦ ।।
ଚଉଦ ବରଷ କାଳ ଘୋର ବନସ୍ତରେ
ସହିଲେ ବରଷା ଶୀତ ଆତପ ମୁଣ୍ଡରେ ।।
ତେଜି ରାଜ ପରିଧାନ ବିଳାସ ବ୍ୟସନ,
ବଣ ଫଳ ମୂଳେ ଯାହା ରଖିଲେ ଜୀବନ ।।

Digitized by srujanika@gmail.com

ଅନୁଜ ଲକ୍ଷ୍ମଣ ସାଥେ ସୀତା ବଇଦେହୀ,
ରାଗ ତ୍ୟାଗ ଅନୁରାଗେ ଊଣା ନୁହଁ କେହି ॥

ଭରତଙ୍କ ତ୍ୟାଗ ପରା ଭୁବନ ବିଦିତ,
ରଜା ହୋଇ ଜଟାଜୂଟେ ହେଲେ ଆଭୂଷିତ ॥
ବସନ ଭୂଷଣ ଭୋଗ ସୁଖ ସମୁଦାୟ
କାୟମନୋବାକ୍ୟେ ତ୍ୟାଗ କଲେ ତୃଣ ପ୍ରାୟ ॥
ସାକେତ ପୁରୀରେ ବାସ କରନ୍ତି ଭରତ
ଚମ୍ପାବନେ ଅନାସକ୍ତ ଭ୍ରମର ଯେମନ୍ତ ॥

ପ୍ରଜାନୁରଞ୍ଜନ ପାଇଁ ସୀତା ବିସର୍ଜନ
ତ୍ୟାଗ ଭୂମି ପରେ ପରା ଶ୍ରେଷ୍ଠ ନିଦର୍ଶନ ॥
ସେହିପରି ସତ୍ୟ ପାଇଁ ଅନୁଜ ଲକ୍ଷ୍ମଣେ,
ଚିରଦିନ ପାଇଁ ଆହା ତେଜିଲେ କେସନେ ?
ତ୍ୟାଗ ମୂର୍ତ୍ତି ରାମଚନ୍ଦ୍ର ତ୍ୟାଗ-ମହୋଦଧି,
ମିଶନ୍ତି ତହିଁରେ ମାତ୍ର ତ୍ୟାଗ ନଦନଦୀ ॥
କେତେ ତ୍ୟାଗ, ସ୍ୱାର୍ଥତ୍ୟାଗ, ଆତ୍ମ-ତ୍ୟାଗ ଫଳେ,
ଶ୍ରୀରାମ ଶୋଭନ୍ତି ଆତ୍ମା-ରାମ ସ୍ୱରୂପରେ !!
ପ୍ରତିଟି ଚରିତ୍ର ଏଇ ଗ୍ରନ୍ଥେ ତ୍ୟାଗ ପୂତ,
ତ୍ୟାଗ ମହାକାଶେ ଯେହ୍ନେ ତାରକା ବହୁତ ॥

'ରାମ ନାମ ସତ୍ୟ ହେଁ'— ଏଇ ଉଚ୍ଚାରଣେ
ଶ୍ମଶାନେ ଶବକୁ ନେଇ ଆଆନ୍ତି ସ୍ୱଜନେ ॥
ରାମ ନାମ ସତ୍ୟ— ଆଉ ସବୁ ଝୁଟା କଥା,
ତେଣୁ ରାମ ପରଂବ୍ରହ୍ମ ନୁହଇ ଅନ୍ୟଥା ॥

ରାମଙ୍କୁ ନେଉଛୁ ଆମେ ଛାଡୁଛୁ ନିୟତ
ରାମଙ୍କର ଲାଗିଅଛି ନିତ୍ୟ ଗତାଗତ ॥

Digitized by srujanika@gmail.com

ଆମେ ଜାଣୁ ନାହୁଁ କିନ୍ତୁ କିଏ ସେହି ରାମ
ସେ ତ କଉଶଲ୍ୟା ସୁତ ଲୋକ ଅଭିରାମ ॥

ପୃଥିବୀ ନକ୍ଷତ୍ର କୋଟି ଗ୍ରହ ଉପଗ୍ରହ
ମହାଶୂନ୍ୟେ ପରା ଆତଯାତ ଅହରହ ।
ସେହି ଆକାଶରେ ଆମେ ଖାଉଛେ ପିଉଛେ,
ରହୁଛେ ଶୋଉଛେ ଯିବା ଆସିବା କରୁଛେ,–
କିନ୍ତୁ ଏ ଆକାଶେ ଆମେ ନୁହଁ ସଚେତନ,
ମାତ୍ର ଜାଣୁ ଦେଖି ନଭେ ଶଶି ଓ ତପନ ॥
ଆମେ ଅଛୁ ଆକାଶରେ, ଆକାଶ ସେପରି,
ପ୍ରତ୍ୟେକ ଅଙ୍ଗରେ ଆମ ରହିଅଛି ଭରି ॥

ରାମ ସର୍ବବ୍ୟାପୀ, ରାମ ସଭିଙ୍କ ଭିତରେ
ସଭିଁଏ ତ ଅଛେ ଆମେ ରାମଙ୍କ ଭିତରେ ॥
ଏତେ ପାଖାପାଖି ପୁଣି ଏତେ ଲଗାଲଗି,
ତଥାପି ତାହାଙ୍କୁ ଆମେ ପାରୁ ନାହୁଁ ଜଗି ॥
ଆସନ୍ତି ଯାଆନ୍ତି ସେହି ନିତ୍ୟ ନିରନ୍ତର
ଆମେ କ'ଣ ରଖୁଁ କେବେ ତାଙ୍କରି ଖବର ?
ଓଁ'କାର ସ୍ୱରୂପ ସେହି ଓଁ'କାର ଅଭୁତ,
ମାୟା ନର ରୂପୀ ସେ ତ ଦଶରଥ ସୁତ ॥

ଅନନ୍ତ ସ୍ୱରୂପରାମ ଚେତନା ସାଗର,
ଅବିନାଶୀ ସର୍ବବ୍ୟାପୀ ନିତ୍ୟ ପରାପର ॥
ଯେ ବ୍ରହ୍ମ ସେ ରାମ ତାଙ୍କୁ ଛାଡ଼ି କିଛି ନାହିଁ
ସେ ସତ୍ୟ ସ୍ୱରୂପ, ସତ୍ୟ ଜଗତ ସେ ପାଇଁ ॥

Digitized by srujanika@gmail.com

ଶାନ୍ତି ପାଠ

ଓଁ ଭଦ୍ରଂ କର୍ଣ୍ଣେଭିଃ ଶୃଣୁୟାମ ଦେବାଃ

ଭଦ୍ରଂ ପଶ୍ୟେମାକ୍ଷଭିର୍ଯଜତ୍ରାଃ ।

ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିଃ

ବ୍ୟଶେମ ଦେବହିତଂ ଯଦାୟୁଃ ।

ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।।

ଓମିତ୍ୟେତଦକ୍ଷରମିଦଂ ସର୍ବଂ, ତସ୍ୟୋପବ୍ୟାଖ୍ୟାନମ୍– ଭୂତଂ ଭବଦ୍ଭବିଷ୍ୟଦିତି ସର୍ବମୋଙ୍କାର ଏବ, ଯଚ୍ଚାନ୍ୟଦ୍ ତ୍ରିକାଳାତୀତଂ ତଦପ୍ୟୋଙ୍କାର ଏବ ।।୧।।

ସର୍ବଂ ହ୍ୟେତଦ୍ ବ୍ରହ୍ମ, ଅୟମାତ୍ମା ବ୍ରହ୍ମ, ସୋଽୟମାତ୍ମା ଚତୁଷ୍ପାତ୍ ।। ୨ ।।

ଜାଗରିତସ୍ଥାନୋ ବହିଃପ୍ରଜ୍ଞଃ ସପ୍ତାଙ୍ଗ ଏକୋନବିଂଶତିମୁଖଃ ସ୍ଥୂଳଭୁଗ୍ ବୈଶ୍ୱାନରଃ ପ୍ରଥମଃ ପାଦଃ ।।୩।।

ସ୍ୱପ୍ନସ୍ଥାନୋଽନ୍ତଃପ୍ରଜ୍ଞଃ ସପ୍ତାଙ୍ଗ ଏକୋନବିଂଶତିମୁଖଃ ପ୍ରବିବିକ୍ତଭୁକ୍ ତୈଜସୋ ଦ୍ୱିତୀୟଃ ପାଦଃ ।। ୪ ।।

ଯତ୍ର ସୁପ୍ତୋ ନ କଞ୍ଚନ କାମଂ କାମୟତେ, ନ କଞ୍ଚନ ସ୍ୱପ୍ନଂ ପଶ୍ୟତି, ତଦ୍ ସୁଷୁପ୍ତମ । ସୁଷୁପ୍ତସ୍ଥାନ ଏକୀଭୂତଃ ପ୍ରଜ୍ଞାନଘନ ଏବାନନ୍ଦମୟୋ ହ୍ୟାନନ୍ଦଭୁକ୍ ଚେତୋମୁଖଃ ପ୍ରାଜ୍ଞସ୍ତୃତୀୟଃ ପାଦଃ ।। ୫ ।।

ଏଷ ସର୍ବେଶ୍ୱର ଏଷ ସର୍ବଜ୍ଞ ଏଷୋଽନ୍ତର୍ଯାମ୍ୟେଷ ଯୋନିଃ ସର୍ବସ୍ୟ, ପ୍ରଭବାପ୍ୟୟୌ ହି ଭୂତାନାମ୍ ।। ୬ ।।

ନାନ୍ତଃପ୍ରଜ୍ଞଂ ନ ବହିଃପ୍ରଜ୍ଞଂ ନୋଭୟତଃପ୍ରଜ୍ଞଂ ନ ପ୍ରଜ୍ଞାନଘନଂ ନ ପ୍ରଜ୍ଞଂ ନାପ୍ରଜ୍ଞମ୍ ।।

ଅଦୃଶ୍ୟମ୍, ଅବ୍ୟବହାର୍ଯ୍ୟମଂ ଅଗ୍ରାହ୍ୟମଂ ଅଲକ୍ଷଣମଂ ଅଚିନ୍ତ୍ୟମଂ ଅବ୍ୟପଦେଶ୍ୟମ୍

ଏକାତ୍ମପ୍ରତ୍ୟୟସାରଂ ପ୍ରପଞ୍ଚୋପଶମଂ ଶାନ୍ତଂ ଶିବମଦ୍ୱୈତଂ ଚତୁର୍ଥଂ ମନ୍ୟନ୍ତେ ।।

ସ ଆତ୍ମା । ସ ବିଜ୍ଞେୟଃ ।। ୭ ।।

ସୋଽୟମାତ୍ମାଽଧ୍ୟକ୍ଷରମ୍ ଓଙ୍କାରୋଽଧିମାତ୍ରଂ, ପାଦା ମାତ୍ରାଃ, ମାତ୍ରାଶ୍ଚ ପାଦାଃ, ଅକାର ଉକାରୋ ମକାର ଇତି ।। ୮ ।।

Digitized by srujanika@gmail.com

ଜାଗରିତସ୍ଥାନୋ ବୈଶ୍ୱାନରୋଽକାରଃ ପ୍ରଥମା ମାତ୍ରାପ୍ତେରାଦିମତ୍ତ୍ୱାଦ୍‌ବା,

ଆପ୍ନୋତି ହ ବୈ ସର୍ବାନ୍‌ କାମନାଦିଶ୍ଚ ଭବତି, ସ ଏବଂ ବେଦ ॥ ୯ ॥

ସ୍ୱପ୍ନସ୍ଥାନ ତୈଜସ ଉକାରୋ ଦ୍ୱିତୀୟା ମାତ୍ରୋତ୍‌କର୍ଷାଦୁଭୟତ୍ୱାଦ୍‌ବା ଉତକର୍ଷତି ହବୈ ଜ୍ଞାନସନ୍ତତିଂ ସମାନଶ୍ଚ ଭବତି, ନାସ୍ୟାବ୍ରହ୍ମବିଦ୍‌ କୁଳେ ଭବତି, ସ ଏବଂ ବେଦ ॥ ୧୦ ॥

ସୁଷୁପ୍ତସ୍ଥାନଃ ପ୍ରାଜ୍ଞୋ ମକାରସ୍ତୃତୀୟା ମାତ୍ରା ମିତେରପୀତେର୍ବା, ମିନୋତି ହ ବା ଇଦଂ ସର୍ବମପୀତିଶ୍ଚ ଭବତି, ସ ଏବଂ ବେଦ ॥ ୧୧ ॥

ଅମାତ୍ର ଚତୁର୍ଥୋଽବ୍ୟବହାର୍ଯ୍ୟଃ ପ୍ରପଞ୍ଚୋପଶମଃ ଶିବୋଽଦ୍ୱୈତ ଏବମୋଙ୍କାର ଆତ୍ମୈବ ।

ସଂବିଶତ୍ୟାତ୍ମନାତ୍ମାନଂ ସ ଏବଂ ବେଦ, ସ ଏବଂ ବେଦ ॥ ୧୨ ॥

ମାଣ୍ଡୂକ୍ୟୋପନିଷଦ୍‌ ମନ୍ତ୍ରାବଳିର ଅନ୍ୱୟ

ଶାନ୍ତିପାଠ = ଦେବାଃ– (ହେ ଦେବଗଣ) କର୍ଣ୍ଣେଭିଃ ଭଦ୍ରଂ ଶୃଣୁଆମ (ଆମେ କର୍ଣ୍ଣଦ୍ୱାରା ଯେପରି କଲ୍ୟାଣ ବାକ୍ୟହିଁ ଶ୍ରବଣ କରୁଁ ॥) ଯଜତ୍ରାଃ (ହେ ଯଜନୀୟ ଦେବଗଣ) ଅକ୍ଷଭିଃ ଭଦ୍ରଂ ପଶ୍ୟେମ (ଚକ୍ଷୁଦ୍ୱାରା ଯେପରି ଆମେ କଲ୍ୟାଣକର ବିଷୟ ଦର୍ଶନ କରୁଁ;) ସ୍ଥିରୈଃ ଅଙ୍ଗୈଃ ତନୂଭିଃ (ଚ) (ଦୃଢ଼ ଅଚଞ୍ଚଳ ଅବୟବ ସମୂହ ଓ ଶରୀର ଦ୍ୱାରା); ତୁଷ୍ଟୁବାଂସଃ (ତୁମମାନଙ୍କର ସ୍ତବ କରି), ଦେବହିତ ଯଦ୍‌ ଆୟୁଃ (ଦେବଗଣଙ୍କ ଦ୍ୱାରା ବିହିତ ଯେ ଆୟୁ; (ତଦ୍‌) ବ୍ୟଶେମ (ତାହା ଯେପରି ପ୍ରାପ୍ତ ହେଉଁ) ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ (ତ୍ରିବିଧ ବିଘ୍ନର ଶାନ୍ତି ହେଉ)

ମନ୍ତ୍ର ଏକ : ଓଁ ଇତି ଏତଦ୍‌ ଅକ୍ଷରମ୍‌ (ଓଁ ଏଇ ଅକ୍ଷରହିଁ) ଇଦଂ ସର୍ବମ୍‌ (ଏଇ ସମସ୍ତ) ତସ୍ୟ ଉପବ୍ୟାଖ୍ୟାନମ୍‌ (ତାହାର ସ୍ପଷ୍ଟ ବ୍ୟାଖ୍ୟା ଏଇ ଯେ) ଭୂତମ ଭବଦ୍‌ ଭବିଷ୍ୟତ (ଅତୀତ ବର୍ତ୍ତମାନ ଓ ଭବିଷ୍ୟତ) ଇତି ସର୍ବଂ ଓଁ କାରଃ ଏବ (ଏଇ ସମୁଦାୟ ଓଁ କାରଇ) ଯତ୍‌ ଚ ଅନ୍ୟାତ୍‌ ତ୍ରିକାଳାତୀତଂ (ତ୍ରିକାଳର ଅତୀତ ଆଉ ଯାହା କିଛି ଅଛି) ତତ୍‌ ଅପି ଓଁ କାରଃ ଏବ (ତାହା ମଧ ଓଁକାର)

ମନ୍ତ୍ର ଦୁଇ : ସର୍ବମ ହି ଏତତ୍‌ ବ୍ରହ୍ମ (ଏଇ ସମସ୍ତଇ ବ୍ରହ୍ମ) ଅୟମ୍‌ ଆତ୍ମା ବ୍ରହ୍ମ (ଏହି ଆତ୍ମା ବ୍ରହ୍ମ) ସଃ ଅୟମ ଆତ୍ମା ଚତୁଃପାତ୍‌ (ସେହି ଏହି ଆତ୍ମା ଚାରିପାଦ ବିଶିଷ୍ଟ)

ମନ୍ତ୍ର ତିନି : ଜାଗରିତସ୍ଥାନଃ ବହିଃପ୍ରଜ୍ଞଃ (ଜାଗ୍ରତ ଅବସ୍ଥାରେ ବାହ୍ୟ ବିଷୟର ଜ୍ଞାତା), ସପ୍ତାଙ୍ଗଃ (ସାତ ଅଙ୍ଗ ଯୁକ୍ତ), ଏକୋନବିଂଶତିମୁଖଃ (ଊଣେଇଶି ମୁଖ ବିଶିଷ୍ଟ), ସ୍ଥୂଳଭୁକ୍‌ (ଶବ୍ଦାଦି ସ୍ଥୂଳ ବିଷୟର ଭୋକ୍ତା), ବୈଶ୍ୱାନରଃ (ବିଶ୍ୱରୂପ ପୁରୁଷ), ପ୍ରଥମଃ ପାଦଃ (ଏହାହିଁ ପ୍ରଥମ ପାଦ)

Digitized by srujanika@gmail.com

ମନ୍ତ୍ର ଚାରି : ସ୍ୱପ୍ନସ୍ଥାନୋଽନ୍ତଃ ପ୍ରଜ୍ଞଃ (ସ୍ୱପ୍ନ ଅବସ୍ଥାରେ ଅନ୍ତର୍ବିଷୟର ଜ୍ଞାତା), ସପ୍ତାଙ୍ଗଃ (ସପ୍ତ ଅଙ୍ଗ ଯୁକ୍ତଃ); ଏକୋନବିଂଶତିମୁଖଃ (ଉଣେଇଶଟି ମୁଖ ବିଶିଷ୍ଟ) ପ୍ରବିବିକ୍ତଭୁକ୍ (ସୂକ୍ଷ୍ମ ବିଷୟ ଭୋଗୀ), ତୈଜସଃ (ତୈଜସ ନାମକ); ଦ୍ୱିତୀୟ ପାଦଃ (ଏ ଦ୍ୱିତୀୟ ପାଦ) ।

ମନ୍ତ୍ର ପାଞ୍ଚ : ଯତ୍ର ସୁପ୍ତଃ (ଯେଉଁ ଅବସ୍ଥାରେ ଶୋଇ ଯାଇ); ନ କଞ୍ଚନ କାମମ୍ କାମୟତେ (ଲୋକେ କୌଣସି ବିଷୟରେ କାମନା କରନ୍ତି ନାହିଁ) ନ କଞ୍ଚନ ସ୍ୱପ୍ନମ୍ ପଶ୍ୟତି (କୌଣସି ସ୍ୱପ୍ନ ଦେଖନ୍ତି ନାହିଁ); ତତ୍ ସୁଷୁପ୍ତମ୍ (ତାହା ସୁଷୁପ୍ତି); ସୁଷୁପ୍ତ ସ୍ଥାନଃ (ସୁଷୁପ୍ତି ଅବସ୍ଥାର ଅଧିଷ୍ଠାତା) ଏକୀଭୂତଃ (ଏକ ଅନୁଭୂତି ବିଶିଷ୍ଟ) ପ୍ରଜ୍ଞାନଘନଃ ଏବ (ପ୍ରଜ୍ଞାଘନ ଘନୀଭୂତ ଜ୍ଞାନର ଆଧାର) ଆନନ୍ଦମୟଃ (ଆନନ୍ଦମୟ) ହି ଆନନ୍ଦଭୁକ୍ (ଆନନ୍ଦର ଭୋକ୍ତା) ଚେତୋମୁଖଃ (ଜ୍ଞାନ-ମୁଖ); ପ୍ରାଜ୍ଞଃ (ପ୍ରାଜ୍ଞ) ତୃତୀୟଃ ପାଦଃ (ଏ ତୃତୀୟ ପାଦ) ।

ମନ୍ତ୍ର ଛଅ : ଏଷଃ ସର୍ବେଶ୍ୱରଃ (ଏ ସର୍ବେଶ୍ୱର), ଏଷଃ ସର୍ବଜ୍ଞଃ (ଏ ସର୍ବଜ୍ଞ) ଏଷଃ ଅନ୍ତର୍ଯ୍ୟାମୀ (ଏ ଅନ୍ତର୍ଯ୍ୟାମୀ) ଏଷଃ ସର୍ବସ୍ୟ ଯୋନିଃ (ଏ ସକଳର ଉତ୍ପତ୍ତି ସ୍ଥାନ); ଭୂତାନାଂ ହି ପ୍ରଭବାପ୍ୟୟୌ (ଭୂତ ସମୂହର ଉଦ୍ଭବ ଓ ପ୍ରଳୟର କାରଣ) ।

ମନ୍ତ୍ର ସାତ : ଅନ୍ତଃପ୍ରଜ୍ଞଂ ନ (ଅନ୍ତଃପ୍ରଜ୍ଞ ନୁହେଁ) ବହିଃପ୍ରଜ୍ଞଂ ନ (ବାହ୍ୟ ବିଷୟଭୁକ୍ତ ନୁହେଁ) ଉଭୟତଃ ପ୍ରଜ୍ଞଂ ନ (ଜାଗ୍ରତ ଓ ସ୍ୱପ୍ନର ମଧ୍ୟବର୍ତ୍ତୀ ମଧ୍ୟ ନୁହେଁ); ପ୍ରଜ୍ଞାନ ଘନଂ ନ (ସୁଷୁପ୍ତାବସ୍ଥାପନ୍ନ ପ୍ରଜ୍ଞାନ ଘନ ନୁହେଁ); ପ୍ରଜ୍ଞଂ ନ (ସର୍ବ ବିଷୟ ଜ୍ଞାତା ନୁହେଁ) ଅପ୍ରଜ୍ଞଂ ନ (ଅଚୈତନ୍ୟ ବା ଜଡ଼ ନୁହେଁ) ଅଦୃଶ୍ୟଂ (ଜ୍ଞାନେନ୍ଦ୍ରିୟ ଦ୍ୱାରା ଦୃଷ୍ଟିଗୋଚର ନୁହେଁ) ଅବ୍ୟବହାର୍ଯ୍ୟଂ (ବ୍ୟବହାର ଯୋଗ୍ୟ ନୁହେଁ) ଅଗ୍ରାହ୍ୟଂ (କର୍ମେନ୍ଦ୍ରିୟ ଦ୍ୱାରା ଗ୍ରହଣ କରାଯାଏନା) ଅଲକ୍ଷଣଂ (ଅନୁମାନ ଯୋଗ୍ୟ ନୁହେଁ) ଅଚିନ୍ତ୍ୟଂ (ମନର ଅଗୋଚର) ଅବ୍ୟପଦେଶ୍ୟଃ (ଶବ୍ଦ ଦ୍ୱାରା ଜଣା ଯାଆନ୍ତି ନାହିଁ) ଏକାଗ୍ର ପ୍ରତ୍ୟୟ ସାରଂ (କେବଳ ମାତ୍ର ଆତ୍ମା, ଏପରି ବୋଧଗମ୍ୟ) ପ୍ରପଞ୍ଚୋପଶମଂ (ଜାଗ୍ରତାଦି ପ୍ରପଞ୍ଚରୁ ଭିନ୍ନ) ଶାନ୍ତଂ (ନିର୍ବିକାର ବା ବିକାର ଶୂନ୍ୟ) ଶିବମ୍ (ମଙ୍ଗଳମୟ); ଅଦ୍ୱୈତଂ (ଭେଦ ବିକଳ୍ପ ରହିତ); ଚତୁର୍ଥଂ (ତୁରୀୟ); ମନ୍ୟନ୍ତେ (ଏହିପରି ମନେ କରାଯାଏ); ସ ଆତ୍ମା ସ ବିଜ୍ଞେୟଃ (ସେହିମାତ୍ର ଆତ୍ମାହିଁ ଜ୍ଞାନର ବିଷୟ) ।

ମନ୍ତ୍ର ଆଠ : ସଃ ଅୟମ ଆତ୍ମା ଅଧ୍ୟକ୍ଷରମ୍ (ସେହି ଏହି ଆତ୍ମା ଓଁ ଏଇ ଅକ୍ଷର ଅଧିକାର କରିଅଛି ।) ଓଁ କାରଃ (ଏଇ ଓଁକାର); ଅଧିମାତ୍ରମ୍ (ଏ ତିନି ମାତ୍ରା ଅଧିକାର କରିଅଛି) ପାଦାଃ ମାତ୍ରାଃ (ଆତ୍ମାର ପାଦ ସମୂହ ହିଁ ଓଁକାରର ମାତ୍ରା ।) ମାତ୍ରାଚ ପାଦାଃ (ଓଁ କାରର ପାଦ ସମୂହହିଁ ଆତ୍ମାର ପାଦ) ଅ କାରଃ, ଉ କାରଃ ମ କାରଃ ଇତି (ଅ-କାର, ଉ-କାର, ମ-କାର) ।

Digitized by srujanika@gmail.com

ମନ୍ତ୍ର ନଅ : ଜାଗରିତସ୍ଥାନଃ ବୈଶ୍ୱାନରଃ ଅ କାରଃ ପ୍ରଥମା ମାତ୍ରା (ଜାଗ୍ରତ ଅବସ୍ଥାର ଅଧିଷ୍ଠାତା ବୈଶ୍ୱାନର ପ୍ରଥମ ମାତ୍ରା ଅ କାର ।) ଆପ୍ତେ ବା ଆଦିମତ୍ତ୍ୱାତ୍ (ଏହାର ବ୍ୟାପ୍ତି ହେତୁ ଏବଂ ପ୍ରଥମ ବୋଲି) ଯଃ ଏବମ୍ ବେଦ (ଯେ ଏପରି ଜାଣନ୍ତି) (ସଃ) ହ ବୈ ସର୍ବାନ୍ କାମାନ୍ ବା ଆପ୍ନୋତି (ସେ ସମସ୍ତ କାମ୍ୟ ବସ୍ତୁ ଲାଭ କରନ୍ତି ।) ଆଦି ଚ ଭବତି (ମହତ୍ ଜନଙ୍କ ମଧ୍ୟରେ ପ୍ରଥମ ହୁଅନ୍ତି) ।

ମନ୍ତ୍ର ଦଶ : ସ୍ୱପ୍ନସ୍ଥାନଃ ତୈଜସଃ ଉକାରଃ ଦ୍ୱିତୀୟା ମାତ୍ରା (ସ୍ୱପ୍ନର ଅଧିଷ୍ଠାତା ତୈଜସ ଦ୍ୱିତୀୟ ମାତ୍ରା ଉ-କାର) ଉତ୍କର୍ଷାତ୍ ଉଭୟତ୍ତ୍ୱାତ୍ ବା (ଏହାର କାରଣ ଉତ୍କର୍ଷ ଓ ଉଭୟତ୍ୱ); ଯଃ ଏବମ୍ ବେଦ (ଯେ ଏପରି ଜାଣନ୍ତି) ସଃ ଜ୍ଞାନ ସନ୍ତତିମ୍ ଉତ୍କର୍ଷତି ହ ବୈ (ସେ ଜ୍ଞାନ ସବୁ ବର୍ଦ୍ଧିତ କରନ୍ତି) ସମାନଶ୍ଚ ଭବତି (ଶତ୍ରୁ ମିତ୍ରଙ୍କ ପାଖରେ ସମଜ୍ଞାନ ସମ୍ପନ୍ନ); ଅସ୍ୟ କୁଳେ ଅବ୍ରହ୍ମବିଦ୍ ନ ଭବତି (ତାଙ୍କ କୁଳରେ ଅବ୍ରହ୍ମବିଦ୍ ଜନ୍ମନ୍ତି ନାହିଁ ।)

ମନ୍ତ୍ର ଏଗାର : ସୁଷୁପ୍ତସ୍ଥାନଃ ପ୍ରାଜ୍ଞଃ (ସୁଷୁପ୍ତିସ୍ଥାନ ଗତ ପ୍ରାଜ୍ଞ) ତୃତୀୟା ମାତ୍ରା ମ କାରଃ (ଓଁ କାରର ତୃତୀୟ ମାତ୍ରା ମ-କାର ସ୍ୱରୂପ); ମୀତେଃ ଅପୀତେଃ ବାଂ (ବିଶ୍ୱ ଓ ତୈଜସ ରୂପ ଆତ୍ମାର ପରିମାପକ ଏବଂ ବିଲୟସ୍ଥାନ) ଯଃ ଏବଂ ବେଦ (ଯେ ଏପରି ଜାଣନ୍ତି); [ସଃ] ହ ବୈ ଇଦଂ ସର୍ବଂମିନୋତି (ସେ ଏ ଦୃଶ୍ୟମାନ ଜଗତକୁ ଭଲ କରି ଜାଣନ୍ତି); ଅପୀତିଃ ଚ ଭବତି (ଏବଂ ସେ ସକଳଙ୍କର ଆଶ୍ରୟସ୍ଥଳ ହୁଅନ୍ତି) ।

ମନ୍ତ୍ର ବାର : ଅମାତ୍ରଃ (ମାତ୍ରା ଶୂନ୍ୟ) ଚତୁର୍ଥଃ (ତୁରୀୟ ଅବସ୍ଥା) ଅବ୍ୟବହାର୍ଯ୍ୟଃ (ଅବ୍ୟବହାର୍ଯ୍ୟ) ପ୍ରପଞ୍ଚୋପଶମଃ (ବିଷୟ ପ୍ରପଞ୍ଚର ଅତୀତ) ଶିବଃ (ମଙ୍ଗଳମୟ) ଅଦ୍ୱୈତଃ (ଦ୍ୱୈତହୀନ) ଏବମ୍ ଓଁ କାର ଆତ୍ମା ଏବ (ଏ ରୂପ ଓଁ କାର ହିଁ ଆତ୍ମା) ଯଃ ଏବମ୍ ବେଦ (ଯେ ଏପରି ଜାଣନ୍ତି) (ସଃ) ଆତ୍ମାନା ଆତ୍ମାନମ୍ ସଂବିଶତି (ସେ ଆତ୍ମା ଦ୍ୱାରା ପରମାତ୍ମାରେ ପ୍ରବେଶ କରନ୍ତି) ଯଃ ଏବଂ ବେଦ [ପୁନରୁକ୍ତି ସମାପ୍ତି ସୂଚକ]

———o———

Digitized by srujanika@gmail.com